# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୧୯/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 19/2023 Page 14 ₹ 7.00

୪୯ଶ ଭାଗ ୩୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 353 ମୂଲ୍ୟ ₹୭/-




## ଡୋପ୍ ଟେଷ୍ଟରେ ବିଫଳ ହେଲେ ନୀରଜ

ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସ ସ୍ୱର୍ଣ୍ଣ ବିଜେତା ନୀରଜ ଯାଦବ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି ।

୧୪

୦୨

## ସ୍ୱାମୀଙ୍କଠାରୁ କ୍ୟାଟ୍ରିନା ଅଧିକ ସମ୍ପତ୍ତିର ମାଲିକାଣୀ

ଅଭିନେତା ଭିକ୍କି କୌଶଳଙ୍କଠାରୁ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସମ୍ପତ୍ତି ଅଧିକ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି।



# ଡିସେମ୍ବର ୩୧ରେ ଅବସର ନେବେ ସୁନୀଲ ବଂଶଲ

### ଡିଜିପି ଦୌଡ଼ରେ ୭ ଆଇପିଏସ୍ ଅଫିସର



ସୁନୀଲ କୁମାର ବଂଶଲ

**ଭୁବନେଶ୍ୱର,୧୮।୧୧(ଅନିଲ ଦାସ)**

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲ ଡିସେମ୍ବର ୩୧ରେ ସରକାରୀ ଚାକିରିରୁ ଅବସର ନେବେ। ଏଥିପାଇଁ ରାଜ୍ୟ ସରକାର ତାଙ୍କୁ ଅନୁମତି ଦେଇଛନ୍ତି। ବଂଶଲଙ୍କ ଅବସର ଅନୁମତି ନେଇ ଶନିବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାପରେ ରାଜ୍ୟରେ ନୂଆ ଡିଜିପି ନିଯୁକ୍ତି ପାଇବା ନେଇ ଚିତ୍ର ପ୍ରାୟତଃ ସ୍ପଷ୍ଟ ହୋଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କେବଳ ନକଲ**

# ଆଜି ମହାମୁକାବିଲା

### ଦିନିକିଆ କ୍ରିକେଟ୍ ବିଶ୍ୱକପ୍

### ଭାରତ ବନାମ ଅଷ୍ଟ୍ରେଲିଆ

**ଅହମଦାବାଦ,୧୮।୧୧(ପି.ଟି.)**

ରବିବାର ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳାଯିବ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ। ସୁପର ସନ୍‌ଡେରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବ ମହାମୁକାବିଲା। ୫ ଥରର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ନିଜର ପୂର୍ବ ଐତିହ୍ୟ ପାଇଁ ଲଢେଇ କରୁଥିବା ବେଳେ ୨୦୦୩ ଦିନିକିଆ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ପାଇଁ ପଡିଆକୁ ଓହ୍ଲାଇବ ଭାରତ। ଅଷ୍ଟ୍ରେଲିଆ ଅଷ୍ଟମ ଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତର ଏହା ଚତୁର୍ଥ ପ୍ରୟାସ। ଭାରତୀୟ ଦଳରେ ଥିବା ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱିନ ପୂର୍ବରୁ ବିଶ୍ୱକପ୍ ଜିତି ସାରିଛନ୍ତି। ଅନ୍ୟ ସମସ୍ତ ଖେଳାଳିଙ୍କ ପାଇଁ ଏହା ଏକ ନୂତନ ଅଭିଜ୍ଞତା ହେବ। ଅନ୍ୟପକ୍ଷରେ ଅଧିନାୟକ ରୋହିତ ଶର୍ମା ଟି୨୦ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରହିଥିଲେ ମଧ୍ୟ ଦିନିକିଆ ବିଶ୍ୱକପ୍‌ରେ ଏହା ତାଙ୍କର ପ୍ରଥମ ଫାଇନାଲ। ତେଣୁ ରବିବାର ଏକ ଚମତ୍କାର ଲଢେଇ ଦେଖିବାକୁ ମିଳିବ। ବାହ୍ୟ ଖବର ଦ୍ୱାରା ଭାରତୀୟ ଦଳ ପ୍ରଭାବିତ ହେଉ ନ ଥିବା ନେଇ କହୁଥିଲେ ମଧ୍ୟ ରବିବାରର ଫାଇନାଲ ମୁକାବିଲାକୁ ନେଇ ଦଳ ଉପରେ ସାମାନ୍ୟ ଚାପ ରହିବ। ଭାରତରେ କ୍ରିକେଟରମାନଙ୍କୁ ସେଲିବ୍ରିଟି ଭାବେ ବିବେଚନା କରାଯାଉଥିବା ବେଳେ ୧୪୦ କୋଟି ଦେଶବାସୀଙ୍କ ଆଶା ଓ ଭରସାକୁ ବଜାୟ ରଖିବାକୁ ପ୍ରୟାସ କରିବ ରୋହିତ ଶର୍ମାଙ୍କ ଦଳ। ୧୯୮୩ରେ କପିଳ ଦେବ ଓ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ପରେ ତୃତୀୟ ଭାରତୀୟ ଅଧିନାୟକ ଭାବେ ରୋହିତ ଶର୍ମାଙ୍କ ନିକଟରେ ବିଶ୍ୱକପ୍ ଟ୍ରଫି ଉଠାଇବାର ସୁଯୋଗ ରହିଛି। ରୋହିତଙ୍କ ନେତୃତ୍ୱରେ ଭାରତ ୧୦ ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ବେଳେ ବିଶ୍ୱକପ୍‌ରେ ସର୍ବାଧିକ କ୍ରମାଗତ ବିଜୟ ରେକର୍ଡ ଅଷ୍ଟ୍ରେଲିଆ(୨୦୦୩ ଓ ୨୦୦୭) ନାମରେ ରହିଛି। ରବିବାର ରୋହିତ ଏହି ରେକର୍ଡର ସମକକ୍ଷ ହେବାକୁ ପ୍ରୟାସ କରିବେ। ଏହାବ୍ୟତୀତ ଦିନିକିଆ କ୍ରିକେଟର ଲୋକପ୍ରିୟତା ହ୍ରାସ ପାଉଥିବା ବେଳେ ☞ପୃଷ୍ଠା-୪




ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲ ପୂର୍ବରୁ ଅହମଦାବାଦରେ ଶନିବାର ଟ୍ରଫି ନିକଟରେ ଦୁଇ ଦଳର ଅଧିନାୟକ ରୋହିତ ଶର୍ମା ଓ ପ୍ୟାଟ୍ କମିନ୍ସ।

# ଓପନ୍‌ଏଆଇ ସିଇଓ ପଦରୁ ସାମ୍ ଅଲ୍ଟମ୍ୟାନ୍ ବିଦା

### ମୀରା ମୂରତି ଅନ୍ତରୀଣ ମୁଖ୍ୟ



ସାମ୍ ଅଲ୍ଟମ୍ୟାନ୍



ମୀରା ମୂରତି

**ୱାଶିଂଟନ,୧୮।୧୧**

ଲୋକପ୍ରିୟ ଚାଟ୍‌ବୋଟ୍ ଚାଟ୍ ଜିପିଟିର ସ୍ରଷ୍ଟା ଓପନ୍‌ଏଆଇ ସିଇଓ ପଦରୁ ସାମ୍ ଅଲ୍ଟମ୍ୟାନ୍‌ଙ୍କୁ ବହିଷ୍କାର କରାଯାଇଛି। ଶୁକ୍ରବାର କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟର୍ସ ବୈଠକ ବସି ଅଲ୍ଟମ୍ୟାନ୍‌ଙ୍କୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଓପନ୍‌ଏଆଇର ମୁଖ୍ୟ ପ୍ରଯୁକ୍ତି ଅଫିସର ମୀରା ମୂରତିଙ୍କୁ ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତ କରାଯାଇଛି। ଏହି ଘୋଷଣାର କିଛି ଘଣ୍ଟା ପରେ କମ୍ପାନୀର ଅଧ୍ୟକ୍ଷ ତଥା ସହପ୍ରତିଷ୍ଠାତା ପଦରୁ ଗ୍ରେଗ୍ ବ୍ରୋକ୍‌ମ୍ୟାନ୍ ଇସ୍ତଫା ଦେଇଛନ୍ତି। ଓପନ୍‌ଏଆଇ ପକ୍ଷରୁ ଏକ ବ୍ଲଗ୍‌ପୋଷ୍ଟରେ କୁହାଯାଇଛି, କମ୍ପାନୀର ପ୍ରତିଷ୍ଠା ଏବଂ ଅଭିବୃଦ୍ଧିରେ ଅଲ୍ଟମ୍ୟାନ୍‌ଙ୍କ ଅବଦାନ ପାଇଁ ଆମେ ତାଙ୍କ ନିକଟରେ କୃତଜ୍ଞ। ତେବେ କମ୍ପାନୀ ଆଗକୁ ବଢୁଥିବାରୁ ନୂଆ ନେତୃତ୍ୱର ଆବଶ୍ୟକତା ଜରୁରୀ ବୋଲି ଆମେ ବିଶ୍ୱାସ କରୁଛୁ। କମ୍ପାନୀର ଗବେଷଣା, ଉତ୍ପାଦନ ଓ ନିରାପତ୍ତା କାର୍ଯ୍ୟରେ ନେତୃତ୍ୱ ନେଇଥିବା ମୀରାଙ୍କୁ ଅନ୍ତରୀଣ ସିଇଓ ଭୂମିକା ନେବା ପାଇଁ ଯଥେଷ୍ଟ ଯୋଗ୍ୟ ବୋଲି ଏଥିରେ କୁହାଯାଇଛି। ☞ପୃଷ୍ଠା-୪






ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)ର ତେଲଙ୍ଗାନା ବିଧାନ ପରିଷଦ ସଦସ୍ୟ କେ. କବିତା ଶନିବାର ଇଟିକ୍ୟାଲଠାରେ ଏକ ରୋଡ୍ ଶୋ'ରେ ଭାଗ ନେଉଥିବାବେଳେ ମୂର୍ଚ୍ଛା ଯାଇଥିଲେ। ଶରୀରରେ ଜଳୀୟ ଅଂଶ କମିଯିବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ତାଙ୍କ ଟିମ୍ ପକ୍ଷରୁ କୁହାଯାଇଛି। ରୋଡ୍ ଶୋ' କିଛି ସମୟ ବନ୍ଦ ରହିବା ପରେ ପୁଣିଥରେ ଆରମ୍ଭ ହୋଇଥିଲା। ଆସନ୍ତା ୩୦ ତାରିଖରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ହେବାକୁ ଯାଉଛି।

# ଅଲ୍ ଶିଫା ହସ୍ପିଟାଲ ଖାଲିହେଲା

ଖାନ୍ ୟୁନିସ୍, ୧୮।୧୧

ଇସ୍ରାଏଲ୍ ସୈନ୍ୟଙ୍କ ଦଖଲରେ ଥିବା ଗାଜାର ସର୍ବବୃହତ୍ ହସ୍ପିଟାଲ ଅଲ୍-ଶିଫାରୁ ରୋଗୀ, ମେଡିକାଲ କର୍ମଚାରୀ ଓ ସେଠାରେ ଆଶ୍ରୟ ନେଇଥିବା ଲୋକମାନେ ପଳାୟନ କରିଛନ୍ତି। ଘଣ୍ଟାଏ ମଧ୍ୟରେ ହସ୍ପିଟାଲ ଖାଲି କରିବାକୁ ଇସ୍ରାଏଲ୍ ସେନା ପକ୍ଷରୁ କୁହାଯାଇଥିଲା ବୋଲି ପାଲେଷ୍ଟିନୀୟ ଅଧିକାରୀମାନେ କହୁଥିବାବେଳେ ଏହାକୁ ଜେରୁଜେଲମ୍ ଖଣ୍ଡନ କରିଛି। ଶନିବାର ସକାଳେ ଇସ୍ରାଏଲ୍ ସେନା ହସ୍ପିଟାଲ ଖାଲି କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲା ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି। ତେବେ ଯେଉଁମାନେ ହସ୍ପିଟାଲ ଛାଡ଼ିବାକୁ ଆଶା କରୁଛନ୍ତି ସେମାନଙ୍କୁ ନିରାପଦରେ ପଳାଇଯିବା ପାଇଁ ସୁଯୋଗ ଦିଆଯାଇଥିଲା ବୋଲି ସେନା କହିଛି। ସେଠାରେ ଗୁରୁତର ରୋଗୀଙ୍କଠାରୁ ଆରମ୍ଭ କରି ହଜାର ହଜାର ଲୋକ ରହିଥିଲେ।

ଗାଜା ଷ୍ଟ୍ରିପ୍‌ରେ ଦୀର୍ଘଦିନ ଟେଲି ଯୋଗାଯୋଗ ବନ୍ଦ ରହିବା ପରେ ଶନିବାର ଇଣ୍ଟରନେଟ୍ ଓ ଫୋନ୍ ସେବା ଆଂଶିକ କାର୍ଯ୍ୟକ୍ଷମ ହୋଇଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବାରୁ ଗାଜାକୁ ମାନବୀୟ ସହାୟତା ପହଞ୍ଚାଇବା ବନ୍ଦ ହୋଇଯାଇଥିଲା। ପୂର୍ବରୁ ଗାଜାର ସାଧାରଣ ନାଗରିକମାନଙ୍କୁ ଉତ୍ତର ଗାଜା ଛାଡ଼ି ପଳାଇଯିବାକୁ ଇସ୍ରାଏଲ୍ ସୈନ୍ୟବାହିନୀ ପକ୍ଷରୁ କୁହାଯାଇଥିଲା। ଏବେ ଦକ୍ଷିଣ ଭାଗରେ ମଧ୍ୟ ଇସ୍ରାଏଲ୍ ଆକାଶମାର୍ଗରୁ ବୋମାବର୍ଷଣ କରୁଛି। ଉତ୍ତର ଭାଗରେ ଆକ୍ରମଣ ଜାରି ରହିଥିବାବେଳେ ଏବେ ଦକ୍ଷିଣ ଗାଜାରେ ଆକ୍ରମଣ ଆରମ୍ଭ ହୋଇଯାଇଛି। ଅଲ୍-ଶିଫା ହସ୍ପିଟାଲକୁ ହମାସ୍ ଆତଙ୍କବାଦୀମାନେ କମାଣ୍ଡ ସେଣ୍ଟର ଭାବେ ବ୍ୟବହାର କରୁଥିଲେ ବୋଲି ଇସ୍ରାଏଲ୍ ଦାବି କରିଆସିବା ସହ ସେଠାରେ ଆତଙ୍କବାଦୀଙ୍କୁ ଖୋଜିବା କାର୍ଯ୍ୟ ଜାରି ରଖିଛି।

ଯୁଦ୍ଧକୁ ୭ ସପ୍ତାହ ହୋଇଥିବାବେଳେ ଏଥିରେ ୧୧,୪୦୦ରୁ ଅଧିକ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି ମହିଳା ଓ ଛୋଟ ପିଲା। ଅନ୍ୟ ୨,୭୦୦ ଲୋକ ନିଖୋଜ ଅଛନ୍ତି। ସେମାନେ ବିଲ୍ଡିଂଗୁଡ଼ିକର ଭଗ୍ନାବଶେଷ ତଳେ ରହିଯାଇଥିବା ବିଶ୍ୱାସ କରାଯାଉଛି। ହମାସ୍ ଆତଙ୍କବାଦୀ ଇସ୍ରାଏଲ୍‌ରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୪୦ ଜଣଙ୍କୁ ପଣବନ୍ଦୀ କରିନେଇଯାଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ହମାସ୍ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା।



ଜଣେ ପାଲେଷ୍ଟିନୀୟ ତାଙ୍କ ଶିଶୁକୁ ଧରି ଉତ୍ତର ଗାଜାରୁ ଦକ୍ଷିଣକୁ ପଳାୟନ କରୁଛନ୍ତି।

## ଦକ୍ଷିଣ ଗାଜାରେ ଆକ୍ରମଣ: ୩୨ ନିହତ

ଇସ୍ରାଏଲ୍ ସୈନ୍ୟ ଉତ୍ତର ଗାଜାରେ ଆକ୍ରମଣ ଜାରି ରଖିଥିବାବେଳେ ଦକ୍ଷିଣ ଭାଗରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଶନିବାର ଦକ୍ଷିଣ ଗାଜାରେ ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍‌ରେ ୩୨ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଏବେ ଦକ୍ଷିଣ ଗାଜାରେ ଥିବା ହମାସ୍ ଆଡ୍ଡାସ୍ଥଳ ଉପରେ ଆକ୍ରମଣ ହେବାକୁ ଥିବାରୁ ପାଲେଷ୍ଟିନୀୟମାନଙ୍କୁ ଅନ୍ୟତ୍ର ପଳାଇଯିବାକୁ କୁହାଯାଉଛି। ତେଣୁ ଯେଉଁ ଲକ୍ଷ ଲକ୍ଷ ପାଲେଷ୍ଟିନୀୟ ଉତ୍ତର ଗାଜା ଛାଡ଼ି ଦକ୍ଷିଣକୁ ଯାଇଥିଲେ, ସେମାନେ ପୁନର୍ବାର ପୂର୍ବ ସ୍ଥାନକୁ ଫେରିବାକୁ ବାଧ୍ୟ ହେବେ। ଅକ୍ଟୋବର ୭ ଆକ୍ରମଣ ପରେ ହମାସ୍ ଆତଙ୍କବାଦୀଙ୍କୁ ମୂଳପୋଛ କରିବାକୁ ଇସ୍ରାଏଲ୍ ସଂକଳ୍ପ ନେଇଛି।

## ଲେବାନନ୍‌ର ଆଲୁମିନିୟମ ପ୍ଲାଣ୍ଟ ଉପରେ ଇସ୍ରାଏଲ୍‌ର କ୍ଷେପଣାସ୍ତ୍ର ମାଡ଼

ବେରୁଟ୍, ୧୮।୧୧

ଦକ୍ଷିଣ ଲେବାନନ୍‌ର ନାବାଟିୟେ ସହରରେ ଥିବା ଆଲୁମିନିୟମ୍ କାରଖାନା ଉପରେ ଶନିବାର ଭୋର ସମୟରେ ଏକ ଇସ୍ରାଏଲୀ ଡ୍ରୋନ୍‌ରୁ ଦୁଇଟି କ୍ଷେପଣାସ୍ତ୍ର ମାଡ଼ ହୋଇଛି। ଫଳରେ କାରଖାନା ପରିସରରେ ନିଆଁ ଲାଗିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ୨୦୦୬ରେ ଇସ୍ରାଏଲ୍ ଏବଂ ଲେବାନନ୍‌ର ଆତଙ୍କବାଦୀ ସଂଗଠନ ହେଜବୋଲ୍ଲା ମଧ୍ୟରେ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ଇସ୍ରାଏଲ୍ ଉକ୍ତ ଅଞ୍ଚଳ ଉପରେ ଆକ୍ରମଣ କରିଛି। ମିଶାଇଲ ମାଡ଼ ଜନିତ କ୍ଷୟକ୍ଷତିର ସବିଶେଷ ତଥ୍ୟ ଦିଆଯାଇ ନାହିଁ। ତେବେ ଇସ୍ରାଏଲୀ ସେନା ହେଜବୋଲ୍ଲା ସଦସ୍ୟଙ୍କୁ ଟାର୍ଗେଟ କରୁଥିବା କୁହାଯାଇଛି। ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍‌ରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ପରେ ହେଜ୍‌ବୋଲ୍ଲା ଲେବାନନ୍ ସୀମାରୁ ଇସ୍ରାଏଲୀ ଘାଟିଗୁଡ଼ିକ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହାର ଜବାବରେ ଇସ୍ରାଏଲ୍ ଲେବାନନ୍‌ରେ ପଶି ଶେଲିଂ ଓ ଏୟାର ଷ୍ଟ୍ରାଇକ୍ କରିଆସୁଛି।

## କଶ୍ମୀରୱାଲା ସମ୍ପାଦକଙ୍କୁ ଜାମିନ

ଶ୍ରୀନଗର, ୧୮।୧୧



ଫହାଦ ଶାହ

ଆତଙ୍କବାଦ ଷଡ଼ଯନ୍ତ୍ର ଅଭିଯୋଗରେ ଦି କଶ୍ମୀରୱାଲାର ସମ୍ପାଦକ ଫହାଦ ଶାହ ୨୧ ମାସ ଜେଲ୍‌ରେ ରହିବା ପରେ ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ଅଣାଯାଇଥିବା ଅଧିକାଂଶ ଅଭିଯୋଗକୁ ଅଦାଲତ ଖାରଜ କରିଦେଇଛନ୍ତି। ଶାହଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନର ଧାରା ୧୮ (ଆତଙ୍କବାଦ ଷଡ଼ଯନ୍ତ୍ର), ଧାରା ୧୨୧(ଦେଶ ବିରୋଧରେ ଯୁଦ୍ଧ ଡାକରା) ସମେତ ଆଇପିସିର ଧାରା ୧୫୩ବି ଲଗାଯାଇଥିଲା। ଉଚ୍ଚ ଅଦାଲତ ସେଗୁଡ଼ିକୁ ଖାରଜ କରିଦେଇଛନ୍ତି। ତେବେ ଆଉ କେତେକ ଅଭିଯୋଗରେ ଶାହଙ୍କୁ ବିଚାରର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ତାଙ୍କ ଓକିଲ କହିଛନ୍ତି।

## କ୍ୟାଟ୍ କୋଭିଡ୍ ଭାରିଆଣ୍ଟ ବ୍ରିଟେନ୍‌ରୁ ଚିହ୍ନଟ

ଲଣ୍ଡନ, ୧୮।୧୧

ସାଇପ୍ରସ୍‌ରେ ୮ ହଜାର ବିରାଡ଼ି ଜୀବନ ନେଇଥିବା କୋଭିଡ୍‌ର ଏକ ନୂଆ ଭାରିଆଣ୍ଟ ଏବେ ବ୍ରିଟେନ୍‌ରେ ଚିହ୍ନଟ ହୋଇଥିବା ବୈଜ୍ଞାନିକମାନେ କହିଛନ୍ତି। ଏହା କୋଭିଡ୍‌ର ଅତ୍ୟନ୍ତ ସଂକ୍ରାମକ ଭାରିଆଣ୍ଟ। ଏକ ଭୂମଧ୍ୟସାଗରୀୟ ଦ୍ୱୀପରୁ ଏହି ଭୂତାଣୁ ବିରାଡ଼ି ଜରିଆରେ ବ୍ରିଟେନ୍‌ରେ ପ୍ରବେଶ କରିଛି। ବିରାଡ଼ି ସଦୃଶ ଏକ ପ୍ରାଣୀକୁ ପରୀକ୍ଷା କରାଯିବା ପରେ ତାହା ଉକ୍ତ ଭୂତାଣୁରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ତା'ଠାରେ କେତେକ ଭିନ୍ନ ଲକ୍ଷଣ ଦେଖାଦେଇଛି। କୋଭିଡ୍‌ର ଏହି ନୂଆ ଭାରିଆଣ୍ଟକୁ ବୈଜ୍ଞାନିକମାନେ ଏଫ୍-କୋଭ୍-୨୩ ଭାବେ ନାମିତ କରିଛନ୍ତି।

## ଦୁର୍ଦ୍ଧର୍ଷ ଅପରାଧୀ ରଶିଦ୍ କାଲିଆ ନିହତ

**ଲକ୍ଷ୍ନୌ, ୧୮।୧୧:** ଉତ୍ତରପ୍ରଦେଶର ଝାନ୍ସୀ ଜିଲାରେ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ଏନ୍‌କାଉଣ୍ଟରରେ ଶନିବାର ସକାଳେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ରଶିଦ କାଲିଆ ନିହତ ହୋଇଛନ୍ତି। ତାଙ୍କ ବିରୋଧରେ ୪୦ଟି ହତ୍ୟା ମାମଲା, ହତ୍ୟା ଉଦ୍ୟମ, ଅପହରଣ, ଠକେଇ ଓ ଧମକ ଦେବା ଭଳି ମାମଲା ରହିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧,୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ସୁପାରି ନେଇ ହତ୍ୟା କରିବା ପାଇଁ ସେ ଝାନ୍ସିର ମୌରାନିପୁର ଆସିଥିବାବେଳେ ଏସ୍‌ଟିଏଫ୍‌ର ଅଧିକାରୀମାନେ ଉକ୍ତ ଅଞ୍ଚଳକୁ ଘେରାଉ କରିଥିଲେ। ଗୁଳି ବିନିମୟ ବେଳେ ଆହତ କାଲିଆଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ତାମିଲନାଡୁ ରାଜ୍ୟପାଳ ଫେରାଇଥିବା ବିଲ୍ ପୁଣି ଗୃହୀତ

ଚେନ୍ନାଇ, ୧୮।୧୧

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଫେରାଇ ଦେଇଥିବା ୧୦ଟି ବିଲ୍ ରାଜ୍ୟ ବିଧାନସଭାରେ ଶନିବାର ପୁନର୍ବାର ଗୃହୀତ ହୋଇଛି। ଗତ ୧୩ ତାରିଖରେ ରାଜ୍ୟପାଳ କୌଣସି କାରଣ ନ ଦର୍ଶାଇ ବିଲ୍‌ଗୁଡ଼ିକୁ ଅନୁମୋଦନ ନ କରି ଫେରାଇଦେବା ପରେ ବାଚସ୍ପତି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ। ଉକ୍ତ ଅଧିବେଶନରେ ଆଇନ, କୃଷି, ଉଚ୍ଚଶିକ୍ଷା ଆଦି ବିଭାଗର ବିଲ୍‌ଗୁଡ଼ିକ ଗୃହୀତ ହୋଇଯାଇଛି। ତେବେ ଅଧିବେଶନ ଚାଲିଥିବାବେଳେ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍‌କେ ଏବଂ ଭାଜପା କକ୍ଷତ୍ୟାଗ କରିଥିଲେ। ଅଧିବେଶନ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଗୃହରେ ପୂର୍ବରୁ ଗୃହୀତ ହୋଇଥିବା ୧୦ଟି ବିଲ୍ ଉପରେ ପୁନର୍ବିଚାର ପାଇଁ ପ୍ରସ୍ତାବ ଆଣିଥିଲେ। ଉକ୍ତ ବିଲ୍ ମଧ୍ୟରୁ ୨ଟି ୨୦୨୦ରେ ଏବଂ ଅନ୍ୟ ଦୁଇଟି ଚଳିତ ବର୍ଷ ଗୃହୀତ ହୋଇଥିବାବେଳେ ୬ଟି ବିଲ୍ ଗତବର୍ଷ ବିଧାନସଭାରେ ପାରିତ ହୋଇଥିଲା।

## ମେଶିନରେ ତ୍ରୁଟି: ସୁଡ଼ଙ୍ଗରେ ଉଦ୍ଧାର କାର୍ଯ୍ୟ ପୁଣି ସ୍ଥଗିତ

ଉତ୍ତରକାଶୀ, ୧୮।୧୧

ଉତ୍ତରାଖଣ୍ଡର ଉତ୍ତରକାଶୀରେ ଥିବା ସିଲ୍‌କ୍ୟାରା ସୁଡ଼ଙ୍ଗ ଭୁଶୁଡ଼ି ଏହା ତଳେ ୪୧ ଶ୍ରମିକ ୭ ଦିନ ହେଲା ଫସିରହିଥିବାବେଳେ ଉଦ୍ଧାର କାର୍ଯ୍ୟ ବିଶେଷ ଅଗ୍ରଗତି କରିପାରୁ ନାହିଁ। ଫଳରେ ଶ୍ରମିକ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଶୁକ୍ରବାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ପ୍ରଚଣ୍ଡ ଶବ୍ଦ ଶୁଣିବାରୁ କାମ ବନ୍ଦ କରିଥିଲେ। ଖନନ କାର୍ଯ୍ୟରେ ନିୟୋଜିତ ଥିବା ଆମେରିକା ନିର୍ମିତ ଔଗେର ମେଶିନ୍‌ରେ ତ୍ରୁଟି ଦେଖାଦେବାରୁ କାମ ପୁଣିଥରେ ସ୍ଥଗିତ ରହିଛି। ମଧ୍ୟପ୍ରଦେଶର ଇନ୍ଦୋରରୁ ଆଉ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଡ୍ରିଲିଂ ମେଶିନ୍‌କୁ ବାୟୁସେନା ବିମାନ ଯୋଗେ ଶନିବାର ସିଲ୍‌କ୍ୟାରାକୁ ନିଆଯାଇଛି। ଏହାର ୩ଟି ଭାଗକୁ ଏକାଠି କରାଯିବା ପରେ ଖନନ କାର୍ଯ୍ୟରେ ନିୟୋଜିତ କରାଯିବ। ସୁଡ଼ଙ୍ଗ ଭିତରେ ୪୦ ଶ୍ରମିକ ଫସିଥିବା ପୂର୍ବରୁ କୁହାଯାଉଥିବାବେଳେ ବିହାର ମୁଜାଫରପୁର ଜିଲାର ଅନ୍ୟ ଜଣେ ଶ୍ରମିକ ଦୀପକ କୁମାର ମଧ୍ୟ ସେମାନଙ୍କ ସହ ରହିଥିବା ଜଣାପଡ଼ିଛି। ସୁଡ଼ଙ୍ଗର ୬୦ ମିଟର ଭିତରେ ଶ୍ରମିକମାନେ ରହିଥିବାବେଳେ ଶୁକ୍ରବାର ଅପରାହ୍ନ ସୁଦ୍ଧା ୨୪ ମିଟର ପର୍ଯ୍ୟନ୍ତ ପାଇପ୍ ଭର୍ତ୍ତି କରାଯାଇଥିଲା।



## ଲୋକ ସଭାରେ ୭୧୩ ପ୍ରାଇଭେଟ୍ ମେମ୍ବର୍ସ ବିଲ୍

ନୂଆଦିଲ୍ଲୀ, ୧୮।୧୧(ପି.ଟି.)

ଲୋକ ସଭାରେ ୭୧୩ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ବିତର୍କ ଅପେକ୍ଷାରେ ପଡ଼ିରହିଛି। ସେଥିରୁ ଅଧିକାଂଶ ବିଲ୍‌ରେ ଦଣ୍ଡ ବ୍ୟବସ୍ଥା ଏବଂ ନିର୍ବାଚନୀ ଆଇନରେ ସଂଶୋଧନ ପ୍ରସ୍ତାବ ରହିଛି। ଅଧିକାଂଶ ବିଲ୍ ୨୦୧୯ ଜୁନ୍‌ରେ ଆଗତ ହୋଇଥିବାବେଳେ ଗତ ଅଗଷ୍ଟରେ ଅନୁଷ୍ଠିତ ମୌସୁମୀ ଅଧିବେଶନ ବେଳେ କେତେକ ଉପସ୍ଥାପନ କରାଯାଇଥିଲା।

ଫୁରସତ୍

# ସ୍ୱାସ୍ଥ୍ୟ ପାଇଁ ଶୌଚାଳୟ ବ୍ୟବହାର ଅପରିହାର୍ଯ୍ୟ

ବିଶ୍ୱ ଶୌଚାଳୟ ଦିବସ

ସୁସ୍ୱାସ୍ଥ୍ୟ ପାଇଁ ପରିଷ୍କାର ପରିଚ୍ଛନ୍ନତା ଅପରିହାର୍ଯ୍ୟ। ଏହା ସହିତ ଘର ଏବଂ ବାହ୍ୟ ପରିବେଶରେ ପରିମଳ ବ୍ୟବସ୍ଥା ଆପଣେଇବା ମଧ୍ୟ ଆବଶ୍ୟକ। ବାହାରେ ଶୌଚ ହେବା ଦ୍ୱାରା ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ। ପରିମଳ ବ୍ୟବସ୍ଥା ରୋଗ ବ୍ୟାପିବାକୁ ଦିଏ ନାହିଁ। ବାହାରେ ଶୌଚ ହେବା ଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁସାରେ ବିଶ୍ୱର ପ୍ରାୟ ୪୫୦ କୋଟି ଲୋକଙ୍କ ପାଇଁ ଏବେ ବି ପର୍ଯ୍ୟାପ୍ତ ସ୍ୱଚ୍ଛତା ଉପଲବ୍ଧ ନାହିଁ। ଖାଲି ସେତିକି ନୁହେଁ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତାର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର। ଫଳସ୍ୱରୂପ, ପର୍ଯ୍ୟାବରଣ ଦୂଷିତ ହେବା ସହ ଲୋକ ବିଭିନ୍ନ ଶାରୀରିକ ସମସ୍ୟାଗ୍ରସ୍ତ ହୋଇଥାନ୍ତି। ସେଥିମଧ୍ୟରୁ ୬୭୩ ନିୟୁତ ଲୋକ ବାହାରେ ମଳତ୍ୟାଗ କରିଥାନ୍ତି। ତେବେ ଏହାକୁ ରୋକିବା ଲାଗି ୨୦୨୦ରେ ମିଳିତ ଜାତିସଂଘ ପକ୍ଷରୁ ସ୍ଥାୟୀ ବିକାଶ ଲକ୍ଷ୍ୟ ରିପୋର୍ଟ ପ୍ରକାଶିତ ହୋଇଥିଲା। ୨୦୩୦ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି।

ତେଣୁ ଲୋକଙ୍କୁ ଶୌଚାଳୟ ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବା ଲାଗି ପ୍ରତିବର୍ଷ ନଭେମ୍ବର ୧୯ରେ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଥାଏ। ୨୦୦୧ ନଭେମ୍ବର ୧୯ରେ ପ୍ରଥମେ କୌଣସି ସ୍ୱୀକୃତି ବିନା ସିଙ୍ଗାପୁରର ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଜାତିସଂଘ ପକ୍ଷରୁ ୨୦୧୨ ନଭେମ୍ବର ୧୯ରେ ଏହି ଦିବସ ପାଳନ ଲାଗି ସ୍ୱୀକୃତି ପ୍ରଦାନ କରାଯାଇଥିଲା।ଭାରତର ୨୦୧୧ ଜନଗଣନା ଅନୁସାରେ ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି । ଏକ ତଥ୍ୟ ଅନୁସାରେ ଦୁନିଆରେ ବର୍ତ୍ତମାନ ପ୍ରତି ୩ ଜଣ ମହିଳା ମଧ୍ୟରେ ଅନ୍ତତଃ ଜଣେ ସୁରକ୍ଷିତ ଶୌଚାଳୟର ସୁବିଧା ପାଇବାରୁ ବଞ୍ଚିତ । ଖୋଲାରେ ଶୌଚ କରିବାକୁ ବାଧ୍ୟ ହେଉଥିବା ମହିଳା କିମ୍ବା ବାଳିକାମାନେ ନିଜର ସମ୍ମାନ ହାନୀ ତଥା ଯୌନ ଅପରାଧର ଶୀକାର ହେବାର ଭୟ ରହିଥାଏ । ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୧୩ ମସିହାରେ ମିଳିତ ଜାତିସଂଘ ପକ୍ଷରୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ବିଶ୍ୱ ଶୌଚାଳୟ ଦିବସ ପାଳନ କରିବାକୁ ଘୋଷଣା କରାଯାଇଥିଲା।

ବିଶ୍ୱ ଶୌଚାଳୟ ସଚେତନତା ଦିବସ ପାଳନ ଅବସରରେ ବିଶ୍ୱର ବିଭିନ୍ନ ଦେଶରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡ଼ର ଆୟୋଜନ ହୋଇଥାଏ । ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ ।



# ସ୍ୱାମୀଙ୍କଠାରୁ କ୍ୟାଟ୍ରିନା ଅଧିକ ସମ୍ପତ୍ତିର ମାଲିକାଣୀ

ମୁମ୍ବାଇ

ସାଧାରଣତଃ ସ୍ତ୍ରୀଠାରୁ ସ୍ୱାମୀଙ୍କ ଧନସମ୍ପତ୍ତି ଟିକେ ଅଧିକ ହୋଇଥାଏ। ହେଲେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ କ୍ଷେତ୍ରରେ ସେପରି ନୁହେଁ। ଏକ ରିପୋର୍ଟ ମୁତାବକ, ସ୍ୱାମୀ ଭିକ୍କି କୌଶଳଙ୍କଠାରୁ ଅଧିକ ସମ୍ପତ୍ତିର ମାଲିକାଣୀ କ୍ୟାଟ୍ରିନା ବୋଲି ଜଣାପଡ଼ିଛି। ବଲିଉଡ୍‌ରେ ସର୍ବାଧିକ ପାରିଶ୍ରମିକପ୍ରାପ୍ତ ଅଭିନେତ୍ରୀଙ୍କ ମଧ୍ୟରୁ କ୍ୟାଟ୍ରିନା ଜଣେ। ଲାଇଫ୍ ଷ୍ଟାଇଲ୍ ଏସିଆ ଅନୁଯାୟୀ, ୨୦୨୩ରେ ତାଙ୍କ ସମ୍ପୂର୍ଣ୍ଣ ସମ୍ପତ୍ତିର ମୂଲ୍ୟ ପ୍ରାୟ ୨୬୩ କୋଟି ଟଙ୍କା। କ୍ୟାଟ୍ରିନା ମାସିକ ପ୍ରାୟ ୩ କୋଟି ଟଙ୍କା ଆୟ କରିଥା'ନ୍ତି। ଗୋଟିଏ ଚଳଚ୍ଚିତ୍ର ଲାଗି ସେ ପ୍ରାୟ ୧୨ କୋଟିରୁ ଊର୍ଦ୍ଧ୍ୱ ପାରିଶ୍ରମିକ ନେଇଥାନ୍ତି। ୨୦୨୨ ମସିହାରେ ସେ ପ୍ରାୟ ୨୩୦ କୋଟିର ମାଲିକାଣୀ ଥିଲେ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ, କ୍ୟାଟ୍ରିନାଙ୍କ ଆୟ ଏତେ ଅଧିକ ଥିବାବେଳେ ଭିକ୍କିଙ୍କ ସମ୍ପତ୍ତି ମାତ୍ର ୪୧ କୋଟି ଟଙ୍କା। ନିକଟରେ କ୍ୟାଟ୍ରିନାଙ୍କ 'ଟାଇଗର ୩' ଫିଲ୍ମ ରିଲିଜ୍ ହୋଇଯାଇଛି। ସେଥିରେ ସେ ଜୋୟା ଚରିତ୍ରରେ ନଜରକୁ ଆସିଛନ୍ତି। ଆଗକୁ ତାଙ୍କର ଆଉ ଏକ ଫିଲ୍ମ 'ମେରି କ୍ରିଷ୍ଟମାସ୍' ପରଦାକୁ ଆସୁଛି। ତେବେ କ୍ୟାଟ୍ରିନା ୨୦୦୩ରେ ତାଙ୍କ ଫିଲ୍ମ ଜୀବନ ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ହିଟ୍ ସିନେମା ପ୍ରଶଂସକଙ୍କୁ ଭେଟି ଦେଇ ଆସିଛନ୍ତି।



# ପୁରୁଷଙ୍କ କଲ୍ୟାଣ ଜରୁରୀ

ଅନ୍ତର୍ଜାତୀୟ ପୁରୁଷ ଦିବସ

ପୁରୁଷମାନଙ୍କ କ୍ଷେତ୍ରରେ ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ସଚେତନତା ଲାଗି ପ୍ରତିବର୍ଷ ନଭେମ୍ବର ୧୯ରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥାଏ। ସମାଜ, ଦେଶ ଏବଂ ପୃଥିବୀର ବିକାଶରେ ଲିଙ୍ଗଗତ ସମାନତା ଜରୁରୀ ବୋଲି ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ଲିଙ୍ଗଗତ ସମାନତା ସମୟର ଆହ୍ୱାନ ବୋଲି ଏହି ଅବସରରେ ସଭିଙ୍କୁ ସଚେତନ କରାଯାଇଥାଏ।

ସମାଜ ତଥା ପରିବାରରେ ପୁରୁଷଙ୍କ ମହତ୍ତ୍ୱ ତଥା ଅବଦାନକୁ ସମ୍ମାନ ଜଣାଇ ଏହା ପାଳନ କରାଯାଏ। ଏହି ଅବସରରେ ସମାଜରେ ପୁରୁଷଙ୍କ କଲ୍ୟାଣ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅଣାଯାଇଥାଏ। ଅନ୍ତର୍ଜାତୀୟ ପୁରୁଷ ଦିବସ ସମାଜରେ ପୁରୁଷଙ୍କ ସକାରାତ୍ମକ ଭାବମୂର୍ତ୍ତିକୁ ପ୍ରତିଫଳିତ କରିଥାଏ। ସମାଜ, ସମ୍ପ୍ରଦାୟ, ପରିବାର, ବିବାହ, ଶିଶୁ ଲାଳନ ପାଳନ ଓ ସମାଜରେ ପୁରୁଷଙ୍କ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପାଳନ କରାଯାଇଥାଏ। ଏହି ଦିନ ସମାଜରେ ପୁରୁଷଙ୍କ ପ୍ରତି ହେଉଥିବା ଭେଦଭାବ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ପୁରୁଷ ଦିବସ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିଥାଏ। ଅନ୍ତର୍ଜାତୀୟ ପୁରୁଷ ଦିବସ ପ୍ରଥମେ ୧୯୯୯ ରେ ତ୍ରିନିଦାଦ ଓ ଟୋବାଗୋସ୍ଥିତ ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଡକ୍ଟର ଜେରୋମ ତିଳକସିଂଙ୍କ ଦ୍ୱାରା ତାଙ୍କ ପିତାଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ସେ ପୁରୁଷଙ୍କ ପ୍ରସଙ୍ଗ ଉଠାଇବାକୁ ଉତ୍ସାହିତ କରିଥିଲେ। ପ୍ରଥମ ଥର ପାଇଁ ୧୯ ନଭେମ୍ବର ୨୦୦୭ରେ ଭାରତରେ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଇଥିଲା।

ପୁରୁଷମାନଙ୍କ ସାଂସ୍କୃତିକ, ରାଜନୈତିକ ଏବଂ ସାମାଜିକ ଆର୍ଥିକ ସମସ୍ୟାକୁ ଚିହ୍ନଟ କରି ଏହାର ନିରାକରଣ କରିବା ଅନ୍ତର୍ଜାତୀୟ ପୁରୁଷ ଦିବସର ମୁଖ୍ୟ ଲକ୍ଷ୍ୟ। ମୌଳିକ ମାନବିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ସହିତ ପୁରୁଷଙ୍କ ସମସ୍ୟା ପ୍ରତି ସଚେତନତା ସୃଷ୍ଟି ଲାଗି । ୧୯୯୨ ଫେବୃୟାରୀ ୭ରେ ଥୋମାସ ଓଷ୍ଟରଙ୍କ ଦ୍ୱାରା ଏହି ଦିବସ ଆରମ୍ଭ କରାଯାଇଥିଲା। ଏହାର ଏକ ବର୍ଷ ପୂର୍ବରୁ ୧୯୯୧ ଫେବୃୟାରୀ ୮ରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ୨୦୦୯ରେ ଏହି ଦିନଟିକୁ ନଭେମ୍ବର ୧୯ରେ ପାଳନ ଲାଗି ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ ପୁରୁଷ ଦିବସରେ ଲିଙ୍ଗଗତ ସମାନତା ପାଇଁ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥାଏ। ସମାଜରେ ପୁରୁଷମାନଙ୍କ ସହିତ ଜଡ଼ିତ ଥିବା ନକାରାତ୍ମକ ଚିତ୍ର ଏବଂ କଳଙ୍କକୁ ହଟାଇବାକୁ ପ୍ରୟାସ କରାଯାଇଥାଏ। ମାତ୍ର ମିଳିତ ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ପୁରୁଷ ଦିବସ ପାଳନ ପାଇଁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ପ୍ରଦାନ କରାଯାଇ ନାହିଁ। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି ଶୂନ ପୁରୁଷ ଆତ୍ମହତ୍ୟା।



# ଘୋଡ଼ା ପାଇଁ ଫେରିଲା ବିମାନ

**ନ୍ୟୁୟର୍କ:** ଚଳିତ ମାସ ୯ ତାରିଖରେ ନ୍ୟୁୟର୍କରୁ ବେଲ୍‌ଜିୟମ୍ ଅଭିମୁଖେ ଯାଉଥିବା ଏକ ବିମାନ କିଛି ସମୟ ପରେ ପୁନଶ୍ଚ ବିମାନବନ୍ଦରକୁ ଫେରିଆସିଥିବା ଜଣାପଡ଼ିଛି। ବୋଇଂ ୭୪୭ କାର୍ଗୋ ବିମାନ ଟେକଅଫ୍‌ର ୩୦ ମିନିଟ୍ ମଧ୍ୟରେ ଏପରି ଏକ ଘଟଣା ଘଟିଥିଲା, ଯାହାଫଳରେ ବିମାନକୁ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। ଯେତେବେଳେ ବିମାନଟି ୩୧ ହଜାର ଫୁଟ ଉପରକୁ ଉଠି ଆଟ୍‌ଲାଣ୍ଟିକ୍ ମହାସାଗର ଉପରେ ଉଡୁଥିଲା ସେତେବେଳେ ବିମାନ ଭିତରେ ଥିବା ଏକ ଘୋଡ଼ା ତା' ବନ୍ଧନରୁ ମୁକ୍ତ ହୋଇଯାଇଥିଲା। ବିମାନ ମଧ୍ୟରେ ଘୋଡ଼ାକୁ ଆୟତ୍ତ କରିବା ସମ୍ଭବ ହୋଇପାରି ନ ଥିଲା। ଘୋଡ଼ାଟି ସମସ୍ତଙ୍କ ଆୟତ୍ତରୁ ବାହାରିଯାଇ ସେଠାରୁ ପଳାୟନ ପାଇଁ ଉଦ୍ୟମ ଚଳାଇଥିଲା। ପାଇଲଟ୍‌ଙ୍କ କହିବା କଥା, ଏପରି ସ୍ଥଳେ ବିମାନ ଚଳାଇବାରେ କୌଣସି ଅସୁବିଧା ନ ଥିଲା। ହେଲେ ସେମାନେ ଘୋଡ଼ାକୁ ନିଜ ଆୟତ୍ତକୁ ନେଇପାରୁ ନ ଥିଲେ, ଯାହା ନିତାନ୍ତ ଜରୁରୀ ଥିଲା। ସେଥିପାଇଁ ତାଙ୍କୁ ବିମାନଟିକୁ ନ୍ୟୁୟର୍କ ଫେରାଇବାକୁ ପଡ଼ିଥିଲା। ତେବେ ଘୋଡ଼ାଟି ମୁକ୍ତ ଥିବା ଏବଂ ବିମାନର ସଫଳ ଅବତରଣ ପାଇଁ ନ୍ୟୁୟର୍କକୁ ଫେରିବା ପୂର୍ବରୁ ୨୦ ଟନ୍ ଇନ୍ଧନ ପକାଇବାକୁ ପଡ଼ିଥିଲା। ଏହାପରେ ଘୋଡ଼ା ପାଇଁ ଜଣେ ଚିକିତ୍ସକଙ୍କୁ ଡକାଯାଇ ତା'ର ଚିକିତ୍ସା କରାଯାଇଥିଲା।




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ସମର୍ଥକମାନେ ପ୍ରତିବାଦ ସଭାରେ ବସିଛନ୍ତି।

# ‘କୋଶଳ’ ଦାବିରେ ୧୨ ଘଣ୍ଟା ବନ୍ଦ

## ୮ ଜିଲାରେ ଜୀବନଯାତ୍ରା ବ୍ୟାହତ

- ବନ୍ଦବେଳେ ବଲାଙ୍ଗୀରରେ ଭଙ୍ଗାରୁଜା, ୮ ଅଟକ
- ସମ୍ବଲପୁର, ଦେବଗଡ଼ ଜିଲାରେ ବନ୍ଦର ପ୍ରଭାବ ନାହିଁ

ବରଗଡ଼/ବଲାଙ୍ଗୀର/ସୋନପୁର/ନୂଆପଡ଼ା/ଭବାନୀପାଟଣା/ବୌଦ୍ଧ/ସୁନ୍ଦରଗଡ଼, ୧୮।୧୧ (ପ୍ରେମାନନ୍ଦ ଖମାରୀ/ବୀରେନ୍ଦ୍ର ଝାଙ୍କର/ ମୃତ୍ୟୁଞ୍ଜୟ ଶତପଥୀ/ମକାରୁ ବେମାଲ/ ଉତ୍ତମ କୁମାର ଦାଶ/ଅଜିତ୍ କୁମାର ବାରିକ/ ଜୟନାରାୟଣ ମେଣ୍ଟୁଲି)

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ଶନିବାର ଆହୂତ ୧୨ ଘଣ୍ଟିଆ ବନ୍ଦ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଦେବଗଡ଼ ଜିଲା ବ୍ୟତୀତ ଅନ୍ୟ ୮ଟି ଜିଲାରେ ଅନୁଭୂତ ହୋଇଛି। କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନକୁ ଲୋକଙ୍କ ସମର୍ଥନ ମିଳିଛି। କୋଶଳ ରାଜ୍ୟ ଗଠନକୁ ନେଇ ହୀରାଖଣ୍ଡ ସାମ୍ଭୁଖ୍ୟର ଅସହମତି ପରେ ସମ୍ବଲପୁରରେ ବନ୍ଦର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା। ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡ଼ା, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଏହିସବୁ ଜିଲାରେ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୁନ୍‌ଶାନ୍ ହୋଇଯାଇଥିଲା। ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। କୋଶଳ ରାଜ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ସକାଳ ୬ଟାରୁ ବିଭିନ୍ନ ସ୍ଥାନରେ ପିକେଟିଂ, ସଭା, ଶୋଭାଯାତ୍ରା କରିଥିଲେ। ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିକୁ ସେମାନେ ଯଥାର୍ଥ ବୋଲି କହିଥିଲେ। ଏହାକୁ ସରକାର ତୁରନ୍ତ ପୂରଣ କରିବା ଉଚିତ ବୋଲି ଧାରଣା ସଭାରେ ଆନ୍ଦୋଳନକାରୀ ଦାବି କରିଥିଲେ।

ବନ୍ଦର ପ୍ରଭାବ ବରଗଡ଼ ଜିଲାର ଗାଁଠାରୁ ସହର ସବୁଆଡ଼େ ପଡ଼ିଥିଲା। ସକାଳ ୬ରୁ ଦୋକାନ, ବଜାରକୁ ଲୋକେ ସ୍ୱତଃସ୍ଫୂର୍ତ୍ତ ବନ୍ଦ କରିଦେଇଥିଲେ। ସରକାରୀ, ବେସରକାରୀ ଦପ୍ତର, ସ୍କୁଲ, କଲେଜ ମଧ୍ୟ ବନ୍ଦ ରହିଥିଲା। ବଲାଙ୍ଗୀର ଜିଲା ସଦର ମହକୁମା ସମେତ ସହରାଞ୍ଚଳ ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜି, ତୁଷରା, ସମସ୍ତ ୧୪ ବ୍ଲକ୍ ମହକୁମା ଓ ଗ୍ରାମାଞ୍ଚଳରେ କୋଶଳ ମହାବନ୍ଦର ତାତି ଅନୁଭୂତ ହୋଇଥିଲା। ସଂଯୁକ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭା ଏବଂ ବିକ୍ଷୋଭ ସମାବେଶରେ ଶତାଧିକ କୋଶଳବାଦୀ ସଙ୍ଗଠନ, ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ସଙ୍ଗଠନ, ଜାତି ସମାଜ ଏବଂ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ଆନ୍ଦୋଳନକାରୀ ବଲାଙ୍ଗୀର ପଞ୍ଚାୟତ ସାଧନ କେନ୍ଦ୍ରରେ ଚାଲିଥିବା ଏକ ଟ୍ରେନିଂ କାର୍ଯ୍ୟକ୍ରମକୁ ବିରୋଧକରି ଭଙ୍ଗାରୁଜା କରିଥିଲେ। ଡେଲିମାର୍କେଟ ଏବଂ ଟିକ୍ରାପଡ଼ା ରେଳଷ୍ଟେଶନ ରାସ୍ତାରେ ଖୋଲାଥିବା କେତେଜଣ ଦୋକାନୀଙ୍କୁ ଆନ୍ଦୋଳନକାରୀ ଧମକ ଦେଇଥିଲେ। ଏହାସହିତ ଲିଟିଲ୍ ଫ୍ଲାୱାର ସ୍କୁଲ, ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଭଙ୍ଗାରୁଜା କରିଥିଲେ। ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ୮ ଆନ୍ଦୋଳନକାରୀଙ୍କୁ ଟାଉନ୍ ଥାନାକୁ ଆଣି ଅଟକ ରଖିଥିଲା। ସେମାନଙ୍କୁ ରଖାଯିବା ଖବର ପ୍ରଚାରିତ ହେବା ପରେ ଅନ୍ୟ ଆନ୍ଦୋଳନକାରୀ ଟାଉନ୍ ଥାନା ସମ୍ମୁଖକୁ ଆସି ନାରାବାଜି କରିଥିଲେ। ଏସ୍‌ଡିପିଓ ତୋଫାନ୍ ବାଗ ଏବଂ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ଘେରିଯାଇ ତୁରନ୍ତ ଆନ୍ଦୋଳନକାରୀଙ୍କୁ ଛାଡ଼ିଦେବା ପାଇଁ କହିଥିଲେ। କିଛି ସମୟ ପରେ ସମସ୍ତ ୮ ଜଣ ଅଟକ ଆନ୍ଦୋଳନକାରୀଙ୍କୁ ଛାଡି ଦିଆଯାଇଥିଲା।

ମହାବନ୍ଦ ପ୍ରଭାବରେ ସୁବର୍ଣ୍ଣପୁର ଜିଲା ସଦର ମହକୁମା ସମେତ ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରିପାଲି, ବିନିକା ଓ ତରଭା ଅଞ୍ଚଳରେ ଅନୁଭୂତ ହୋଇଥିଲା। କୋଶଳ ମୁକ୍ତିମୋର୍ଚ୍ଚା ରାଜ୍ୟ ସଭାପତି ସାଗର ଦାସଙ୍କ ନିର୍ଦ୍ଦେଶରେ କୋମନାଠାରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶାହରୁଖ ଖାନ୍ ଓ ପାଶା ମହାନନ୍ଦଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ନୂଆପଡ଼ାରେ କେଶବ ବେହେରାଙ୍କ ନେତୃତ୍ୱରେ ଶତାଧିକ କୋଶଳ କର୍ମୀ ଜିଲା ସଦର ମହକୁମାକୁ ବନ୍ଦ କରିଥିଲେ। କଳାହାଣ୍ଡି ଜିଲାର ଭବାନୀପାଟଣା, କେସିଙ୍ଗା, ଧର୍ମଗଡ଼, ନର୍ଲା, ଥୁଆମୂଳ ରାମପୁର, କର୍ଲାମୁଣ୍ଡା ଆଦି ବ୍ଲକରେ ଦୋକାନବଜାର, ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଅନେକ ସ୍ଥାନରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ରାସ୍ତା ଅବରୋଧ କରିଥିଲେ। ରାଜ୍ୟ କୋଶଳ ମୁକ୍ତିମୋର୍ଚ୍ଚାର ସଭାପତି ସାଗର ଚରଣ ଦାସଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ବୌଦ୍ଧ ସହର, ବୌଦ୍ଧ ବ୍ଲକ ଓ କଣ୍ଟାମାଳ ବ୍ଲକରେ ବନ୍ଦ ସଫଳ ହୋଇଥିବା ବେଳେ ହରଭଙ୍ଗା ବ୍ଲକରେ ବନ୍ଦର ପ୍ରଭାବ ଆଦୌ ପଡ଼ି ନ ଥିଲା। ବୌଦ୍ଧ ସହରରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଦୋକାନବଜାର, ବିଦ୍ୟାଳୟ, ସରକାରୀ ଅନୁଷ୍ଠାନ, ବ୍ୟାଙ୍କଗୁଡ଼ିକ ବନ୍ଦ ରହିଥିବା ବେଳେ କୋର୍ଟକାର୍ଯ୍ୟ ସ୍ୱାଭାବିକ ରହିଥିଲା।

ସୁନ୍ଦରଗଡ଼ ରାଜ୍ୟ ରାଜପଥର ପତ୍ରାପାଲି ଛକରେ କୋଶଳ ସମାଜ ସଚିବ ଦିଲୀପ ପଣ୍ଡାଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା। କୋଶଳ ସମାଜର ମହିଳା ସଚିବ ପଦ୍ମା ଦେବୀ, ସାବିତ୍ରୀ ପଟେଲ, ସଂକୀର୍ତ୍ତନ କେର୍‌କେଟା, ସଦାନନ୍ଦ ପ୍ରଧାନ, ଗୀତା ସେଠ୍, ଅନିଲ ସିଂ ପ୍ରମୁଖ ଏଥିରେ ସାମିଲ ଥିଲେ। ଇବ୍ ସେତୁଠାରେ କୋଶଳ ରାଜ୍ୟ ସମନ୍ୱୟ ସମିତି ଏବଂ କୋଶଳ କ୍ରାନ୍ତି ଦଳ ପକ୍ଷରୁ ଜିଲା ସଂଗଠକ ଅଶୋକ ନାଏକ, ଅର୍ଜୁନ ପଟେଲ, ରୁନୁ ନାଏକ, ଅମିତ ନାଏକ, ଯଦୁମଣି ପଟେଲ, ହରି ମାଝି ପ୍ରମୁଖ ରାସ୍ତାରୋକୋ କରିଥିଲେ।

# ବଲାଙ୍ଗୀରରେ ହେବ ୨ ନଦୀଗର୍ଭ ଜଳାଶୟ

- ଅନୁମୋଦନ ଦେଲେ ମୁଖ୍ୟମନ୍ତ୍ରୀ
- ଖର୍ଚ୍ଚ ହେବ ୨୯୬.୫୦ କୋଟି

ଭୁବନେଶ୍ୱର,୧୮।୧୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲା ପାଇଁ ୨ ନଦୀଗର୍ଭ ଜଳାଶୟ ପ୍ରକଳ୍ପ (ରିଭର ଇନ୍‌ଷ୍ଟ୍ରିମ୍ ପ୍ରୋଜେକ୍ଟ)କୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୨୯୬.୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଉକ୍ତ ୨ ପ୍ରକଳ୍ପ ହେଲା ସୁନଗଡ଼ ନଦୀରେ ସିକୁଆଁ/ସିଲେଟକଣି ନଦୀଗର୍ଭ ଜଳାଶୟ ଏବଂ ଅଙ୍ଗ ନଦୀରେ କୁଟସିଙ୍ଘା ନଦୀଗର୍ଭ ଜଳାଶୟ। ସିକୁଆଁ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୪୯ କୋଟି ଏବଂ କୁଟସିଙ୍ଘା ପ୍ରକଳ୍ପ ପାଇଁ ୨୪୭.୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବଲାଙ୍ଗୀର ଜିଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଏହି ୨ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ୪ ବ୍ଲକର ଲୋକେ ଉପକୃତ ହେବେ। ଭୂତଳ ଜଳ ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛଚାଷ, ପଶୁପାଳନ ଆଦି କ୍ଷେତ୍ରରେ ବିଶେଷ ସୁଫଳ ମିଳିବ। ସିକୁଆଁ ପ୍ରକଳ୍ପ ଦ୍ୱାରା ଦେଓଗାଁ ଓ ବଲାଙ୍ଗୀର ବ୍ଲକର ଜନସାଧାରଣ ଏବଂ କୁଟସିଙ୍ଘା ପ୍ରକଳ୍ପ ଦ୍ୱାରା ଡୁଙ୍ଗୁରିପାଲି ଓ ଆଗଲପୁର ବ୍ଲକର ଲୋକେ ଉପକାର ପାଇବେ।

# ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ଉଦ୍‌ଘାଟିତ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଜଳସମ୍ପଦ ବିଭାଗରେ ଓଡ଼ିଶା ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର (ଓଡ଼ିଶା ଷ୍ଟେଟ୍ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର)ର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏବଂ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ପାଣିପାଗ ତଥ୍ୟର ବିଶ୍ଳେଷଣ ହେବ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ରାଜ୍ୟ ଜଳସମ୍ପଦ ବିଭାଗରେ ଓଡ଼ିଶା ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର(ଓଡ଼ିଶା ଷ୍ଟେଟ୍ ହାଇଡ୍ରୋଲୋଜିକାଲ ଡାଟା ସେଣ୍ଟର)ର ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ରରେ ଜଳସମ୍ପଦର ସୁପରିଚାଳନା ପାଇଁ ପାଣିପାଗଜନିତ ତଥ୍ୟର ବୈଜ୍ଞାନିକ ବିଶ୍ଳେଷଣ କରାଯିବ। ବର୍ଷା, ନଦୀଜଳ ଓ ଜଳାଶୟଗୁଡ଼ିକର ଜଳଧାରଣ କ୍ଷମତାର ଠିକ୍ ସମୟାନୁକ୍ରମିକ ତଥ୍ୟ ସଂଗ୍ରହ କରାଯାଇ ଏହାର ବୈଜ୍ଞାନିକ ବିଶ୍ଳେଷଣ କରାଯିବ। ରାଜ୍ୟ ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ଦ୍ୱାରା ଜଳସମ୍ପଦ ବିଭାଗର ଦକ୍ଷତା ଯଥେଷ୍ଟ ପରିମାଣରେ ବୃଦ୍ଧିପାଇବ। ରାଜ୍ୟ ଜଳବିଜ୍ଞାନ କେନ୍ଦ୍ରର ପରିଚାଳନା, ବିଭାଗର ତୃଣମୂଳ ସ୍ତର ତଥା ଆନ୍ତଃ ବିଭାଗୀୟ ସମନ୍ୱୟ ରକ୍ଷା, ବନ୍ୟା ବିପର୍ଯ୍ୟୟ ସମୟରେ ୨୪ ଘଣ୍ଟିଆ ତଦାରଖ ଓ ନିର୍ଦ୍ଦେଶନା କାର୍ଯ୍ୟ ନିର୍ବାହ କରିବା ପାଇଁ ଏକ ସମନ୍ୱିତ ନିର୍ଦ୍ଦେଶ ନିୟନ୍ତ୍ରଣ କେନ୍ଦ୍ର (ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର) ମଧ୍ୟ ଗଠନ କରାଯାଇଛି। ଜଳସମ୍ପଦ ବିଭାଗର ସୂଚନା ଓ ଜଳବିଜ୍ଞାନରେ ବିଶେଷ ରୁଚି ରଖିଥିବା ଯନ୍ତ୍ରୀମାନେ ଏଥିରେ ନିୟୋଜିତ ହୋଇଛନ୍ତି। ଜଳସମ୍ପଦ ବିଭାଗ(ରାଜୀବ ଭବନ)ର ୮ମ ମହଲାରେ ଆନୁଷଙ୍ଗିକ ସୁବିଧା ସହ ଏହି ତଥ୍ୟ କେନ୍ଦ୍ର ଅବସ୍ଥାପିତ ହୋଇଛି। ସୂଚନାଯୋଗ୍ୟ ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ପାଇଁ ଜଳସମ୍ପଦର ବିକାଶ ସହିତ ଜଳ ସୁପରିଚାଳନାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି। ୫-ଟି ଉପକ୍ରମର ପ୍ରୟୋଗରେ ଜଳସମ୍ପଦ ବିଭାଗ ଏହି ଆହ୍ୱାନକୁ ମୁକାବିଲା କରିବାକୁ ଅନେକାଂଶରେ ସକ୍ଷମ ହୋଇପାରିଛି।

ଦୈନନ୍ଦିନ ଏବଂ ବର୍ଷାଋତୁରେ ଘଣ୍ଟା ପ୍ରତି ସଂଗୃହୀତ ଏହି ତଥ୍ୟ ସମୂହରୁ ଜଳଉତ୍ସଗୁଡ଼ିକର ମୂଲ୍ୟାଙ୍କନ, ବର୍ଷା ପୂର୍ବାନୁମାନ, ବର୍ଷାଜନିତ ବିପର୍ଯ୍ୟୟ ପରିଚାଳନା, କୃଷି ପାଇଁ କେନାଲ ମାଧ୍ୟମରେ ଜଳ ଯୋଗାଣ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଜଳଭଣ୍ଡାରଗୁଡ଼ିକର ପରିଚାଳନା ଆଦି କାର୍ଯ୍ୟ ଏହି ଜଳବିଜ୍ଞାନ ତଥ୍ୟ କେନ୍ଦ୍ର ମାଧ୍ୟମରେ କରାଯିବ। ଏହାଛଡ଼ା କୃଷି ଓ କୃଷକ ସଶକ୍ତୀକରଣ,ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆଦି ଆନ୍ତଃ ବିଭାଗୀୟ ବ୍ୟବହାର ଓ ବିଶ୍ଳେଷଣ ପାଇଁ ଜଳବିଜ୍ଞାନ କେନ୍ଦ୍ରରୁ ତଥ୍ୟ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁ ଏବଂ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଡିସେମ୍ବର ୧୮କୁ ଘୁଞ୍ଚିଲା ବିଜ୍ଞାନ କଂଗ୍ରେସ

ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନଭେମ୍ବର ୧୮ ଓ ୧୯ରେ ହେବାକୁ ଥିବା ୨୪ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସକୁ ଡିସେମ୍ବର ୧୮ ଓ ୧୯କୁ ଘୁଞ୍ଚାଇ ଦିଆଯାଇଛି। ଓଡିଶା ପରିବେଶ ସମିତି (ଓଇଏସ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହେବାକୁ ଥିବା ଏହି ସମ୍ମିଳନୀର ଚଳିତବର୍ଷର ମୁଖ୍ୟ ବିଷୟ ରହିଛି ‘ପରିବେଶୀୟ ଆହ୍ୱାନ- ବିଜ୍ଞାନ ଓ ପ୍ରଯୁକ୍ତିର ଭୂମିକା’। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପୃଷ୍ଠପୋଷକତାରେ ଏହି କଂଗ୍ରେସର ବିଭିନ୍ନ ଉପ-ପ୍ରସଙ୍ଗରେ ବକ୍ତବ୍ୟ ପ୍ରଦାନ ନିମନ୍ତେ ବୈଜ୍ଞାନିକ ଏବଂ ଶିକ୍ଷାବିତ୍‌ମାନେ ନିମନ୍ତ୍ରିତ ହୋଇଛନ୍ତି।

DADLS-53



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ
(ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ)
ତାରିଖ: ୧୯.୧୧.୨୦୨୩ ସ୍ଥାନ: ଜୟଦେବ ଭବନ
କାର୍ଯ୍ୟକ୍ରମ: ସନ୍ଧ୍ୟା ୬.୦୦ ଘଟିକା - ସାଧାରଣ ସଭା
ମୁଖ୍ୟ ଅତିଥି:
ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା
ମାନ୍ୟବର ମନ୍ତ୍ରୀ, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା, ଗୃହ
ସମ୍ମାନନୀୟ ଅତିଥି:
ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ
ମାନ୍ୟବର ବିଧାୟକ (ଜଟଣୀ) ତଥା ସଭାପତି,
ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି, ଭୁବନେଶ୍ୱର
ମୁଖ୍ୟବକ୍ତା:
ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର
ବିଶିଷ୍ଟ ଶିକ୍ଷାବିତ୍
ବିଶିଷ୍ଟ ପାଲା ଗାୟକ ଶ୍ରୀଯୁକ୍ତ ଖଗେଶ୍ୱର ମାର୍ଥା ଏବଂ ସାଥୀଙ୍କ ଦ୍ୱାରା
ଜାତୀୟ ସଂହତି ଉପରେ ଆଧାରିତ ପାଲା ପରିବେଷଣ
କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବିନମ୍ର ଅନୁରୋଧ।
ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
OIPR-15001/13/0196/2324

DADLS - 52
Government of Odisha
iitf 2023
ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୩
ଓଡ଼ିଶା ରାଜ୍ୟ ଦିବସ ସମାରୋହ
୧୯ ନଭେମ୍ବର | ସମୟ: ଅପରାହ୍ନ ୩.୦୦ରୁ ୪.୩୦
ଆମ୍ଫିଥିଏଟର-୧, ପ୍ରଗତି ମଇଦାନ, ନୂଆଦିଲ୍ଲୀ
ମୁଖ୍ୟ ଅତିଥି
ଶ୍ରୀ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ
ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ସୂଚନା ଓ ଲୋକସମ୍ପର୍କ, ଓଡ଼ିଶା ସରକାର
ସଦୟ ଉପସ୍ଥିତି
ଶ୍ରୀ ମାନସ ରଞ୍ଜନ ମଙ୍ଗରାଜ
ମାନ୍ୟବର ସାଂସଦ
ଶ୍ରୀ ସଞ୍ଜୟ କୁମାର ସିଂ, ଆଇ.ଏ.ଏସ୍.
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
ଡ. ଲେନିନ୍ ମହାନ୍ତି
ଅଧ୍ୟକ୍ଷ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ
କସ୍ତୁରୀ ମହାପାତ୍ର
ସମ୍ପାଦିକା, ‘ଉତ୍କଳ ପ୍ରସଙ୍ଗ’ ଓ ‘ଓଡ଼ିଶା ରିଭ୍ୟୁ’
ସାଂସ୍କୃତିକ କାର୍ଯ୍ୟକ୍ରମ



ଓଡ଼ିଶୀ ନୃତ୍ୟ
ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ
ଭୁବନେଶ୍ୱର



ବିର୍ଲି ନୃତ୍ୟ
ଆଦର୍ଶ ଆଦିବାସୀ ନୃତ୍ୟ କଳା
ସୋରିଷପଦର, ବୈପାରିଗୁଡ଼ା
କୋରାପୁଟ



ଡାଲଖାଇ ନୃତ୍ୟ
ବଉଳ ଝୁପା ସାଂସ୍କୃତିକ ଅନୁଷ୍ଠାନ
ବରଗଡ଼



ଭକ୍ତି ସଙ୍ଗୀତ ପରିବେଷଣ
ଅଭିଲିପ୍ସା ପଣ୍ଡା, ଓଡ଼ିଶା
ପ୍ରସିଦ୍ଧ ‘ହରହର ଶମ୍ଭୁ’ର ଗାୟିକା

ସମାରୋହରେ ଯୋଗଦେବା ପାଇଁ ସାଦର ଆମନ୍ତ୍ରଣ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/13/0195/2324

**ଆଜିର ମନ୍ତବ୍ୟ**
"ଧନୀଙ୍କୁ ଅଧିକ ଧନୀ ଏବଂ ଗରିବଙ୍କୁ ଅଧିକ ଗରିବ କରାଇବା ଦିଗରେ ଭାଜପା କାମ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେ ଉଦ୍ୟମ କଲେ ମଧ୍ୟ ରାଜସ୍ଥାନରେ କଂଗ୍ରେସ କ୍ଷମତା ବଜାୟ ରଖିବ । **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲି ତେଲ ଗଲେ ମିଳି,**
**ପିଡ଼ିଆକୁ ଦେଲେ ଅଲଗା କରି।**

ତେଲ ସାଙ୍ଗରେ ପିଡ଼ିଆ ଥାଏ । କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲିସଫା କରିବାହାର କରେ, ସେତେବେଳେ ପିଡ଼ିଆ ଅଲଗା ହୋଇଯାଏ । ପରୋକ୍ଷରେ ସଭା, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ, ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତରକିଲା କୁଆ।**
**ଶହେ ବରଷ ଜିଏଁ।**

ଯିଏ ଯେତେ ସତର୍କ ସିଏ ସେତେ ବିପଦମୁକ୍ତ । ହୁସିଆର ବା ସାବଧାନ ସହକାରେ ଚଳୁଥିବା ବ୍ୟକ୍ତି ସହଜରେ କୌଣସି ବିପଦରେ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜି ଆଇସିସି ବିଶ୍ୱକପ ଫାଇନାଲ




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅନ୍ୟମନସ୍କ କାରଣରୁ କର୍ମକ୍ଷେତ୍ରରେ ତିରସ୍କୃତ ହୋଇପାରନ୍ତି। ଜମିଜମା କାରବାର କୌଣସି ପ୍ରତିବନ୍ଧକରୁ ବାଧାପ୍ରାପ୍ତ ହେବ। କ୍ରୀଡ଼ା, ଚଳଚ୍ଚିତ୍ର, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ଶୁଭଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେଇପାରେ।

**ବୃଷ**
ଆଜିର ପ୍ରତ୍ୟୁଷ ଯାତ୍ରା ନିରର୍ଥକ ହେବ ନାହିଁ। ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିବା କାରଣରୁ ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବାର ବହୁତ ସମ୍ଭାବନା ରହିଛି। ପରିବାରରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବା କାରଣରୁ ସାଧାରଣ କଥାରେ କ୍ଷୁବ୍ଧ ହୋଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଜମିଜମା କାରବାର, ମାଲି ମକଦ୍ଦମା କ୍ଷେତ୍ରରୁ ଲାଭବାନ୍ ହେବେ।

**ମିଥୁନ**
କୌଶଳ ପ୍ରୟୋଗ କରି କାମ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇବେ। ନିଜ ଗୃହ ସମସ୍ୟାକୁ ସଜାଡିବାକୁ ଯାଇ ବହୁତ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ**
କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ କରିବା ସକାଶେ ଅର୍ଥ ଲାଭର ଯୋଜନା କରିପାରନ୍ତି। ପାଖ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତତା ପ୍ରକାଶ କରିବାକୁ ପଡ଼ିବ। କଚେରି ମାମଲାର ଆଶୁ ଶୁଣାଣି ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ସିଂହ**
ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ଆଜିର ଯାତ୍ରାରେ ସଫଳତା ମିଳିବା ସକାଶେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କୁହନ୍ତୁ। କାମର ଚାପ ବହୁତ ବଢ଼ିଯିବା କାରଣରୁ କୌଣସି କଥା ଭଲ ଲାଗିବ ନାହିଁ। ନିର୍ମାଣ, ଯୋଗାଯୋଗ, ପ୍ଲଟିଂ କାରବାର ପାଇଁ ଦିନଟି ମନ୍ଦ ହେବନି।

**କନ୍ୟା**
ମତପାର୍ଥକ୍ୟ ଘଟିବା କାରଣରୁ ପରିବାରରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବ। ପିଲାଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ନିଜ ପରିସରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିରେ ସହାୟକ ହେବ। ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ।

**ତୁଳା**
ଆଜିର କର୍ମକ୍ଷେତ୍ରରେ ଆପଣ ଅନେକ କାମ ହାତକୁ ନେଇ ବ୍ୟଥିତ ହେବେ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ତିକ୍ତତା ବୃଦ୍ଧି ପାଇବ। ଆଜିର ଯାତ୍ରାରେ ସଫଳତା ପାଇବେ ଏବଂ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା**
ଭୁଲ୍ ବୁଝାମଣା ହେତୁ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବ। ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ଅନ୍ୟକୁ ଆପଣେଇ ନେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କର୍ମାରମ୍ଭ, କଳା ଓ ସାହିତ୍ୟ, ଏଜେନ୍ସିପ୍ ପ୍ରଭୃତିରୁ ସୁଫଳ ପାଇବେ। ଜମିଜମା କାରବାର, ସାଂସ୍କୃତିକ କାର୍ଯ୍ୟ ଓ ନୂତନ ଯୋଜନା କ୍ଷେତ୍ରରେ ସମସ୍ୟା ଆସିପାରେ।

**ଧନୁ**
ଆଜିର କର୍ମକ୍ଷେତ୍ରରେ ସହକର୍ମୀ, ପରିବାରରେ ଭାଇ ଭଉଣୀ କିମ୍ବା ପଡ଼ୋଶୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। କିନ୍ତୁ କଥାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ସାୟାହ୍ନେ ସତ୍ସଙ୍ଗ ପ୍ରତି ମନ ବଳିବ ଓ ଶାନ୍ତି ପାଇବେ। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ମକର**
ଅପରାହ୍ନରେ ଜଗିରଖି ନ ଚଳିଲେ ଅସୁବିଧାରେ ପଡ଼ିବେ। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସଂଭାବନା ପୂର୍ଣ୍ଣମାତ୍ରାରେ ରହିଛି। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ମାନସିକ ସ୍ଥିରତା ଆସିବ। ସାଙ୍ଗଠନିକ କାମ, ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**ମୀନ**
ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ । ରାଜନୀତି, ସାଙ୍ଗଠନିକ କ୍ଷେତ୍ରରେ ସତକଥା କହି ପ୍ରଶଂସିତ ହୋଇପାରନ୍ତି । ଆର୍ଥିକ ଦିଗ ଭଲ ରହିବ।

ଆଜି ଜାତୀୟ ସଂହତି ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ମୁକ୍ତିମଣ୍ଡପର ଷୋଳଶାସନ ଭୋଗ, କାର୍ତ୍ତିକ ଶୁକ୍ଳ ସପ୍ତମୀ ରବିବାର, ନଭେମ୍ବର ୧୯ ତାରିଖ, ରାଶିନକ୍ଷତ୍ର-ଶ୍ରବଣା/ମକର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪. ଗତେ ଘ.୦୮।୫୭ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୦ ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ।

# ମୁଣ୍ଡ, ହାତ ନ ଥିବା ଶିଶୁ ଜନ୍ମ



**ଠାକୁରମୁଣ୍ଡା, ୧୮।୧୧ (ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଜଣେ ଗର୍ଭବତୀ ୨ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଛନ୍ତି। ଜନ୍ମିତ ଶିଶୁଙ୍କ ମଧ୍ୟରୁ ଗୋଟିଏ ଶିଶୁ କନ୍ୟାର ମୁଣ୍ଡ ଓ ଗୋଡ଼ ନ ଥିବା ଦେଖାଯାଇଛି। ଖବର ପ୍ରଚାର ପରେ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସୀମାନ୍ତ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ପଣସଡ଼ିହା ପଞ୍ଚାୟତ ରାଉତ ମୁଦୟାଙ୍କ ସ୍ତ୍ରୀ ସଦୁଗାମଙ୍କ ଗର୍ଭଯନ୍ତ୍ରଣା ହୋଇଥିଲା। ତାଙ୍କୁ ଡାକ୍ତରଖାନା ଆଣିବା ବାଟରେ ଆମ୍ବୁଲାନ୍ସରେ ଗୋଟିଏ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। ପରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦିନ ପ୍ରାୟ ୪.୧୫ ମିନିଟ୍ ସମୟରେ ମୃତ ଅବସ୍ଥାରେ ଆଉ ଏକ ମୁଣ୍ଡ ହାତ ନ ଥିବା ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ସୁଦଗାମଙ୍କ ଏହା ୪ ର୍ଥ ଗର୍ଭରୁ ୨ ଶିଶୁ ଜନ୍ମଲାଭ କରିଥିବା ଜଣାପଡ଼ିଛି। ଅନ୍ୟ ଶିଶୁର ଅବସ୍ଥା ଭଲ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ତାଙ୍କର ୨ ଝିଅ ଓ ଗୋଟିଏ ପୁଅ ଅଛନ୍ତି।

# ବିଧାୟକଙ୍କ ମାତୃ ବିୟୋଗ

**ବାରିପଦା, ୧୮।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ସୀତାମଣି ସୋରେନ

ମୟୂରଭଞ୍ଜ ଜିଲା ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ମା' ସୀତାମଣି ସୋରେନ(୮୦)ଙ୍କ ଶନିବାର ଅପରାହ୍ନରେ ନିଜ ବାସଭବନ ନୟାବ୍ରଜନନ୍ଦନପୁରଠାରେ ପରଲୋକ ହୋଇଛି। କିଛିଦିନ ତଳେ ବାସଭବନରେ ତାଙ୍କର ମୁଣ୍ଡ ବୁଲାବାରୁ ପଡ଼ିଯାଇ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ପରବର୍ତ୍ତୀ ସମୟରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଘରକୁ ଫେରିବାର ତିନିଦିନ ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଛନ୍ତି।

# କ୍ୟାପିଟାଲ ହସ୍ପିଟାଲରେ ମଡ୍ୟୁଲାର ଓଟି

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୧୧ (ଅସମାପିକା ସାହୁ)**

ପିଜିଆଇଏମ୍ଇଆର୍ ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲରେ ରାଜ୍ୟର ପ୍ରଥମ ଅତ୍ୟାଧୁନିକ ମଡ୍ୟୁଲାର ଅପରେଶନ ଥିଏଟର (ଓଟି) କମ୍ପ୍ଲେକ୍ସ ସ୍ଥାପନ କରାଯାଇଛି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଲୋକାର୍ପଣ କରିଛନ୍ତି। ଗୁରୁତର ରୋଗୀ ଏଠାରେ ଉପଯୁକ୍ତ ଚିକିତ୍ସା ସେବା ପାଇପାରିବେ ବୋଲି ସେ କହିଛନ୍ତି। ମଡ୍ୟୁଲାର ଓଟିରେ ଅତ୍ୟାଧୁନିକ ଚିକିତ୍ସା ସରଞ୍ଜାମର ବ୍ୟବସ୍ଥା ରହିଛି। ଏକା ସାଙ୍ଗରେ ୮ ଜଣଙ୍କର ଅସ୍ତ୍ରୋପଚାର ହୋଇପାରିବ। ଏହି ଓଟି ନିର୍ମାଣ ପାଇଁ ଖର୍ଚ୍ଚ ହୋଇଛି ୧୬.୭୬ କୋଟି ଟଙ୍କା। ରାଜ୍ୟ ସରକାର ୧୫.୩୪ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ବିମାନବନ୍ଦର ପ୍ରାଧିକରଣ ଔଦ୍ୟୋଗୀୟ ସାମାଜିକ କର୍ତ୍ତବ୍ୟ ପାଣ୍ଠିରୁ ୧.୪୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ୧ ମହଲାବିଶିଷ୍ଟ ଏହି କୋଠାରେ ୮ଟି ଗୃହ ରହିଛି। ଏଥିମଧ୍ୟରୁ ୫ଟି ଗୃହରେ ଓଟିର ବ୍ୟବସ୍ଥା ରହିଥିବାବେଳେ ବାକି ଦୁଇଟିରେ ରୋଗୀଙ୍କ ପାଇଁ ଶଯ୍ୟା ରହିଛି। ଏବେ ଜଟିଳ ଅସ୍ତ୍ରୋପଚାର ପାଇଁ ଆସୁଥିବା ରୋଗୀଙ୍କୁ ଆଉ ଅନ୍ୟ ହସ୍ପିଟାଲକୁ ରେଫର କରାଯିବ ନାହିଁ। ଏହାଦ୍ୱାରା ରେଫେରାଲ ସଂଖ୍ୟା ମଧ୍ୟ ହ୍ରାସ ପାଇବ। ବିଶେଷ କରି ଅସ୍ଥିଶଲ୍ୟ ଓ ହୃଦରୋଗ ବିଭାଗର ଅସ୍ତ୍ରୋପଚାର ସୁବିଧାରେ ହୋଇପାରିବା ସହ ସାଧାରଣ ରୋଗୀ ଅଧିକରୁ ଅଧିକ ଉପକୃତ ହୋଇପାରିବେ। ଓଟି ଉଦ୍‌ଘାଟନ ଉତ୍ସବରେ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ୍, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ଓ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ପରେ ମଡ୍ୟୁଲାର ଓଟି କମ୍ପ୍ଲେକ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ମାହାଙ୍ଗା ଡବଲ ମର୍ଡର: ପ୍ରତାପ ଜେନାଙ୍କ ଶୁଣାଣି ଘୁଞ୍ଚିଲା

**ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୧୮।୧୧ (ଯଯାତି ସିଂ/ଅଶୋକ ମହାପାତ୍ର)**

ସାଲେପୁର ଜେଏମ୍ଏଫ୍‌ସି (ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ)ରେ ମାହାଙ୍ଗା ଡବଲ ମର୍ଡର ମାମଲାର ଶୁଣାଣି ଶନିବାର ଘୁଞ୍ଚିଛି। ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବା ଦର୍ଶାଇ ବିଧାୟକ ପ୍ରତାପ ଜେନାଙ୍କ ଓକିଲ ଅଧିକ ସମୟ ମାଗିଛନ୍ତି। ସିଆର୍‌ପିସି ୨୦୫ ଓ ପ୍ରତିପକ୍ଷଙ୍କ ୨୧୦ ଆବେଦନ ଆଧାରରେ ପ୍ରତାପଙ୍କ ବ୍ୟକ୍ତିଗତ ହାଜିରା ଉପରେ ଶୁଣାଣି ହେବାର ଥିଲା। ଏହି ମାମଲାରେ ବିଧାୟକ ଜେନାଙ୍କୁ ହତ୍ୟା ଅଭିଯୁକ୍ତ ଭାବେ ମାମଲା ଚାଲୁ ରଖିବାକୁ ସାଲେପୁର ଜେଏମ୍ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରିକି ତାଙ୍କୁ ଅକ୍ଟୋବର ୩୧ ସୁଦ୍ଧା ବ୍ୟକ୍ତିଗତଭାବେ କୋର୍ଟରେ ହାଜିର ହେବା ପାଇଁ ସମନ ଜାରି କରିଥିଲେ। ଏହାପରେ ବିଧାୟକ ଜେନାଙ୍କ ଅଡୁଆ ବଢ଼ିଥିଲା। ସେ ଅସୁସ୍ଥତା ଥିବା ଦର୍ଶାଇ କୋର୍ଟରେ ହାଜର ନ ହୋଇ ନିଜର ଓକିଲଙ୍କ ସହାୟତାରେ ୨ ସପ୍ତାହ ପାଇଁ ସାଲେପୁର ଜେଏମ୍ଏଫ୍‌ସି କୋର୍ଟକୁ ସମୟ ମାଗିଥିଲେ। ଏଥିସହ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୮।୧୧ (ଅସମାପିକା ସାହୁ)**

ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ଶନିବାର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ହେଉଥିବା ରୋଗୀସେବା ସମ୍ବନ୍ଧୀୟ ଅନେକ ବିକାଶମୂଳକ କାର୍ଯ୍ୟ, ଗବେଷଣା ଆଦି ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ରାଜ୍ୟପାଳ ମଧ୍ୟ ରୋଗୀସେବା ଓ ସମାଜ ପ୍ରତି ଏମ୍ସ ଭୁବନେଶ୍ୱରର ସେବା ମନୋଭାବ ଏବଂ ସକାରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ।


ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆଜି ମହାମୁକାବିଲା...

ଭାରତୀୟ ଦଳ ଟ୍ରଫି ଜିତିବା ଦ୍ୱାରା ଏହାକୁ ପୁନର୍ବାର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇବାରେ ସାହାଯ୍ୟ କରିବ।

ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଚଳିତ ବିଶ୍ୱକପ୍‌ରେ ସମ୍ମୁଖ ଭାଗରୁ ଆକ୍ରମଣ କରିଛନ୍ତି। ୧୨୪ର ଷ୍ଟ୍ରାଇକରେଟ୍ ସହିତ ସେ ୫୫୦ ରନ୍ ସ୍କୋର କରିଥିବା ବେଳେ କୋହଲି ସ୍କୋର କରିଛନ୍ତି ୭୧୧ ରନ୍। ଉଭୟ ଖେଳାଳି ଭାରତ ପାଇଁ ରନ୍ ମେଶିନ ରହିଛନ୍ତି। ଡେଙ୍ଗୁରୁ ଆରୋଗ୍ୟ ଲାଭ କରିଥିବା ଶୁବମନ ଗିଲ୍ ଚମତ୍କାର ଫର୍ମରେ ରହିଛନ୍ତି। ଶର୍ଟବଲ ଦୁର୍ବଳତାକୁ ଦୂରେଇ ଫାଇନାଲ ମ୍ୟାଚ୍ ପୂର୍ବରୁ ଲଗାତର ଦୁଇଟି ଶତକ ହାସଲ କରିଛନ୍ତି ଶ୍ରେୟସ ଆୟର। ତେବେ ଭାରତୀୟ ମଧ୍ୟକ୍ରମକୁ ସବୁଠାରୁ ଅଧିକ ଦୃଢ଼ କରୁଛି ଲୋକେଶ ରାହୁଲଙ୍କ ଉପସ୍ଥିତି। ତେବେ ଦଳର ଟ୍ରମ୍ପକାର୍ଡ ରହିଛନ୍ତି ମହମ୍ମଦ ଶାମି। ଅମରୋହା ଏକ୍ସପ୍ରେସ୍ ନାମରେ ପରିଚିତ ଏହି ସ୍ପିଡ଼ଷ୍ଟର ଜଣକ ୬ ମ୍ୟାଚରୁ ୨୩ ଉଇକେଟ ନେଇଛନ୍ତି। ଏହାବ୍ୟତୀତ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ମଧ୍ୟ ବଲ୍ ଜରିଆରେ ଉପଯୋଗୀ ଅବଦାନ ଦେବାରେ ସମର୍ଥ ହୋଇଛନ୍ତି।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଦଳ ଭାରତ ପରି ବିପଜ୍ଜନକ ମନେହେଉନାହିଁ। ତେବେ ବଡ ଟୁର୍ନାମେଣ୍ଟରେ ଏହାର ପୂର୍ବ ପ୍ରଦର୍ଶନ ଓ ଦଳର ଲଢୁଆ ମନୋଭାବ ହିଁ ଏହାକୁ ଅଧିକ ବିପଜ୍ଜନକ ଭାବେ ପ୍ରତିପାଦିତ କରୁଛି। ବଡ ମ୍ୟାଚ୍‌ରେ ପ୍ରଦର୍ଶନ କରିବାର କଳାରେ ଅଷ୍ଟ୍ରେଲିଆର ଖେଳାଳିମାନେ ସିଦ୍ଧହସ୍ତ। ଏହା ସହିତ ପ୍ରଥମ ଲିଗ୍ ମ୍ୟାଚରେ ବିରାଟ କୋହଲିଙ୍କ କ୍ୟାଚ୍ ଡ୍ରପ୍ କରିବାରୁ ମ୍ୟାଚ୍ ହାରିଥିବା ନେଇ ସ୍ୱୀକାର କରିଛନ୍ତି ଅଧିନାୟକ ପ୍ୟାଟ କମିନ୍ସ। ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମାନ ଭୁଲ ଦୋହରାଇବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ୧ ଲକ୍ଷ ୩୦ ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ଏକ ଗର୍ବର ବିଷୟ। ଭାରତକୁ ଅଧିକ ସମର୍ଥନ ମିଳିବ। ତେବେ ଏହା ପୂର୍ବରୁ ଭାରତରେ ଆମେ ଏକ ଦିନିକିଆ ସିରିଜ ଜିତିଥିଲୁ ବୋଲି କମିନ୍ସ କହିଛନ୍ତି। ଦଳରେ ଏକାଧିକ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଦଳ ନିକଟରେ ଆଡାମ ଜାମ୍ପାଙ୍କୁ ବାଦ୍ ଦେଲେ ଭଲ ସ୍ପିନର ନାହାନ୍ତି। ଫାଇନାଲ ପାଇଁ ଯଦି ସ୍ପିନିଂ ଟ୍ରାକ୍ ରୁହେ ତେବେ ଅଷ୍ଟ୍ରେଲିଆ ପଛରେ ପଡିବାର ସମ୍ଭାବନା ଅଧିକ।

## ଓପନ୍‌ଏଆଇ ସିଇଓ ପଦରୁ ...

୨୦୧୫ରେ ଆରମ୍ଭ ହୋଇଥିବା ଓପନ୍‌ଏଆଇ ୨୦୨୨ ନଭେମ୍ବର ୩୦ରେ ଚାଟ୍‌ଜିପିଟି ଶୁଭାରମ୍ଭ କରିଥିଲା। ଏହି ଚାଟ୍‌ବୋଟ୍ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ସଫ୍ଟୱେର ଆପ୍ଲିକେଶନରେ ପରିଣତ ହୋଇଛି।

### ଅଲ୍ଟମ୍ୟାନ୍ ବହିଷ୍କୃତ ହେଲେ କାହିଁକି?

ବୋର୍ଡ ଜାଣିଶୁଣି ଏକ ସମୀକ୍ଷା ପ୍ରକ୍ରିୟା ଜରିଆରେ ଅଲ୍ଟମ୍ୟାନ୍‌ଙ୍କୁ ଓପନ୍‌ଏଆଇରୁ ବହିଷ୍କାର କରିଥିବା କୁହାଯାଉଛି। ବୋର୍ଡ ସହ ତାଙ୍କର ସମ୍ପର୍କ କ୍ରମାଗତ ଭାବେ ଅସ୍ପଷ୍ଟ ରହିଆସିଥିଲା। ଦାୟିତ୍ୱ କାର୍ଯ୍ୟକାରୀ କରିବାରେ କମ୍ପାନୀର ସାମର୍ଥ୍ୟକୁ ଲୁଚାଇ ରଖାଯାଉଥିଲା। ତେଣୁ କମ୍ପାନୀର ନେତୃତ୍ୱ ବଜାୟ ରଖିବାରେ ଅଲ୍ଟମ୍ୟାନ୍‌ଙ୍କ ସାମର୍ଥ୍ୟ ଉପରେ ବୋର୍ଡର ଭରସା ନ ଥିଲା ବୋଲି ଓପନ୍‌ଏଆଇ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷରେ ବୋର୍ଡ ନିଷ୍ପତ୍ତିରେ ଅଲ୍ଟମ୍ୟାନ୍ ଏବଂ ମୁଁ ମର୍ମାହତ ଓ ଦୁଃଖିତ ବୋଲି ବ୍ରୋକମ୍ୟାନ୍ ଏକ୍ସ'ରେ ପୋଷ୍ଟ କରିଛନ୍ତି। ପ୍ରକୃତରେ କ'ଣ ପାଇଁ ସିଇଓ ପଦରୁ ଅଲ୍ଟମ୍ୟାନ୍‌ଙ୍କୁ ବାହାର କରାଗଲା, ତାହା ଜାଣିବା ପାଇଁ ଆମେ ଉଦ୍ୟମ କରୁଛୁ ବୋଲି ସେ କହିଛନ୍ତି।

### ମୀରା ମୂରତି କିଏ

ମୀରା ମୂରତି(୩୪) ଜଣେ ଆଲବାନୀୟ ମେକାନିକାଲ ଇଞ୍ଜିନିୟର ତଥା ବିଜ୍‌ନେସ୍ ଏକ୍ଜିକ୍ୟୁଟିଭ୍। ସେ ୨୦୧୮ରେ ଓପନ୍‌ଏଆଇରେ ଯୋଗଦେଇ କମ୍ପାନୀର ମୁଖ୍ୟ ପ୍ରଯୁକ୍ତି ଅଫିସର (ସିଟିଓ) ଭାବେ କାର୍ଯ୍ୟ କରୁଥିଲେ। ସାମ୍ ଅଲ୍ଟମ୍ୟାନ୍‌ଙ୍କ ସ୍ଥାନରେ ତାଙ୍କୁ ଓପନ୍‌ଏଆଇର ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତି ଦିଆଯାଇଛି। ସେ ଚାଟ୍‌ଜିପିଟି ଏବଂ ଡାଲ୍-ଇର ବିକାଶ ଉପରେ କାର୍ଯ୍ୟ କରୁଥିବାବେଳେ ଗତବର୍ଷ ଏହାର ସିଟିଓ ହୋଇଥିଲେ। ଓପନ୍‌ଏଆଇରେ ଯୋଗଦେବା ପୂର୍ବରୁ ମୀରା ଟେସ୍‌ଲା କମ୍ପାନୀରେ କାମ କରୁଥିଲେ। ମଡେଲ୍ ଏକ୍ସ କାର୍ ବିକାଶରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ହାତ ଏବଂ ଆଙ୍ଗୁଠିର ଗତିଶୀଳତାକୁ ଟ୍ରାକ୍ କରିବା ପାଇଁ କମ୍ପ୍ୟୁଟିଂ ସିଷ୍ଟମ୍‌ର ବିକାଶ କରିଥିବା ଲିପ୍ ମୋଶନ ନାମକ ଷ୍ଟାର୍ଟଅପ୍‌ରେ ମଧ୍ୟ ତାଙ୍କର ମୁଖ୍ୟ ଭୂମିକା ଥିଲା। ୧୯୮୮ ଡିସେମ୍ବରରେ ଆଲବାନିଆର ଭ୍ଲୋର୍‌ରେ ଜନ୍ମିତ ମୀରାଙ୍କ ମାଆବାପା ଭାରତୀୟ ବଂଶୋଦ୍ଭବ ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ସେ ଡାର୍ଟମାଉଥ କଲେଜ, ପିଅର୍ସନ କଲେଜ୍ ୟୁଡବ୍ଲୁସି, ୟୁନାଇଟେଡ୍ ୱାର୍ଲ୍ଡ କଲେଜରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଉପରେ ଶିକ୍ଷା ଗ୍ରହଣ କରିଥିଲେ।

## ଡିସେମ୍ବର ୩୧ରେ ...

ନୂଆବର୍ଷରେ ରାଜ୍ୟକୁ ନୂଆ ପୋଲିସ ଡିଜି ମିଳିବେ। ଡିଜିପି ଦୌଡ଼ରେ ୭ ଜଣ ବରିଷ୍ଠ ଆଇପିଏସ୍ ଅଫିସର ରହିଛନ୍ତି। ସେମାନେ ହେଲେ ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ ରାୟ, ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ବି. ରାଧିକା, ଏ.ଏମ୍. ପ୍ରସାଦ, ଏସ୍.ଏମ୍. ନରୱଣେ, ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ.ବି. ଖୁରାନିଆ, ଅରୁଣ କୁମାର ଷଡ଼ଙ୍ଗୀ ଏବଂ ସୁଧାଂଶୁ ଷଡ଼ଙ୍ଗୀ। ନୂଆ ଡିଜିପି ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ଏହି ୭ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମକୁ ୟୁନିୟନ ପବ୍ଲିକ ସର୍ଭିସ କମିଶନ(ୟୁପିଏସ୍‌ସି)କୁ ସୁପାରିସ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ବି. ରାଧିକା, ଏ.ଏମ୍. ପ୍ରସାଦ, ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ.ବି. ଖୁରାନିଆ, ଅରୁଣ ଷଡ଼ଙ୍ଗୀ ଓ ସୁଧାଂଶୁ ଷଡ଼ଙ୍ଗୀ ଡିଜିପି ଦୌଡ଼ରେ ରହିଛନ୍ତି । ମାତ୍ର ବି. ରାଧିକାଙ୍କ ନାଁ ଏହି ଦୌଡ଼ରେ ସବୁଠୁ ଆଗରେ ରହିଛି। ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ସରକାର ଜଣେ ମହିଳା ଆଇପିଏସ୍ ଅଫିସରଙ୍କୁ ପୋଲିସ ବିଭାଗର ସର୍ବୋଚ୍ଚ ପଦବୀରେ ବସାଇବା ନେଇ ଚର୍ଚ୍ଚା ହେଉଛି। ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ନିର୍ବାଚିତ ହେବା ପରେ ପୋଲିସ ମହାନିର୍ଦ୍ଦେଶକ ପଦରେ ମଧ୍ୟ ଜଣେ ମହିଳା ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବା ନେଇ ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି। ଯଦି ବି. ରାଧିକା ପୋଲିସ ବିଭାଗର ସର୍ବୋଚ୍ଚ ପଦରେ ନିଯୁକ୍ତି ହୁଅନ୍ତି ପ୍ରଥମ ଥର ପାଇଁ ଓଡ଼ିଶା ମହିଳା ଡିଜିପି ଦେଖିବାକୁ ପାଇବ । ୧୯୮୯ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ସେହିପରି ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ୱାଇ. ବି. ଖୁରାନିଆ ଏବେ ଇଷ୍ଟର୍ନ କମାଣ୍ଡ ବିଏସ୍‌ଏଫ୍‌ର ସ୍ପେଶାଲ ଡିଜି ଥିବାବେଳେ ଅରୁଣ ଷଡ଼ଙ୍ଗୀ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶକ, ସୁଧାଂଶୁ ଷଡ଼ଙ୍ଗୀ ହୋମ୍‌ଗାର୍ଡ ଡିଜି ଏବଂ ଏ.ଏମ୍. ପ୍ରସାଦ ଜେଲ୍ ଡିଜି ଅଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ସୁନୀଲ ବଂଶଲ ମୟୂରଭଞ୍ଜ ଏସ୍‌ପି ଥିଲେ। ତେବେ ୧୯୯୪ରେ ସେ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ । ଓଡ଼ିଶା ଫେରିବା ପରେ ୨୦୨୧ ଡିସେମ୍ବର ୩୧ ତାରିଖରେ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ।

# ହାତୀ ଆକ୍ରମଣରେ ଜଣେ ମୃତ

ବାଉଁଶୁଣୀ,୧୮।୧୧(ଦେବାଶିଷ ନେପାକ)

ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ ଅନ୍ତର୍ଗତ ତିଲପଙ୍ଗା ବିଟ ଅଞ୍ଚଳର ମାର୍ଦ୍ଦିସୁକା ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାର୍ଦ୍ଦିସୁକା ଗ୍ରାମର ପାତ୍ର କହଁର (୪୨)।

ମିଳିଥିବା ସୂଚନା ଅନୁଯାୟୀ, ପାତ୍ର ଗ୍ରାମଠାରୁ ଦୂରରେ ଏକ ଝାଟିମାଟି ଘର କରି ରହୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ସେ ଘରଠାରୁ ଅଳ୍ପ ଦୂରକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀ ତାଙ୍କୁ ଦଳି ଦେବା ଯୋଗୁ ମୃତ୍ୟୁ ଘଟିଥିବା ଜଣାଯାଇଛି। ଶନିବାର ଗ୍ରାମବାସୀ ମୃତଦେହ ପଡିଥିବା ଦେଖିବା ପରେ ଅନ୍ୟ ଗ୍ରାମରେ ରହୁଥିବା ପାତ୍ରଙ୍କ ଭାଇମାନଙ୍କୁ ଖବର ଦେଇଥିଲେ। ଖବର ପାଇ ଅପରାହ୍ନରେ ବନ ବିଭାଗ କର୍ମଚାରୀ ଓ ମନମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ଜଣାପଡ଼ିଛି।

# ମୀନକେତନ ଟାମଡା ଅଧ୍ୟକ୍ଷ



ମୀନକେତନ ଅମାନ୍ତ

ଅନୁଗୋଳ,୧୮।୧୧ (ଅମିତ କୁମାର ସାମଲ)

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ(ଟାମଡା) ଅଧ୍ୟକ୍ଷ ଭାବେ ମୀନକେତନ ଅମାନ୍ତଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବତନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରଠାରୁ ଏହି ପଦବୀ ଖାଲି ପଡିଥିଲା। ଟାମଡା ଅଧ୍ୟକ୍ଷ ପଦ ପାଇଁ ମୀନକେତନଙ୍କ ନାମକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବା ପରେ ଶୁକ୍ରବାର ହାଉସିଂ ଓ ଅର୍ବାନ ଡିପାର୍ଟମେଣ୍ଟ ତରଫରୁ ଏହି ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି।

# ଷ୍ଟାଡିୟମ ବାହାରେ ବ୍ରାଉନସୁଗାର ବିକି ୩ ଗିରଫ

ଭୁବନେଶ୍ୱର,୧୮।୧୧(ସୂର୍ଯ୍ୟକାନ୍ତ ବେହେରା)

କଳିଙ୍ଗ ଷ୍ଟାଡିୟମ ବାହାରେ ଦର୍ଶକଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ନୟାପଲ୍ଲୀ ଥାନା ପୋଲିସ ୩ଜଣ ନିଶା ବେପାରୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକର ମନୁଆ ମହାରଣା, ରମେଶ ମଲ୍ଲିକ ଓ ନାଣ୍ଟୁ ଜେନା। ସେମାନଙ୍କଠାରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୨ ଲକ୍ଷରୁ ଅଧିକ ଟଙ୍କା ହେବ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ବ୍ରାଉନସୁଗାର କେଉଁଠାରୁ ଆଣୁଥିଲେ, ର୍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେସବୁ ତଥ୍ୟ ଜାଣିବା ପଇଁ ପୋଲିସ ଅଧିକ ତଦନ୍ତ ଚଳାଇଛି।





ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ଶନିବାର ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଭେଟୁଛନ୍ତି।

# ମଧ୍ୟାହ୍ନଭୋଜନରେ ଝିଟିପିଟି

## ୧୧ ଅଙ୍ଗନୱାଡି ଛାତ୍ରୀଛାତ୍ର ଅସୁସ୍ଥ

ଡେରାବିଶ,୧୮।୧୧
(ବେବର୍ତ୍ତା ଅଜୟ ଦାସ)

୩ରୁ ୬ ବର୍ଷ ଯାଏ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ପ୍ରଦାନ ସହିତ ଖେଳକୌତୁକ ମାଧ୍ୟମରେ ଶିକ୍ଷାଦାନ ପାଇଁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ପିଲାଙ୍କ ଯତ୍ନ ପାଇଁ କେନ୍ଦ୍ରରେ ଅବସ୍ଥାପିତ ଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକା ସମ୍ପୂର୍ଣ୍ଣ ଭାବେ ତତ୍ପର ରହିଥାନ୍ତି। ଏଥିପାଇଁ ପ୍ରତ୍ୟେକ ପିଲାଙ୍କୁ ଶିକ୍ଷାଦାନ ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ତେବେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ବାହାରିବା ଓ ସେହି ଖାଦ୍ୟ ଖାଇ ୧୧ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା ଶନିବାର କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଡେରାବିଶ ବ୍ଲକ୍ ଅଧୀନ ନରସିଂହପୁର ପଞ୍ଚାୟତ ମୁଣ୍ଡିଲୋ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ୧୭ ଜଣ ପିଲାଙ୍କ ଉପସ୍ଥାନ ଥିଲା। ସେମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଭାତ ଡାଲମା ପ୍ରସ୍ତୁତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପିଲାମାନେ ଖାଇବା ପାଇଁ ବସିଥିଲେ। ହେଲେ ଖାଇବା ସମୟରେ ଡାଲମାରେ ଏକ ଝିଟିପିଟି ମୁଣ୍ଡ ବାହାରିବା ପିଲାମାନେ ଦେଖିଥିଲେ। ଏହାପରେ ସେହି ଖାଦ୍ୟ ଖାଇଥିବା ୧୧ ଜଣ ପିଲା ଅସୁସ୍ଥ ହୋଇପଡ଼ିଥିଲେ। ସେଥିମଧ୍ୟରୁ ୩ ପିଲାଙ୍କର ବାନ୍ତି ହୋଇଥିଲା। ସେମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସମସ୍ତ ପିଲା ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି। ତେବେ ଏହି ଘଟଣା ଅଧ୍ୟୟନରତ ପିଲାଙ୍କ ଅଭିଭାବକ ମହଲରେ ଭୟ ସୃଷ୍ଟି ହୋଇଛି। ଏ ବିଷୟରେ ଗ୍ରାମର ଜଣେ ଅଭିଭାବକ ଶୈଳବାଳା ମଲିକ କହିଛନ୍ତି, ଝିଟିପିଟି ପଡ଼ିଥିବା ଖାଦ୍ୟ ଖାଇ ପିଲାମାନେ ଅସୁସ୍ଥ ହେବା ପରେ ଆମେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲୁ। ମାତ୍ର ପିଲାମାନଙ୍କ ସାଙ୍ଗରେ ଅଙ୍ଗନୱାଡି କର୍ମୀ କିମ୍ବା ସହାୟିକା ଯାଇ ନ ଥିଲେ। ଏ ସଂକ୍ରାନ୍ତରେ ଅଙ୍ଗନୱାଡି କର୍ମୀ ହରପ୍ରିୟା ସେଠୀ କହିଛନ୍ତି, ସହାୟିକା ନଳକୂପରୁ ଆଣିଥିବା ପାଣିରେ ଝିଟିପିଟି ପଡ଼ିଥିଲା। ତାହା ସେ ଜାଣି ନ ପାରି ଖାଦ୍ୟ ପ୍ରସ୍ତୁତ କରିଥିଲେ। ତେବେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଜଣେ ପିଲା ନ ଖାଇ ଘରକୁ ନେଇ ଯାଇଥିଲେ। ଘରେ ଡାଲମାରୁ ଝିଟିପିଟି ବାହାରିବା ଖବର ପାଇବା ପରେ ଅନ୍ୟ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଇ ନ ଥିଲା। ସନ୍ଦେହ ଦୂର କରିବା ପାଇଁ ସମସ୍ତ ପିଲାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଯାଇଥିଲୁ। ଚିକିତ୍ସା ପରେ ସମସ୍ତ ପିଲା ସୁସ୍ଥ ହୋଇ ଘରକୁ ଫେରିଥିବା ସେ ସୂଚନା ଦେଇଛନ୍ତି। ଏନେଇ ସିଡିପିଓ ସ୍ନେହଲତା ସାହୁ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ସନ୍ଧ୍ୟାରେ ଉଭୟଙ୍କୁ ବାରମ୍ବାର ଫୋନ୍ କରାଯାଇଥିଲା। ହେଲେ ଉଭୟ ଅଧିକାରୀ ଫୋନ୍ ଉଠାଇ ନ ଥିଲେ।




ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରୁଥିବା ପିଲାମାନେ।

# ପଞ୍ଚୁପଲ୍ଲୀରେ କଲରାପତରିଆ ବାଘ



ବିଲରେ ବୁଲୁଥିବା ବାଘ।

■ ଗ୍ରାମରେ ଭୟର ବାତାବରଣ
■ ଏକା ନ ବୁଲିବାକୁ ବନ ବିଭାଗର ପରାମର୍ଶ

ଘସିପୁରା, ୧୮।୧୧(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଦେଇ ପ୍ରବାହିତ ବୈତରଣୀ ନଦୀତଟ ଘସିପୁରା ଥାନା ଅଧୀନ ପଞ୍ଚୁପଲ୍ଲୀ ଗାଁ ମୁଣ୍ଡରେ କଲରାପତରିଆ ବାଘ ବୁଲୁଛି। ଏହାର ଭିଡିଓ ଭାଇରାଲ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ପାଦଚିହ୍ନ ଯାଞ୍ଚ ପରେ ବାଘ ଥିବା ସ୍ପଷ୍ଟ ହୋଇଛି। ଏନେଇ ଗ୍ରାମରେ ଆତଙ୍କ ପରିବେଶ ସୃଷ୍ଟି ହୋଇଛି। ବନ ବିଭାଗ କର୍ମଚାରୀମାନେ ଅଞ୍ଚଳରେ ଅନୁଧ୍ୟାନ କରିବା ସହ ଗ୍ରାମରେ ସଚେତନ କରୁଛନ୍ତି।

ଶୁକ୍ରବାର ବାଘ ପରି ଏକ ପ୍ରାଣୀ ଚାଷ ଜମିରେ ଚାଲି ଯାଉଥିବା ଭିଡିଓ ଭାଇରାଲ ହୋଇଥିଲା। ଘଟଣାର ସତ୍ୟତା ଜାଣିବା ପାଇଁ ଆନନ୍ଦପୁର ବନ ବିଭାଗ ପକ୍ଷରୁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଶନିବାର ଘଟଣାର ଅନୁସନ୍ଧାନ କରିବା ପରେ ଚାଷ ଜମିରେ ପଡ଼ିଥିବା ପାଦଚିହ୍ନରୁ ଏହା ଏକ ମଧ୍ୟ ବୟସ୍କ କଲରାପତରିଆ ବାଘ ବୋଲି ଅନୁମାନ କରାଯାଉଥିବା ଡିଏଫ୍‌ଓ ଅଭୟ କୁମାର ଦଳେଇ ପ୍ରକାଶ କରିଛନ୍ତି। ବାଘଟି ହଦଗଡ଼ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରୁ ଆସି ପୁନର୍ବାର ଫେରିଯାଇଥିବା ବନ ବିଭାଗ ଅନୁମାନ କରୁଛି। ମାତ୍ର ଗ୍ରାମରେ ଭୟର ବାତାବରଣ ଥିବାରୁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଏକା ବାହାରେ ବୁଲାବୁଲି ନ କରିବା, ଘର ସମ୍ମୁଖରେ ଆବଶ୍ୟକ ଲାଇଟ୍ ଜଳାଇବା, ରାତିରେ ସାଙ୍ଗରେ ଲାଇଟ୍ ଧରି ଯିବା ଭଳି ସଚେତନତା କରାଯାଉଛି।

# ୧୭୨ ପେନ୍‌ସନ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି

## ଶୁଭାରମ୍ଭ ହେଲା ରାଜ୍ୟର ଜିଲାସ୍ତରୀୟ ପ୍ରଥମ ପେନ୍‌ସନ ଅଦାଲତ

ଅନୁଗୋଳ,୧୮।୧୧ (ଅମିତ କୁମାର ସାମଲ)

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟର ଜିଲାସ୍ତରୀୟ ପ୍ରଥମ ପେନ୍‌ସନ ଅଦାଲତ ଶନିବାର ଅନୁଗୋଳଠାରେ ଶୁଭାରମ୍ଭ ହୋଇଛି। ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପେନ୍‌ସନ ଅଦାଲତରେ ସମୁଦାୟ ୧୭୨ଟି ପେନ୍‌ସନ ସମ୍ବନ୍ଧୀୟ ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ୭୦ ଜଣ ପେନ୍‌ସନଭୋଗୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ସମସ୍ୟ ସମ୍ପର୍କରେ ପେନ୍‌ସନ ଅଦାଲତକୁ ଅବଗତ କରାଇଥିଲେ। ପ୍ରତ୍ୟକ ଅଭିଯୋଗଗୁଡିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେମାନଙ୍କ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରାପ୍ୟ ନିମନ୍ତେ ଉଚିତ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦୀପ୍ତିରାଣୀ ସାହୁ, ବିତ୍ତ ପରାମର୍ଶଦାତା ତଥା ସତନ୍ତ୍ର ଶାସନ ସଚିବ ରତିକାନ୍ତ ମହାପାତ୍ର, ସହକାରୀ ଅର୍ଥ ପରାମର୍ଶଦାତା ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ଘଡାଇ, ଅତିରିକ୍ତ ହିସାବ ନିୟନ୍ତ୍ରକ ଦିବାରଣି ଦୋରା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ସପନ ଜେନା, ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ଅତିତିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଓ ପ୍ରତିଭା ବାରିକ, ଅନୁଗୋଳର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତିମ ପର୍ଯ୍ୟାୟରେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଉପସ୍ଥିତ ସମସ୍ତ ପେନ୍‌ସନଭୋଗୀ ହିତାଧିକାରୀ, ରାଜ୍ୟ ସରକାରଙ୍କ ତରଫରୁ ଆସିଥିବା ରାଜ୍ୟସ୍ତରୀୟ ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ରାଜ୍ୟର ଜିଲାସ୍ତରୀୟ ପ୍ରଥମ ପେନ୍‌ସନ ଅଦାଲତରେ ମଞ୍ଚାସୀନ ଅଧିକାରୀମାନେ।

# କନ୍‌ଷ୍ଟେବଲ୍‌ଙ୍କ ମୁହଁକୁ କାମୁଡ଼ି ଜଣେ ଗିରଫ

ଭୁବନେଶ୍ୱର,୧୮।୧୧ (ସୂର୍ଯ୍ୟକାନ୍ତ ବେହେରା)

କାର୍ଯ୍ୟରତ ଜଣେ ଟ୍ରାଫିକ କନ୍‌ଷ୍ଟେବଲ୍‌ଙ୍କୁ ରାସ୍ତା ଉପରେ ଆକ୍ରମଣ କରିବା ସହ ତାଙ୍କ ମୁହଁକୁ କାମୁଡି ଆହତ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ୟୁନିଟ-୫ ଅଞ୍ଚଳର ରବୀନ୍ଦ୍ର ଦାଶ। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, କନ୍‌ଷ୍ଟେବଲ୍ ରଞ୍ଜନ କୁମାର ବେହେରା ଏହି ଥାନା ଅନ୍ତର୍ଗତ ଷ୍ଟୁଡିଓ ଛକରେ ଟ୍ରାଫିକ ଡ୍ୟୁଟି କରୁଥିଲେ। ଶୁକ୍ରବାର ଅପରାହ୍ନରେ ଟ୍ରାଫିକ ଛକରୁ ୨୦୦ ମିଟର ଦୂର ରେଣ୍ଟାଲ ପାର୍ଶ୍ୱରେ ଏକ ଦୁର୍ଘଟଣା ହେବାରୁ ସେଠାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏହା ଦେଖିବା ପରେ ରଞ୍ଜନ ସେଠାକୁ ଯାଇ ରାସ୍ତା କ୍ଲିୟର କରୁଥିଲେ। ଏହି ସମୟରେ ଅଭିଯୁକ୍ତ ରାସ୍ତାମଝିରେ ଠିଆହୋଇ ରାସ୍ତା ଜାମ କରୁଥିବା ଦେଖି ବାରଣ କରିବା ସହ ରାସ୍ତାରୁ ହଟିବାକୁ କହିଥିଲେ। ହେଲେ ଏଥିରେ ଅଭିଯୁକ୍ତ ଜଣକ ରଞ୍ଜନଙ୍କ ସହ ଯୁକ୍ତିତର୍କ କରିବା ସହ ତାଙ୍କୁ କାମୁଡି ଦେଇଥିଲେ। ଏଥିରେ ରଞ୍ଜନଙ୍କ ମୁହଁ ସମେତ ଶରୀରର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହେବା ସହ ଆଘାତ ଲାଗିଥିଲା। ପିସିଆର୍ ପହଞ୍ଚି ରଞ୍ଜନଙ୍କୁ ହସ୍ପିଟାଲ ନେବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ଦିନକ ପରେ ଆସିବେ ରାଷ୍ଟ୍ରପତି

## ବାୟୁସେନା ପକ୍ଷରୁ ମକ୍‌ଡ୍ରିଲ୍



ବାୟୁସେନାର ହେଲିକପ୍ଟର

ବାରିପଦା,୧୮।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ୩୩ ପ୍ଲାଟୁନ୍ ଫୋର୍ସ ମୁତୟନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତକୁ ନେଇ ଶନିବାର ବାୟୁସେନା ପକ୍ଷରୁ ମକ୍‌ଡ୍ରିଲ କରାଯାଇଛି। ସେନାର ସ୍ୱତନ୍ତ୍ର ଅଧିକାରୀମାନେ ଅପରାହ୍ନ ୧ଟା ୩୦ରେ ବାୟୁସେନାର ଏକ ହେଲିକପ୍ଟର ଯୋଗେ ବାରିପଦା ରିଜର୍ଭ ପୋଲିସ ପଡ଼ିଆରେ ଅବତରଣ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଓ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ, ପୋଲିସ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲିପ୍ୟାଡ୍ ପାର୍ଶ୍ୱରେ ଥିବା ଗଛଗୁଡ଼ିକ କାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ୩୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପ୍ରତିଟି ଗସ୍ତ ସ୍ଥଳରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର ଓ ଏଏସ୍‌ଆଇ ପ୍ରମୁଖଙ୍କୁ ମିଶାଇ ୫୦ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ନିୟୋଜିତ ରହିଛନ୍ତି। ପରିବର୍ତ୍ତନ ହୋଇଥିବା ଗସ୍ତ ସୂଚୀ ଅନୁଯାୟୀ, ନଭେମ୍ବର ୨୦ ସୋମବାର ଦିଲ୍ଲୀସ୍ଥିତ ପାଲାମ ଏୟାରପୋର୍ଟରୁ ଉଡ଼ାଜାହାଜ ଯୋଗେ ପଶ୍ଚିମବଙ୍ଗ କୋଲେଇକୁଣ୍ଡା ଏୟାରବେସ୍‌ରେ ପହଞ୍ଚିବେ। ସେଠାରୁ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ରିଜର୍ଭ ପୋଲିସ ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତି ଅବତରଣ କରିବେ। ସେଠାରୁ ଶହୀଦ ସ୍ମୃତି ଭବନରେ ଆୟୋଜିତ ୩୬ତମ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀ ଓ ସାହିତ୍ୟ ମହୋତ୍ସବରେ ଯୋଗଦେବେ। ସେଠାରୁ ସଡ଼କ ପଥରେ ଯାଇ କୁଳିଅଣା ବ୍ଲକ ପାଣିଜିଆଠାରେ ନୂତନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରିବେ। ପରେ ବାରିପଦା ସର୍କିଟ ହାଉସରେ ମଧ୍ୟାହ୍ନଭୋଜନ ଓ ବିଶ୍ରାମ ପରେ ହେଲିକପ୍ଟର ଯୋଗେ ରାଇରଙ୍ଗପୁର ଅଭିମୁଖେ ଗସ୍ତ କରିବେ। ରାଇରଙ୍ଗପୁର ଡାକବଙ୍ଗଳାରେ ସ୍ଥାନୀୟ ଲୋକଙ୍କ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ପରେ ରାଇରଙ୍ଗପୁରସ୍ଥିତ ନିଜ ବାସଭବନରେ ରାତ୍ରିଯାପନ କରିବେ। ୨୧ତାରିଖ ସକାଳ ୮ଟାରେ ସଡ଼କ ପଥରେ ଶାଶୁଘର ପାହାଡ଼ପୁରରେ ପହଞ୍ଚି ଦକ୍ଷତା ବିକାଶ ତାଲିମ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିବେ। ପରେ ଏସ୍‌ଏଲ୍‌ଏସ୍ ଆବାସିକ ବିଦ୍ୟାଳୟ ପରିଦର୍ଶନ ସହ ସ୍ୱାମୀ ଶ୍ୟାମ ଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି। ସେଠାରୁ ବାହାରି ବାଦାମପାହାଡ଼ ରେଳଷ୍ଟେଶନରେ ପହଞ୍ଚି ନୂତନ ଭାବେ ଟାଟାନଗର-ବାଦାମପାହାଡ଼ ମେମୁ ଟ୍ରେନ୍, ବାଦାମପାହାଡ଼-ରାଉରକେଲା ଏକ୍ସପ୍ରେସ୍ ଓ ସାଲିମାର-ବାଦାମପାହାଡ଼ ଏକ୍ସପ୍ରେସ୍ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହା ସହିତ ବାଦାମପାହାଡ଼ ଅମୃତ ରେଳଷ୍ଟେଶନର ଶିଳାନ୍ୟାସ କରିବେ। ପରେ ରାଇରଙ୍ଗପୁର ଡାକ ଡିଭିଜନର ଉଦ୍‌ଘାଟନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ି ହେବେ। ପରେ ବାଦାମପାହାଡ଼ରୁ ରାଇରଙ୍ଗପୁର ରେଳଷ୍ଟେଶନକୁ ଟ୍ରେନ ଯୋଗେ ଯାଇ ଦାଣ୍ଡବୋଷ ହେଲିପ୍ୟାଡ୍‌ରୁ ସମ୍ବଲପୁର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

# ୩୪୯ ନୂଆ ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ




କଳିଙ୍ଗ ଷ୍ଟାଡିୟମରେ ନୂଆ ଆମ୍ବୁଲାନ୍ସଗୁଡ଼ିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ।

ଭୁବନେଶ୍ୱର,୧୮।୧୧(ଅନିଲ ଦାସ)

■ ୧୪୮.୪୫ କୋଟି ଟଙ୍କା ବିନିଯୋଗ
■ ୨୭୯ ଆମ୍ବୁଲାନ୍ସ ୧୦୮ ଫ୍ଲିଟ୍‌ରେ ଯୋଡ଼ିହେଲେ
■ ସରକାରୀ ମେଡିକାଲ, ଜିଲା ମୁଖ୍ୟାଳୟ ହସ୍ପିଟାଲରେ ନିୟୋଜିତ ହେବ ୭୦ ଆମ୍ବୁଲାନ୍ସ
■ ୨୦ ମିନିଟ୍‌ରେ ଡାକ୍ତରଖାନା ଆସିବେ ରୋଗୀ

ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୩୪୯ ନୂଆ ଆମ୍ବୁଲାନ୍ସ ଓଡ଼ିଶାବାସୀଙ୍କ ନିମନ୍ତେ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ପ୍ରଥମ ଥର ପାଇଁ ଏତେସଂଖ୍ୟକ ଆମ୍ବୁଲାନ୍ସ ରାଜ୍ୟର ମେଡିକାଲ ଆମ୍ବୁଲାନ୍ସ ସେବାରେ ଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଆହୁରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହେବ। 'ପ୍ରତି ଜୀବନ ମୂଲ୍ୟବାନ' ନୀତି ଅନୁଯାୟୀ ଆମର ଉଦ୍ୟମ ଜାରିରହିବ ବୋଲି ସେ କହିଛନ୍ତି।

ଲୋକାର୍ପିତ ହୋଇଥିବା ଆମ୍ବୁଲାନ୍ସଗୁଡ଼ିକ ମଧ୍ୟରୁ ୨୭୯ଟିକୁ ୧୦୮-ଆମ୍ବୁଲାନ୍ସ ସେବାରେ ସାମିଲ କରାଯାଇଛି। ଅନ୍ୟ ୭୦କୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟମାନଙ୍କୁ ଯୋଗାଇ ଦିଆଯାଇଛି। ଏହି ୭୦ଟି ମଧ୍ୟରୁ ୪୦ଟି ହେଉଛି ଜୀବନ ରକ୍ଷାକାରୀ ମୌଳିକ ଆମ୍ବୁଲାନ୍ସ ଏବଂ ୩୦ଟି ଜୀବନ ରକ୍ଷାକାରୀ ଅତ୍ୟାଧୁନିକ ଆମ୍ବୁଲାନ୍ସ। ୩୪୯ ଆମ୍ବୁଲାନ୍ସ ବାବଦରେ ୧୪୮.୪୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ୧୦୮-ଆମ୍ବୁଲାନ୍ସ ସେବାରେ ଏହି ନୂଆ ଆମ୍ବୁଲାନ୍ସଗୁଡ଼ିକ ସାମିଲ ହେବା ପରେ ମୋଟ ଆମ୍ବୁଲାନ୍ସ ସଂଖ୍ୟା ୧୩୬୬କୁ ବୃଦ୍ଧିପାଇଛି। ବର୍ତ୍ତମାନ ଦୈନିକ ହାରାହାରି ୪୦୦୦ରୁ ଅଧିକ ସଂଖ୍ୟକ ରୋଗୀ ୧୦୮-ଆମ୍ବୁଲାନ୍ସ ସେବା ଦ୍ୱାରା ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେଉଛନ୍ତି। ନୂଆ ଆମ୍ବୁଲାନ୍ସଗୁଡ଼ିକ ସାମିଲ ହେବା ପରେ ୧୦୮-ଆମ୍ବୁଲାନ୍ସ ସେବା ଆହୁରି ତ୍ୱରିତ ଏବଂ ସୁବିଧାଜନକ ହେବ। ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକୁ ଯୋଗାଯାଇଥିବା ୭୦ଟି ଆମ୍ବୁଲାନ୍ସ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ ରୋଗୀମାନଙ୍କୁ ଆବଶ୍ୟକ ସ୍ଥଳେ ସରକାରୀ ଡାକ୍ତରଖାନାରୁ ଘରୋଇ ହସ୍ପିଟାଲକୁ ଜରୁରିକାଳୀନ ସ୍ଥାନାନ୍ତରରେ ବ୍ୟବହାର ହେବ। ଏହାସହ ଜିଲା ସ୍ତରରେ ଅନ୍ୟ ରୋଗୀମାନଙ୍କ ଜରୁରୀ ଆବଶ୍ୟକତା ପୂରଣରେ ସହାୟକ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ- ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା



# କେବଳ ନକଲ



ଆକାର ପଟେଲ

ଥରେ କଂଗ୍ରେସ ନେତା ଶଶୀ ଥରୁର ଏକ ଟୁଇଟ୍‌ରେ ଅଭିଯୋଗ କରିଥିଲେ ଯେ ଭାଜପା ୨୩ଟି କଂଗ୍ରେସ ଯୋଜନାର ନାମ ବଦଳାଇ ଦେଇଛି। ସେ ମଧ୍ୟ କହିଥିଲେ, ମୋଦିଙ୍କର ଏକ 'ନାମ ପରିବର୍ତ୍ତନକାରୀ' ସରକାର ଚାଲିଛି, 'ପ୍ରଭାବଶାଳୀ' ସରକାର ନୁହେଁ। ସେତେବେଳେ ତାଙ୍କ ଦାବି ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ପରେ ଜଣାପଡ଼ିଲା, ସେ ଦାବି କରିଥିବା ୨୩ ଯୋଜନା ମଧ୍ୟରୁ ୧୯ ଠିକ୍। ଜଣାପଡ଼ିଲା ଯେ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ହେଉଛି ୟୁପିଏ ସରକାରଙ୍କ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଖାତା ; ବେଟି ବଚାଓ, ବେଟି ପଢ଼ାଓ ଯୋଜନା ୟୁପିଏ ସମୟର ଜାତୀୟ ଶିଶୁକନ୍ୟା ଦିବସ କାର୍ଯ୍ୟକ୍ରମ ସହ ସମାନ ; ଦିନ୍‌ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଥିଲା ରାଜୀବ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା ; ନବୀକରଣ ଏବଂ ସହରୀ ପରିବର୍ତ୍ତନ ପାଇଁ ଅଟଳ ମିଶନ ଥିଲା ଜବାହରଲାଲ ନେହେରୁ ଜାତୀୟ ସହରୀ ନବୀକରଣ ମିଶନର ନାମକରଣ ; କଂଗ୍ରେସର ନିମ୍ କୋଟେଡ୍ ୟୁରିଆ ସହିତ ଭାଜପାର ନିମ୍ କୋଟେଡ୍ ୟୁରିଆ ସମାନ ; ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ହେଉଛି ୟୁପିଏର ମୃତ୍ତିକା ସ୍ୱାସ୍ଥ୍ୟ ଏବଂ ଉର୍ବରତା ପରିଚାଳନା ଉପରେ ଜାତୀୟ ପ୍ରକଳ୍ପ ; ଅଟଳ ପେନ୍‌ସନ ଯୋଜନା ହେଉଛି ସ୍ୱାବଲମ୍ବନ ଯୋଜନା ; ଏପରିକି ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ ୟୁପିଏର ଜାତୀୟ ଉତ୍ପାଦନ ନୀତି (ଏନ୍‌ଏମ୍‌ପି)ର ନୂତନ ନାମ। ଏହା କେବଳ ପୁନଃ ନାମକରଣ ନୁହେଁ ; ଅନେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ନୀତିର ଢାଞ୍ଚାକୁ ନକଲ କରାଯାଇଛି। ମେକ୍ ଇନ୍ ଇଣ୍ଡିଆ ଏବଂ ଏନ୍‌ଏମ୍‌ପି ମଧ୍ୟରେ ଏକ ତୁଳନାତ୍ମକ ଛବି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ପ୍ରେସ୍‌ନୋଟ୍ (୨୦୧୧) ଏବଂ ଜାତୀୟ ଉତ୍ପାଦନ କ୍ଷେତ୍ରର ମେକ୍ ଇନ୍ ଇଣ୍ଡିଆ ୱେବ୍‌ସାଇଟ ପୃଷ୍ଠାରୁ ଜଣାପଡ଼ିଛି। ୧ ଦଶନ୍ଧି ମଧ୍ୟରେ ଜିଡିପିରେ ଉତ୍ପାଦନର ଅଂଶକୁ ୨୫ ପ୍ରତିଶତକୁ ବୃଦ୍ଧି କରିବା ଏବଂ ୧୦୦ ନିୟୁତ ନିଯୁକ୍ତି ସୃଷ୍ଟି କରିବା ବିଷୟ ୟୁପିଏର ଏନ୍‌ଏମ୍‌ପି ଯୋଜନାରେ କୁହାଯାଇଥିଲା। ମେକ୍ ଇନ୍ ଇଣ୍ଡିଆ ଦେଶର ଜିଡିପିରେ ଉତ୍ପାଦନର ଅଂଶ ୨୫ ପ୍ରତିଶତକୁ ବୃଦ୍ଧି ଏବଂ ଉତ୍ପାଦନରେ ୨୦୨୨ ସୁଦ୍ଧା ୧୦୦ ମିଲିୟନ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛି ବୋଲି ଚାହୁଁଥିବା ପ୍ରକାଶ କରିଥିଲା। ୟୁପିଏର ଏନ୍‌ଏମ୍‌ପି କହେ, ଏହା ମଧ୍ୟମ ଅବଧିରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ୧୨-୧୪ ପ୍ରତିଶତକୁ ବୃଦ୍ଧି କରିବ। ଅନ୍ୟପକ୍ଷରେ ମେକ୍ ଇନ୍ ଇଣ୍ଡିଆ ଦର୍ଶାଏ, ଏହା ମଧ୍ୟମ ଅବଧିରେ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ୧୨-୧୪ ପ୍ରତିଶତକୁ ବୃଦ୍ଧି ପାଇବ। ଏନ୍‌ଏମ୍‌ପି ଦର୍ଶାଏ, ଗ୍ରାମୀଣ ପ୍ରବାସୀ ତଥା ସହରାଞ୍ଚଳ ଗରିବଙ୍କ ମଧ୍ୟରେ ଉପଯୁକ୍ତ ଦକ୍ଷତା ସୃଷ୍ଟି କରିବା ଲାଗି ଏହି ନୀତି ଆବଶ୍ୟକ। ସେହିଭଳି ମେକ୍ ଇନ୍ ଇଣ୍ଡିଆ ସ୍ପଷ୍ଟ କରେ ଯେ ଏହା ସମାବେଶୀ ଅଭିବୃଦ୍ଧି ପାଇଁ ଗ୍ରାମୀଣ ପ୍ରବାସୀ ତଥା ସହରୀ ଗରିବଙ୍କ ମଧ୍ୟରେ ଉପଯୁକ୍ତ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ୟୁପିଏର ଏନ୍‌ଏମ୍‌ପି ନୀତି କହେ ଯେ ଏହା ଉତ୍ପାଦନରେ ଘରୋଇ କ୍ଷେତ୍ରର ମୂଲ୍ୟବୃଦ୍ଧି ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବ। ମେକ୍ ଇନ୍ ଇଣ୍ଡିଆ ମଧ୍ୟ କହେ, ଏହା ଘରୋଇ କ୍ଷେତ୍ରର ମୂଲ୍ୟ ବୃଦ୍ଧି ଏବଂ ବୈଷୟିକ ଦକ୍ଷତା ବୃଦ୍ଧି କରିବ।

ମୋଦି ସରକାରରେ ଡିଜିଟାଲ ଇଣ୍ଡିଆ ପୂର୍ବ ସରକାରଙ୍କ ଇ-ଗଭର୍ନାନ୍ସ ଯୋଜନା ସହ ସମାନ। ସ୍କିଲ୍ ଇଣ୍ଡିଆ ଯାହା ୟୁପିଏର ନ୍ୟାଶନାଲ ସ୍କିଲ୍ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ସେୟା। ମିଶନ ଇନ୍ଦ୍ରଧନୁଷ୍ ଥିଲା ୟୁନିଭର୍ସାଲ ଇମ୍ୟୁନାଇଜେଶନ ପ୍ରୋଗ୍ରାମ ଏବଂ ପିଏଏଚ୍‌ଏଏଲ୍ ଥିଲା ଏଲ୍‌ପିଜି ପାଇଁ ପ୍ରଥମ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଯୋଜନା। ସମସ୍ତ ପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ଯୋଗାଇବାକୁ ଲକ୍ଷ୍ୟ ରଖି ୨୫ ଅକ୍ଟୋବର ୨୦୧୧ରେ ସ୍ୱୀକୃତ ହୋଇଥିବା ନ୍ୟାଶନାଲ ଅପ୍ଟିକ ଫାଇବର ନେଟ୍‌ୱର୍କ ହେଉଛି ଏବକାର ଭାରତ ନେଟ୍। ରାଜୀବ ଆବାସ ଯୋଜନାକୁ ସର୍ଦ୍ଦାର ପଟେଲ ଜାତୀୟ ସହରୀ ଗୃହ ନିର୍ମାଣ ମିଶନର ନାମ ଦିଆଗଲା। ବାସ୍ତବତା ହେଉଛି, ୟୁପିଏ ସମୟର ଯୋଜନାଗୁଡ଼ିକ ନିର୍ବିବାଦୀୟ ଏବଂ ଦାରିଦ୍ର୍ୟ ଦୂରକାରୀ। କିନ୍ତୁ ମୋଦିଙ୍କ ଯୋଜନାଗୁଡ଼ିକର ଆକର୍ଷକ ନାମ ଅଛି, କାରଣ ସେ ବ୍ୟକ୍ତିଗତ ଭାବେ ନାମ ବଦଳାଇବା ଲାଗି ଅତ୍ୟଧିକ ପରିଶ୍ରମ କରିଛନ୍ତି। ମୋର ଜଣେ ବନ୍ଧୁ ଲକ୍ଷ୍ୟକଲେ ଯେ ଧନୀଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ମୋଦିଙ୍କ ଯୋଜନାଗୁଡ଼ିକର ଇଂରାଜୀ ନାମ ଅଛି, ଯଥା-ଡିଜିଟାଲ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ଯାହା ଆକାଂକ୍ଷାକୁ ସୂଚିତ କରୁଛି। ଗରିବଙ୍କ ପାଇଁ ଯୋଜନା ସବୁ ହିନ୍ଦୀ ନାମରେ ହୋଇଛି ; ଯଥା ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ବେଟି ପଢ଼ାଓ ବେଟି ବଚାଓ, ଜନ ଧନ, ଗରିବ କଲ୍ୟାଣ, ପିଏମ୍ କିଷାନ, ମୁଦ୍ରା ଯୋଜନା।

ୟୁପିଏର ସ୍ୱତନ୍ତ୍ର ପରିଚୟ ଯୋଜନା ଥିଲା ଆଧାର। କିନ୍ତୁ ଆଧାର ଏକ ଆପରାଧିକ କାର୍ଯ୍ୟକ୍ରମ ଏବଂ ଏହାର ସିବିଆଇ ତଦନ୍ତ କରାଯିବ ବୋଲି ଭାଜପା ଅଭିଯୋଗ କରିଥିଲା। ଦେଶରେ ବେଆଇନ ପ୍ରବାସୀଙ୍କ ରହଣିକୁ ବୈଧ କରିବା ଲାଗି ଏହା ଏକ ବିପଜ୍ଜନକ କାର୍ଯ୍ୟକ୍ରମ। ଆଧାର ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଛି ବୋଲି ମୀନାକ୍ଷୀ ଲେଖୀ ବେଙ୍ଗାଲୁରୁରେ କଂଗ୍ରେସ ନେତା ତଥା ଆଧାରର ବିଧାଣି ନନ୍ଦନ ନିଲେକାନିଙ୍କ ବିରୋଧରେ ପ୍ରଚାର କରୁଥିବାବେଳେ କହିଥିଲେ। ସେ ଆହୁରି କହିଥିଲେ, ନାମ ଦରଜ କରିଥିବା ଲୋକଙ୍କ ସମ୍ପୂର୍ଣ୍ଣ ବାୟୋମେଟ୍ରିକ ତଥ୍ୟ ଦେଶ ବାହାରେ ଗଚ୍ଛିତ ହୋଇଛି। ନିଲେକାନିଙ୍କ ପ୍ରତିଦ୍ୱନ୍ଦ୍ୱୀ ଅନନ୍ତ କୁମାର (ଯିଏ ଶେଷରେ ଜିତିଲେ) କହିଥିଲେ ଯେ, ଆଧାର ହେଉଛି ଦେଶର ସବୁଠାରୁ ବଡ଼ ଠକେଇ। ତା' ପର ମାସରେ ଅନନ୍ତ କୁମାର କହିଥିଲେ, ଭାଜପା ଆଧାରକୁ ହଟାଇଦେବ। ମୋଦି ନିଜେ ଆଧାର ବିରୋଧରେ କହିଥିଲେ, ଏଥିରେ ଖର୍ଚ୍ଚ ହୋଇଥିବା ଅର୍ଥ ନଷ୍ଟ ହୋଇଛି, ଏନ୍‌ଆର୍‌ଇଜିଏସ୍ ଅବୈଧ ଉପାୟରେ ଅର୍ଥ ରୋଜଗାର କରିବା ପାଇଁ ଉଦ୍ଦିଷ୍ଟ ଏବଂ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଏକ ବେକାର ଯୋଜନା। କିନ୍ତୁ ପରେ ଭାଜପା ତଥା ମୋଦି ସରକାର ଆଧାରକୁ ଗ୍ରହଣ କରିବା ସହ ଏହାକୁ ସମସ୍ତ ଭାରତୀୟଙ୍କ ପାଇଁ ବାଧ୍ୟତାମୂଳକ କରିଛି। ଏନ୍‌ଡିଏ ଭାରତର ସାମାଜିକ କଲ୍ୟାଣ ଯୋଜନାଗୁଡ଼ିକୁ ବିସ୍ତାର କରିଥିବାବେଳେ ସେଥିରୁ ଅନେକକୁ ପୂର୍ବ ସରକାରଙ୍କଠାରୁ ନକଲକରି ନିଜର ବୋଲି ଦର୍ଶାଇବାର ବାହାନା କରୁଛି।

Email:aakar.patel@gmail.com

# ଚାଷ ଅପେକ୍ଷାରେ ପାରଜିନୀୟ ସୋରିଷ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ପୃଥିବୀର ଜନସଂଖ୍ୟା ସାମଗ୍ରିକ ଭାବେ ବଢ଼ି ଚାଲିଛି। ଜାତିସଂଘର ଆକଳନ ଅନୁସାରେ, ୨୦୫୭ ମସିହା ବେଳକୁ ଏହା ୧୦ ହଜାର ନିୟୁତରେ ପହଞ୍ଚିଯିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ଜାଗତିକ ଉଷ୍ମତା ବୃଦ୍ଧି, ମୃତ୍ତିକାର ମାନ ହ୍ରାସ, ଭୂତଳ ଜଳ ନିମ୍ନଗାମୀ ହେବା ଆଦି କାରଣରୁ ହ୍ରାସ ପାଇବାରେ ଲାଗିଛି ମୁଣ୍ଡପିଛା ଚାଷୋପଯୋଗୀ ଜମିର ପରିମାଣ ଏବଂ ଏକର ପିଛା ଉତ୍ପାଦନର ସମ୍ଭାବନା। ଅତଏବ ପୃଥିବୀକୁ କ୍ଷୁଧାମୁକ୍ତ କରିବା ଏବଂ ସମସ୍ତଙ୍କୁ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ପ୍ରଦାନ କରିବା ଦିନକୁ ଦିନ ଦୁଷ୍କର ହେବା ସ୍ୱାଭାବିକ। ପୁନଶ୍ଚ ବର୍ତ୍ତମାନର ରାସାୟନିକ ଭିତ୍ତିକ କୃଷି ପରିବେଶ ପ୍ରଦୂଷଣକୁ ତ୍ୱରାନ୍ୱିତ କରୁଥିବା ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଅନ୍ୟତମ। ଏସବୁ ସମସ୍ୟାର ସଫଳ ସମାଧାନର ସମ୍ଭାବନା ରୂପେ ଏବେ ଉଭା ହୋଇଛି ପାରଜିନୀୟ ଫସଲ।

କୌଣସି ଫସଲରେ ନୂଆ ଗୁଣଟିଏ ସୃଷ୍ଟି କରିବା ଲାଗି ସେଥିରେ କୃତ୍ରିମ ଉପାୟରେ ଅନ୍ୟ ଏକ ସଜୀବର ସେହି ଗୁଣଧାରୀ ଜିନୀୟ ପଦାର୍ଥ ପ୍ରତିରୋପଣ ମାଧ୍ୟମରେ ଜିନୀୟ ପରିବର୍ତ୍ତନ ଆଣି ଏହା ସୃଷ୍ଟି କରାଯାଏ। ସାଧାରଣତଃ ଏହି ଗୁଣମାନଙ୍କ ମଧ୍ୟରେ ରହିଛି ଅଧିକ ଉତ୍ପାଦନ ସହିତ ରୋଗ, କୀଟ, ଅଗଛା କିମ୍ବା ମରୁଡ଼ିର ପ୍ରତିରୋଧ କରିବା, କମ୍ ଜଳ ଓ ସାର ଆବଶ୍ୟକ କରିବା, କମ୍ ଅଙ୍ଗାରକାମ୍ଳ ବା ମିଥେନ୍ ଭଳି ସବୁଜଗୃହ ବାଷ୍ପର ନିର୍ଗମନ ଘଟାଇବା, ଶସ୍ୟର ପୌଷ୍ଟିକ ମାନ ବୃଦ୍ଧି କରିବା ଇତ୍ୟାଦି। ଜିନ୍ ପ୍ରତିରୋପଣ ପରେ ଏହାର ବିଭିନ୍ନ ଦିଗ ଉପରେ ପରୀକ୍ଷାନିରୀକ୍ଷା କରାଯାଏ। ତାହା ପରିବେଶ କି ପରିସଂସ୍ଥା ତଥା ଜନସ୍ୱାସ୍ଥ୍ୟ ଦୃଷ୍ଟିରୁ କେତେ ନିରାପଦ ତାହାର ମୂଲ୍ୟାୟନ ହୁଏ। ଏ ସବୁ ପରେ ପାରଜିନୀୟ ଫସଲକୁ ଚାଷ କରିବାର ଅନୁମତି ମିଳେ। ଆମ ଦେଶରେ ଏହା କରିବା ଲାଗି ଗଠିତ ହୋଇଛି 'ଜେନେଟିକ୍ ଇଞ୍ଜିନିୟରିଂ ଆପ୍ରାଇଜାଲ୍ କମିଟି' ବା 'ଜିଇଏସି'। ଏହାର ସ୍ୱୀକୃତି ଲାଭ ପରେ ହିଁ କେବଳ ପାରଜିନୀୟ ଫସଲ ଚାଷ ପାଇଁ ଅନୁମତି ଦେଇଥା'ନ୍ତି ସରକାର।

ପାରଜିନୀୟ ଫସଲକୁ କେତେକ ମହଲରେ ବିରୋଧ କରାଯାଉଛି। ଏହାର କାରଣ ସ୍ୱରୂପ ଦର୍ଶାଯାଉଛି ନିମ୍ନୋକ୍ତ କେତୋଟି ସମ୍ଭାବ୍ୟ ନକାରାତ୍ମକ ପ୍ରଭାବକୁ। ୧- ଏଥିରେ ସୃଷ୍ଟି ହେଉଥିବା କୀଟନାଶକ ତତ୍ତ୍ୱ ଉପକାରୀ କୀଟମାନଙ୍କୁ ମାରିଦେଇପାରେ ଏବଂ କେତେକ ଅପକାରୀ କୀଟଙ୍କଠାରେ ପ୍ରତିରୋଧ ଶକ୍ତିର ବିକାଶ ଘଟାଇପାରେ। ୨- ଏଥିରେ ଉତ୍ପନ୍ନ ପ୍ରୋଟିନ୍ ପ୍ରାକୃତିକ ପ୍ରୋଟିନ୍‌ଠାରୁ ଭିନ୍ନ ହୋଇ ଆମଠାରେ ଆଲର୍ଜି ସୃଷ୍ଟି କରିପାରେ। ୩- ଭିନ୍ନ ପ୍ରଜାତିର ଉଦ୍ଭିଦ ସହିତ ପରାଗସଂଗମ ଫଳରେ ସେଥିରେ କୀଟ ପ୍ରତିରୋଧ ଶକ୍ତି ପ୍ରକଟିତ ହୋଇ ତଥାକଥିତ 'ସୁପର ଉଇଡ୍' ମଧ୍ୟ ସୃଷ୍ଟି କରିପାରେ। ୪- ପ୍ରାକୃତିକ କୀଟପତଙ୍ଗ, ଅଗଛା ଏବଂ ପ୍ରତିଯୋଗୀ ଉଦ୍ଭିଦ ଆଦି ଏହାଦ୍ୱାରା ପ୍ରଭାବିତ ହେବା ଫଳରେ ଜୈବ ବିଭିନ୍ନତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ୫- ପ୍ରତିରୋପିତ ଜିନ୍‌ର ଧ୍ରୁବୀକରଣ ଅଜଣା ବିପଦର କାରଣ ହୋଇପାରେ ଏବଂ ୬- ଏ ପ୍ରକାର ବିହନ ଉତ୍ପାଦନ କରି ତାହାର ଏକଚାଟିଆ ମାଲିକ ହୋଇପାରନ୍ତି କିଛି ବଡ଼ ବଡ଼ କମ୍ପାନୀ, ଯେଉଁମାନେ କି ସାଧାରଣ ଚାଷୀଙ୍କୁ ଶୋଷଣ କରିପାରନ୍ତି। ପୁନଶ୍ଚ ଏମାନଙ୍କ ପ୍ରୋତ୍ସାହନରେ ପାରଜିନୀୟ ଫସଲରେ 'ଟରମିନେଟର' ଜିନ୍ ସଂଯୁକ୍ତ କରାଗଲେ କୃଷକମାନେ ସେମାନଙ୍କ ଉତ୍ପନ୍ନ ଶସ୍ୟକୁ ବିହନ ରୂପେ ବ୍ୟବହାର କରିପାରିବେ ନାହିଁ ଏବଂ ପ୍ରତିବର୍ଷ ସେମାନଙ୍କୁ ଏହା କ୍ରୟ କରିବାକୁ ପଡ଼ିବ।

ଏସବୁ ନକାରାତ୍ମକ ଦିଗ ପ୍ରଦର୍ଶନ ସତ୍ତ୍ୱେ ଏବେ ପୃଥିବୀରେ ପାରଜିନୀୟ ଫସଲ ଚାଷ ବଢ଼ି ଚାଲିଛି। ୨୦୨୦ରେ ପ୍ରକାଶିତ 'ଇଣ୍ଟର ନ୍ୟାଶନାଲ ସର୍ଭିସ୍ ଫର୍ ଦ ଆକ୍ୟୁଇଜିସନ ଅଫ୍ ଏଗ୍ରି ବାଇଓଟେକ୍'ର ରିପୋର୍ଟ ଅନୁସାରେ ଏବେ ପୃଥିବୀର ୭୦ଟି ଦେଶ ଏହାକୁ ମଣିଷ କିମ୍ବା ଗୃହପାଳିତ ପଶୁଙ୍କର ଆଦ୍ୟ ରୂପେ ଗ୍ରହଣ କରିସାରିଲେଣି। ଏଗୁଡ଼ିକ ମଧ୍ୟରେ ଅଗ୍ରଣୀ ପାଞ୍ଚୋଟି ହେଲେ ଆର୍ଜେଣ୍ଟିନା, ବ୍ରାଜିଲ, କାନାଡ଼ା, ଭାରତ ଏବଂ ଆମେରିକା। ଏଠାରେ ଯଥାକ୍ରମେ ୨୪.୫ ନିୟୁତ, ୪୪.୨ ନିୟୁତ, ୧୧ ନିୟୁତ, ୧୧.୬ ନିୟୁତ ଏବଂ ୭୦.୯ ନିୟୁତ ହେକ୍ଟର ଜମିରେ ଏହା ଚାଷ ହେଉଛି (୨୦୨୦ ମସିହା)। ସାରା ବିଶ୍ୱରେ ୧୯୯୬ରେ ୧.୭ ନିୟୁତ ହେକ୍ଟର ଜମିରେ ପାରଜିନୀୟ ଫସଲ ଚାଷ ହେଉଥିଲା ବେଳେ ୨୦୧୫ରେ ପହଞ୍ଚିଥିଲା ୧୭୯.୭ ନିୟୁତ ହେକ୍ଟରରେ। ଏବେ ଏହା ଆହୁରି ବୃଦ୍ଧି ପାଇବଣି।

ପୃଥିବୀରେ ସର୍ବାଧିକ ଭାବେ ଚାଷ ହେଉଥିବା ପାରଜିନୀୟ ଫସଲଗୁଡ଼ିକ ମଧ୍ୟରେ ରହିଛି ସୋୟାବିନ୍, ମକା, କପା, ଅନ୍ୟାନ୍ୟ ଶସ୍ୟଜାତୀୟ ଫସଲ, ରେପ୍‌ସିଡ ଇତ୍ୟାଦି। କୁହାଯାଉଛି , ଏବେ ବଜାରରେ ଉପଲବ୍ଧ ୮୦% ପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟ ପାରଜିନୀୟ ଫସଲରୁ ପ୍ରସ୍ତୁତ। ଆମ ଦେଶରେ ଏବେ ବ୍ୟବସାୟିକ ଭିତ୍ତିରେ ଚାଷ



ହେଉଥିବା ଏ ଜାତୀୟ ପ୍ରଥମ ଫସଲ ହେଲା ବିଟି-କପା। ଏଥିରେ ବ୍ୟବହୃତ ହୋଇଛି ମୃତ୍ତିକାରେ ବାସ କରୁଥିବା 'ବ୍ୟାସିଲସ୍ ଥୁରିଙ୍ଗିନେ ସିସ୍' ଜୀବାଣୁ ବା 'ବିଟି-ଜୀବାଣୁ'ର ରୋଗକୀଟ ପ୍ରତିରୋଧକ (ବିଶେଷକରି 'ବଲୱାର୍ମ') ଜିନ୍। ଏହାକୁ ଛାଡ଼ିଦେଲେ ଏବେ ଗୋଖାଦ୍ୟ ରୂପେ ଉପଯୋଗ ହେବା ପାଇଁ ପାରଜିନୀୟ ମକାଚାଷ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଛି ଏବଂ ଟମାଟୋ, ବାଇଗଣ ଓ ବୁଟ ଆଦି ଖାଦ୍ୟ ଫସଲର ଚାଷ ସରକାରଙ୍କ ଅନୁମତିର ଅପେକ୍ଷାରେ ଅଛି। ପୁନଶ୍ଚ ପାରଜିନୀୟ ସୋରିଷ (ଧାରା ମଷ୍ଟାର୍ଡ ହାଇବ୍ରିଡ୍ ବା ଡିଏମ୍‌ଏଚ୍-୧୧)ର ସବୁ ପ୍ରକାର ବୈଜ୍ଞାନିକ ପରୀକ୍ଷାନିରୀକ୍ଷା କରାଯାଇ 'ଜିଇଏସି'ର ଚାଷ ପାଇଁ ସ୍ୱୀକୃତି ତଥା ସରକାରଙ୍କ ଅନୁମତି ମିଳି ସାରିଥିଲେ ହେଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଏହା କୃଷିକ୍ଷେତ୍ରକୁ ଆସିପାରି ନାହିଁ।

ଆମ ଦେଶରେ ଖାଦ୍ୟୋପଯୋଗୀ ତୈଳର ପ୍ରାୟ ୬୦% ବିଦେଶରୁ ଆମଦାନୀ କରାଯାଉଛି। ଅନ୍ୟପକ୍ଷରେ ଏଠାରେ ସୋରିଷ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦେଶରେ ଏହାର ଏକର ପିଛା ଉତ୍ପାଦନ ବିଶ୍ୱର ହରାହାରି ତୁଳନା ବହୁତ କମ୍। ଏଣୁ ସୋରିଷର ଉତ୍ପାଦନ କ୍ଷମତା ବୃଦ୍ଧି ଆମ ଚାଷୀମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ସହିତ ତୈଳ ଉତ୍ପାଦନ କ୍ଷେତ୍ରରେ ଆମକୁ ଆତ୍ମନିର୍ଭରଶୀଳ କରିପାରିବ। ପୁନଶ୍ଚ ଭାରତର ଏହି ପ୍ରଥମ ପାରଜିନୀୟ ଫସଲକୁ ୨୦୦୭ରେ ସୃଷ୍ଟି କରିଥିଲା ଦିଲ୍ଲୀ ବିଶ୍ୱବିଦ୍ୟାଳୟର 'ସେଣ୍ଟରଫର ଜେନେଟିକ ମାନିପୁଲେସନ ଅଫ କ୍ରପପ୍ଲାଣ୍ଟସ'। ଏହା କରିଥିବା ବୈଜ୍ଞାନିକ ଗୋଷ୍ଠୀର ମୁଖ୍ୟ ଥିଲେ ଏହାର ପୂର୍ବତନ କୁଳପତି ଦୀପକ ପେଣ୍ଟାଲ୍। ତାଙ୍କ ମତରେ ଏଥିରେ ବ୍ୟବହୃତ ଜିନ୍‌ଗୁଡ଼ିକ ଏହାକୁ ରୋଗକୀଟ ଓ ଅଗଛା ସହ୍ୟକାରୀ ଶକ୍ତି ସହିତ କମ୍ ଜଳ ଏବଂ କମ୍ ମୃତ୍ତିକା ପୁଷ୍ଟିରେ ବଢ଼ି ପାରିବାର ସାମର୍ଥ୍ୟ ପ୍ରଦାନ କରିପାରିବେ। ଏହାବ୍ୟତୀତ ଏ ବିହନର ବିକାଶର କୌଣସି କମ୍ପାନୀ ସମ୍ପୃକ୍ତ ହୋଇ ନ ଥିବାରୁ ଏହାର ଏକଚାଟିଆ ବ୍ୟବସାୟର ଅବକାଶ ରହିବ ନାହିଁ। ପରିବେଶ ଓ ପରିସଂସ୍ଥା ତଥା ଜୈବ ବିଭିନ୍ନତା ଉପରେ ଏହାର କୌଣସି ନକାରାତ୍ମକ ପ୍ରଭାବ ପରିଦୃଷ୍ଟ ହୋଇନାହିଁ ବରଂ ମୃତ୍ତିକାର ସ୍ୱାସ୍ଥ୍ୟ ଏହାଦ୍ୱାରା ସୁରକ୍ଷିତ ରହିବାର ଦେଖାଯାଇଛି। ଏହା ସତ୍ତ୍ୱେ ବି ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛି ଏହାକୁ ଆହୁରି ଗଭୀରଭାବେ ଅନୁଧ୍ୟାନ କରିବାକୁ, ଯାହାଫଳରେ ଏ ଫସଲ ଶତ ପ୍ରତିଶତ ନିରାପଦ ବୋଲି ପ୍ରମାଣିତ ହୋଇପାରିବ।

ଆମ ବୈଜ୍ଞାନିକମାନେ କାଳ ବିଳମ୍ବ ନ କରି ଏହାର ସୀମିତ ତଥା ନିୟନ୍ତ୍ରିତ ଚାଷ ଆରମ୍ଭ କରିବା ଉଚିତ। ଯଦି ଏ ଫସଲର କୌଣସି ନକାରାତ୍ମକ ଦିଗ ଏପରିକି ସାମାନ୍ୟ ଭାବେ ପରିଦୃଷ୍ଟ ହୁଏ, ତେବେ ସେମାନେ ସେଥିରେ ଅଧିକ ତଥା ନୂତନ ଜିନୀୟ ପରିବର୍ତ୍ତନ ଆଣି ତାହାର ସମାଧାନ କରିବା ଦିଗରେ ପଦକ୍ଷେପ ନେଇପାରିବେ। ବର୍ତ୍ତମାନର 'ଜିନ୍ ସମ୍ପାଦନା ଯୁଗ'ରେ ଏହା ଅସମ୍ଭବ ନୁହେଁ। ଅତଏବ ଏହି ଅଧିକ ଉତ୍ପାଦନକ୍ଷମ ପାରଜିନୀୟ ସୋରିଷ ଯଥାଶୀଘ୍ର କୃଷିକ୍ଷେତ୍ରକୁ ଓହ୍ଲାଇପାରିବ ଏବଂ କୃଷକ ଓ ଜନସାଧାରଣ ଏହାଦ୍ୱାରା ଲାଭବାନ୍ ହେବେ।

ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

# ବଡ଼ ବିଷମ ସ୍ଥିତି



ରାଧାଶ୍ୟାମ ରାଉଳ

ଭଲ କାମ କରୁଥିଲେ ବି ତାକୁ ଖରାପ କି ମନ୍ଦ କାମ କହିବାକୁ ଆମ ଭିତରୁ କିଛି ବାହାରିବେ। ତେବେ ମନ୍ଦ କହିବା ପଛରେ କୌଣସି ବଳିଷ୍ଠ ଯୁକ୍ତି ନଥାଇ ବି ଭଲକୁ ମନ୍ଦ କହିବାକୁ ସେମାନେ ଆଦୌ ପଛେଇବେ ନାହିଁ। ସମୂହ କଲ୍ୟାଣସାଧନ, ପରୋପକାର, ଜନହିତକର କାମ, ସର୍ବସାଧାରଣ ଓ ଜାତୀୟ ସମ୍ପତ୍ତିର ସୁରକ୍ଷା ଓ ସଂରକ୍ଷଣ, ଦେଶର ନୀତିନିୟମ, ଆଇନକାନୁନ ଓ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ପାଳନ ଓ ସମ୍ମାନ ପ୍ରଦର୍ଶନ, ରାଷ୍ଟ୍ର ବା ଦେଶର ସଂହତି ଓ ସାର୍ବଭୌମତ୍ୱକୁ ସମ୍ମାନ ପ୍ରଦର୍ଶନ, ପାରିବାରିକ, ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ପରସ୍ପର ମଧ୍ୟରେ ସାହାଯ୍ୟ, ସହଯୋଗ , ସଂପ୍ରୀତି, ସମ୍ପର୍କ, ସଦ୍ଭାବନା ସ୍ଥାପନ ଇତ୍ୟାଦିକୁ ଆମେ ଭଲ କାମ ବୋଲି ନିଶ୍ଚେ କହିବା। ହେଲେ ଆଶ୍ଚର୍ଯ୍ୟ ଓ ଅବସୋସର ବିଷୟ, ଆଜିର ସମୟରେ ସାଧାରଣ ସ୍ଥିତି, ଗତି ଓ ପ୍ରବୃତ୍ତି ସମ୍ପୂର୍ଣ୍ଣ ଅଲଗା। ନିଜ ନିଜର ସ୍ୱାର୍ଥସାଧନ, ବ୍ୟକ୍ତିକୈନ୍ଦ୍ରିକ ମାନସିକତାପୋଷଣ, ପରନିନ୍ଦା, ପରପୀଡ଼ନ, ପରଶ୍ରୀକାତରତା, ଅସହିଷ୍ଣୁତା, ଜାତୀୟ ସମ୍ପତ୍ତିକୁ ଜବରଦଖଲ, ଦେଶର ନୀତିନିୟମ ଗଣତାନ୍ତ୍ରିକ ପ୍ରକ୍ରିୟା ଓ ବିଧି ବ୍ୟବସ୍ଥାର ଖୋଲାଖୋଲି ଉଲ୍ଲଂଘନ, ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧ ଭିଆଣ ଇତ୍ୟାଦି ଆଜିର ସମୟରେ ଏକ ରକମର ଚଳଣି ଓ ଫେଶନ ହୋଇଯାଇଛି। ଆମେ ଏସବୁକୁ ମନ୍ଦ କାମ କିମ୍ବା କୁକର୍ମ କହୁଛୁ, ହେଲେ ଅନ୍ୟମାନେ ଏସବୁକୁ ବିନା ପ୍ରତିବାଦରେ ସହୁଛନ୍ତି, ବରଦାସ୍ତ କରୁଛନ୍ତି। ଅନ୍ୟମାନଙ୍କ ମତରେ, ଭଲ କାମ କଲେ ଅପବାଦ, ଭଲ କଥା କହିଲେ ବିପଦ! ତେଣୁ ଭଲ କାମ କରି ଭଲ କଥା କହି ଲାଞ୍ଛିତ, ଅପଦସ୍ଥ, ସମାଲୋଚିତ ହେବା ଅପେକ୍ଷା ଯିଏ ଯାହା କରୁଛି କିମ୍ବା କହୁଛି ତାକୁ ନିରବରେ ସହିଯିବା ବରଂ ଭଲ।

ବାପା, ମାଆ, ଗୁରୁଜନମାନଙ୍କୁ ଭକ୍ତି, ସେବା, ଶୁଶ୍ରୂଷା, ଆଦର ଓ ସମ୍ମାନ କରିବା, ସେମାନଙ୍କର ଆଦେଶ, ଉପଦେଶ, ପରାମର୍ଶକୁ ପାଳନ କରିବା ପ୍ରତ୍ୟେକ ସନ୍ତାନ ସନ୍ତତିଙ୍କର ମହତ୍ କର୍ତ୍ତବ୍ୟ ଓ ନୈତିକ ଦାୟିତ୍ୱ। ଏ କର୍ତ୍ତବ୍ୟ ଓ ଦାୟିତ୍ୱକୁ ଅତି ନିଷ୍ଠାର ସହ ମାନିବା ଓ ପାଳନ କରିବା ଉଚିତ୍। ହେଲେ ଆଜିର ଯୁବପିଢ଼ି ଏ ଦାୟିତ୍ୱ ଓ କର୍ତ୍ତବ୍ୟକୁ କୋଉ ମାନୁଛନ୍ତି ନା ପାଳୁଛନ୍ତି? ବିନା ହେଲ୍‌ମେଟ କି ସିଟବେଲ୍ଟରେ, ମଦ ପିଇ କି ନିଶାସେବନ କରି ଗାଡ଼ି ଚଳେଇବା, ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ପିଇବା, ଗୁଟ୍‌ଖା ଚୋବେଇବା କି ଚାକୁଳେଇବା ଆଦି କାର୍ଯ୍ୟକୁ ବେଆଇନ କାର୍ଯ୍ୟ ବୋଲି କୁହାଯାଉଛି। ଏସବୁ କାର୍ଯ୍ୟକୁ ନିଷେଧ ପାଇଁ ଆଇନ ପ୍ରଣୟନ କରାଯାଇଛି। ଆଇନକୁ ଯିଏ ମାନୁନାହିଁ କି ମାନିବ ନାହିଁ ତାଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ



ଗ୍ରହଣ ଓ ଉପଯୁକ୍ତ ଦଣ୍ଡବିଧାନ ମଧ୍ୟ ରହିଛି। ହେଲେ ଯେଉଁମାନେ ଆଇନକୁ ମାନୁନାହାନ୍ତି, ଶାସନ ନା ପ୍ରଶାସନ ନା ସରକାରୀ କଟକଣା ସେଇସବୁ ଅମାନିଆମାନଙ୍କୁ କ'ଣ ଜବତ କି ସାବାଡ଼ କରିପାରୁଛି କି?

ଏବେକାର କଥା। ଦିନକୁଦିନ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ ଓ ମାତ୍ରାଧିକ ଶବ୍ଦ ପ୍ରଦୂଷଣରେ ରୋକ ଲଗେଇବା ଉଦ୍ଦେଶ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ଦୀପାବଳି ଓ କାଳୀପୂଜାରେ ବାଣ ଫୁଟାଇବା ଓ ଆତସବାଜି ବ୍ୟବହାର କରିବା ଉପରେ କଟକଣା ଜାରି କଲେ। ହେଲେ ଆଶ୍ଚର୍ଯ୍ୟ, ଏ କଟକଣାକୁ ଅମାନ୍ୟ କରି ଅମାନିଆମାନେ ମନଇଚ୍ଛା ବାଣ ଫୁଟାଇ ବାୟୁମଣ୍ଡଳକୁ ଅତ୍ୟଧିକ ବିଷାକ୍ତ ଓ ପ୍ରଦୂଷିତ କରିଦେଲେ। କ୍ଷୋଭ ଓ ପରିତାପର ବିଷୟ, ଜନକଲ୍ୟାଣ ପାଇଁ ଦେଶର ନ୍ୟାୟପାଳିକା ଯେଉଁ କାର୍ଯ୍ୟ ଉପରେ ନିଷେଧାଜ୍ଞା କି କଟକଣା ଜାରି କରୁଛନ୍ତି, ସେସବୁର ପ୍ରୟୋଗ ଓ କାର୍ଯ୍ୟକାରିତାକୁ ନେଇ ଘୋର ସନ୍ଦେହ ଓ ପ୍ରଶ୍ନ ସୃଷ୍ଟି ହେଉଛି। ତେଣୁ ବିରାଟ ବ୍ୟବଧାନ ରହୁଛି, ନ୍ୟାୟାଳୟର ନିଷେଧାଜ୍ଞା ଓ ତା'ର ପ୍ରୟୋଗ ବା କାର୍ଯ୍ୟସମ୍ପାଦନ ଭିତରେ।

ବର୍ତ୍ତମାନର ପରିସ୍ଥିତି ଯାହା, ସାମାଜିକ ବିଧିବ୍ୟବସ୍ଥା, ଚଳଣି, ପରମ୍ପରା, ସଭ୍ୟତା, ସଂସ୍କୃତି, ଆଚାର ବିଚାର, ଦେଶର ଆଇନକାନୁନ, ନ୍ୟାୟିକ କଟକଣାକୁ କେହି ନିଷ୍ଠାର ସହ ମାନୁନାହାନ୍ତି। ଉଦ୍‌ବେଗର ବିଷୟ ହେଲା, ସମ୍ପର୍କ ଦାୟରେ କେହି କାହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ପତ୍ନୀ ମାନୁନାହିଁ ପତିଙ୍କୁ, ପତି ମଧ୍ୟ ମାନୁନାହିଁ ପତ୍ନୀଙ୍କୁ। ପୁଅ ବାପାଙ୍କୁ, ବାପା ପୁଅଙ୍କୁ, ପ୍ରେମିକ ପ୍ରେମିକାଙ୍କୁ, ପ୍ରେମିକା ପ୍ରେମିକଙ୍କୁ, ଗୁରୁ ଶିଷ୍ୟଙ୍କୁ, ଶିଷ୍ୟ ଗୁରୁଙ୍କୁ, ନେତା ଜନତାଙ୍କୁ, ଜନତା ନେତାଙ୍କୁ, ଚାକର ମାଲିକଙ୍କୁ, ମାଲିକ ଚାକରଙ୍କୁ, କର୍ମଚାରୀ କର୍ତ୍ତୃପକ୍ଷଙ୍କୁ, କର୍ତ୍ତୃପକ୍ଷ କର୍ମଚାରୀଙ୍କୁ, ଶ୍ରୋତା ବକ୍ତାଙ୍କୁ, ବକ୍ତା ଶ୍ରୋତାଙ୍କୁ ଏମିତି ଏମିତି କେହି କାହାରିକୁ ମାନୁନାହାନ୍ତି। ଯାହା ଫଳରେ ସମ୍ପର୍କରେ ସୃଷ୍ଟି ହେଉଛି ସଙ୍କଟ, ଆଚାର ବିଚାର ଓ ଭାବର ଆଦାନପ୍ରଦାନରେ ସୃଷ୍ଟି ହେଉଛି ଚରମ ବିଭ୍ରାଟ!

ଗୋଟିଏ ପଟେ ପ୍ରଚଳିତ ବ୍ୟବସ୍ଥା ଓ ଚଳଣିରେ ଦେଖାଦେଉଥିବା ତ୍ରୁଟିବିଚ୍ୟୁତି, ବିଲକ୍ଷଣ, ବ୍ୟତିକ୍ରମରେ ସଂଶୋଧନ ସୁଧାର, ସଂସ୍କାର ଆଣିବା ପାଇଁ ଆଇନ ପ୍ରଣୟନ ଓ ନିଷେଧାଜ୍ଞା ଜାରି ହେଉଥିବା ବେଳେ ଅନ୍ୟପଟେ ଦିନକୁଦିନ ଆମ ସମାଜରେ ଆଇନ ଅମାନ୍ୟକାରୀ ଓ ନିଷେଧାଜ୍ଞା ଉଲ୍ଲଂଘନକାରୀ ଅମାନିଆମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଆଜ୍ଞା, ଇଏ ବଡ଼ ବିଷମ ପରିସ୍ଥିତି ନୁହେଁ କି ?

ମୋ: ୯୪୩୭୦୯୦୯୮୫

## ଏଇ ଭାରତରେ

ଜୀବନର ମୋଡ଼ କେତେବେଳେ ବଦଳିଯାଏ ତାହା କହିବା କଷ୍ଟକର। ଏମିତି ଏକ ପରିବର୍ତ୍ତନ ଆସିଛି ବେଙ୍ଗାଲୁରୁର ଚାଷୀ ଅମିତ କିଷାନଙ୍କ ଜୀବନରେ। ସେ ବ୍ୟାଙ୍କ ଚାକିରି ଛାଡ଼ି କୃଷି କ୍ଷେତ୍ରରେ ପ୍ରବେଶ କରି ବର୍ଷକୁ ୨୧ କୋଟି ଟଙ୍କା ରୋଜଗାର କରିବା ସହ ୩୦୦୦ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଲୋକମାନଙ୍କୁ ଜୈବିକ ଖାଦ୍ୟ ଯୋଗାଇ ଦେବା ପାଇଁ ସେ ୨୦୧୯ରେ କୃଷି କାର୍ଯ୍ୟ ଆରମ୍ଭ କରିଥିଲେ। ଦେଢ଼ କୋଟି ଟଙ୍କା ଋଣ ଆଣି ୬୫୦ ଏକର ବିଶିଷ୍ଟ ଫାର୍ମରେ ଏବେ ଚାଷ କରୁଛନ୍ତି। ଅମିତ ଲୋକମାନଙ୍କୁ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଉତ୍ପାଦିତ ପନିପରିବା, ଡାଲି ଏବଂ ଦୁଗ୍ଧଜାତୀୟ ଖାଦ୍ୟ ଯୋଗାଉଛନ୍ତି। ଫସଲ ଉତ୍ପାଦନ କରିବାଠାରୁ ଆରମ୍ଭ କରି ଦୁଗ୍ଧଜାତୀୟ ଉତ୍ପାଦ ପ୍ରସ୍ତୁତ କରିବା କାର୍ଯ୍ୟରେ ସେ ୩୦୦୦ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଫାର୍ମରେ ବିଭିନ୍ନ ପ୍ରଜାତିର ୭୦୦ ଦେଶୀ ଗାଈ ରଖିଛନ୍ତି। ଚାଷରେ କୌଣସ ପ୍ଲାଷ୍ଟିକ ବ୍ୟବହାର ହେଉନି, ଏପରି କି ଟ୍ରାକ୍ଟର ଦ୍ୱାରା ଚାଷ କରାଯାଉନାହିଁ। ଚାଷ କେବଳ ପାରମ୍ପରିକ ପଦ୍ଧତିରେ କରାଯାଉଛି । ସେ ମଧ୍ୟ ଫାର୍ମ ଟୁରିଜମ୍‌କୁ ପ୍ରୋତ୍ସାହିତ କରୁଛନ୍ତି। ଜୈବିକ ଖତ,କୀଟନାଶକ ଏବଂ ବାୟୋଗ୍ୟାସ ପ୍ରସ୍ତୁତ କରି ନିଜେ ଚାଷରେ ବ୍ୟବହାର କରିବା ସହ ଅନ୍ୟ ଚାଷୀମାନଙ୍କୁ ତାହା ଶସ୍ତାରେ ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ନଭେମ୍ବର ୧୯୯୮

- ସେଣ୍ଟ୍ରାଲ ପାକିସ୍ତାନର ଯୋହାରବାଦଠାରେ ଥିବା ଏକ ରିଆକ୍ଟର କେନ୍ଦ୍ରରେ ପ୍ଲୁଟୋନିୟମ ଉତ୍ପାଦନ ଆରମ୍ଭ।
- ଆସାମର କଙ୍ଗୋଠାରୁ ଦିଫୁ ଏବଂ କୁମାରଘାଟକୁ ଅଗରତାଲାକୁ ସଂଯୋଗ କରୁଥିବା ଦୁଇଟି ରେଳପଥର ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର ରେଳବାଇ ମନ୍ତ୍ରୀ ନିତୀଶ କୁମାର ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | 9 | 7 | | 3 |
| | | 7 | | 5 | | 9 | | |
| 6 | | | 8 | | | | 4 | |
| 3 | | | 4 | | | | | 6 |
| | | 1 | | | 5 | | | 7 |
| 4 | 7 | | 3 | | | | | |
| | | | | 8 | | | | |
| | 5 | 4 | 9 | | | | | |
| | 8 | | | 3 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 6 | 3 | 2 | 9 | 1 | 7 | 4 |
| 4 | 2 | 1 | 8 | 7 | 6 | 9 | 3 | 5 |
| 3 | 7 | 9 | 4 | 1 | 5 | 2 | 8 | 6 |
| 6 | 9 | 8 | 1 | 4 | 3 | 5 | 2 | 7 |
| 5 | 3 | 2 | 6 | 9 | 7 | 4 | 1 | 8 |
| 7 | 1 | 4 | 2 | 5 | 8 | 6 | 9 | 3 |
| 2 | 6 | 3 | 5 | 8 | 1 | 7 | 4 | 9 |
| 1 | 8 | 7 | 9 | 6 | 4 | 3 | 5 | 2 |
| 9 | 4 | 5 | 7 | 3 | 2 | 8 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ ବିଭାଗର ଅବହେଳା

ମହାଶୟ,
ପ୍ରତିବର୍ଷ ଅକ୍ଟୋବର ୯ରେ ବିଶ୍ୱ ଡାକ ଦିବସ ପାଳିତ ହୋଇଆସୁଛି। କିନ୍ତୁ ଡାକ ବିଭାଗର ବହୁ ଅବହେଳା ପରିଲକ୍ଷିତ ହେଉଛି। ଶେରଗଡ଼ ଛକର ଏକ ଟେଲିଫୋନ ଖୁଣ୍ଟରେ ଗୋଟିଏ ଡାକବାକ୍ସ ଲାଗିଛି ଓ ତାହାର ଚାବି ନାହିଁ। ବାଲେଶ୍ୱର ଜିଲାପାଳଙ୍କ ସରକାରୀ ବାସଭବନ ନିକଟରେ ଏକ ରଙ୍ଗବିହୀନ ଡାକବାକ୍ସ ବି ଅଛି। କିନ୍ତୁ ସେଠାରୁ କେବେ ଚିଠି ଖୋଲାହେବାର ଦେଖାଯାଏ ନାହିଁ। ଅନେକ ପୋଷ୍ଟ ଅଫିସରେ ଏଡି(ରେଜିଷ୍ଟ୍ରି ପୋଷ୍ଟରେ ଗୁନ୍ଥାଯାଏ) କାର୍ଡ ମିଳେ ନାହିଁ। ତାହାକୁ ଲୋକେ ବହି ଦୋକାନରୁ କିଣନ୍ତି। ୧୦ ଟଙ୍କିଆ ଆଇପିଓ ମଧ୍ୟ ମିଳୁନାହିଁ। ଲୋକେ ବାଧହୋଇ ୫୦ ଟଙ୍କାର ଆଇପିଓ (ରାଇଟ୍ ଟୁ ଇନ୍‌ଫର୍ମେଶନରେ ଲାଗିଥାଏ) ଲଗାଉଛନ୍ତି। ୨୫ ପଇସିଆ ମେଘଦୂତ ପୋଷ୍ଟକାର୍ଡ ମିଳୁନାହିଁ। ତେବେ ଡାକ ବିଭାଗର ଏଭଳି ଅବହେଳା କାହିଁକି ?

**- କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏହି ଯେ ପାହାଡ଼ ଆକାଶେ ଟେକିଛି ଶିର
ଯୋଗୀର ଧୂସର ଧିଆନ ସମାନ ଥିର!
ଉପହସି କେତେ ଝଞ୍ଜା ବତାସ ଖରା
କେତେ ବସନ୍ତେ ତୁଟିନି ଧିଆନ ପରା!
କମ୍ପନହୀନ ବିପୁଳ ବକ୍ଷ ତୁଲେ
ଉପବୀତ ସମ ସରୁ ରଥଟିଏ ଝୁଲେ।
(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଓଲଟିଲା ପିକଅପ୍ ଭ୍ୟାନ୍, ଚାଳକ ଗୁରୁତର



ପାଣିକୋଇଲି,୧୮।୧୧(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମସୁଦପୁର ନିକଟରେ ଭାରସାମ୍ୟ ହରାଇ ଏକ ପିକ୍ଅପ୍ ଭ୍ୟାନ୍ ଓଲଟି ପଡ଼ିଛି। ଫଳରେ ଭ୍ୟାନ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଶନିବାର ଅପରାହ୍ନରେ ପିକ୍ଅପ୍ ଭ୍ୟାନ ନମ୍ବର ଓଡି-୩୫-ଡି-୩୬୪୭ ଭୁବନେଶ୍ୱରରୁ ଆନନ୍ଦପୁର ଯାଉଥିଲା। ସାହାପୁର ନିକଟରେ ଆଗ ଟାୟାର ଫାଟିବାରୁ ଏହି ଦୁର୍ଘଟଣା ଘଟିଥିଲା।ଳ ଫଳରେ ଚାଳକ ପ୍ରକାଶ ଚନ୍ଦ୍ର ପୃଷ୍ଟି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସଯୋଗେ ଚିକିତ୍ସାଳୟକୁ ପଠାଇଥିଲେ। ପରେ ପୋଲିସ ପହଞ୍ଚି ଗାଡ଼ିଟିକୁ ଜବତ କରି ତଦନ୍ତ ଜାରି ରଖିଛି।

### ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି,୧୮।୧୧(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ମଣିପୁର ଗ୍ରାମ ନିକଟରେ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲା ଶାସନପଦା ଗ୍ରାମର ଭାଗିରଥି ବରାଳଙ୍କ ପୁଅ ସୁଜୟ ବରାଳଙ୍କ ଅଭିଯୋଗ ମୁତାବକ, ସେ ତାଙ୍କ ବାଇକ ନମ୍ବର ଓଆର୍-୦୧-ପି-୬୪୦୧କୁ ମଣିପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଘରେ ଭଡାରେ ରହୁଥିବାରୁ ସେଠାରେ ବାଇକ୍ ରଖିଥିଲେ। ମାତ୍ର ଘରୁ ବାହାରକୁ ଆସି ଦେଖିବା ବେଳକୁ ବାଇକ ନ ଥିଲା। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ପାଣିକୋଇଲି,୧୮।୧୧(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ରାମପୁର ଶଗଡି ଗ୍ରାମରେ ଜଣେ ମହିଳାଙ୍କୁ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଗ୍ରାମର ଜାହାଙ୍ଗିର ବେଗଙ୍କ ସ୍ତ୍ରୀ ଆସିଆ ବିବିଙ୍କ ଅଭିଯୋଗ ମୁତାବକ, ଏକ ସାଇକେଲ ଭାଙ୍ଗିବା ଘଟଣାକୁ ନେଇ ମିର୍ଜା ରଜାକ ବେଗ ଓରଫ୍ ପେଣ୍ଟୁ ଓ ତାଙ୍କ ସ୍ତ୍ରୀ ରଇସା ବିବି ଏବଂ ତାଙ୍କ ସାନଭାଇ ଇସାକ ବେଗ ପ୍ରମୁଖ ଆସିଆ ଓ ତାଙ୍କ ଝିଅ ନସିଆ ବେଗମଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଛନ୍ତି।

### ଦୁର୍ଘଟଣାରେ ମହିଳା ଗୁରୁତର

ବାଲିଚନ୍ଦ୍ରପୁର,୧୮।୧୧(ଗିରିଜା ପ୍ରସାଦ ସାହୁ): ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ଚାରିନଙ୍ଗଳ-ନଳୀପୁର ଛକ ମଧ୍ୟବର୍ତ୍ତୀ ତାରିଣୀ ଢାବା ସମ୍ମୁଖରେ ଶନିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣଙ୍କ ରାସ୍ତା ପାର ହେଉଥିବା ସମୟରେ ଏକ ଅଜଣାଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଥିଲା। ମହିଳାଙ୍କ ପରିଚୟ ହସ୍ତଗତ ହୋଇ ନ ଥିବା ପୋଲିସ କହିଛି।

# ବେଆଇନ ବାଲି ଉଠାଣକୁ ନେଇ ଜନ ଅସନ୍ତୋଷ

ପ୍ରୀତିପୁର,୧୮।୧୧(ସୁଶାନ୍ତ ବେହୁରିଆ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ଜରି ଗ୍ରାମର ମାଳିଦଣ୍ଡା ଘାଟରୁ ବେଆଇନ ବାଲି ଉଠାଣକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଖରସ୍ରୋତା ନଦୀ ଅବବାହିକାରୁ ଉକ୍ତ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ଲୋକ ଶହ ଶହ ଟ୍ରିପ ବାଲି ଉଠାଇ ବାହାରେ ଚଡ଼ା ଦରରେ ବିକ୍ରି କରୁଥିବା ବିଞ୍ଝାରପୁର ତହସିଲଦାର, ବିଞ୍ଝାରପୁର ଜଳସେଚନ ଉପ ବିଭାଗ ସହକାରୀ ଯନ୍ତ୍ରୀ ଓ ବିଞ୍ଝାରପୁର ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ହେଲେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ଜରି ମାଳିଦଣ୍ଡା ନିକଟରେ ଖରସ୍ରୋତା ନଦୀ ସମ୍ପୂର୍ଣ୍ଣ ବକ୍ର ଥିବାରୁ ଏହିଠାରୁ ବାଲି ଉଠିଲେ ନଦୀର ଗତି ପଥ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ସେହିପରି ବନ୍ୟାର ସୁରକ୍ଷା ପାଇଁ ନିର୍ମିତ ଜରି ଗାଇଡ୍ ବନ୍ଧ ପ୍ରତି ବିପଦ ରହିଛି। ତେଣୁ ଏଠାରୁ ବାଲି



ଟ୍ରାକ୍ଟର ଯୋଗେ ବାଲି ଚାଲାଣ କରାଯାଉଛି।

ଉଠାଣକୁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଏହାବ୍ୟତୀତ ଗାଁ ଦେଇ ବାଲି ଟ୍ରାକ୍ଟର ଯାତାୟାତ କରୁଥିବାରୁ ନଦୀ ତୁଠକୁ ସ୍ନାନ କରିବାକୁ ଯାଉଥିବା ଲୋକେ ହଇରାଣ ହରକତ ହେଉଛନ୍ତି। ଶବ୍ଦ ପ୍ରଦୂଷଣ ସାଙ୍ଗକୁ ବାଲି ଉଡୁଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଲୋକଙ୍କ

- ସବୁଜାଣି ପ୍ରଶାସନ ନୀରବ
- ତୁରନ୍ତ ବେଆଇନ ବାଲି ପରିବହନ ବନ୍ଦ ଦାବି

ଅଭିଯୋଗ ପାଇ ଘଟଣାସ୍ଥଳକୁ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ, ରଜସ୍ୱ ନିରୀକ୍ଷକ ଆସି ଟ୍ରାକ୍ଟର ବାଲି ବୋହିବାର ଫଟୋ ଉଠାଇ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଏଯାଏ ସକ୍ଷମ ହୋଇପାରିନାହିଁ। ଏବେ ବାଲି ଭଳି ଲଘୁ ଜାତ ପଦାର୍ଥର ରକ୍ଷଣ ବକ୍ଷଣ ଦାୟିତ୍ୱ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିବାରୁ ବିଞ୍ଝାରପୁର ରାଜସ୍ୱ ବିଭାଗ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଖଣି ବିଭାଗ ଏହାର ତଦନ୍ତ କରିବ ବୋଲି ସଫେଇ ଦେଉଛି। ଏଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାର ମାଳିଦଣ୍ଡାଠାରେ ଥିବା ନଦୀ ପଠାରେ ଏକ ମେଗା ଜଳସେଚନ ପ୍ରକଳ୍ପ କରିବାକୁ ସ୍ଥାନ ନିରୂପଣ କରି ଏହାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯଦି ଏଠାରୁ ଦୈନିକ ଶହଶହ ଟ୍ରିପ ବାଲି ବେଆଇନ ଭାବେ ପରିବହନ କରାଯାଏ ତେବେ ଏହି ଉଠା ଜଳସେଚନ ପ୍ରକଳ୍ପ ପ୍ରତି ବିପଦ ଦେଖାଯିବ। ତେଣୁ ତୁରନ୍ତ ଏଠାରୁ ବାଲି ଉଠାଣ ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ତହସିଲଦାର କୈଳାଶ ଚନ୍ଦ୍ର ମହାଳିକଙ୍କୁ ପଚାରିବାରୁ ଖୁବ୍ଶୀଘ୍ର ବେଆଇନ ବାଲି ଉଠାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅଭିଯୋଗ ଉପରେ ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ। ଏବେ ଦେଖିବାକୁ ଅପେକ୍ଷା କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

### ବରୁଆଁ ଛକ ଲକ୍ଷ୍ମୀ ନାରାୟଣ ପୂଜା ଉଦ୍ଯାପିତ



ଯାଜପୁର ସଦର,୧୮।୧୧ (ସମର ବିଜୟ ଶରଣ): ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଛକରେ ଚଳିତ ବର୍ଷ ମହା ଆଡ଼ମ୍ବରରେ ଲକ୍ଷ୍ମୀ ନାରାୟଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଦୀପାବଳି ଦିନ ପୂଜା ଆରମ୍ଭ ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ନୃତ୍ୟ ଓ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଲକ୍ଷ୍ମୀ ନାରାୟଣ ପୂଜା କମିଟି ସଭାପତି ଅରୁଣ କୁମାର ଦାସ ଓ ସମ୍ପାଦକ ସୁମନ୍ତ ଦାସ(ମୁନା)ଙ୍କ ସହ କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ପୂଜା କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା କରାଯାଇଥିଲା।

# ଆବାସ ପାଇଥିବା ବୁଣାକାର ପରିବାରକୁ ମିଳିବ ତନ୍ତଶାଳା

ରସୁଲପୁର,୧୮।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଞ୍ଚଳର ବୁଣାକାର ଗାଁ ଭାବେ ପରିଚିତ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗାଁର ବୁଣାକାର ପରିବାରକୁ ତନ୍ତଶାଳା ମିଳିବ। ତନ୍ତଶାଳା ନ ଥିବା ଓ ପ୍ରଧାନମନ୍ତ୍ରୀ ଆବାସ ହାତେଇଥିବା ବୁଣାକାର ପରିବାରକୁ ଏଥିରେ ସାମିଲ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ଖବର ଜାଣିବା ପରେ ୧୫୦୦ ବୁଣାକାର ପରିବାର ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ବୁଣାକାର ନେତା ରମେଶ ଦାସ, ଅଶୋକ କୁମାର ଗୁଇଁ, ମକରଧ୍ୱଜ ଗୁଇଁ, ଗଗନ ଗୁଇଁ, ଦଶରଥ

**ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଗୋପାଳପୁରର ବୁଣାକାର ପରିବାର**

ଚାନ୍ଦ, ସଂଯୁକ୍ତା ଚାନ୍ଦ ଓ ମାଳତି ଦତ୍ତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ ଜଣାଇବା ସହ ବୁଣାକାରଙ୍କ ଆଉ ସବୁ ସମସ୍ୟା ଦୂର କରିବା ଦିଗରେ ମୁଖ୍ୟମନ୍ତ୍ରୀ ଆଗକୁ ଗୁରୁତ୍ୱ ଦେବେ ବୋଲି ଆଶାବାଦୀ ଅଛନ୍ତି।

ପୂର୍ବରୁ ଆବାସ ପାଉଥିବା ପରିବାରକୁ ତନ୍ତଶାଳା ମିଳୁ ନ ଥିଲା। ବହୁ ପରିବାର ଘର ହାତେଇ ତନ୍ତଶାଳା ପାଇବାରୁ ବଞ୍ଚିତ ହେଉଥିଲେ। ଆଉ କେତେଜଣ ତନ୍ତଶାଳା ପାଇବା ପରେ ଘର ପାଇବାରୁ ବଞ୍ଚିତ ହୋଇ ଆସୁଥିଲେ। ବୁଣାକାରଙ୍କ ଜୀବନ ଓ ଜୀବିକା ଗୋଟିଏ ଘର ଭିତରେ ସମ୍ଭବପର ନୁହେଁ। ଯିଏ ବାସଗୃହ ପାଇବେ ସେ ମଧ୍ୟ ତାଙ୍କ ବେଉସା ବଞ୍ଚାଇ ରଖିବା ପାଇଁ ତନ୍ତଶାଳା ପାଇବାକୁ ଯୋଗ୍ୟ ବୋଲି ସରକାର ଚିନ୍ତା କରି ଏଭଳି ପଦକ୍ଷେପ ନେଇଛନ୍ତି। ଦୀର୍ଘଦିନ ହେଲା ଏତାଦୃଶ ଦାବି ବୁଣାକାର ନେତାମାନେ ସରକାରଙ୍କ ଆଗରେ ରଖି ଆସୁଥିଲେ। ସରକାରଙ୍କ ବୁଣାକାରମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ତନ୍ତଶାଳା ନିର୍ମାଣ ନିମନ୍ତେ ୧.୨୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବେ ବୋଲି ସୂଚନା ମିଳିଛି। ଗୋପାଳପୁର ଗାଁରେ ବୁଣାକାରମାନଙ୍କ ଭିଟାମାଟିର(ଘରବାରି ଜମି) ସମସ୍ୟା ଥିବାରୁ ସେମାନେ ତନ୍ତଶାଳା ନିଜଘରେ ନିର୍ମାଣ କରିବାକୁ ଇଚ୍ଛା ପ୍ରକଟ କରୁଛନ୍ତି। ଏ ଦିଗରେ ସେମାନଙ୍କୁ ଅନୁମତି ପ୍ରଦାନ ପାଇଁ ବୁଣାକାର ସମ୍ପ୍ରଦାୟ ପକ୍ଷରୁ ନିବେଦନ କରାଯାଇଛି।

### ନ୍ୟାୟ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ନିତ୍ୟାନନ୍ଦ



ପାଣିକୋଇଲି,୧୮।୧୧(ବିକାଶ ମଲ୍ଲିକ): ମଙ୍ଗଳପୁର ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ନିତ୍ୟାନନ୍ଦ ମଲ୍ଲିକ ପୁଅ ଓ ବୋହୂଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଛନ୍ତି। ତେଣୁ ସେ ନ୍ୟାୟ ପାଇବା ପାଇଁ ଥାନାକୁ ଯାଇ ନିରାଶ ହେବାପରେ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ପରିବାର ମଧ୍ୟରେ କହଳ ଲାଗିବାରୁ ସେ ସମସ୍ତ ଜମିବାଡ଼ିକୁ ପୁଅମାନଙ୍କ ମଧ୍ୟରେ ସମାନଭାବେ ଭାଗବଣ୍ଟା କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ମଝିଆ ପୁଅ ଓ ବୋହୂ ତାଙ୍କୁ ଚପଲରେ ମାଡ଼ ମାରିଥିଲେ। ଏନେଇ ନିତ୍ୟାନନ୍ଦ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କିଛି ନ ବୁଝିବାରୁ ସେ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନିଜ ଦୁଃଖ ଜଣାଇଛନ୍ତି।

# ବିଦ୍ୟାଳୟରେ ବିଜ୍ଞାନ, ଖାଦ୍ୟମେଳା

ବଡ଼ଚଣା,୧୮।୧୧(ଦିଲୀପ କୁମାର ମହାନ୍ତି):

ଚଣ୍ଡିଖୋଲ ଡିୟୁ ପବ୍ଲିକ୍ ସ୍କୁଲରେ ଏକ ବିଜ୍ଞାନ ପ୍ରଦର୍ଶନୀ ଓ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ପ୍ରଦର୍ଶନୀକୁ ଏନ୍ସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିସହିତ ବୈଷୟିକ ଜ୍ଞାନକୌଶଳକୁ ଉନ୍ନତ କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ଯୁବପିଢ଼ିଙ୍କୁ ଆହ୍ୱାନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ଓ ଗବେଷଣାତ୍ମକ ଜ୍ଞାନର ବିକାଶ କରିଥାଏ ବୋଲି କହିଥିଲେ। ମେଳାରେ ଇଂଲିଶ, ସାହିତ୍ୟ, ହିନ୍ଦୀ, ବିଜ୍ଞାନ, ପରିବେଶ, ବିଦ୍ୟୁତ୍ ଶକ୍ତି, ଅକ୍ଷୟ ଶକ୍ତି, ପୁନଃ ଚକ୍ରଣ, ଚାରାରୋପଣ, ଜୀବଜଗତ ଓ ମହାକାଶ ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପିଲାମାନଙ୍କ ଦ୍ୱାରା ସୁସ୍ୱାଦୁ ଖାଦ୍ୟ ଓ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟ ନିର୍ଦ୍ଦେଶକ ଡ. ବିଶ୍ୱଜିତ ମହାପାତ୍ର, ସମ୍ପାଦକ, ରଞ୍ଜିତ ମହାପାତ୍ର ଓ ଅଧ୍ୟକ୍ଷା ସୁଜାତା ମହାପାତ୍ର ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ମେଳାକୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସୁଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ ନଳିନୀକାନ୍ତ ମୁଦୁଲି ଧନ୍ୟବାଦ ଦେଇଥିଲେ।



ଚଣ୍ଡିଖୋଲ ଡିୟୁ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ରୀ ଓ ଅନ୍ୟମାନେ।

# ପାଣିକୋଇଲି ସମବାୟ ସମିତିରେ ସମବାୟ ସପ୍ତାହ




ସମବାୟ ସପ୍ତାହ ଉତ୍ସବରେ ଯୋଗଦେଇଥିବା ସମବାୟ ସମିତିର କର୍ମକର୍ତ୍ତା ଓ ଚାଷୀମାନେ।

ପାଣିକୋଇଲି,୧୮।୧୧(ବିକାଶ ମଲ୍ଲିକ):

ପାଣିକୋଇଲି ପ୍ରାଥମିକ ସେବା ସମବାୟ ସମିତିଲିଃରେ ସମବାୟ ସପ୍ତାହ ପାଳିତ ହେବା ସହ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର କୃଷି ଉଦ୍ୟୋଗୀଙ୍କ ପାଇଁ ଆଣିଥିବା ଅଭିବୃଦ୍ଧି, କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଯୋଜନା, ବୃହତ ଉଠା ଜଳସେଚନ ଅଞ୍ଚଳରେ ଅଣଧାନ ଫସଲ ପାଇଁ ଆର୍ଥିକ ସହାୟତା, ଦକ୍ଷତା ବୃଦ୍ଧି ଯୋଜନା, କ୍ଷୁଦ୍ର, ନାମମାତ୍ର ଏବଂ ଭୂମିହୀନ କୃଷକ ପରିବାରକୁ ସଶକ୍ତୀକରଣ ପାଇଁ ଏକ ପ୍ରାମାଣିକ ତଥ୍ୟାବଳୀ ସମ୍ପର୍କରେ ଅବଗତ କରାଯାଇଥିଲା। ବୈଠକରେ ସମ୍ପାଦକ ସୁଦର୍ଶନ ବେହେରା, ବୋର୍ଡ ସଦସ୍ୟ କରୁଣାକର ମାଝି, ସୂର୍ଯ୍ୟମଣି ପଣ୍ଡା, କୃଷ୍ଣଚନ୍ଦ୍ର ବିଶ୍ୱାଳ, ରାମଚନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ଅଶୋକ ବେହେରା, ଲକ୍ଷ୍ମୀଧର ପରିଡ଼ା, ଜୟନ୍ତୀ ସାହୁ, ମାନସୀ ସାହୁ, ଦୀପକ ରାୟ, ଜୟୀରାମ ସାହୁ ଓ ନାଣ୍ଟୁ ମଲ୍ଲିକଙ୍କ ସମେତ ଚାଷୀ ଏବଂ ସମସ୍ତ ବୋର୍ଡ ସଭ୍ୟ ଯୋଗଦେଇଥିଲେ। ପୁରଞ୍ଜନ ପଣ୍ଡା, ପ୍ରମିତା ପଲେଇ, ସୁରେନ୍ଦ୍ର ଭାରତୀ ଓ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକ ମଞ୍ଚର ଐତିହାସିକ ପୀଠ ପରିଦର୍ଶନ

ସିଂହପୁର,୧୮।୧୧(ଅନଙ୍ଗ ଉଦୟ ବେଉରିଆ): ଜାତୀୟ ଗ୍ରନ୍ଥାଗାର ସପ୍ତାହ ପାଳନ ଅବସରରେ ସିଂହପୁର ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଐତିହାସିକ ପୀଠ ପରିଦର୍ଶନ କରିଛନ୍ତି। ମଞ୍ଚ ସମ୍ପାଦକ ସୁଶାନ୍ତ ନାୟକଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଉପେନ୍ଦ୍ର ନାଥ ଧଳ, ଅଜୟ କୁମାର ଓଝା, ମଞ୍ଚ ସଭାପତି ପଦ୍ମନାଭ ଦାଶ, ଘନଶ୍ୟାମ ଦାସ, ପୂର୍ବତନ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ, ଗନ୍ଧର୍ବ ଦାସ, ନାରାୟଣ ଚନ୍ଦ୍ର ଦାସ, ପ୍ରଦୀପ କୁମାର ଜେନା, କଳାକାର ପାତ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ଜ୍ଞାନେନ୍ଦ୍ର ବେଉରିଆ ପ୍ରମୁଖ ଝଙ୍କଡ଼ ମା' ଶାରଳା, ଗୋରଖ ନାଥ ପୀଠ, ଛତିଆ ମହାପୁରୁଷ ହାଡ଼ିଦାସ ପୀଠ ବୁଲି ପୁସ୍ତକ ଓ ତଥ୍ୟ ସଂଗ୍ରହ କରିଛନ୍ତି।

# ବଡ଼ଚଣା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବଡ଼ଚଣା,୧୮।୧୧(ଦିଲୀପ କୁମାର ମହାନ୍ତି) ବଡ଼ଚଣା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସ୍ଥାୟୀ ସଭାପତି ମନୋରମା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଚଳିତ ବର୍ଷ ମହୋତ୍ସବକୁ ଆକର୍ଷଣୀୟ ଭାବେ ପାଳନ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ ଦୀର୍ଘ ଦୁଇ ବର୍ଷ ଧରି ଖାଲି ପଡିଥିବା ସମ୍ପାଦକ ଓ ଉପସଭାପତି ପଦ ପୂରଣ କରାଯାଇଥିଲା। ସମ୍ପାଦକ ଭାବେ ଦିଲୀପ ଚୌଧୁରୀ ଓ ଉପସଭାପତି ଭାବେ ପଦ୍ମନାଭ ପଣ୍ଡା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଚଳିତ ବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ସହିତ ବଡ଼ଚଣା ଅଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା, ପୌରାଣିକ, ଐତିହାସିକ ଓ ପର୍ଯ୍ୟଟନ କ୍ଷେତ୍ର ଗୁଡିକର ପ୍ରଚାର ପ୍ରସାର ଦିଗରେ ମହୋତ୍ସବ କମିଟି ଉଦ୍ୟମ ଜାରି ରଖିବ ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷ ମତବ୍ୟକ୍ତ କରିଥିଲେ।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବଡ଼ଚଣା ମହୋତ୍ସବ କମିଟିର କର୍ମକର୍ତ୍ତା।

# ନୂତନ ଭୋଟରଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମବରଦା,୧୮।୧୧(ଯଯାତି କେଶରୀ ବେହେରା)

ନୂତନ ଭୋଟରଙ୍କୁ ସଚେତନତା କରାଇବା ନିମନ୍ତେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଯୁକ୍ତ ୩ ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ବିପିନ ବହାରୀ ଦେଓ ଉପସ୍ଥିତ ରହି ନୂତନଭୋଟରଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ରସୁଲପୁର ମଣ୍ଡଳ ସହଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି ଏବଂ ସୁପରଭାଇଜର ଦେବରାଜ ମିଶ୍ର ଉପସ୍ଥିତ ରହି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ କିପରି ଘରେ ବସି ଅନଲାଇନ




ଅତିଥିମାନେ ଭୋଟରଙ୍କୁ ସଚେତନ କରାଉଛନ୍ତି।

ମାଧ୍ୟମରେ ନିଜ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିପାରିବେ ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଏଲଓ ଅଫଜଲ ଅଲ୍ଲୀ ଓ ପବିତ୍ର ମୋହନ ରଥ ଉପସ୍ଥିତ ଥିଲେ। ଅଧ୍ୟାପକ ରଶ୍ମୀକାନ୍ତ ଦାଶ, ସୂର୍ଯ୍ୟକାନ୍ତ ରାଉତ, ସୌଭାଗ୍ୟ ସାହୁ ଓ ଶିବପ୍ରଶାଦ ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଅମୂଲ୍ୟ ପତି ଧନ୍ୟବାଦ ଦେଇଥିଲେ।

# ବ୍ରହ୍ମଚାରୀଙ୍କ ଆଦର୍ଶରେ ଶିକ୍ଷକ ବ୍ରତୀ ହେବାକୁ ଆହ୍ୱାନ

**ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀ ପାଳିତ**

ରସୁଲପୁର,୧୮।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ବନମାଳୀ ବ୍ରହ୍ମଚାରୀ ଶିକ୍ଷକ ଭବନଠାରେ ଶନିବାର ପୂର୍ଣ୍ଣାତ୍ମା ବନମାଳୀ ବ୍ରହ୍ମଚାରୀଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇ ଥିବା ବକ୍ତାମାନେ ବ୍ରହ୍ମଚାରୀଙ୍କ ନୀତି ଆଦର୍ଶରେ ଶିକ୍ଷକସମାଜ ବ୍ରତି ହୋଇ କାର୍ଯ୍ୟକଲେ ମହାତ୍ମାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ରଖିଥିଲେ। ଜିଲା ଶିକ୍ଷକ ମହାସଂଘ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି କୈଳାସ ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଶିକ୍ଷକ ମହାସଂଘ ସାଧାରଣ ସମ୍ପାଦକ ଦୁଷ୍ମନ୍ତ ନାଏକ, ମୁଖ୍ୟବକ୍ତା ରାଜ୍ୟ ସଂଘ ସଭାପତି ଧନଞ୍ଜୟ କେଶରୀ ରାଉତରାୟ, ସମ୍ମାନିତ ଅତିଥି ଅଲଓଷ୍ଟା ଜିଲା ସମ୍ପାଦକ ଗଗନ ବିହାରୀ ଜେନା, ଜିଲାର ବିଭିନ୍ନ ବ୍ଲକରୁ ଯୋଗଦେଇ ଥିବା ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ, ରଞ୍ଜନ ସାହୁ, ପୀତାମ୍ବର ସ୍ୱାଇଁ, ସୁରମୋହନ ମହାପାତ୍ର, ବଳରାମ ଆଏଚ, କୈଳାସ ଚନ୍ଦ୍ର ନାୟକ, ସୁନାକର ସାହୁ, ବିଜୟ ଶତପଥୀ, ଅରୁଣ କୁମାର ସ୍ୱାଇଁ, ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗଦେଇ ବ୍ରହ୍ମଚାରୀଙ୍କ ଗୁଣଗାନ କରିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଭିନ୍ନ ବ୍ଲକ ଅଞ୍ଚଳର ଶିକ୍ଷକ ନେତାମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲା ଶିକ୍ଷକ ମହାସଂଘ ସମ୍ପାଦକ ମଳୟ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ ଶିକ୍ଷକ ସଂଘର ଉପଦେଷ୍ଟା ପ୍ରଦୀପ କୁମାର ସାମଲ ଧନ୍ୟବାଦ ଦେଇଥିଲେ।



ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ନଦୀକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

ପଟ୍ଟାମୁଣ୍ଡାଇ,୧୮।୧୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ଗ୍ରାମର ବ୍ରାହ୍ମଣୀ ନଦୀରେ ଗାଧୋଇବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଅଣ୍ଡରା ଗାଁର ବିକ୍ରାନ୍ତ ମଲିକ (ବିଟ୍ଟୁ) । ବୟସ ୪୭ । ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଓ ଗ୍ରାମବାସୀ ନଦୀରେ ପଶି ଖୋଜାଖୋଜି କରିଥିଲେ ମଧ୍ୟ ଏହି ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳିନାହିଁ । ବିଟ୍ଟୁ ସକାଳୁ ବ୍ରହ୍ମଣୀ ନଦୀ ମାତାମଠପାଖ ତୁଠକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ଦୀର୍ଘ ସମୟ ପରେ ବି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ନଦୀ କୂଳରେ ତାଙ୍କ ମୋଟର ସାଇକେଲ ଓ ପୋଷାକ ମିଳିଥିବାରୁ ଆଶଙ୍କା ବଢ଼ିଛି । ସେ ଗାଧୋଉଥିବା ବେଳେ କୁମ୍ଭୀର ଝାମ୍ପି ନେଇଥିବା ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି ।

### ଭାଜପାର କୁଜଙ୍ଗ ବ୍ଲକ ଘେରାଉ



କୁଜଙ୍ଗ,୧୮।୧୧ (ମନୋଜ ପ୍ରଧାନ)

ରାଜ୍ୟ ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାର କରୁଥିବା ଅଭିଯୋଗ କରି ପାରାଦୀପ ନିର୍ବାଚନ ମଣ୍ଡଳୀ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଶନିବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରଶାନ୍ତ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ପ୍ରତିବାଦ ସଭାରେ ସ୍ୱାଇଁ କହିଥିଲେ, ଏହି ବ୍ଲକରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡିପଡିଛି। ଏସବୁ ଦୁର୍ନୀତିର ବିଧିବଦ୍ଧ ତଦନ୍ତ କରିବାକୁ ଦାବି କରି ଭାଜପା କର୍ମୀମାନେ ବିକ୍ଷୋଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତିପଟ୍ଟନାୟକ, ତପନ ତ୍ରିପାଠୀ,ଗୋପିଆପୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ନିରଞ୍ଜନ ପାତ୍ର, ଚୈତନ୍ୟ ଖଟୁଆ, ନୃସିଂହ ଚୌଧୁରୀ, ଦୁଷ୍ମନ୍ତ ନାଥଶର୍ମା, ଶୁଶ୍ରୀ ପିୟଦର୍ଶିନୀ, ଦୀପ୍ତିମୟୀ ବସ୍ତିଆ, ମାମାଲି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଯାଦବ ମହାସଭାର ଅହିର୍ ସୌର୍ଯ୍ୟ ଦିବସ

ବାଲିକୁଦା,୧୮।୧୧ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଯାଦବ ମହାସଭା ତରଫରୁ ମାଛଗାଁ ନିକଟସ୍ଥ ଖାଲଗାଁ ପଞ୍ଚାୟତ ମହାବୀର ମନ୍ଦିର ପରିସରରେ ଅହିର ସୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ୧୯୬୨ ନଭେମ୍ବର ୧୮ରେ ଭାରତ ଚାଇନା ମଧ୍ୟରେ ଯୁଦ୍ଧ ହୋଇଥିଲା। ସେହି ଯୁଦ୍ଧରେ ବୀର୍ ଯାଦବ ଜାତିର ୧୧୪ଜଣ ସୈନିକ ଶହୀଦ ହୋଇଥିଲେ। ଭାରତ ସୀମାର ରେଜାଙ୍ଗଲାଠାରେ ଥିବା ଅହିର ସ୍ତମ୍ଭ ଏହାର ମୁକସାକ୍ଷୀ । ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହୀଦ ସୈନିକମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏନେଇ ମାଛଗାଁ ବଜାରରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଖାଲଗାଁ ମହାବୀର ମନ୍ଦିର ନିକଟରେ ପହଞ୍ଚି ଥିଲା। ସେଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ବ୍ଲକ ଯାଦବ ମହାସଭାର ସଭାପତି ବାବାଜୀ ଚରଣ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ଉପସଭାପତି ଶରତ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବାହାଲିଆ, ଅଧ୍ୟାପକ ଅକ୍ଷୟ କୁମାର ଜେନା, ନରେଶ ଚନ୍ଦ୍ର ଦାସ, ସୁଶାନ୍ତ କୁମାର ଦାସ, ଚିତ୍ତ ରଞ୍ଜନ ଦାସ, ବିଷ୍ଣୁ ପ୍ରସାଦ ଦାସ, ଉଲାସ ଚନ୍ଦ୍ର ଦାସ, ପୁରୁଷୋତ୍ତମ ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସନ୍ଧ୍ୟାରେ ମହାବୀର ମନ୍ଦିର ପରିସରରେ ଏକ ଦୀପଦାନ କାର୍ଯ୍ୟକ୍ରମ କରାଯାଇଥିଲା।

# ଆରମ୍ଭ ହେଲା ଚିତ୍ରକଳା ଉତ୍ସବ 'କାନ୍‌ଭାସରେ ଭିତରକନିକା'



ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ରାଜନଗର, ୧୮।୧୧(ଭାସ୍କର ରାଉତରାୟ)

ଭିତରକନିକା ଅପରୂପ ସୌନ୍ଦର୍ଯ୍ୟକୁ ନେଇ ଏକ ଚିତ୍ରକଳା ଉତ୍ସବ 'କାନଭାସରେ ଭିତରକନିକା' ଶନିବାର ଠାରୁ ଆରମ୍ଭ ହୋଇଛି। ଏହା ୨ଦିନ ଧରି ଚାଲିବ। କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ଭିତରକନିକା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦ୍‌ଘାଟନ କରିଥିଲେ। ଭିତରକନିକାର ପର୍ଯ୍ୟଟନ ସମ୍ଭାର, ପ୍ରାକୃତିକ ସୌନ୍ଦର୍ଯ୍ୟ, ପ୍ରକୃତି-ମଣିଷ ସହାବସ୍ଥାନ ଓ ପ୍ରକୃତି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଏହିଭଳି କାର୍ଯ୍ୟକ୍ରମ ନିଶ୍ଚିତ ସହାୟକ ହେବ ବୋଲି ବିଧାୟକ ସାହୁ ଆଶା ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଅତୁଳ ବଳ ଯୋଗଦେଇ ପର୍ଯ୍ୟଟନର ପ୍ରଚାର ପାଇଁ ଚିତ୍ରକଳା ଶିବିର ଏକ ଅଭିନବ ମାଧ୍ୟମ ବୋଲି କହିଥିଲେ। କନିକା ରେଞ୍ଜ ଅଫିସର ମାନସ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେଶନ ଆବାହକ ଚୌଧୁରୀ ଅମିତାଭ ଦାସ କହିଥିଲେ ଭିତରକନିକା ପର୍ଯ୍ୟଟନର ବ୍ୟାପକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ଏହି ଚିତ୍ରକଳା ଉତ୍ସବ ସେ ଦିଗରେ ଏକ ଛୋଟିଆ ପ୍ରୟାସ। ଏଠାରେ ପ୍ରସ୍ତୁତ ହୋଇଥିବା ଚିତ୍ରକଳା ଗୁଡିକ ଆସନ୍ତା ୨୭ ଓ ୨୮ ତାରିଖରେ ଭୁବନେଶ୍ୱର ସୂଚନା ଭବନରେ ପ୍ରଦର୍ଶିତ ହେବ। ଏଥିରେ କେନ୍ଦ୍ରାପଡ଼ା ଜିଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୭ଜଣ ଯୁବ ଚିତ୍ରଶିଳ୍ପୀ ଯୋଗ ଦେଇଛନ୍ତି। ଫାଉଣ୍ଡେଶନର ଟ୍ରଷ୍ଟି ସାଲୁଟ ସାହୁ ସଭା ସଂଯୋଜନା କରିଥିବା ବେଳେ ସଦସ୍ୟ ବିଶ୍ୱ ରଞ୍ଜନ ଦାସ ଓ ଅଂଶୁମାନ ପଟ୍ଟନାୟକ ପରିଚାଳନା କରିଥିଲେ।

# ଏସ୍‌ପିଙ୍କୁ ଭେଟି ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବି

ରାଜକନିକା,୧୮।୧୧(ସଞ୍ଜୟ କୁମାର ଦାଶ)

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ସାମାଜିକ କର୍ମୀ ତଥା ନାଗରିକ ଅଧିକାର ସୁରକ୍ଷା ସମିତି ସମ୍ପାଦକ ବିଧାନ ଦାସ ଗତ ୧୫ ତାରିଖରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ଗତ ୧୩ରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା କଣ୍ଟିଆ ଫାଣ୍ଡି ଅଧୀନ ହାଟସାହି (ମୁଗଡିହ) ଗ୍ରାମର ନଚ୍ଛି ନାୟକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା । ସେ ଫାଶି ଦେଇଥିଲେ ମଧ୍ୟ ଆଣ୍ଠୁମାଡ଼ି ପଡ଼ିଥିଲେ। ତାଙ୍କୁ ହତ୍ୟା କରି ଟାଙ୍ଗି ଦିଆଯାଇଥିବା ତାଙ୍କ ପୁଅ ଅଭିଯୋଗ କରିଥିଲେ । ତାଙ୍କ ପୁଅ ବୋହୂ ଗ୍ରାମର କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରାମର୍ଶ ଏବଂ ସହାୟତାରେ ଦଉଡ଼ି ଖୋଲି ମୃତଦେହକୁ ଘରକୁ ଆଣିଥିଲେ । ଏହାପରେ ପୋଲିସକୁ ନ ଜଣାଇ ଅତି ତରବରିଆ ଭାବେ ପୋଡ଼ି ଦେଇଥିଲେ । ଏ ସମ୍ପର୍କରେ ଅନ୍ୟ ଲୋକମାନେ କଣ୍ଟିଆ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସେ ବିଳମ୍ବରେ ପହଞ୍ଚିଥିଲେ । ସେତେବେଳକୁ ମୃତଦେହ ପୋଡ଼ା ହେଉଥଲା। ବହୁ ପୂର୍ବରୁ କଣ୍ଟିଆ ଫାଣ୍ଡି ଅଧିକାରୀ ଏ ସଂକ୍ରାନ୍ତରେ ଖବର ପାଇଥିଲେ ମଧ୍ୟ ଆସି ନ ଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଉଦ୍ଦେଶ୍ୟମୂଳକ ଭାବେ ଅଣଦେଖା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ବାକ୍, ଶ୍ରବଣ ପରୀକ୍ଷା ଶିବିର



ଶିବିରରେ ଯୋଗଦେଇଥିବା ପିଲାମାନେ।

କେନ୍ଦ୍ରାପଡ଼ା,୧୮।୧୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁର୍ନବାସ ସଙ୍ଗଠନ ପକ୍ଷରୁ ୨୫ ଜଣ ବୌଦ୍ଧିକ ଭିନ୍ନକ୍ଷମ ଶିଶୁଙ୍କ ବାକ୍ ଓ ଶ୍ରବଣ ଶକ୍ତି ପରୀକ୍ଷା ଶିବର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ବିଶେଷଜ୍ଞ ନାରାୟଣ ବିଶ୍ୱାଳ ଯୋଗ ଦେଇଥିଲେ । ସହକାରୀ ସ୍ପିଚ୍ ଥେରାପିଷ୍ଟ ଶୁଭଶ୍ରୀ ଦାସ, ଥେରାପିଷ୍ଟ ଗୁଞ୍ଜନ ସ୍ମିତା ବେହେରା, ରଚିତା ଜେନା, କାଉନସିଲର ସଞ୍ଜୀବ କୁମାର ଜେନା ଯୋଗ ଦେଇ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଶିବିରକୁ ଡିଏସ୍‌ଏସ୍‌ଓ ପ୍ରଭାସ ଦାସ ଉଦ୍‌ଘାଟନ କରିଥିଲେ । ଏସମ୍ପର୍କରେ ପୁର୍ନବାସର ଉପଦେଷ୍ଟା ଡ. ବିରଜା କୁମାର ରାଉତରାୟ କହିଛନ୍ତି, ବୌଦ୍ଧିକ ଭିନ୍ନକ୍ଷମ ଶିଶୁମାନେ ବାକ୍ ଓ ଶ୍ରବଣ ଶକ୍ତି ଅଭାବର ଶୀକାର ହୋଇଥାନ୍ତି । ଏଥିପାଇଁ ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ପୁର୍ନବାସ ଅନୁଷ୍ଠାନ ପକ୍ଷରୁ ନିଶୁଳ୍କ ଫିଜିଓଥେରାପି ସହିତ ସ୍ପିଚ୍ ଥେରାପିର ସୁବିଧା ପ୍ରଦାନ କରି ଆସୁଛି । ଏହି ଶିଶୁଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖାଯାଇ ଏହି ଶିବିରର ଆୟୋଜନ ହୋଇଥିଲା। ଶିବିରକୁ ଅନୁଷ୍ଠାନର କର୍ମକର୍ତ୍ତା ବଂଶୀଧର ମହାନ୍ତି, ମହମ୍ମଦ ଜାହିଦ ଖାନ, ଜ୍ୟୋତିରଞ୍ଜନ ନାୟକ, ରଞ୍ଜନ କୁମାର ସ୍ୱାଇଁ, ମନୋଜ ବିଶ୍ୱାଳ, ମନୋଜ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

# ରାଜେନ୍ଦ୍ର ପ୍ରସାଦଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ

ରାଜନଗର,୧୮।୧୧(ଭାସ୍କର ରାଉତରାୟ)



ରାଜେନ୍ଦ୍ର ପ୍ରସାଦଙ୍କ ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରାଯାଉଛି।

ରାଜନଗର ବ୍ଲକ ବେଲପାଳସ୍ଥିତ ବେଲପାଳ ନିମ୍ନ ମୌଳିକ ବିଦ୍ୟାଳୟ ପରିସରରେ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଗ୍ରାମ ସ୍ୱରାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ ସ୍ୱରାଜର ପ୍ରତିଷ୍ଠାତା ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଉଦ୍‌ଘାଟକ ଭାବେ ଯୋଗଦେଇ ଡ. ରାଜେନ୍ଦ୍ର ପ୍ରସାଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ତାଙ୍କ ଜୀବନାଦର୍ଶ, କର୍ତ୍ତବ୍ୟ ନିଷ୍ଠା ଓ ଦେଶଭକ୍ତି ଉପରେ ଦୀକ୍ଷାନ୍ତ ଅଭିଭାଷଣ ଦେଇଥିଲେ। ନିମ୍ନ ମୌଳିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଧାସ୍ମିତା ବିଶ୍ୱାଳ ପ୍ରାରମ୍ଭିକ ସୂଚନା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଭାରତୀୟ ସାଂସ୍କୃତିକ ସହଯୋଗ ସମିତିର ସାଧାରଣ ସମ୍ପାଦକ ବିଜୟ କୁମାର ପଡିହାରୀ, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଶୁଭସୂର୍ଯ୍ୟର ସମ୍ପାଦିକା ଅଧ୍ୟାପିକା ଜ୍ୟୋତିର୍ମୟୀ, ଡଃ. ନୃସିଂହ ଚରଣ ବେହେରା, ଡ. ଦୀପକ ରାଜ, ମନୋରଞ୍ଜନ ମିଶ୍ର, ରବିନ୍ଦ୍ର ମହାପାତ୍ର, ସତ୍ୟବ୍ରତ ପୁହାଣ, କବୟିତ୍ରୀ ଭଗବତୀ ଖଟୁଆ, ସଂଯୁକ୍ତା ବେହେରା, ଶିକ୍ଷାବିତ୍ ଭାଗ୍ୟଧର ସ୍ୱାଇଁ, ପ୍ରମୋଦ କୁମାର ଦାସ, ସଂଯୋଗ କୁମାର ସାମନ୍ତରାୟ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, କୈଳାସ ଚନ୍ଦ୍ର ଜେନା ଏବଂ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ଶିକ୍ଷାକମିଟିର ସଭାପତି ରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବିଭୁ ସାହୁ ହତ୍ୟା ଘଟଣାରେ ୨ ଗିରଫ

ମାର୍ଶାଘାଇ,୧୮।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ବହୁଚର୍ଚ୍ଚିତ ବିଭୁ ସାହୁ ହତ୍ୟା ଘଟଣାରେ ପୋଲିସ ପୁଣି ୨ଜଣଙ୍କୁ ଗିରଫ କରିଛି । ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର କୁଖ୍ୟାତ ଗ୍ୟାଙ୍ଗଷ୍ଟର ପ୍ରତାପ ସାହୁ ଓରଫ ବିଭୁ ହତ୍ୟାକାଣ୍ଡ ଘଟଣାରେ ମାର୍ଶାଘାଇ ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପାଟକୁରା ଥାନା ଅନ୍ତର୍ଗତ ଖର୍ଦାସାହି (ତାଳସଙ୍ଗା )ଗ୍ରାମର ତୁଷାର ବେହେରା ଓରଫ ଦୋକରି (୨୦)ଓ ମାର୍ଶାଘାଇ ଥାନା ଅନ୍ତର୍ଗତ ଛନ୍ଦା ଗ୍ରାମର ବିବେକାନନ୍ଦ ସ୍ୱାଇଁ ଓରଫ କୁନା ଓରଫ ଜ୍ୟାକି (୨୪) । ପୂର୍ବରୁ ଏହି ଘଟଣାରେ ୧୪ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ବ୍ଲକ୍ ଘେରାଉ ପାଇଁ ଭାଜପାର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ସାମିଲ ଭାଜପାର କର୍ମକର୍ତ୍ତା।

ରାଜକନିକା,୧୮।୧୧(ସଞ୍ଜୟ କୁମାର ଦାଶ)

ଆସନ୍ତା ୨୨ ତାରିଖ ଦିନ ରାଜକନିକା ବ୍ଲକ ଘେରାଉ ପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ ଭଜପା ନେତା ଦୋଳଗୋବିନ୍ଦ ନାୟକଙ୍କ ନେଉଳଗଡିଆସ୍ଥିତ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଦିନକୁ ଦିନ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ି ଚାଲିଛି। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ ହଡପ କରୁଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ରାଜ୍ୟରେ ସୁଶାସନ ଆଣିବା ଓ ବିଜେଡି ସରକାର ଦୁର୍ନୀତିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ ପ୍ରତ୍ୟେକ ବ୍ଲକ ଓ ପୌରସଂସ୍ଥା ଘେରାଉ ତଥା ଜନ ଆକ୍ରୋଶ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେବା ପରେ ଆଳି ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆଳି ବ୍ଲକରେ ୨୦ତାରିଖ ଓ ରାଜକନିକା ବ୍ଲକରେ ୨୨ତାରିଖରେ ଶତାଧିକ ଭାଜପା କର୍ମୀ ଓ ନେତା ବ୍ଲକ ଘେରାଉ କରିବେ ବୋଲି ବୈଠକରେ ସ୍ଥିର କରାଯାଇଥିଲା । । ବୈଠକରେ ଆଳି ନିର୍ବାଚନ ମଣ୍ଡଳୀ ସଂଯୋଜକ ରଶ୍ମି ରଞ୍ଜନ ବେହୁରା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ଭାଜପା ନେତା ବ୍ରଜ ସୁନ୍ଦର ଭୂୟାଁ, ଜିଲା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଆଶାଲତା ପଟ୍ଟନାୟକ, ମଣ୍ଡଳ ସଭାପତି ରାଜେନ୍ଦ୍ର ସାମଲ, ନିହାର ନାୟକ,ରାଜେନ୍ଦ୍ର ବେହେରା, ବିଶ୍ୱକାନ୍ତ ନନ୍ଦ, ଓମ୍‌ପ୍ରକାଶ ପତି, ଅକ୍ଷୟ ଦାସ, ମଣ୍ଡଳ ସଭାନେତ୍ରୀ ଅନୁରାଧା ସାମଲଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ପଞ୍ଚ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

**୧୦୮ ମଙ୍ଗଳ କଳସ ଯାତ୍ରା**



ପଞ୍ଚ କୁଣ୍ଡୀୟ ବିଶଶାନ୍ତି ମହାଯଜ୍ଞରେ ମନ୍ତ୍ରୀ ଓ ଅନ୍ୟମାନେ।

ରାଜକନିକା,୧୮।୧୧(ସଞ୍ଜୟ କୁମାର ଦାଶ)

ବିଶ୍ୱ ତଥା ଅଞ୍ଚଳର କଲ୍ୟାଣ ପାଇଁ ରାଜକନିକା ପଞ୍ଚାୟତ ସମିତି ଅଧୀନ ନହୁଣୀ-ପେଗରପଡ଼ା ପଞ୍ଚାୟତ ମଧ୍ୟସ୍ଥଳ ମା' ଗାୟତ୍ରୀ ଶକ୍ତି ପୀଠ ପ୍ରାଙ୍ଗଣ ଗାୟତ୍ରୀ ପଡିଆ ଠାରେ ଗାୟତ୍ରୀ କ୍ରୀଡା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୩୦ତମ ପଞ୍ଚ କୁଣ୍ଡୀୟ ବିଶଶାନ୍ତି ଗାୟତ୍ରୀ ମହାଯଜ୍ଞ ସହ ୧୦୮ ମଙ୍ଗଳ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ରାଜ୍ୟ ଶକ୍ତି, ଶିଳ୍ପ ଓ ଲଘୁଉଦ୍ୟୋଗ ବିଭାଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଯଜ୍ଞର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଯଜ୍ଞାନୁଷ୍ଠାନକୁ କେନ୍ଦ୍ରାପଡା ଜିଲ୍ଲା ତଥା ରାଜକନିକା ବ୍ଲକ ଗାୟତ୍ରୀ ପରିବାର ସମନ୍ୱୟ ସମିତି ସହଯୋଗରେ ପରିବ୍ରାଜକ ରବିନାରାୟଣ ପତିଙ୍କ ସହ ପରିବାରର ଭଉଣୀ ଓ ଭାଇ ମାନେ ସଞ୍ଚାଳନ କରିଥିଲେ । ପରିଷଦର ସଭାପତି ଦିଲୀପ କୁମାର ବାରିକ, ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା, ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ, ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ପଣ୍ଡିତ ନିରଞ୍ଜନ ପଣ୍ଡାଙ୍କ ସମେତ ପରିଷଦର ଅନ୍ୟ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକ କାର୍ଯ୍ୟାଳୟ ଆଗରେ ଜନଆକ୍ରୋଶ ସମାବେଶ

ତିର୍ତ୍ତୋଲ,୧୮।୧୧(ଗୌରାଙ୍ଗ ଚରଣ ସ୍ୱାଇଁ)

ଓଡ଼ିଶା ପ୍ରଦେଶ ଭାଜପା ସଭାପତି ମନମୋହନ ସାମଲଙ୍କ ଡାକରାରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ଆଗରେ ଶନିବାର ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାରା ରାଜ୍ୟରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ତିର୍ତ୍ତୋଲ ଭାଜପା ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଭାଜପା ନେତା ରାଜ କିଶୋର ବିହେରା, ରୂପକ ଖୁଣ୍ଟିଆ, ସୁନନ୍ଦ ବିଶାଳ, ଦିଲୀପ ମହାନ୍ତି , ବିଶ୍ୱଜିତ ଦାଶ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜିକା ଜୟଲକ୍ଷ୍ମୀ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ସୁଭାଷ ଚନ୍ଦ୍ର ଜେନା, ଜଡ଼ତିରା ସରପଞ୍ଚ ଶିବପ୍ରସାଦ ସାହୁ ଓ ପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳୀୟ ସମର୍ଥକଙ୍କ ସହ ବିଭିନ୍ନ ପଞ୍ଚାୟତ ପ୍ରମୁଖମାନେ ଯୋଗ ଦେଇଥିଲେ।

# ଯାଦବ ମହାସଭା ପକ୍ଷରୁ ସୌର୍ଯ୍ୟ ଦିବସ ପାଳିତ

ଆଳି,୧୮।୧୧(ବନମାଳୀ ସେନାପତି)

ଶନିବାର ପୂର୍ବାହ୍ନରେ ଆଳି ଯାଦବ ମହାସଭା ପକ୍ଷରୁ ଯାଦବ ମହାସଭା ସଭା କକ୍ଷରେ ଯାଦବ ସୌର୍ଯ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି । ଆଳି ବ୍ଲକ ଯାଦବ ମହାସଭା ସଭାପତି ଶେଖର ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଳି ଯାଦବ ମହାସଭା ସମ୍ପାଦକ ଧରଣୀଧର ବେହେରା, ମଧୁସୂଦନ ଦାସ,ମନୋଜ କୁମାର ଦାସ,ସୁବାସ ଚନ୍ଦ୍ର ବରଜ, ଦିବେଶ ପଲେଇ, ମୁକ୍ତିକାନ୍ତ ଦାସ,ବ୍ରଜ କିଶୋର ପରିଡ଼ା,ପ୍ରଭାତ ପରିଡ଼ା , ଅମୂଲ୍ୟ ଦାସ, ଜବାହରଲାଲ ପଲେଇ, ସୌରଭ ଦାସ, ବିଷ୍ଣୁ ପଲାଇ,ଅଲେଖ ପଡିଆରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକ ଆରମ୍ଭରେ କେନ୍ଦ୍ରାପଡ଼ା ବ୍ଲକ ଯୁବ ଯାଦବ ସଭାପତି ଅମର ମୋହନ ଦାସଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା।



ଯାଦବ ମହାସଂଘ ପକ୍ଷରୁ ଆୟୋଜିତ ସୌର୍ଯ୍ୟ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ତିଗିରିଆ ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷିତ

ପଟ୍ଟାମୁଣ୍ଡାଇ,୧୮।୧୧(ଅକ୍ଷୟ ବିଶ୍ୱାଳ)



ଦୟନୀୟ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ।

ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତ ଅଧୀନ ତିଗିରିଆ ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷିତ ହୋଇପଡିଛି। ଏନେଇ ତିଗିରିଆ ଗ୍ରାମବାସୀ ବାତ୍ୟା ଆଶ୍ରୟସ୍ଥଳ ନିକଟକୁ ଯିବାକୁ ସାହାସ କରୁ ନାହାନ୍ତି। ୨୦୦୩ରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ତତ୍କାଳୀନ ଏମ୍‌ପି ପ୍ରଭାତ ସାମନ୍ତରାୟ ୩ କୋଟି ୫୨ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଓସିସି ପକ୍ଷରୁ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା। ଏହାର ୧୦ ବର୍ଷ ପରେ ଆବଶ୍ୟକ ମରାମତି ଅଭାବରୁ ବାତ୍ୟା ଆଶ୍ରୟସ୍ଥଳୀଟି ଧିରେ ଧିରେ ଅସୁରକ୍ଷିତ ହୋଇ ପଡିଥିଲା। ତିଗିରିଆରେ ପ୍ରାଥମିକ ବିଦ୍ୟାଳୟ ଅଭାବରୁ କୁନିକୁନି ପିଲାମାନେ ବାତ୍ୟା ଆଶ୍ରୟସ୍ଥଳୀରେ ବସି ପାଠ ପଢୁଥିଲେ। କିନ୍ତୁ ବାତ୍ୟା ଆଶ୍ରୟସ୍ଥଳୀର ଅବସ୍ଥା ଦିନକୁ ଦିନ ଅସୁରକ୍ଷିତ ହୋଇପଡ଼ିବାରୁ ଅଭିଭାବକମାନେ ସେଠାରେ ବସି ପଢିବାକୁ ପିଲାମାନଙ୍କୁ ଛାଡୁ ନାହାନ୍ତି । ଏନେଇ ଗ୍ରାମବାସୀଙ୍କ ସମେତ ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ ଦାଶଙ୍କୁ ଅବଗତ କରିଛନ୍ତି। ସେହି ବତ୍ୟା ଆଶ୍ରୟ ସ୍ଥଳ ଅସୁରକ୍ଷିତ ଦର୍ଶାଇବା ସହ ଏକ ନୂତନ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଡି.ଆଇ. ହରିହର ଦଳାଇ ମଧ ବତ୍ୟା ଆଶ୍ରୟ ସ୍ଥଳୀ ପରିଦର୍ଶନ କରି ଏହାକୁ ଅସୁରକ୍ଷିତ ବୋଲି କହିଛନ୍ତି । ପ୍ରାଥମିକ ସ୍କୁଲ ଗୃହ ନ ଥିବାରୁ ଛାତ୍ରୀଛାତ୍ରମାନେ ପାଠ ପଢିବାକୁ ସ୍ଥାନ ପାଉ ନାହାନ୍ତି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ ଦାଶଙ୍କୁ ଯୋଗାଯୋଗ କରିବାରେ ସେ କହିଛନ୍ତି, ହଁ ମୁଁ ଅଭିଯୋଗ ପାଇଛି । ସେହି ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିବା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବି ।

## ସଂକ୍ଷେପରେ

### ଖବର ପ୍ରକାଶ ପରେ ମିଳିଲା ବୃଦ୍ଧାଙ୍କୁ ଭତ୍ତା

ଛତ୍ରପୁର,୧୮।୧୧(ସନ୍ତୋଷ ପାଢ଼ୀ): ପୁରୁଷୋତ୍ତମପୁର ବ୍ଲକ ପାଣ୍ଡିଆ ବଡସାହିର ଆଡା ଚିନ୍ନା ଓ ତାଙ୍କ ପତ୍ନୀ ଆଡା ଆମାଇ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହିଛନ୍ତି। ଏନେଇ ପଞ୍ଚାୟତ ଓ ବ୍ଲକ ସ୍ତରରେ ନିରାଶ ହୋ ପରେ ଛତ୍ରପୁର ଆସି ଉପଜିଲାପାଳଙ୍କୁ ଭେଟି ସହାୟତା ପାଇଁ ଗୁହାରି କରିଥିଲେ। ଏ ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଆମାଇଙ୍କ ବୟସ ୭୬ ବର୍ଷ ହୋଇଥିବାବେଳେ ତାଙ୍କୁ ଏଯାଏଁ ବାର୍ଦ୍ଧକ୍ୟ ଭତ୍ତା ମିଳୁନଥିଲା। ଏବେ ବାର୍ଦ୍ଧକ୍ୟ ଭତ୍ତା କାର୍ଡ ହୋଇଥିବା ସେ ସୂଚନା ଦେଇଛନ୍ତି। ଘର ନ ଥିବାରୁ ଶ୍ୱଶୁର ଘରେ ଚିନ୍ନା ଓ ଆମାଇ ରହୁଛନ୍ତି । ଏମାନଙ୍କ ଠାରେ ରାଶନ କାର୍ଡ ଥିବାରୁ ମାସିକ ୧୦ କେଜି ଚାଉଳ ମିଳୁଛି। ୧୦ କେଜି ଚାଉଳ ଓ ୫୦୦ ଟଙ୍କା ଭତ୍ତାରେ ୨ ଜଣ ଚଳିବା ମୁସ୍କିଲ ହୋଇପଡୁଛି। ଅନ୍ତ୍ୟୋଦୟ କାର୍ଡ ଦେବାକୁ ସେ ପୁଣି ଛତ୍ରପୁର ଆସି ନିବେଦନ କରିଛନ୍ତି।

### ରକ୍ତଦାନ ଶିବିର

ଗୋପାଳପୁର,୧୮।୧୧(ନବୀନ ରାଜ ଆଚାରୀ): ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଠାରସିଂ ଗ୍ରାମରେ ଶିବ ମନ୍ଦିରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ. ଡମ୍ବୁରୁ ରେଡି ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଏମକେସିଜି ମେଡିକାଲ କଲେଜର ରକ୍ତ ଭଣ୍ଡାରର ଡାକ୍ତର ଜୟନ୍ତ କୁମାର ମିଶ୍ର, ସୁଶାନ୍ତ କୁମାର ପାଣିଗ୍ରାହୀ, ରମେଶ ଚନ୍ଦ୍ର ପାତ୍ର, ବାପୁନି ବେହେରା, ଅଜିତ କୁମାର ଡାକୁଆ, ଦୀପକ, ଦିବାକର, ତ୍ରିପତି, ରମେଶ ପାତ୍ର, ଜିତେନ୍ଦ୍ର ସେଠି, ଲୋକା ରେଡି, ଅନ୍ନ ଯୁବକ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ବେଲଗୁଣ୍ଠା,୧୮।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବିଜ୍ଞାନ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅଜିତ୍ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଡ. ଗୁରୁମୂର୍ତ୍ତୀ ନାୟକ, ସନ୍ତୋଷ କୁମାର ପାଣିଗ୍ରାହୀ, ଅଶୋକ କୁମାର ସ୍ୱାଇଁ, ଅଶୋକ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ଜେନା, ଅଜୟ କୁମାର ବିଶ୍ୱାଳ, ରଞ୍ଜିତ୍ କୁମାର ସାମଲ୍, ବିଶ୍ୱରଞ୍ଜନ ସ୍ୱାଇଁ, ପିଙ୍କି ପାତ୍ର, ଖବରଦାତା ଶିବରାମ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ସପନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ସମାରୋହ

ସୋରଡା,୧୮।୧୧(ଲମ୍ବୋଦର ପାଣିଗ୍ରାହୀ): ସରସ୍ୱତୀ ଶିଶୁ ମନ୍ଦିରରେ ଊନତ୍ରିଂଶତମ ବାର୍ଷିକ କ୍ରିଡ଼ା ସମାରୋହ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥଙ୍କ ପରିଚାଳନାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ପ୍ରଥମେ ଦେବାଦେବୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପରେ କ୍ରିଡ଼ା ମଶାଲ ପ୍ରଜ୍ୱଳନ କରିଥିଲେ। ପରେ କ୍ରିଡ଼ା ଶୁଭାରମ୍ଭ ଘୋଷାଣ କରିଥିଲେ। ଏଥିରେ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା କରୁଛନ୍ତି।

### ସ୍କୁଲ କୋଠାରେ ମଦ କାରବାର

ଗଞ୍ଜାମ,୧୮।୧୧(ବିଦ୍ୟାଧର ସାହୁ): ଗଞ୍ଜାମ ବ୍ଲକ, ରମ୍ଭା ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମରେ ବହୁଳ ଭାବେ ବେଆଇନ ଦେଶି ମଦ କାରବାର ହେଉଥିବା ଅଭିଯୋଗ ହେଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଶୂନ। ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ଏ ନେଇ ଅବଗତ କରାଯାଇଛି। ବାଗଲପୁରପୁର ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟର ଏକ ଜରାଜୀର୍ଣ୍ଣ କୋଠାରେ ଚୋରା ମଦ ବିକ୍ରି ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚୋରାରେ ଦେଶି ମଦ ପ୍ରସ୍ତୁତ ହେଉଥିବା ଅଭିଯୋଗ ହେଉଛି। ଯାହାକୁନେଇ ମଦ ମାଫିଆମାନେ ମାଲାମାଲ ହେଉଛନ୍ତି। ଦୀର୍ଘ ବର୍ଷ ତଳେ ହୁମ୍ମାରେ ହୋଇଥିବା ମଦ ମୃତ୍ୟୁ ଘଟଣାର ପୁନରାବୃତ୍ତି ନେଇ ଆଶଙ୍କା କରାଯାଉଛି। ଅନ୍ୟପଟେ ଏହା କୋମଳମତି ଛାତ୍ରୀଛାତ୍ରଙ୍କ ମାନସିକତା ଉପରେ କୁପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ତୁରନ୍ତ ଚୋରା ମଦ କରାବାର ବନ୍ଦ କରିବାକୁ ଦାବି ହୋଇଛି।

# ଲଭର୍ସ ପଏଣ୍ଟର ମଜା ନେଉଛନ୍ତି ପର୍ଯ୍ୟଟକ

ଦାରିଙ୍ଗବାଡି,୧୮।୧୧(ଅରୁଣ ସାହୁ)



## ଶାନ୍ତି ଦେଉଛି ଝରଣା ପାଣି

- ପଶ୍ଚିମବଙ୍ଗ ପର୍ଯ୍ୟଟକଙ୍କ ଦାରିଙ୍ଗବାଡିରେ ଭିଡ଼
- ୧୮ ବର୍ଷ ତଳେ ପୁରୀ ମହାରାଜା ରାତ୍ରିଯାପନ କରିଥିଲେ

ଓଡ଼ିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ଅଞ୍ଚଳରେ ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି। ଭୌଗୋଳିକ ସ୍ଥିତି ଓ ଚାରିଆଡ଼େ ପାହାଡ଼, ଝରଣାଘେରା ଦାରିଙ୍ଗବାଡ଼ିକୁ ଉପଭୋଗ କରିବାକୁ ଆସୁଥିବା ପର୍ଯ୍ୟଟକ ଅଧିକ ଜଳପ୍ରପାତକୁ ପସନ୍ଦ କରିଥାନ୍ତି। ବିଶେଷକରି ଉକ୍ତ ବ୍ଲକର କିରିକୁଟି ପଞ୍ଚାୟତ ଅଞ୍ଚଳରେ ଥିବା ଲଭର୍ସ ପଏଣ୍ଟକୁ ପର୍ଯ୍ୟଟକମାନେ ପ୍ରଥମ ପସନ୍ଦ କରିଥାନ୍ତି। ଏବେ ପର୍ଯ୍ୟଟନ ଋତୁ ଆସିଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ଆସୁଥିବା ବେଳେ ଏହି ଲଭର୍ସ ପଏଣ୍ଟକୁ ନିଶ୍ଚିତ ଯିବା ସହ ପ୍ରବାହିତ ହେଉଥିବା ଜଳକୁ ମନଭରି ଉପଭୋଗ କରିବା ସହ ସେଠାରେ ବଣଭୋଜି ମଧ୍ୟ କରିଥାନ୍ତି। ତେବେ ଏବେ ଦୈନିକ ଶତାଧିକ ପର୍ଯ୍ୟଟକ ବିଭିନ୍ନ କ୍ଷେତ୍ର ବୁଲି ଦେଖୁଥିବା ବେଳେ ଡିସେମ୍ବରରେ ଏହା ହଜାର ସଂଖ୍ୟାରେ ପହଞ୍ଚିବା ନଜିର ରହିଛି। ଏହି ଲଭର୍ସ ପଏଣ୍ଟ ମୁଖ୍ୟତଃ ଆକର୍ଷଣ କରିବା କାରଣ ଶାନ୍ତ ଓ ସୁସ୍ଥ ପରିବେଶ ସହ ଚାରିପଟେ ପାହାଡ଼ ଓ ପାହାଡ଼ ଉପରେ ଗୁମ୍ଫା ମଧ୍ୟ ରହିଛି। ପାହାଡ଼ ପାଦଦେଶରେ ପଥରର ବଡ଼ଚଟାଣ ରହିଥିବା ବେଳେ ଅନବରତ ଜଳ ପ୍ରବାହିତ ପର୍ଯ୍ୟଟକଙ୍କୁ ବହୁତ ଆକୃଷ୍ଟ କରୁଛି ଜଳର କୁଲୁକୁଲୁ ଶବ୍ଦ ସହ ଜଙ୍ଗଲରେ ବୁଲୁଥିବା ପକ୍ଷୀଙ୍କ ଡାକ ପର୍ଯ୍ୟଟକଙ୍କ ମନ ମୋହୁଛି। ସେହିପରି ଏହି ପଏଣ୍ଟଠାରୁ କିଛିମାତ୍ର ଦୂରରେ ଏମୁ ପକ୍ଷୀ, ଠେକୁଆ ଆଦି ରହିବା ସହ ଶିଶୁ ଉଦ୍ୟାନ ରହିଛି। ତେଣୁ ପର୍ଯ୍ୟଟକଙ୍କୁ ଏହି ସ୍ଥାନ ଆକୃଷ୍ଟ କରୁଛି। ଲଭର୍ସ ପଏଣ୍ଟକୁ ଅଧିକାଂଶ ଯୁବ ପର୍ଯ୍ୟଟକ ବହୁତ ପସନ୍ଦ କରିବା ସହ ପ୍ରକୃତିକୁ ଭଲ ପାଉଥିବା ପର୍ଯ୍ୟଟକ ଏହି ସ୍ଥାନକୁ ବାରମ୍ବାର ବୁଲିବାକୁ ମନ ବଳେଇଥାନ୍ତି। ଅଧିକ ଯୁବପିଢ଼ିଙ୍କ ଆଗମନକୁ ଦୃଷ୍ଟିରେ ରଖି ଏହାକୁ ସ୍ଥାନୀୟ ଲୋକେ ଲଭର୍ସ ପଏଣ୍ଟ ନାମରେ ନାମିତ କରିଛନ୍ତି, ଯାହା ସାରା ଦେଶ, ବିଦେଶରେ ସ୍ୱତନ୍ତ୍ର ପରିଚିତ ହୋଇପାରିଛି। କେବଳ ଏହା ଯୁବପିଢ଼ିଙ୍କ ମଧ୍ୟରେ ସୀମିତ ନୁହେଁ, ବରିଷ୍ଠ ନାଗରିକ, ଦମ୍ପତିମାନେ ମଧ୍ୟ ଅବସର ସମୟରେ ଏହି ସ୍ଥାନ ବୁଲିବାକୁ ବହୁତ ପସନ୍ଦ କରିଥାନ୍ତି। ସୂଚନାଯୋଗ୍ୟ, ୨୦୦୫ ଡିସେମ୍ବରରେ ପୁରୀ ଗଜପତି ମହାରାଜା ପରିବାର ସହ ଦାରିଙ୍ଗବାଡ଼ି ଗସ୍ତରେ ଆସିଥିଲେ। ସେ ୨୨ରେ ଆସି ୨୪ ପର୍ଯ୍ୟନ୍ତ ରହିଥିଲେ।

ଏହି ସମୟରେ ପ୍ରଥମ ଦିନ ଦାରିଙ୍ଗବାଡ଼ିରେ ରାତ୍ରିଯାପନ କରିଥିବା ବେଳେ ଦ୍ୱିତୀୟ ଦିନ କିରିକୁଟି ପଞ୍ଚାୟତର ଡଡୁବାଡା ଲଭର୍ସ ପଏଣ୍ଟରେ ରାତ୍ରିଯାପନ କରିବା ସହ ତୃତୀୟ ଦିନ ଉକ୍ତ ପଞ୍ଚାୟତର ମୁଣ୍ଡନାକୁ ନିକଟ ଲକଟି ଜଙ୍ଗଲରେ ରାତ୍ରିଯାପନ କରିଥିଲେ। ସେହି ସମୟରେ ସେ ଦାରିଙ୍ଗବାଡ଼ି ପର୍ଯ୍ୟଟନ କ୍ଷେତ୍ରକୁ ଖୁବ୍ ପ୍ରଶଂସା କରିଥିଲେ।

# ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ନୟାଗଡ଼,୧୮।୧୧(ଲୋକନାଥ ମିଶ୍ର)

## ଭିନ୍ନକ୍ଷମ ଶିଶୁ ଜନ୍ମ ଓ ମୃତ ଘଟଣା
## ଏଡିଏମ୍(ପିଏଚ) କରିବେ ତଦନ୍ତ

ନୟାଗଡ଼ ସହର ଶଗଡିଆସାହିର ଭିନ୍ନକ୍ଷମ ଶିଶୁ ଜନ୍ମ ଓ ମୃତ୍ୟୁ ଘଟଣା ଧିରେ ଧିରେ ବିବାଦୀୟ ହୋଇ ଚାଲିଛି। ଏହି ଘଟଣାରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍ଓ(ପିଏଚ) ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୟାଗଡ଼ ପୁରୁଣାସହର ଶଗଡ଼ିଆ ସାହିର ସ୍ମୃତିରାଣୀ ଗୁରୁ ଓ ରାଜେଶ ଗୁରୁ ଦମ୍ପତିଙ୍କ ଅଭିଯୋଗ ଅନୁସାରେ ଟିଫା ସ୍କାନ ଠିକ ଭାବେ ବ୍ୟବହାର କରାଯାଉ ନାହିଁ । ଆପୋଲା ହାଇଗ୍ନୋଷ୍ଟିକର ରିପୋର୍ଟ ତ୍ରୁଟିପୂର୍ଣ୍ଣ ରହିବାରୁ ଶିଶୁକନ୍ୟା ଭିନ୍ନକ୍ଷମ ହେଲେ ବି ଜାଣି ହେଲାନି । ପରେ ଛୁଆଟି ଓଜନ ହ୍ରାସ ପାଇ ୫୬ ଦିନରେ ପ୍ରାଣ ହରାଇଲା । ଶିଶୁଟି ପେଟରେ ଥିବାବେଳେ ୫ ମାସ ସମୟରେ ଟିଫା ସ୍କାନ କରାଯାଇଥିଲା । ରିପୋର୍ଟରେ ସବୁ ନର୍ମାଲ ଥିଲା । ଛୁଆର ଓଜନ ୩୧୬ ଗ୍ରାମ ରହିଥିଲା । ଛୁଆ ଜନ୍ମ ପରେ ତାର ଓଜନ ୨୪୦୦ ଗ୍ରାମ ରହିଥିଲା । ତେବେ ଛୁଆଟିର ବେକ ସହ ଛାତି ପୁରା ଲାଗି ଯାଇଥିଲା । ତାର ମୁଣ୍ଡ ବଡ ରହିଥିଲା । ଗୋଡ ପୋଲିଓ ପରି ଦେଖା ଯାଉଥିଲା। ଛାତି ବଡ ଥିଲା । ହାଟ ବିଟ୍ ଜୋରରେ ହେଉଥିଲା । ଶିଶୁଟି ବେଶି ଦିନ ବଞ୍ଚିବ ନାହିଁ ବୋଲି ଜନ୍ମ ସମୟରେ ଗାଇନିକ୍ ଡାକ୍ତର କହିଥିଲେ । ଏପରି କି ଟିଫା ସ୍କାନ ଛୁଆର ବିଲକ୍ଷଣ କିପରି ଧରି ପାରିଲାନି ବୋଲି ଡାକ୍ତର କହିଥିଲେ । ଏଭଳିସ୍ଥଳେ ଛୁଆଟି ବଢ଼ିବା ବଦଳରେ ତାର ଓଜନ ହ୍ରାସ ପାଇ ଚାଲିଲା । ମୃତ୍ୟୁ ବେଳକୁ ଛୁଆର ଓଜନ ୧୮୦୦ ଗ୍ରାମ ରହିଥିଲା । ଶିଶୁକନ୍ୟାର ମୃତ୍ୟୁ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁ ହୋଇଛି ବୋଲି ମୃତକଙ୍କ ମା'ବାପା ଦର୍ଶାଇଛନ୍ତି ।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୧୪୭ ପ୍ରକଳ୍ପ



ବିଧାୟକ ଅରୁଣ ସାହୁ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ନୟାଗଡ଼,୧୮।୧୧(ଲୋକନାଥ ମିଶ୍ର)

## ୧୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ମାନଧାତାପୁରସ୍ଥିତ ଆଙ୍କୁଲାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୮ତମ ନୟାଗଡ଼ ବ୍ଲକସ୍ତରୀୟ ବିଜ୍ଞାନମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରରୁ ୧୪୭ ପ୍ରକଳ୍ପ ସ୍ଥାନ ପାଇଥିଲା। ୧୪୭ ପ୍ରକଳ୍ପ ମଧ୍ୟରୁ କନିଷ୍ଠ ବିଭାଗର ୬୩ଟି, ସର୍ବକନିଷ୍ଠରୁ ୩୭ଟି ଏବଂ ବରିଷ୍ଠ ବିଭାଗରୁ ୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉପରୋକ୍ତ ପ୍ରକଳ୍ପ ମଧ୍ୟରୁ ବରିଷ୍ଠ ବିଭାଗର ୫,କନିଷ୍ଠ ବିଭାଗର ୩ ଏବଂ ସର୍ବକନିଷ୍ଠ ବିଭାଗରୁ ୨, ଏହିପରି ମୋଟ ୧୦ ପ୍ରକଳ୍ପ ମନୋନୀତ ହୋଇ ଜିଲା ସ୍ତରୀୟ ବିଜ୍ଞାନମେଳାକୁ ଯାଇଛି । ଏ ଅବସରରେ ନୟାଗଡ଼ ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ବିଜ୍ଞାନମେଳାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଜ୍ଞାନର ବିଭିନ୍ନ ତଥ୍ୟକୁ ଦୈନନ୍ଦିନ ଜୀବନରେ ବ୍ୟବହାର କଲେ ବିଜ୍ଞାନମେଳାର ସାର୍ଥକତା ମିଳିଥାଏ ବୋଲି କହିଥାଏ। ଆଧୁନିକତାର ବଶବର୍ତ୍ତି ହୋଇ ଆମେ କଂସା ପିତ୍ତଳ ବାସନର ବ୍ୟବହାର ନ କରି ଷ୍ଟିଲ ଆଲୁମିନିୟମ ପାତ୍ରର ବହୁଳ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛେ ।

ପୂର୍ବରୁ ଲୋକମାନେ ମାଟି ପାତ୍ରରେ ରୋଷେଇ କରିବା ସହିତ ବିଶୁଦ୍ଧ ଖାଦ୍ୟ ଖାଇ ନିରୋଗ ରହୁଥିଲେ। ସେହିପରି ପ୍ୟାକେଟ ଯୁକ୍ତ ମସଲାର ବ୍ୟାପକ ବ୍ୟବହାର ଅନେକ ରୋଗର କାରଣ ବୋଲି ସେ କହିଥିଲେ । ମୋବାଇଲ ଫୋନର ବହୁଳ ବ୍ୟବହାରକୁ କମାଇବା ପାଇଁ ମୁଖ୍ୟଅତିଥି ସାହୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ବିଜ୍ଞାନ ଏବଂ ଗଣିତର ଉପାଦେୟତା ସମ୍ପର୍କରେ ମତ ରଖିଥିଲେ। ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ,ମୁଖ୍ୟବକ୍ତା ଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଦୀପକ ରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରି ବିଭିନ୍ନ ବିଭାଗରେ ପ୍ରଥମ,ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଉଭୟ ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ସଭାରେ ଶିକ୍ଷକ ଶେଖ ଅବଦୁଲ ଖାଲିକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଅଶୋକ ମଲ ଅତିଥି ପରିଚୟ ଏବଂ ଆଙ୍କୁଲାଇ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଯଶୋଦା ଫାଉଣ୍ଡେଶନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ଛତ୍ରପୁର, ୧୮।୧୧(ଦିଲ୍ଲୀପ ସାମଲ): ଛତ୍ରପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଯଶୋଦା ଫାଉଣ୍ଡେଶନ ପକ୍ଷରୁ ତଡ଼େପଲ୍ଲୀସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଭିକାରିପଲ୍ଲୀର ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସାହିତ୍ୟିକ ନିରଞ୍ଜନ ତ୍ରିପାଠୀ, ସ୍ୱାଭିମାନ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ପ୍ରଶାନ୍ତ କୁମାର ମହାରଣା, ସାମାଜିକ କର୍ମୀ ଏନ. ଦିନବନ୍ଧୁ, ଛତ୍ରପୁର ପ୍ରେସ କ୍ଲବର ସମ୍ପାଦକ ସରୋଜ କୁମାର ସାମଲ, ଖବରଦାତା ସନ୍ତୋଷ କୁମାର ସାହୁ ଓ ଫଟୋ ସାମ୍ବାଦିକ ସନ୍ତୋଷ ସାହୁ ପ୍ରମୁଖ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର ସୁଦେଷ୍ଣା ସାହୁ ଓ ପୁଷ୍ପାଞ୍ଜଳି ସାହୁ ସହଯୋଗ କରିଥିଲେ।

### ଭଞ୍ଜନଗର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା

ଭଞ୍ଜନଗର, ୧୮।୧୧(ବାବୁଲା ପ୍ରଧାନ): ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଧନଞ୍ଜୟ ବୈଠକରେ ସଭାପତିତ୍ୱ କରିଥିଲେ। ମେଳାରେ ୧୧୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ମୁଖ୍ୟ ଅତିଥି ଭାବେ ଉପ ଜିଲାପାଳ ଅନିଲ କୁମାର ସେଠୀ, ମୁଖ୍ୟବକ୍ତା ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କହଁର, ପ୍ରଧାନଶିକ୍ଷକ ସନ୍ତୋଷ ଜେନା ଓ ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ଓ ସସ୍ମିତା ପାତ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ସୁରଭି ପ୍ରତିଯୋଗିତାରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ରଙ୍କୁ ସ୍କୁଲ ତରଫରୁ ସମ୍ବର୍ଦ୍ଧିତ କରାଯାଉଛି।

ଖଣ୍ଡପଡ଼ା,୧୮।୧୧(ଅଜୟ କୁମାର ମହାରଣା) ରାଜ୍ୟସ୍ତରୀୟ ସୁରଭି ଓ କଳାଉତ୍ସବରେ ଅଂଶ ଗ୍ରହଣ କରି କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର ଅନ୍ନଦା ପ୍ରସାଦ ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନକୁଳ ଚନ୍ଦ୍ର ଖୁଣ୍ଟିଆ, ଶିକ୍ଷକ ରବି ନାରାୟଣ ଦାଶ, ରମେଶ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ର ଅନ୍ନଦାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଅନ୍ନଦାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଅନ୍ନଦା ବିଦ୍ୟାଳୟର ଜଣେ ମେଧାବୀ ଛାତ୍ର ବୋଲି ପ୍ରଧାନ ଶିକ୍ଷକ ଖୁଣ୍ଟିଆ କହିଛନ୍ତି ।

## ଲକ୍ଷ୍ମୀ ବସ୍‌କୁ ଘରୋଇ ବସ୍ ମାଲିକ ସଂଘର ବିରୋଧ

ନୟାଗଡ଼,୧୮।୧୧(ଲୋକନାଥ ମିଶ୍ର)

ଲକ୍ଷ୍ମୀ ବସ ଚଳାଚଳକୁ ବନ୍ଦ କରାଇବା, ବସ ମାଲିକନା ବଦଳାଇବା ସହଜ କରିବା ଆଦି ୯ ଦଫା ଦାବି ନେଇ ଘରୋଇ ବସ ମାଲିକ ସଂଘ ଆନ୍ଦୋଳକୁ ଓହ୍ଲାବକୁ ନିଷ୍ପତ୍ତି ନେଇଛି । ଏନେଇ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏକ ବୈଠକ କରାଯାଇ ନଭେମ୍ବର ୨୨ରେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ଧାରଣାକୁ ସଫଳ କରିବାକୁ ନିଷ୍ପତ୍ତି ହୋଇଛି । ବୈଠକରେ ନୟାଗଡ଼, ଖଣ୍ଡପଡ଼ା, ଓଡ଼ଗାଁ, ଦଶପଲ୍ଲା, ରଣପୁର, ଘରୋଇ ବସ ମାଲିକ ଯୋଗ ଦେଇଥିଲେ। ତେବେ ଲକ୍ଷ୍ମୀ ବସ ଚାଳଚଳକୁ ବସ ମାଲିକ ସଂଘ ବିରୋଧ କରିବା ପରେ ଅସନ୍ତୋଷ ପ୍ରକାଶ ପାଇଛି । ଲକ୍ଷ୍ମୀ ବସ ଚଳାଚଳ କିପରି କରିବ ସେନେଇ ଏକ ଆନ୍ଦୋଳନ କରାଯିବାକୁ ପ୍ରସ୍ତୁତି ଚାଲିଛି ।

## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମହେନ୍ଦ୍ର ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକୀ

ଖଣ୍ଡପଡ଼ା,୧୮।୧୧(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ସାମାଜିକ କର୍ମୀ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ପ୍ରଥମଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚାରା ରୋପଣ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ରକ୍ତଦାନ ଶିବିରରୁ ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଅଞ୍ଚଳବାସୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ବେଣାଗାଡିଆ ଗ୍ରାମର ଆଖପାଖ ଅଞ୍ଚଳରେ ବିଭିନ୍ନ ଫଳ ଓ ଛାୟା ପ୍ରଦାନକାରୀ ଚାରା ରୋପଣ କରାଯାଇଥିଲା । ସ୍ୱର୍ଗତ ସ୍ୱାଇଁଙ୍କ ପୁଅ ଦୁଷ୍ମନ୍ତ କୁମାର ସ୍ୱାଇଁ ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଆଖପାଖ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ପ୍ରିୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଚଳିତ ବର୍ଷ ୩ ଦିନ ଧରି ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକ ପାଳନ କରାଯାଉଥିବା ସୂଚନା ମିଳିଛି ।

## ୧୬୯ ୟୁନିଟ୍ ରକ୍ତ ସଂଗୃହୀତ

କବିସୂର୍ଯ୍ୟନଗର,୧୮।୧୧(କୃପାସିନ୍ଧୁ ସ୍ୱାଇଁ)

ଛାତ୍ର ଓ ଯୁବ ବିଜେଡି ଏବଂ ଜୀବନ ବିନ୍ଦୁ ଆନୁକୂଲ୍ୟରେ ପ୍ରାକ୍ତନ ଆସିକା ସାଂସଦ ତଥା ପ୍ରାକ୍ତନ କବିସୂର୍ଯ୍ୟନଗର ବିଧାୟକ ନିତ୍ୟାନନ୍ଦ ପ୍ରଧାନଙ୍କ ୭୯ତମ ଜନ୍ମଦିନରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କବିସୂର୍ଯ୍ୟନଗର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୬୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ମାଛ ମାର୍କେଟ ସ୍ଥାନାନ୍ତରକୁ ବିରୋଧ

ଛତ୍ରପୁର,୧୮।୧୧(ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲା ସଦର ମହାକୁମା ଛତ୍ରପୁର ସହରରେ ଥିବା ୫୦ ବର୍ଷର ପୁରୁଣା ମାଛ ମାର୍କେଟ ସ୍ଥାନାନ୍ତରକୁ ବିରୋଧ କରି ମାଛ ବ୍ୟବସାୟୀମାନେ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଛତ୍ରପୁର ପରିବା ବଜାର ନିକଟରେ ଥିବା ମାଛ ମାର୍କେଟରେ ଦୀର୍ଘ ଦିନ ଧରି ୬୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ମାଛ ବିକ୍ରି କରି ପରିବାର ପ୍ରତିପୋଷଣ କରି ଆସୁଥିବା ବେଳେ ହଠାତ ଜିଲା ପ୍ରଶାସନ ଅନ୍ୟ ଏକ ଜାଗାକୁ ମାଛ ମାର୍କେଟ ସ୍ଥାନାନ୍ତର କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି, ଯାହାକୁ ଏହି ବ୍ୟବସାୟୀମାନେ ବିରୋଧ କରିଛନ୍ତି। ଅନ୍ୟସ୍ଥାନକୁ ଗଲେ ବ୍ୟବସାୟରେ ଅସୁବିଧା ହେବା ସହ ଗ୍ରାହକଙ୍କ ସଂଖ୍ୟା କମିବ ବୋଲି ବ୍ୟବସାୟୀ ଅଭିଯୋଗ କରିଛନ୍ତି।

# ଭାଜପାର ବ୍ଲକ ଘେରାଉ

ପୋଲସରା/ହାତୀଓଟ,୧୮।୧୧ (ସୁବ୍ରତ ବେହେରା/ରଞ୍ଜୟ ପାଣିଗ୍ରାହୀ)

ପ୍ରଶାସନ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ପକ୍ଷରୁ ଶନିବାର ପୋଲସରା ବ୍ଲକ ଘେରାଉ, ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଘୁମୁସର ଜିଲା ଉପସଭାପତି ପ୍ରଭାକର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୋଲସରା ବାଲୁଙ୍କେଶ୍ୱର ମନ୍ଦିରଠାରୁ ହଜାର ହଜାର ଭାଜପା କର୍ମୀ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଭାଜପା ନେତୃବୃନ୍ଦ ସ୍ଥାନୀୟ ଓ ପୋଲସରା ବିଧାୟକଙ୍କ ବିରୋଧରେ ବିଷୋଦଗାର କରିଥିଲେ। ସେଠାରେ ପୋଲିସ ଓ ଭାଜପା କର୍ମୀମାନଙ୍କ ମଧ୍ୟରୁ ଧସ୍ତାଧସ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ କିଛି ଭାଜପା କର୍ମୀ ଉପସ୍ଥିତ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆଙ୍କୁ ଦଶ ଦଫା ସମ୍ବଳିତ ଦାବିପତ୍ର ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଉକ୍ତ ୧୦ ଦଫା ଦାବି ପତ୍ର ଜିଲାପାଳଙ୍କୁ ପ୍ରେରଣ କରି ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରକାଶ କରିଥିଲେ। ବିକ୍ଷୋଭରେ ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ, ଉପସଭାପତି ପ୍ରଭାକର ପଣ୍ଡା, ଯୁବ ସଭାପତି ଦୀପକ ପ୍ରଧାନ, ଅନିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଜୟନ୍ତୀ ପଡିଆରୀ, ନୀଳମଣି ବିଷୋୟୀ, ଦିନବନ୍ଧୁ ସାହୁ, ରଘୁନାଥ ପଣ୍ଡା, ଦାମ ସ୍ୱାଇଁ, ରାଜେନ୍ଦ୍ର ପାତ୍ର, କୃଷ୍ଣ ଚରଣ ପଟ୍ଟନାୟକ, ସୀମାଞ୍ଚଳ ସାହୁ, କୃଷ୍ଣ ଚନ୍ଦ୍ର ମହାପାତ୍ର, ମହେଶ୍ୱର ପରିଡ଼ା, ହରେକୃଷ୍ଣ ସାହୁ, ଏସି ମୋର୍ଚ୍ଚା ସଭାପତି ଗନ୍ଧମାର୍ଦନ ସେଠୀ, ଦିଲ୍ଲୀପ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ମିଶନ ଶକ୍ତି ପକ୍ଷରୁ ଋଣ ମେଳା

ଗଣିଆ,୧୮।୧୧(ସନ୍ତୋଷ କୁମାର ପ୍ରଧାନ)



ଋଣ ମେଳା ପାଇଁ ଆସିଥିବା ବ୍ୟାଙ୍କ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ।

## ୮୦ ଏସ୍‌ଏଚ୍‌ଜି ଗ୍ରୁପକୁ ଋଣ ମିଳିଲା

ରାଜ୍ୟ ସରକାର ମିଶନ ଶକ୍ତି ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରୁଛନ୍ତି। ଗଣିଆ ବ୍ଲକ ମିଶନ ଶକ୍ତି ତରଫରୁ ଶନିବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନଶକ୍ତି ସଭାଗୃହରେ ଏକଦିବସୀୟ ଏସ୍‌ଏଚ୍‌ଜି ଗ୍ରୁପ ଲୋନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ପ୍ରାୟ ୮୦ଟି ଏସ୍‌ଏଚ୍‌ଜି ଗ୍ରୁପର ସଭ୍ୟାମାନେ ଯୋଗଦେଇଥିଲେ। ଏସ୍‌ଏଚ୍‌ଜି ଗ୍ରୁପ ସଦସ୍ୟାମାନେ କିଭଳି ବ୍ୟାଙ୍କକୁ ନ ଯାଇ ସୁବିଧାରେ ଲୋନ୍ ପାଇ ପାରିବେ ସେ ନେଇ ସମସ୍ତ ଗ୍ରୁପ ସଭ୍ୟା ଡକ୍ୟୁମେଣ୍ଟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଗଣିଆ ବ୍ଲକ ଏବିଡିଓ ରତନଲାଲ ଲୋହରା, ମିଶନ ଶକ୍ତି ବିଭାଗର ବ୍ଲକ ପ୍ରୋଗ୍ରାମ କୋର୍ଡିନେଟର ପ୍ରମୋଦ କୁମାର ବେହେରା, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର କାଦମ୍ବିନୀ ନାୟକ, ବିଏଲ୍‌ସି ସୁନୀତା ମହାରଣା, ପୁରୀ ଗ୍ରାମ୍ୟ ବ୍ୟାଙ୍କ ଗଣିଆ ଶାଖାର ସହ ପରିଚାଳକ ଯୋଗଦେଇ ସମସ୍ତ ଗ୍ରୁପ୍‌ର ଲୋନ କରାଇଥିଲେ। ଏହି କର୍ମଶାଳାରେ ଯୋଗଦେଇଥିବା ସମସ୍ତ ଏସ୍‌ଏଚ୍‌ଜି ସଭ୍ୟାମାନଙ୍କୁ କିଭଳି ଋଣ ଅର୍ଥ ବିନିଯୋଗ ଓ ପରିଶୋଧ କରିବେ ସେ ନେଇ ଉପସ୍ଥିତ କର୍ମଚାରୀମାନେ ବୁଝାଇଥିଲେ ।

## କଳାପଥର ବୋଝେଇ ଟ୍ରାକ୍ଟର ଜବତ

ଜେନାପୁର,(ଅଶୋକ ଦାସ): କଟକ ବନଖଣ୍ଡର ବୈରୀ ଡାଳିଜୋଡା ଫରେଷ୍ଟ ରେଞ୍ଜ ଅଧୀନ ଗଡ଼ ମଧୁପୁର ଫରେଷ୍ଟର ବଳରାମପୁର ପଥର ଖାଦାନରେ ଶନିବାର ସକାଳେ ଚଢ଼ାଉ କରାଯାଇ ଏକ ଟ୍ରାକ୍ଟର ଜବତ କରାଯାଇଛି। ଚଢ଼ାଉବେଳେ ବନ ବିଭାଗ କର୍ମଚାରୀ ଉକ୍ତ ଖାଦାନରୁ ଏକ କଳାପଥର ବୋଝେଇ ଟ୍ରାକ୍ଟର ନମ୍ବର ଓଡି୦୪ଏଚ୍୦୯୭୩କୁ ଜବତ କରିଥିଲେ। ଏହାକୁ ବନ ବିଭାଗର ବୈରୀ ଡାଳିଜୋଡା ଫରେଷ୍ଟ ରେଞ୍ଜରେ ରଖାଯାଇଥିବା ସୂଚନା ମିଳିଛି। ବୈରୀ ରେଞ୍ଜର ହିମାଂଶୁ ପୃଷ୍ଟିଙ୍କ ନିର୍ଦ୍ଦେଶରେ ଗଡ଼ମଧୁପୁର ଫରେଷ୍ଟର ଏମ.ଡି ସାକିର ହୁସେନ, ସ୍କ୍ୱାଡ୍ ଏସ୍‌କେ ଜାଭିର, ସମ୍ବିତ ରାଉତ ଓ ରାକେଶ ମହାନ୍ତି ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ମରାମତି, ରକ୍ଷଣାବେକ୍ଷଣ ଅର୍ଥ ହରିଲୁଟ୍

**ବ୍ରାହ୍ମଣୀ ନଦୀର ଜେନାପୁର ବ୍ରିଜ୍**

- ରଙ୍ଗ ଲାଗୁଛି, ମରାମତି ହେଉନି
- ଛାତରେ ଫାଟ, ଖାଲ ସୃଷ୍ଟି
- ତଦନ୍ତକାରୀ ଅଧିକାରୀ ନୀରବ

ଯାଜପୁର,୧୮।୧୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ପୂର୍ତ୍ତ ବିଭାଗ ଅଧୀନ ବ୍ରାହ୍ମଣୀ ନଦୀ ଉପରେ ଜେନାପୁର ବ୍ରିଜ୍ ନିର୍ମାଣକୁ ୫ ବର୍ଷ ନ ପୂରୁଣୁ ଛାତରେ ଏକାଧିକ ଫାଟ ଓ ଖାଲ ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଲୋକଙ୍କ ପାଇଁ ବହୁ ନିର୍ଭରଯୋଗ୍ୟ ଏହି ବ୍ରିଜ୍ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ଫାଟଗୁଡ଼ିକର ଆବଶ୍ୟକ ମରାମତି ନ କରି ସୁରକ୍ଷା ବାଡ଼ରେ ରଙ୍ଗ ଲଗାଇ ଛାଡ଼ି ଦେଉଛନ୍ତି। ଏହାବାଦ୍ ନିରୀକ୍ଷଣ ଦାୟିତ୍ୱରେ ରହୁଥିବା ଉଚ୍ଚ କର୍ତ୍ତୃପକ୍ଷ ଉପଯୁକ୍ତ ଭାବେ ତଦନ୍ତ ନ କରି ତାଙ୍କର ନିର୍ଦ୍ଧାରିତ କମିଶନ ନେଇ ବିଲ୍ ଭାଉଚରରେ ଦସ୍ତଖତ କରୁଥିବାରୁ ମରାମତି ଓ ରକ୍ଷଣାବେକ୍ଷଣ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ତେବେ ନିର୍ମାଣାଧୀନ ସମୟରେ ୨୦୧୬ ଫେବୃୟାରୀରେ ୯ ଓ ୧୦ ନମ୍ବର ଛାତର ଗାର୍ଡରରେ ସୃଷ୍ଟି ହୋଇଥିବା ଫାଟକୁ ସାମାନ୍ୟ ମରାମତି କରି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି। ଏହି ବିଭାଗ ଅଧୀନରେ ଜିଲାରେ ନିର୍ମିତ ଏଭଳି ଏକାଧିକ ବ୍ରିଜ୍‌ର ଅବସ୍ଥା ଅନୁରୂପ ସ୍ଥିତି ସୃଷ୍ଟି ହୋଇଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିଛି।


ଜେନାପୁର ବ୍ରିଜ୍‌ରେ ଖାଲ ସୃଷ୍ଟିହୋଇ ରଡ୍ ଦିଶୁଛି।

ବ୍ରାହ୍ମଣୀ ନଦୀ ଉପରେ ଜେନାପୁର ବ୍ରିଜ ନିର୍ମାଣ କାର୍ଯ୍ୟ ପାଇଁ ୨୦୧୧-୧୨ ଆର୍ଥିକ ବର୍ଷରେ ଏଆର୍‌ଏସ୍‌ଏସ୍ ଇନଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟ ଲିଃ ସହ ଚୁକ୍ତି ହୋଇଥିଲା। ୪୪ କୋଟି ୬୫ ଲକ୍ଷ ୩୩ ହଜାର ୮୨୯ ଟଙ୍କା ନାବାର୍ଡ ଅନୁଦାନରେ ୧୯।୪।୨୦୧୪ ସୁଦ୍ଧା ବ୍ରିଜ କାର୍ଯ୍ୟ ସାରିବାକୁ ଚୁକ୍ତି ହୋଇଥିଲା। କିନ୍ତୁ ତାରିଖ ମଧ୍ୟରେ ବ୍ରିଜ କାର୍ଯ୍ୟ ଶେଷ ନ ହେବାରୁ ୩୦।୩।୨୦୧୭ରେ ବିଭିନ୍ନ ସର୍ତ୍ତ ରଖି ୨୮।୨।୨୦୧୮ ମଧ୍ୟରେ ଶେଷ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିଲା। ଏହି ଅବଧି ମଧ୍ୟରେ ମଧ୍ୟ ବ୍ରିଜ କାର୍ଯ୍ୟ ଶେଷ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏପରିକି ପୂର୍ବ ନିର୍ଦ୍ଧାରିତ ବ୍ୟୟ ଅଟକଳ ପରିମାଣକୁ ବୃଦ୍ଧି କରାଯାଇଥିଲା। ୨୦୧୮ ଶେଷ ବେଳକୁ ତରବରିଆ ଭାବେ ଯେନତେନ ପ୍ରକାରେ ବ୍ରିଜ କାର୍ଯ୍ୟ ଶେଷ କରାଯାଇ ବିଭାଗକୁ ହସ୍ତାନ୍ତର ହୋଇଥିଲା। ପ୍ରଭାବଶାଳୀ ନେତା ପୂର୍ତ୍ତ ବିଭାଗର ରକ୍ଷାକବଚ ପାଲଟିଥିବାରୁ ଏହି ବ୍ରିଜର ସୁରକ୍ଷା ନେଇ କେହି ହସ୍ତକ୍ଷେପ କରିବାକୁ ସାହାସ ଜୁଟାଇ ପାରି ନ ଥିଲେ। ଏହାଦ୍ୱାରା ଏହି ବ୍ରିଜ୍ ପାଇଁ ଆବଣ୍ଟିତ ଅର୍ଥର ସିଂହଭାଗ ବାଟମାରଣା ସାଙ୍ଗକୁ ଏବେ ମରାମତି ଓ ରକ୍ଷଣାବେକ୍ଷଣ ଅର୍ଥକୁ ଚଲୁ କରୁଥିବା ଅଭିଯୋଗ ହେଉଛି। ତେବେ ସୁରକ୍ଷା ଦୃଷ୍ଟିରୁ ବ୍ରିଜର ଗାର୍ଡର ହେଉଛି ଛାତ ପାଇଁ ମୂଳଦୁଆ ସଦୃଶ। ଗାର୍ଡର ନିମ୍ନମାନର ହେଲେ ଦିନେ ନା ଦିନେ ଛାତ ଭୁଶୁଡ଼ିବାର ଆଶଙ୍କା ରହିଥାଏ। ତଥାପି ବିଭାଗୀୟ ଅଧିକାରୀ କେଉଁ ସ୍ୱାର୍ଥରେ ସମ୍ପୂର୍ଣ୍ଣ ଭାବେ ପୁନଃ ନିର୍ମାଣ କରିବାକୁ ସେତେବେଳେ ଆଦେଶ ଦେଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବ୍ରିଜ ଉପରେ ଧର୍ମଶାଳା, ରସୁଲପୁର, ଦାନଗଦି, ସୁକିନ୍ଦା, ବଡଚଣା, କୋରେଇ ଆଦି ବ୍ଲକର ଅଞ୍ଚଳବାସୀ ନିର୍ଭର କରିଥାନ୍ତି। କିନ୍ତୁ ବ୍ରିଜ ଉପରେ ଅନେକ ଲୁହା ରଡ୍ ବାହାରିବା ସହ ଖାଲ ସୃଷ୍ଟି ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏନେଇ ଅଞ୍ଚଳବାସୀ ପୂର୍ବରୁ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳିପାରିନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ନରୋତ୍ତମ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, କାର୍ଯ୍ୟକ୍ଷେତ୍ର ବାହାରେ ଏକ ବ୍ୟକ୍ତିଗତ କାର୍ଯ୍ୟରେ ଅଛି। ପରେ ଜେନାପୁର ବ୍ରିଜ ସଂକ୍ରାନ୍ତରେ ଫୋନ କରି କଥା ହେବି। ହେଲେ ପରେ ସେ ଆଉ ଫୋନ କରି ନ ଥିଲେ।

## ଦକ୍ଷିଣକାଳୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ପାଣିକୋଇଲି,୧୮।୧୧(ବିକାଶ ମଲ୍ଲିକ):

କାଳୀପୂଜା ଅବସରରେ କତରାପୁର କାଳୀ ମଣ୍ଡପଠାରେ ଦକ୍ଷିଣକାଳୀ ସାହିତ୍ୟ ସଂସଦର ୨୮ତମ ବାର୍ଷିକୋତ୍ସବ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାଳୀ କମିଟିର ମୁଖ୍ୟ ନିରଞ୍ଜନ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ବୈଦ୍ୟନାଥ ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯୁଗଜ୍ୟୋତିର ପୂର୍ବତନ ସଭାପତି ବିଜୟ କୁମାର ଦାଶ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡା ଯୋଗଦେଇଥିଲେ। ସମ୍ପାଦକ ନଟବର ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ କରାଯାଇଥିଲା। ସଂଯୋଜକ ଭାବେ ଆଇନଜୀବୀ ମନୋଜ କୁମାର ନାଥ, କବିତା ସମୀକ୍ଷକ ଭାବେ ସରୋଜିନୀ ପଣ୍ଡା ଯୋଗଦେଇଥିଲେ। ନଟବର ସେଠୀ ଧନ୍ୟବାଦ ଦେଇଥିଲେ। ଶତାଧିକ କବିୟିତ୍ରୀକବି ଯୋଗଦେଇ କବିତା ପାଠ କରିଥିଲେ।


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଭିସା ଗ୍ରୁପ୍ ତରଫରୁ ସ୍ୱାସ୍ଥ୍ୟସେବା ଶିବିର



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

କଳିଙ୍ଗନଗର,୧୮।୧୧ (ଶୁଭାଶିଷ ରାଉତ)

କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଗ୍ରୁପ୍ ତରଫରୁ ଶନିବାର କୁମ୍ଭୀରଗାଡ଼ିଆଠାରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୬୦ ଜଣଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଡାକ୍ତର ଅଭିମନ୍ୟୁ ସାହୁ ରୋଗ ନିରୂପଣ କରିଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର କର୍ମକର୍ତ୍ତାମାନେ ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ସାମିଲ ସମସ୍ତ ଲୋକଙ୍କ ରକ୍ତ ଶର୍କରା ପରୀକ୍ଷା କରାଯିବା ସହ ମାଗଣା ଔଷଧ ଓ ଫଳ ବଣ୍ଟନ କରାଯାଇଥିଲା। ଆଗକୁ ପ୍ରତି ଶନିବାର କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ଏପରି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ଭିସା ଗ୍ରୁପ୍‌ର ନିର୍ଦ୍ଦେଶକ ମନୋଜ କୁମାର ସୂଚନା ଦେଇଛନ୍ତି।

## ବିଜ୍ଞାନମେଳା ବିଦ୍ୟାର୍ଥୀଙ୍କୁ ଉଦ୍ଭାବନାଭିମୁଖୀ କରାଏ

**ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା**

- ୫ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ରସୁଲପୁର,୧୮।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ବଡ଼କଇଞ୍ଚି ପଞ୍ଚାୟତସ୍ଥିତ ପଞ୍ଚାୟତ ହାଇସ୍କୁଲ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ପ୍ରଧାନଶିକ୍ଷୟିତ୍ରୀ ସୁବାସୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିମାନେ ଯୋଗଦେଇ ବିଜ୍ଞାନମେଳା ବିଦ୍ୟାର୍ଥୀଙ୍କୁ ଉଦ୍ଭାବନାଭିମୁଖୀ କରାଇବା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାର ଏକ ମାଧ୍ୟମ ସାଜିଛି ବୋଲି ମତବ୍ୟକ୍ତ କରିଥିଲେ। ମେଳାରେ ବ୍ଲକ ଅଞ୍ଚଳର ୬୮ଟି ବିଦ୍ୟାଳୟରୁ ୬୯ ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥି ମଧ୍ୟରୁ ୫ ଶ୍ରେଷ୍ଠ ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରାଯାଇଛି। ଜିଲାକୁ ମନୋନୀତ ହୋଇଥିବା ପ୍ରକଳ୍ପଗୁଡିକ ଉପରେ ଗାଇଡ ଶିକ୍ଷକମାନେ ଧ୍ୟାନ ଦେବା ସହ ଉକ୍ତ ପ୍ରକଳ୍ପକୁ ଜିଲାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଦିଗରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି।


ବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥିମାନେ।

ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକମାନେ ପିଲାଙ୍କ ବିଶେଷଗୁଣକୁ ଚିହ୍ନଟ କରିବା ସହ ସେମାନଙ୍କୁ ମେଳାରେ ସାମିଲ କରିବାର ସୁଯୋଗ ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର ମେଳାକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଯାଜପୁର ଜିଲା ଓଷ୍ଟା ସଂଘ ସଭାପତି ସୁନନ୍ଦ କୁମାର ରାଉତ, ସମ୍ପାଦକ ଅମୂଲ୍ୟ କୁମାର ଦାସ, ବିଜ୍ଞାନ ଶିକ୍ଷକ ସଂଘ ନେତା ପ୍ରହ୍ଲାଦ ପଣ୍ଡା, ପ୍ରକାଶ କୁମାର ପଣ୍ଡା, ବିଷ୍ଣୁଚରଣ ସାହୁ, ପ୍ରଧାନଶିକ୍ଷକ ଅଶୋକ କୁମାର କର, ଗୋବିନ୍ଦ ଚନ୍ଦ୍ର ଦ୍ୱିବେଦୀ, ବନ୍ଦନା ତ୍ରିପାଠୀ, ପ୍ରତିଭା ସାମଲ, ମମତା ବୋଇତାଇ, ବ୍ରଜକିଶୋର ମହାରଣା, କୃଷ୍ଣଚନ୍ଦ୍ର ରଣା, ପ୍ରକାଶ ଚନ୍ଦ୍ର ତରାଇ, ସଞ୍ଜୟ କୁମାର ମହାନ୍ତି, ସୁଧାକର ସ୍ୱାଇଁ, ବୈକୁଣ୍ଠ ରାଉତ, ପ୍ରଦୀପ ସୂତାର, ପୀତାମ୍ବର ମଲିକ, ନିହାର ରଞ୍ଜନ ସାହୁ ଓ ପୁଷ୍ପଲତା ଲେଙ୍କା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯିବା ସହ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ୍ ଶିକ୍ଷକମାନେ ବିଜ୍ଞାନ ମେଳା ପରିଚାଳନାରେ ସହଯୋଗ କରିଥିଲେ। ଏନସିସି ଶିକ୍ଷକ ପ୍ରଭାତ କୁମାର ଚନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଷ୍ଣୁଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ଡକାୟତି ଯୋଜନାବେଳେ ୫ ଗିରଫ

ଜେନାପୁର,୧୮।୧୧(ଅଶୋକ ଦାସ):

ଡକାୟତି ଯୋଜନାବେଳେ ଜେନାପୁର ପୋଲିସ ହାତରେ ଧରା ପଡ଼ିଛନ୍ତି ୫ ଯୁବକ। ଏଥିସହିତ ସେମାନଙ୍କ ନିକଟରୁ ୨ ବାଇକ୍, ତେଲେଙ୍ଗା କଟୁରି, ଲୁହା ରଡ୍, ବନ୍ଧୁକ ଭଳି ଦେଖା ଯାଉଥିବା ଏକ ପ୍ଲାଷ୍ଟିକ ଲାଇଟର, ଲଙ୍କା ଗୁଣ୍ଡ ପ୍ୟାକେଟ, ଲୁହା ଜ୍ୟାକ ଓ କାଚ ଗୁଣ୍ଡ ଜବତ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଘାସିବର ଗ୍ରାମର ହୀରା ବାରିକ ଓ ଦାଣ୍ଡହରିପୁର ଗ୍ରାମର ସୁଶାନ୍ତ ପ୍ରଧାନ ଓରଫ୍ ଚେମା। ଅନ୍ୟ ୩ ଜଣ ଢେଙ୍କାନାଳ ଜିଲାର ନିହଲ ପ୍ରସାଦ ଥାନା ଅନ୍ତର୍ଗତ ଦଶମାଣ ମଞ୍ଜୁରିପଡ଼ା ଗ୍ରାମର ହିରଣ୍ୟ ଗାଏ ଓରଫ୍ ସୁବଳ, ପିଙ୍ଗୁଆ ଗ୍ରାମର ବିଶ୍ୱଜିତ ବାରିକ ଓରଫ୍ ନେପାଳି ଓ ପର୍ବତକଣି ଗ୍ରାମର ପିଣ୍ଟୁ ପୃଷ୍ଟି ଓରଫ୍ ରାବଣ ବୋଲି ଜଣାପଡ଼ିଛି। ଯୁବକମାନେ, ଶୁକ୍ରବାର ରାତିରେ ଜେନାପୁର ଥାନା ଅନ୍ତର୍ଗତ ମହୁଲ ଖଣି ଜଙ୍ଗଲ ରାସ୍ତା ଦେଇ ଯାଉଥିବା ଚିପ୍ସ ବୋଝେଇ ଗାଡ଼ିକୁ ଅଟକାଇ ଲୁଟ କରିବାକୁ ଯୋଜନା ପ୍ରସ୍ତୁତ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଏନେଇ ନମ୍ବର ୩୨୩/୨୩ରେ ଏକ ମାମଲା ରୁଜୁ ହୋଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ମା' ତାରିଣୀ ପୀଠରେ ରାମ ଚରିତ ମାନସ ପାରାୟଣ

ପାଣିକୋଇଲି,୧୮।୧୧(ବିକାଶ ମଲ୍ଲିକ):

ପାଣିକୋଇଲିସ୍ଥିତ ମା' ତାରିଣୀ ପୀଠରେ ୪୦ତମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ଓ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଛି। ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ୧୭ ତାରିଖ ପ୍ରତ୍ୟୁଷର ମଙ୍ଗଳ ଆଳତି ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମରେ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ପଣ୍ଡିତ ସୁଶ୍ରୀ ଅନୁପମା ବିଶ୍ୱାଳ, ପଣ୍ଡିତ ସୁଶ୍ରୀ ତପସ୍ୱିନୀ ପାଢ଼ୀ, ପଣ୍ଡିତ ସୁଶ୍ରୀ ରୀନାରାଣୀ ନାୟକ ଓ ପଣ୍ଡିତ ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଯୋଗଦେବାକୁ ସ୍ଥିର କରାଯାଇଛି। ପ୍ରଥମ ଦିନରେ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ ଯୋଗଦେଇ ପ୍ରବଚନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ୨୬ ତାରିଖରୁ ଅଷ୍ଟପ୍ରହର ନାମଯଜ୍ଞ କରାଯାଇ ୨୮ରେ ସମାପନ କରାଯିବ।

## ୨୭୮ ଜଣଙ୍କୁ ୧ କୋଟି ୨୬ ଲକ୍ଷ ଟଙ୍କା ପ୍ରଦାନ

ଯାଜପୁରରୋଡ୍,୧୮।୧୧ (ପବିତ୍ର ରଞ୍ଜନ ମହାନ୍ତି):

**ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ବଣ୍ଟନ ଶିବିର**

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ବଣ୍ଟନ ଶିବିର ଶନିବାର ସ୍ଥାନୀୟ ବ୍ୟାସଦେବ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ୨୭୮ ହିତାଧିକାରୀଙ୍କୁ ମୋଟ ୧ କୋଟି ୨୬ ଲକ୍ଷ ୧୯ ହଜାର ୨୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭା ସହଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଅଣସଂଗଠିତ ଓ ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ସହାୟତା ରାଶି ଯୋଗାଇ ଦେଉଛନ୍ତି। ସେମାନଙ୍କ ପିଲାଙ୍କ ପାଇଁ ଶିକ୍ଷା, ବିବାହ, ପ୍ରସୂତିକାଳୀନ, ମୃତ୍ୟୁକାଳୀନ ଏବଂ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ରାଶି ଯୋଗାଇ ଦିଆଯାଉଥିବାରୁ ସେମାନଙ୍କ ପରିବାର ଉପକୃତ ହେଉଛନ୍ତି। ସରକାରଙ୍କ ଏହି କାର୍ଯ୍ୟକ୍ରମରେ ତାଙ୍କ ଯୋଗଦାନ ନୈତିକ ମୂଲ୍ୟବୋଧ ଓ କର୍ତ୍ତବ୍ୟ ବୋଲି ବିଧାୟକ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ଅଣ ସଂଗଠିତ ଓ ନିର୍ମାଣ ଶ୍ରମିକଙ୍କ ଚିହ୍ନଟ ପ୍ରକ୍ରିୟା ଶ୍ରମିକ ସଂଗଠନଙ୍କ ଦ୍ୱାରା ନ କରାଯାଇ ଶ୍ରମ ବିଭାଗ ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ଚିହ୍ନଟ କଲେ ଉପଯୁକ୍ତ ହିତାଧିକାରୀ ଏହି ଯୋଜନାରେ ଉପକୃତ ହୋଇପାରିବେ। ଯାଜପୁର ଜିଲାରେ ୧ ଲକ୍ଷ ୫୯ ହଜାର ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ମାତ୍ର ୧୦ ହଜାର ୫୬୦ ଜଣ ଅଣସଂଗଠିତ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ କାଗଜପତ୍ର ଓ ଅନ୍ୟକେତେକ ତ୍ରୁଟି ଯୋଗୁ ଅନଲାଇନରେ ପଞ୍ଜୀକୃତ ହୋଇ ନ ପାରିବାରୁ ସେମାନେ ସରକାରଙ୍କ ବିଭିନ୍ନ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଥିବା ଶିବିରରେ ମତପ୍ରକାଶ ପାଇଥିଲା।

ଶିବିରରେ ଯୁଗ୍ମ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳେଇ, ବ୍ୟାସନଗର ପୌରପାଳିକା ଉପନଗରପାଳ ସୁବାସ ଚନ୍ଦ୍ର ବଳ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ବିଧାୟକ ବଳ ହିତାଧିକାରୀମାନଙ୍କୁ ସହାୟତା ରାଶିର ଚେକ ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ସୁନନ୍ଦା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶିବିରରେ ୩୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ଶ୍ରମିକ ଯୋଗ ଦେଇଥିଲେ।


ଜଣେ ମହିଳା ହିତାଧିକାରୀଙ୍କୁ ବିଧାୟକ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

## କୃଷି, ସମବାୟ ବିଭାଗ ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ

**୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ମହୋତ୍ସବ-୨୦୨୩ ପାଳିତ**

ଯାଜପୁର ଟାଉନ,୧୮।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ସଦର ମହକୁମା ସନ୍ନିକଟ ସୁନ୍ଦରପୁରଠାରେ ଥିବା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଯାଜପୁର ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଶନିବାର ଜିଲା ପ୍ରଶାସନ ଓ ରାଜ୍ୟ ସମବାୟ ବିଭାଗ ମିଳିତ ଆନୁକୂଲ୍ୟରେ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ମହୋତ୍ସବ-୨୦୨୩ ପାଳିତ ହୋଇଯାଇଛି।

ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, କୃଷି ଓ ସମବାୟ ବିଭାଗ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏହା ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ। ତେଣୁ ଚାଷୀଙ୍କ ନିକଟରେ ସରକାରଙ୍କ ପ୍ରଣିତ ଯୋଜନାର ସୁଫଳ ପହଞ୍ଚାଇବାକୁ ହେଲେ ଜିଲାରେ ଥିବା ସମସ୍ତ ପାକ୍ସ ନିଶ୍ୱାର୍ଥପର ଭାବେ ସେବା ଯୋଗାଇ ଦେବାକୁ ସେ ଆହ୍ୱାନ କରିଥିଲେ। ସମବାୟ ସମିତି ସହକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଷଦ ମଣ୍ଡଳୀ ସଭ୍ୟ ଶରତ ଚନ୍ଦ୍ର ସାହୁ, ଦୁଃଶାସନ ସାହୁ, କେଶବ ଚନ୍ଦ୍ର ସେଠୀ, ବିଜୟ କୁମାର ଦଳାଇ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇ ସମବାୟ ସେବାକୁ ତୃଣମୂଳସ୍ତରରେ ପହଞ୍ଚାଇ ଚାଷୀ ଏବଂ ବେକାର ଯୁବତୀଯୁବକଙ୍କ ଜୀବନ ଜୀବିକା ଉନ୍ନତମାନର ଗଢି ତୋଳି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ କରିଥିଲେ। ଏଥିସହିତ ଅତିଥି ମାନେ 'କୃଷି କଲେ ଉନ୍ନତି, ସକଳ ଉନ୍ନତ'ର ବାର୍ତ୍ତା ବ୍ୟାପକ ପ୍ରଚାରପ୍ରସାର କରିବାକୁ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସମବାୟ ସମିତି ସମୂହ କଟକ ପ୍ରଭାଗ-୨ ଉପନିବନ୍ଧକ ମୋନିକା ରାୟ ଯୋଗଦେଇ ପଞ୍ଚାୟତ କୃଷି ସମବାୟ ସମିତିଗୁଡିକର ସଭାପତି ଓ ସମ୍ପାଦକମାନେ ସ୍ୱଚ୍ଛତା ବଜାୟ ରଖି ସେବା ପ୍ରଦାନ କଲେ ଯାଜପୁର ଜିଲା ରାଜ୍ୟରେ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି କହିଥିଲେ।



ସମବାୟ ସପ୍ତାହ ମହୋତ୍ସବରେ ମଞ୍ଚାସୀନ ଅତିଥି।

ସହକାରୀ ନିବନ୍ଧକ ମଲ୍ଲିକ ଜିଲାରେ କାର୍ଯ୍ୟ କରୁଥିବା ୧୨୨ ସୋସାଇଟିର କାର୍ଯ୍ୟଧାରା ଉପରେ ଆଲୋକପାତ କରି ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୩ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇଥିଲେ। ଏଥିସହ ମଲ୍ଲିକ କହିଥିଲେ, ଜିଲାରେ ୩ଲକ୍ଷ ୧୦ହଜାର ସଭ୍ୟାସଭ୍ୟ ଥିବାବେଳେ ୨ଲକ୍ଷ ୧୪ହଜାର ସଭ୍ୟାସଭ୍ୟ ଋଣ କାରବାର କରୁଛନ୍ତି। ଚଳିତ ଖରିଫ ଋତୁରେ ୫୦ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟାବସାୟୀକରଣ ହୋଇଛି। ଏପରିକି ସମବାୟ ସମିତି ଭାତହାଣ୍ଡି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ମଲ୍ଲିକ ଉତ୍ଥାପନ କରି ସରକାରଙ୍କ ବିଭିନ୍ନ ଋଣ ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସମାରୋହରେ ସ୍ୱପ୍ନେଶ୍ୱର କଳା ନିକେତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସଭା ସଂଯୋଜନା ଉପ-ସହକାରୀ ନିବନ୍ଧକ ଦେବେନ୍ଦ୍ର ନାୟକ ସମ୍ପାଦିତକରିଥିବା ବେଳେ ଉପସହକାରୀ ନିବନ୍ଧକ ଭଗମତ ମାରାଣ୍ଡି ଧନ୍ୟବାଦ ଦେଇଥିଲେ।

# ଜାନୁୟାରୀ ୧ରୁ ଖୋଲିବ ମାନସିକ ରୋଷେଇ

ରଘୁନାଥପୁର,୧୮।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ୨୦୨୪ ଜାନୁୟାରୀ ୧ରୁ ଭକ୍ତଙ୍କ ପାଇଁ ମାନସିକ ରୋଷେଇ ଖୋଲିବ। ଶନିବାର ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ କଟକ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ପୀଠକୁ ଆସି ସେବକ, ଉପଦେଷ୍ଟା ଓ ସ୍ଥାନୀୟ ମୁରବିଙ୍କ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ହୋଇଛି।

କୋଭିଡ୍-୧୯ ପରଠାରୁ ପୀଠରେ ମାନସିକ ରୋଷେଇ ବନ୍ଦ ରହିଥିଲା। ଏହାକୁ ପୁନଃ ଚାଲୁ କରିବା ପାଇଁ ଭକ୍ତଙ୍କ ପକ୍ଷରୁ ଦାବି କରାଯାଇଥିଲା। ଜଣେ ଭକ୍ତ ଏନେଇ ନ୍ୟାୟାଳୟର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଏହାପରେ ଦୈନିକ ୫ଟି ମାନସିକ ରୋଷେଇ ହେବା ପାଇଁ ସ୍ଥିର କରାଯାଇଛି। ଏହା ୫୦୦ ଜଣଙ୍କ ମଧ୍ୟରେ ସୀମିତ ରହିବ। ଏଥିସହ ବାହାରୁ ରୋଷେଇ ପାଇଁ ଅଣାଯାଉଥିବା ହାଣ୍ଡିହଣ୍ଡାକୁ ନିଷେଧ କରାଯାଇଛି। ପୀଠ ପକ୍ଷରୁ ଏଥିପାଇଁ ସମସ୍ତ ଉପକରଣ ଯୋଗାଇ ଦିଆଯିବ।


ବୈଠକରେ ଯୋଗଦେଇଥିବା ଅତିରିକ୍ତ ସହକାରୀ ଦେବୋତ୍ତର ଆୟୁକ୍ତ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ଏବଂ ଅନ୍ୟମାନେ।

ପ୍ରତ୍ୟେକଟି ମାନସିକ ରୋଷେଇ (୧ଶହ ବ୍ୟକ୍ତିଙ୍କ) ପାଇଁ ୧ଶହ ଟଙ୍କାର ରସିଦ୍ ଓ ହାଣ୍ଡିହଣ୍ଡା ଉପକରଣ ବାବଦରେ ୫ଶହ ଟଙ୍କା ମୋଟ୍ ୬ଶହ ଟଙ୍କା ୨ଦିନ ପୂର୍ବରୁ ଦେବା ସହ ପରିଚୟପତ୍ର ସହ ରସିଦ୍ କାଟିବା ଜରୁରୀ। ରୋଷେଇ ପ୍ରସ୍ତୁତ କରୁଥିବା ପାଳିଆ ସେବକଙ୍କୁ ୪ଟି ବ୍ୟଞ୍ଜନ ପାଇଁ ଚାଉଳ ୧ କିଲୋ

**ଗୋରେଖନାଥ ପୀଠ**
- ଦୈନିକ ୫ଟି ରସିଦ କଟାଯିବ
- ବାହାରୁ ହାଣ୍ଡିହଣ୍ଡା ନିଷେଧ

ପିଛା ୨୦ ଟଙ୍କା ପାରିଶ୍ରମିକ ବାବଦରେ ମାନସିକ ରୋଷେଇ କରୁଥିବା ବ୍ୟକ୍ତି ପ୍ରଦାନ କରିବେ। ଆଗନ୍ତୁକ ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଅତିରିକ୍ତ ଆୟୁକ୍ତ ଆଚାର୍ଯ୍ୟ ପ୍ରକାଶ କରିବା ସହ ସର୍ବଦା ଶୃଙ୍ଖଳା ଓ ସହଯୋଗ ମନୋବୃତ୍ତି ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ଏହାଛଡ଼ା ପୀଠ ଚତୁଃପାର୍ଶ୍ୱ ସରକାରୀ ସ୍ଥାନରେ କିଛି ବ୍ୟକ୍ତି ଶୃଙ୍ଖଳା ଭୋଗ ଓ ଦୀପ ବିକ୍ରି କରୁଥିବାରୁ ପୀଠରେ ଭୋଗ ଓ ଦୀପ ପାଇଁ ଟେଣ୍ଡର ନେଉଥିବା ଦୋକାନୀଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡୁଛି ବୋଲି ଅଭିଯୋଗ ହୋଇଥିଲା। ତୁରନ୍ତ ଉକ୍ତ ଦୋକାନଗୁଡ଼ିକୁ ହଟାଯିବା ପାଇଁ ଜିଲାପାଳଙ୍କୁ ଲିଖିତଭାବେ ଜଣାଇବେ ବୋଲି ଅତିରିକ୍ତ ଆୟୁକ୍ତ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ସେବକଙ୍କୁ ପ୍ରଭୁଙ୍କ ସେବାନୀତି ପାଇଁ ବଂଶାନୁକ୍ରମିକ ଅଧିକାର ପ୍ରଦାନ କରିବା ଲାଗି ଦିଲୀପ କୁମାର ପଣ୍ଡା ଅତିରିକ୍ତ ସହକାରୀ ଆୟୁକ୍ତଙ୍କୁ ଅନୁରୋଧ ରଖିଥିଲେ। ଏ ସମ୍ପର୍କରେ ଆଇନଗତ ସହାୟତା ନେବା ପାଇଁ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ବୈଠକରେ ଏଣ୍ଡାଓମେଣ୍ଟ ଇନ୍ସପେକ୍ଟର ପ୍ରଦୀପ୍ତ ସାହୁ, ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା, ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ, ପ୍ରମୋଦ କୁମାର ମହାନ୍ତି, ଉପଦେଷ୍ଟା ପ୍ରଶାନ୍ତ ଭୂୟାଁ ଓ ସୁଶାନ୍ତ କୁମାର ଦାଶ, ଗୋଲଖ ଚନ୍ଦ୍ର ଦାଶ, ସୁଦର୍ଶନ ଦାଶ, ରମେଶ ଚନ୍ଦ୍ର ପଣ୍ଡା, ଆଲୋକ ରଞ୍ଜନ ପଣ୍ଡା, ସ୍ମୃତିରଞ୍ଜନ ପଣ୍ଡା, ରଶ୍ମିରଞ୍ଜନ ପଣ୍ଡା, ଜଗନ୍ନାଥ ଦାଶ, ନୀହାର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ପାନୀ ଫାଟକ ଆଗରେ ମୃତଦେହ ରଖି କ୍ଷତିପୂରଣ ଦାବି


ଧାରଣାରେ ବସିଥିବା ପରିବାର ସଦସ୍ୟ ଏବଂ ଗ୍ରାମବାସୀ।

ପାରାଦୀପ/ମାର୍ଶାଘାଇ,୧୮।୧୧
(ଶରତ ରାଉତ/ ଶୁଭେନ୍ଦୁ ଚୌଧୁରୀ)

**ସଡ଼କ ଦୁର୍ଘଟଣାରେ ଶ୍ରମିକ ମୃତ**

ପାରାଦୀପର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀର ମୁଖ୍ୟ ଫାଟକ ଆଗରେ ଶନିବାର ରାତିରେ ଧାରଣା ଦିଆଯାଇଛି। ଏଠାରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବି କରି ସେଠାରେ ବସି ରହିଛନ୍ତି। ମୃତକ ହେଲେ କଳ୍ପତରୁ ରାଉତ (୪୪)। ତାଙ୍କ ଘର କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ବାଲିସୁଆଁ ଗ୍ରାମରେ। ସେ ଶୁକ୍ରବାର ଦ୍ୱିତୀୟ ସିଫ୍ଟ ଡ୍ୟୁଟି ସାରି ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଏକ ଟ୍ରକ୍ ଧକ୍କାରେ ଗୁରୁତର ହୋଇଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ କଟକର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର କଳ୍ପତରୁଙ୍କ ମୃତ୍ୟୁ ଘଟିଛି। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନ ଥିଲା।

# ବସ୍ ମାଲିକଙ୍କ ବିଧାନସଭା ଘେରାଉରେ ପାରାଦୀପ ସଂଘ ଯୋଗଦେବ

ପାରାଦୀପ,୧୮।୧୧(ଶରତ ରାଉତ)

**୨୨ରେ ଆନ୍ଦୋଳନ**

ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ଚଳାଚଳ କରିବା ଘଟଣାକୁ ନେଇ ଘରୋଇ ବସ୍ ମାଲିକମାନେ ଅସନ୍ତୁଷ୍ଟ ଅଛନ୍ତି। ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ବସ୍ ଚଳାଚଳ ସମୟ ସାରଣୀକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏନେଇ ଘରୋଇ ବସ୍ ମାଲିକସଂଘ ଆସନ୍ତା ୨୨ରେ ବସ୍ ଚଳାଚଳ ବନ୍ଦ କରିବା ସହ ବିଧାନସଭା ଘେରାଉ କରିବ ବୋଲି ଡାକରା ଦେଇଛି। ଉକ୍ତ ଧର୍ମଘଟରେ ପାରାଦୀପ ଘରୋଇ ବସ୍ ମାଲିକସଂଘ ସାମିଲ ହେବ ବୋଲି ଶୁକ୍ରବାର ସୂଚନା ମିଳିଛି। ଏନେଇ ସଂଘ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ରଶ୍ମିରଞ୍ଜନ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ କର୍ମକର୍ତ୍ତା ନିର୍ମଳ କୁମାର ଜେନା, ପରେଶ କୁମାର ନନ୍ଦି, ଅବଦୁଲ ଆବିଦ ଖାନ ଓ ମଦନ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା

ରଘୁନାଥପୁର,୧୮।୧୧
(ରାଜେନ୍ଦ୍ର ନାରାୟଣ ସିଂହ)

**ସରକାରୀ ରାସ୍ତାରେ ରାତିଅଧିଆ ପାଚେରି ନିର୍ମାଣକୁ ବିରୋଧ**

ରଘୁନାଥପୁର ତହସିଲ ଅଧୀନ ଧରାଧରପୁର (କୋଟକଣା) ବାରିକ ସାହିରେ ସରକାରୀ କଂକ୍ରିଟ ରାସ୍ତାକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଖୋଳି ପାଚେରି ନିର୍ମାଣ କରିଥିବା ଅଭିଯୋଗ କରି ଶନିବାର ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଚଳିତ ମାସ ୧୦ରେ ତହସିଲଦାରଙ୍କୁ ଏ ସମ୍ପର୍କରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ତହସିଲଦାର ଅଭିପ୍ସା ପଟ୍ଟନାୟକ ତୁରନ୍ତ ଅରଙ୍ଗ ରାଜସ୍ୱ ନିରୀକ୍ଷକଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ତଦନ୍ତରେ ବିଳମ୍ବ ହୋଇଥିଲା। ଏହାର ସୁଯୋଗ ନେଇ ସମ୍ପୃକ୍ତ ବ୍ୟକ୍ତି ରାତିଅଧରେ ପାଚେରି ନିର୍ମାଣ କରୁଥିବା ଅଭିଯୋଗ କରି ଗ୍ରାମର ସର୍ବେଶ୍ୱର ଜେନାଙ୍କ ନେତୃତ୍ୱରେ ବିଧୁଭୂଷଣ ବାରିକ, ପଞ୍ଚାନନ ଦାସ, ଜୟନ୍ତ ଦାସ, ବାପିନାଥ ବାରିକ, ଗଗନ ବାରିକ, ଯୋଗେନ୍ଦ୍ର ବାରିକ, ଭିକାରୀ ବାରିକ, ପ୍ରମୋଦ ବାରିକ, ପ୍ରଶାନ୍ତ ବାରିକ, ସଞ୍ଜିନ ବାରିକ, ମୋଦି ମଲ୍ଲିକ, ଫିଲ୍ଲୁ ବାରିକ


ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ଧାରଣାରେ ବସିଛନ୍ତି ।

ପ୍ରମୁଖ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣାସ୍ଥଳରେ ତହସିଲଦାର ପଟ୍ଟନାୟକ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ବେଆଇନ ପାଚେରି ନିର୍ମାଣ ବନ୍ଦ କରିବା ପାଇଁ ଧାରଣାକାରୀମାନେ ଅଡ଼ିବସିବାରୁ ତହସିଲଦାର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ରଘୁନାଥପୁର ଥାନାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନଭେମ୍ବର ୨୧ରେ ନିର୍ମାଣ କାର୍ଯ୍ୟକୁ ଭଙ୍ଗାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ତହସିଲଦାରଙ୍କ ନିର୍ଦ୍ଦେଶ ପାଇ ରଘୁନାଥପୁର ଥାନା ଏସ୍‌ଆଇ ଯୋଗେନ୍ଦ୍ର ବେହେରା ସଦଳବଳ କୋଟକଣା ଗ୍ରାମରେ ପହଞ୍ଚି ପାଚେରି ନିର୍ମାଣକାରୀଙ୍କୁ ଏଥିରୁ କ୍ଷାନ୍ତ ରହିବା ପାଇଁ ତାଗିଦ କରିଛନ୍ତି।

# ଗୁଣବତ୍ତା ବିହନ ଅଧିକ ଅମଳକ୍ଷମ ପାଇଁ ସକ୍ଷମ

ରଘୁନାଥପୁର,୧୮।୧୧
(ରାଜେନ୍ଦ୍ର ନାରାୟଣ ସିଂହ)

- ୩ ଦିନ ବ୍ୟାପୀ ପ୍ରଶିକ୍ଷଣ ଶିବିର ଆରମ୍ଭ
- ଆସାମରୁ ଯୋଗଦେଲେ ୯ ପ୍ରଶିକ୍ଷାର୍ଥୀ

ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡ଼ସ୍ଥିତ କୃଷିଭିତ୍ତିକ ସଂସ୍ଥା ଲାଲ୍(ଲିଭ୍ ଆଣ୍ଡ ଲେଟ୍ ଲିଭ୍) ସଭାକକ୍ଷରେ ଗୁଣବତ୍ତା ବିହନ ଉତ୍ପାଦନ ଉପରେ ଏକ ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ସୁଦୂର ଆସାମ ରାଜ୍ୟ ବିହନ ନିଗମ ଓ ଏରିଆସ୍ ସୋସାଇଟି ପକ୍ଷରୁ ୯ ଜଣ ପ୍ରଶିକ୍ଷାର୍ଥୀ ଲାଲ୍ ସଂସ୍ଥାରେ ପହଞ୍ଚି ପ୍ରଶିକ୍ଷଣ ନେଇଛନ୍ତି। ଉଦ୍‌ଘାଟନ ଅବସରରେ ସଂସ୍ଥା ପକ୍ଷରୁ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସଂସ୍ଥାର ମାର୍ଗଦର୍ଶକ ସମ୍ପାଦକ କ୍ଷେତ୍ରମୋହନ ବେହେରା ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉନ୍ନତ ଜ୍ଞାନକୌଶଳ ଦ୍ୱାରା ପ୍ରତ୍ୟେକ କୃଷିକୁ ଆୟୁଧ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଥିଲେ। ଏଥିପାଇଁ ଆବଶ୍ୟକ ଥିବା ଗୁଣବତ୍ତା ବିହନକୁ କିପରି ପ୍ରସ୍ତୁତ କରିହେବ ସେ ସମ୍ପର୍କରେ ବେହେରା ଆଲୋକପାତ କରିଥିଲେ। ଗୁଣବତ୍ତା ବିହନ ଅଧିକ ଅମଳକ୍ଷମ ପାଇଁ ସକ୍ଷମ ବୋଲି ସେ ପ୍ରକାଶ କରିଥିଲେ। କମ୍ୟୁନିଟି ଲେଭଲରେ କିପରି ଗୁଣାତ୍ମକ ଧାନ ବିହନ ଉତ୍ପାଦନ କରାଯାଇପାରିବ ଏବଂ ଏହି ଉତ୍ପାଦକ ବିହନକୁ କିପରି ବିକ୍ରୟ କରାଯିବ ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ଏହାଛଡ଼ା କୃଷକ ଉତ୍ପାଦକ କମ୍ପାନୀ ଗଠନ, ବିହନ ପ୍ରକ୍ରିୟାକରଣ, ପ୍ୟାକିଂ, ବ୍ରାଣ୍ଡ ଓ କମ୍ପାନୀ ଅଂଶୀଦାରଙ୍କ ଦ୍ୱାରା ଏହି ବିହନକୁ କିପରି ମାର୍କେଟିଂ କରାଯିବ ସେ ଉପରେ ଆଗକୁ ପ୍ରଶିକ୍ଷଣ ଦିଆଯିବ। ପ୍ରଥମ ଦିନରେ ଡ. ଏସ୍‌ଆର ଦାଶ କନ୍‌ସଲ୍‌ଟାଣ୍ଟ ଆଇଆରଆରଆଇ ଫିଲିପାଇନ୍ସ, ଡ. ସୀମନ୍ତ ମହାନ୍ତି ଓୟୁଏଟି ଏଚ୍‌ଓଡି ଭୁବନେଶ୍ୱର ପ୍ରଶିକ୍ଷଣ ଦେଇଥିଲେ। ଲାଲ୍‌ର ପିଓର ଲାଇନ୍ ପ୍ଲାଣ୍ଟ ପରିଦର୍ଶନରେ ଅବନୀ ବେହେରା, କାଦମ୍ବିନୀ ବେହେରା ଓ ସୁଦ୍ଧିରଞ୍ଜନ ବାରିକ ସହଯୋଗ କରିଥିଲ। କୃଷ୍ଣଚନ୍ଦ୍ର ସ୍ୱାଇଁ, ଅଶୋକ ବାରିକ ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ପରିଦର୍ଶନ କରାଇଥିଲେ। ଅବସରପ୍ରାପ୍ତ କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଏହାକୁ ପରିଚାଳନା କରିଥିଲେ।


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥିଙ୍କ ସହ ଆସାମରୁ ଆସିଥିବା ପ୍ରଶିକ୍ଷାର୍ଥୀମାନେ।

# ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ବଣ୍ଟନ


ଜଣେ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଉଛି।

ପାରାଦୀପ/କୁଜଙ୍ଗ,୧୮।୧୧
(ଶରତ ରାଉତ/ମନୋଜ ପ୍ରଧାନ)

ପାରାଦୀପସ୍ଥିତ ତୈଳ ବିଶୋଧନାଗାର ପକ୍ଷରୁ ଶନିବାର କୁଜଙ୍ଗଠାରେ ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ ଦିଆଯାଇଛି। କୁଜଙ୍ଗ ସୂଚନା ଭବନ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ ଯୋଗ ଦେଇ ଏହା ବଣ୍ଟନ କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ୧୪୫ ଜଣଙ୍କୁ ସାଇକେଲ, ଶ୍ରବଣ ଯନ୍ତ୍ର ଆଦି ଦିଆଯାଇଥିଲା ବୋଲି ବିଶୋଧନାଗାର ପକ୍ଷରୁ କୁହାଯାଇଛି। ଏଥିରେ ବିଶୋଧନାଗାରର ଡିଜିଏମ୍(ମାନବ ସମ୍ବଳ) ମମତା ସାହୁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦିପ ତୈଳ ବିଶୋଧନାଗାର ଥଇଥାନ ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ତହସିଲଦାର ପୁଷ୍ପାଶ୍ରୀ ସାଣ୍ଡିଲ, ଅତିରିକ୍ତ ବିଡିଓ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲାର ୪୦୦ ଦିବ୍ୟାଙ୍ଗଙ୍କୁ ଏଭଳି ଉପକରଣ ଦିଆଯିବ ବୋଲି ବିଶୋଧନାଗାର ପକ୍ଷରୁ କୁହାଯାଇଛି।

# ହଂସୁରା ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍

ରାହାମା, ୧୮।୧୧(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ହଂସୁରା ପଞ୍ଚାୟତ ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଓ ବାତ୍ୟାରେ ପ୍ରଭାବିତ ହୋଇଥାଏ। ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇ କ୍ଷୟକ୍ଷତିର ଆକଳନ ଓ ଭରଣା ପାଇଁ ଗୁରୁତ୍ୱ ଦିଆଯାଉଥିବା ବେଳେ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ଚଳିତବର୍ଷ ବନ୍ୟାରେ ରାସ୍ତାଘାଟ ଧୋଇ ଯାଇ ଘାଇ ସୃଷ୍ଟି ହୋଇଥିବା ବେଳେ ଅଦ୍ୟାବଧି ମରାମତି କରାଯାଇନାହିଁ। ଅନୋଳିପାଟଣା, ଶ୍ରୀଚନ୍ଦନପୁର, ସମାପୁର, ଖୋସାଲପୁର ଏବଂ ହଂସୁରାର ରାସ୍ତା ଅଦ୍ୟାବଧି ମରାମତି ହୋଇନାହିଁ। ଏଠାରେ ଯେଉଁ ଅଳ୍ପ ପରିମାଣର କାମ ହୋଇଛି ଆବଶ୍ୟକ ଥିବା ରାସ୍ତାଘାଟର କାର୍ଯ୍ୟ କରା ନ ଯାଇ ଅନାବଶ୍ୟକ ରାସ୍ତା ଘାଟ କରାଯାଇଛି। ଏଥିପାଇଁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀଙ୍କ ଅହେତୁକ ଅବହେଳା ଯୋଗୁ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଉକ୍ତ ପଞ୍ଚାୟତରେ ନିଯୁକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଞ୍ଚାୟତରେ ଆଦୌ ଦେଖିବାକୁ ମିଳୁନାହିଁ। ବିଦ୍ୟାଳୟ, ଅଙ୍ଗନୱାଡ଼ି ଗୃହ, ରାସ୍ତାଘାଟ, ଏମ୍‌ଜିଏନ୍‌ଆରଇଜିଏସ୍ କାମ ହୋଇପାରୁନାହିଁ। ଛାତ୍ରୀଛାତ୍ରଙ୍କଠୁ ଆରମ୍ଭ କରି ସମସ୍ତେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୁରବସ୍ଥା ଭିତରେ ଗତି କରୁଥିବା ହଂସୁରା ପଞ୍ଚାୟତର ବିଚିତ୍ରାନନ୍ଦ ଶତପଥୀ, ସୂର୍ଯ୍ୟମଣି ସାମନ୍ତରାୟ, ଭ୍ରମରବର ପରିଡା, ଦିବାକର ଦାସ, ଧୁଳା ଦାସ, ଶିବ ପ୍ରସାଦ ବାରିକ ପ୍ରମୁଖ ଜଗତ୍‌ସିଂହପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ବାବଦରେ ଉକ୍ତ ପଞ୍ଚାୟତର ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୀପ୍ତି ପାତ୍ରଙ୍କୁ ପଚାରିବାରେ ବର୍ତ୍ତମାନ ୧୫ ଦିନ ହେବ ତାଙ୍କ ମା'ଙ୍କ ଦେହ ଖରାପ ଥିବାରୁ ମେଡିକାଲରେ ଅଛନ୍ତି, ତେଣୁ କାମ ହୋଇପାରିନାହିଁ ବୋଲି ସେ କହିଛନ୍ତି।

# ଯୋଗ ଶାରୀରିକ, ମାନସିକ ଅଭିବୃଦ୍ଧିରେ ସହାୟକ ହୁଏ



କୁଜଙ୍ଗ,୧୮।୧୧ (ମନୋଜ ପ୍ରଧାନ)

ସମନ୍ୱିତ ଯୁବ ବିକାଶ ଯୋଜନା ମାଧ୍ୟମରେ କୁଜଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସେବା ସମୂହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ରଞ୍ଜନ କୁମାର ସ୍ୱାଇଁ ଛାତ୍ରୀମାନଙ୍କୁ ଏହି ଅବସରରେ ବିଭିନ୍ନ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସେହିପରି ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପରିବେଶ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପାରାଦିପ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟ ଅତିଥିରୂପେ ଯୋଗଦେଇ ଯୋଗଦ୍ୱାରା ମଣିଷ ରୋଗମୁକ୍ତ ରହେ। ଏହା ଶାରିରୀକ ଓ ମାନସିକ ଅଭିବୃଦ୍ଧିରେ ସହାୟକ ହୁଏ । ତେଣୁ ଛାତ୍ରୀଛାତ୍ରମାନେ ଯୋଗାଭ୍ୟାସ କଲେ ଶାରୀରିକ ମାନସିକସ୍ତରରେ ସୁସ୍ଥ ରହିବା ସହ ନିଜକୁ ବିକଶିତ କରିପାରିବ ବୋଲି ବିଧାୟକ ରାଉତରାୟ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ଯୋଗଦେଇ ଛାତ୍ରୀଛାତ୍ରମାନେ ମାନସିକ ଓ ଭୌତିକ ଅଭିବୃଦ୍ଧି ପାଇଁ ସଙ୍କଳ୍ପ ନେବା ଉଚିତ ବୋଲି କହିଥିଲେ । ଯୋଗ ଶିକ୍ଷା ନୋଡାଲ ଅଫିସର ଅଧ୍ୟାପକ ଶିଶିର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସୁଭ୍ରାଂଶୁ ଶେଖର ସାହୁ, ବିନୋଦ ଦାସ, ସଲମନ ସାହୁ, ସସ୍ମିତା ସାହୁ, ଅଧ୍ୟାପିକା ସ୍ମୃତିଶ୍ରୀ ମହାନ୍ତି, ସୌଦାମିନୀ ସ୍ୱାଇଁ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ନୋଡାଲ ଅଫିସର ଜୟନ୍ତି କୁମାରୀ ସ୍ୱାଇଁ ପ୍ରମୁଖ ସହାୟତା କରିଥିଲେ।

# ଠିକ୍ ସମୟରେ ଋଣ ଶୁଝିଲେ ୫% ସୁଧ ଛାଡ଼

ଜଗତ୍‌ସିଂହପୁର, ୧୮।୧୧ (ପ୍ରମୋଦ କୁମାର ନାୟକ)

**ସମବାୟ ସପ୍ତାହ ପାଳନ ଅବସରରେ ଜିଲାସ୍ତରୀୟ ମହୋତ୍ସବ**

ଗତ ୨୪ ବର୍ଷ ମଧ୍ୟରେ ସମବାୟ ବ୍ୟବସ୍ଥା ଲୋକଙ୍କ ନିକଟତର ହୋଇପାରିଛି। ଏହାଦ୍ୱାରା ଲୋକେ ସ୍ୱାବଲମ୍ବି ହୋଇପାରିଛନ୍ତି। ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ପାଇଁ ଋଣ ସୁବିଧା କରାଯାଇଛି। ସରକାରଙ୍କ ଅଭିନବ ପ୍ରୟାସରେ ପ୍ରତ୍ୟେକ ପଞ୍ଚାୟତରେ ସମବାୟ ସମିତି କାର୍ଯ୍ୟକାରୀ ହେବାକୁ ଯାଉଛି। ଏହା ଜିଲାର ଚାଷୀମାନଙ୍କ ଉନ୍ନତିରେ ସହାୟକ ହୋଇପାରିବ। ଶନିବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ସମବାୟ ମହୋତ୍ସବ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁନନ୍ଦନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି । ସମ୍ମାନିତ ଅତିଥିଭାବେ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜିଲା ପରିଷଦ ସଭାପତି ମନୋଜ ଭୋଇ ଯୋଗଦେଇ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ସମବାୟ ସମିତି ଗଠନ କରିବା ଦ୍ୱାରା କୃଷକଙ୍କ ଉନ୍ନତି ସାଧିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ମତପ୍ରକାଶ କରିଥିଲେ । ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ପୌରୋହିତ୍ୟ କରି ଚାଷୀଙ୍କୁ ଆବଶ୍ୟକ ପରମାଣର ଋଣ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଋଣର ପରିଶୋଧ ଏବଂ ଠିକ୍ ସମୟରେ ପରିଶୋଧ କରୁଥିବା ଚାଷୀଙ୍କୁ ୫ ପ୍ରତିଶତ ସୁଧ ରିହାତି ମିଳିପାରିବ ବୋଲି ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଭାତ କୁମାର କାନୁନ୍‌ଗୋ, ନିର୍ଦ୍ଦେଶକ ସରୋଜ କୁମାର ମହାପାତ୍ର, ଉପସଭାନେତ୍ରୀ ଆରତୀ ମହାନ୍ତି ପ୍ରମୁଖ ଜିଲାରେ କୃଷି ଓ କୃଷକଙ୍କ ନୂତନ ପ୍ରତିଛବି ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ । ଜଗତ୍‌ସିଂହପୁର ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ସନ୍ତୋଷ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଓ ଉପ ସହକାରୀ ନିବନ୍ଧକ ଶିବ ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଆର୍‌ଏମ୍‌ସି ସମ୍ପାଦକ ସୂର୍ଯ୍ୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ୭୦ତମ ସର୍ବଭାରତୀୟ ସମବାୟ ସପ୍ତାହ ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ।

## ଜୁଆ ଆଡ୍ଡାରୁ ୫ ଗିରଫ

ଗୋପାଳପୁର, (ନବୀନ ରାଜ ଆଚାରୀ)–ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ରାତିରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କାରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୫ ହଜାର ୫୧୦ ଟଙ୍କା ଜବତ କରିଛି। ଥାନା ଅଧିନ ଗୋବିନ୍ଦନଗର ଗ୍ରାମ ଏକ ଖୋଲା ସ୍ଥାନରେ ଜୁଆ ଆଡ୍ଡା ଚାଲୁଥିବା ବେଳେ ପୋଲିସ ଟିମ ସେଠାରେ ଚଢ଼ାଉ କରିଥିଲେ। କିଛି ଜୁଆଡ଼ି ଚମ୍ପଟ ମାରିଛନ୍ତି। ଏ ନେଇ ନଂ. ୫୮୮/୨୩ରେ ମାମଲା ରୁଜୁ କରାଯାଇଛି।



## ସଂକ୍ଷେପରେ

### ହୃଦ୍‌ଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

ବୁଗୁଡ଼ା,୧୮।୧୧(କାଳି ଚରଣ ଦାଶ)– ସ୍ଥାନୀୟ ଷ୍ଟେଟବ୍ୟାଙ୍କ ନିକଟରେ ବ୍ୟବସାୟ ପ୍ରତିଷ୍ଠାନ କରିଥିବା ବ୍ୟବସାୟୀ ପଦ୍ମ ଚରଣ ଦାଶ(୫୯)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ପଦ୍ମ ଚରଣ ଶୁକ୍ରବାର ମନ୍ଦିର ଯାଇ ଘରକୁ ଫେରିବା ପରେ ହଠାତ୍ ହୃଦଘାତର ଶିକାର ହୋଇଥିଲେ। ପଦ୍ମଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ମା', ଭଉଣୀ, ପୁଅ ଓ ଝିଅ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ୩୨ ଏକର ଜମିର ଗଞ୍ଜେଇ ଗଛ ନଷ୍ଟ

ବାଲିଗୁଡା,୧୮।୧୧(ସଞ୍ଜୟ କୁମାର ପାଣିଗ୍ରାହୀ): ଆଦିବସୀ ବହୁଳ କନ୍ଧମାଳ ଜିଲାରେ କର୍ମନିଯୁକ୍ତି ଅଭାବ ରହିଛି। ରୋଜଗାରର ପନ୍ଥା ନପାଇ ଯୁବକ/ଯୁବତୀଠାରୁ ଆରମ୍ଭ କରି ବୟସ୍କ ମଧ ଗଞ୍ଜେଇ ଚାଷରେ ମାତିଛନ୍ତି। ବେଆଇନ ଏହି ଚାଷ ଉପରେ ରୋକ ଲଗାଇବାକୁ ପୋଲିସ ବିଭାଗ ଦୀର୍ଘଦିନ ହେଲା ଅଭିଯାନ ଚଳାଇଛନ୍ତି। ତଥାପି ଗଞ୍ଜେଇ ଚାଷ ଦିନ ଦିନକୁ ବଢିବାରେ ଲାଗିଛି। ଏ ନେଇ ବାଲିଗୁଡା ପୋଲିସ ଶନିବାର ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ବାଲିଗୁଡା ଥାନାର ବାରଖମା ନିକଟସ୍ଥ ରେବିଙ୍ଗିଆ, ଦୁଲୁକିଆ, ଓ ବଡିଗାଁ ଭଳି ବିଭିନ୍ନ ଜଙ୍ଗଲ ଜମିରେ ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ସଦଳବଳ ଚଢାଉ କରି ପ୍ରାୟ ୩୨ ଏକର ଜମିରେ ଚାଷ ହୋଇଥିବା ଲକ୍ଷାଧିକ ଟଙ୍କାର ବେଆଇନ ଗଞ୍ଜେଇ ଗଛ ସବୁ କାଟି ପୋଡି ନଷ୍ଟ କରି ଦିଆଯାଇଥିଲା। ଏ ନେଇ ବାଲିଗୁଡା ଥାନାରେ ନଂ.୨୬୭/୨୩ରେ ଏକ ଏନଡିପିଏସ ମାମଲା ମଧ୍ୟ ରୁଜୁ ହୋଇଛି।

### ତାମିଲନାଡୁରେ ଦାଦନ ଶ୍ରମିକ ମୃତ

ଗୁମ୍ମା,୧୮।୧୧(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକରେ ଶନିବାର ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁମ୍ମା ବ୍ଲକ ତରଙ୍ଗଡା ପଞ୍ଚାୟତର ନୂଆ କେ.କେ.ସିଂହ ଗ୍ରାମର ଅମୃତ ନନ୍ଦ ବର୍ଦ୍ଧନଙ୍କ ପୁଅ ଫିନୋଶ (୨୦)। ପରିବାରର ଆର୍ଥିକ ସମସ୍ୟା ସୁଧାରିବା ପାଇଁ ରାଜ୍ୟ ବାହାରକୁ ଯାଇ ତାମିଲନାଡୁର ତ୍ରିପୁର ଅଞ୍ଚଳରେ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ସେଠାରେ ହଠାତ ସେ ଅସୁସ୍ଥତା ହୋଇଯାଇଥିଲେ। ଖବର ପାଇ ପରିବାର ଲୋକ ତ୍ରିପୁରରୁ ଶ୍ରୀକାକୁଲମକୁ ଚିକିତ୍ସା ନିମନ୍ତେ ଆଣିଥିଲେ ଏବଂ ଶ୍ରୀକାକୁଲମ ରାଗୁଲୁ ଜେମସ୍‌ରେ ଚିକିତ୍ସା କରୁଥିବା ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଗୁମ୍ମା ବିଡିଓ ଶରତ କୁମାର ପାତ୍ର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦,୦୦୦ ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୩୦୦୦ ଟଙ୍କା ପ୍ରଦାନ କରିଥିଲେ।

### ମହିଳାଙ୍କୁ ଅସଦାଚରଣ ମାମଲାରେ ଜଣେ ଗିରଫ

ପାରଳାଖେମୁଣ୍ଡି,୧୮।୧୧
(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ମହିଳାଙ୍କୁ ଅସଦାଚରଣ ମାମଲରେ ଶନିବାର ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଆର.ଉଦୟଗିରି ଥାନା ଅନ୍ତର୍ଗତ ଟିକାମାଳ ଗ୍ରାମର ମିଖାଇଲ ପରିଛା। କିଛି ବର୍ଷ ତଳେ ମହିଳା ଜଣକ କୌଣସି କାମର ବସରେ ଯାତ୍ରା କରୁଥିବା ସମୟରେ ମିଖାଇଲ ସହ ତାଙ୍କର ଦେଖାଯାଇଥିଲା। ଦୁର୍ଭାଗ୍ୟ ବଶତଃ ମହିଳାଙ୍କ ଶିକ୍ଷାଗତ ପ୍ରମାଣ ପତ୍ର ହଜିଯାଇଥିଲା। ଅଭିଯୁକ୍ତ ଶିକ୍ଷାଗତ ସାର୍ଟିଫିକେଟ ଯୋଗାଇ ଦେବେ କହି ୨ଟି କିସ୍ତିରେ ମହିଳାଙ୍କଠାରୁ ୫୦,୦୦୦ ଟଙ୍କା ନେଇଥିଲେ। ପରେ ସୁଯୋଗ ନେଇ ମହିଳା ଜଣଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହା ପରେ ତାଙ୍କୁ ଓଡ଼ିଶା ଓ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚୋରା ଚାଲଣ କରିବା ପାଇଁ ବାଧ କରାଯାଇଥିଲା। ଏହି ମାମଲାରେ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ନଂ.୧୬/୧୧/୨୩ରେ ମାମଲା ରୁଜୁ ହୋଇଥିଲା। ପାରଳାଖେମୁଣ୍ଡି ସବ ଇନିସ୍ପେକ୍ଟର ନଳିନୀ କହର ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତାଙ୍କ ପାଖରୁ ୨ ମୋବାଇଲ ଫୋନ ଓ ୪ ଟି ସିମ କାର୍ଡ ଜବତ କରାଯାଇଥିବା ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ଖଲ୍ଲିକୋଟ,୧୮।୧୧
(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଲାଞ୍ଜିବନ୍ଧ ପୋଖରୀରେ ବୁଡ଼ି ଶନିବାର ଜଣେ ଦେଢ଼ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ଗୁଣ୍ଡିଚା ମନ୍ଦିର ସାହିର ଦଣ୍ଡପାଣି ବେହେରାଙ୍କ ଦେଢ଼ ବର୍ଷର ଝିଅ ଗାୟତ୍ରୀ ସକାଳ ସାଢ଼େ ୮ଟା ସମୟରେ ମା'ଙ୍କ ସହିତ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଅସାବଧାନତା ବଶତଃ ଗାୟତ୍ରୀ ପାଣି ଭିତରେ ବୁଡ଼ି ଯାଇଥିଲେ। ଖଲ୍ଲିକୋଟ ଥାନା ପୋଲିସ ମୃତଦେହ ଜବତ କରିଛି।

# ଗଞ୍ଜାମକୁ ମରୁଡ଼ିଗ୍ରସ୍ତ ଜିଲା ଘୋଷଣା କରାଯାଉ

ବ୍ରହ୍ମପୁର,୧୮।୧୧(ନରସିଂହ ସାହୁ)



କ୍ଷତିଗ୍ରସ୍ତ ଫସଲ ଅନୁଧ୍ୟାନ କରୁଛନ୍ତି କିଷାନ କଂଗ୍ରେସ ଟିମ

ସ୍ୱଳ୍ପ ବୃଷ୍ଟି ଯୋଗୁ ଚଳିତ ବର୍ଷ ଗଞ୍ଜାମ ଜିଲାରେ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ୨୨ଟି ଯାକ ବ୍ଲକ ଅଞ୍ଚଳରେ ମରୁଡ଼ି ସ୍ଥିତି ଭୟଙ୍କର ହୋଇଛି। ଫଳରେ ଲକ୍ଷାଧିକ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅଧିକାଂଶ ଜମିରେ ଗୋରୁଗାଈ ପଶି ଚରୁଛନ୍ତି। କୃଷି ବହୁଳ ଏହି ଜିଲାରେ ଜଳସେଚନ ପ୍ରତି ସରକାର ଆଖିବୁଜି ଦେଇଥିବା ଏହାର ମୂଳ କାରଣ ହୋଇଛି। ଗଞ୍ଜାମକୁ ମରୁଡ଼ି ଘୋଷଣା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ତୁରନ୍ତ ଆର୍ଥିକ ସହାୟତା ଦେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ତ୍ୱରିତ ପଦକ୍ଷେପ ନିଆନଗଲେ ଚାଷୀଙ୍କୁ ମେଳିକରି ଜିଲା ବ୍ୟାପୀ ଆନ୍ଦୋଳନ କରାଯିବାର ଚେତାବନୀ ଦିଆଯାଇଛି।

ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଓ ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ନେତୃତ୍ୱରେ ଏକ ଟିମ ଜିଲାର ବିଭିନ୍ନ ବ୍ଲକ ଗସ୍ତ କରି ମରୁଡ଼ି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଲକୁ ଯାଇ ଅନେକ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଧାନଚାଷ ଉଜୁଡ଼ି ଯାଇଥିବାରୁ ଅନେକ ଚାଷୀ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲି ଯାଉଥିବା ଅଭିଯୋଗ କରିଥିଲେ। ଏହି ଟିମରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ସାମିଲ ହୋଇ ଦିଗପହଣ୍ଡି ଓ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ବୁଲିଥିଲେ। ପରେ କଂଗ୍ରେସ ନେତାମାନେ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ମଧ୍ୟ ଅନୁଧ୍ୟାନ କରି ତଥ୍ୟ ସଂଗ୍ରହ କରିଥିଲେ। ଜିଲା ପ୍ରଶାସନ ଓ କୃଷି ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲାରେ ଚାଷୀଙ୍କ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା।

କିଷାନ କଂଗ୍ରେସ ପକ୍ଷରୁ ଶନିବାର ବ୍ରହ୍ମପୁରରେ କୁହାଯାଇଛି ଜିଲାରେ ଧାନ ଫସଲ ବିପର୍ଯ୍ୟସ୍ତ ହୋଇଯାଇଥିବା ବେଳେ ପ୍ରତିକାର ଦିଗରେ ସରକାରୀକଳ ଆଖି ବୁଜି ଦେଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୫ ହଜାର ଟଙ୍କା ସହାୟତା ସାଙ୍ଗକୁ କୃଷିରଣ ସମ୍ପୂର୍ଣ୍ଣ ଛାଡ଼, ମାଗଣା ବିଜୁଳି ଯୋଗାଇବା, ଉଦ୍ୟାନ ବିଭାଗ ପକ୍ଷରୁ ପନିପରିବା ଚାଷ ନିମନ୍ତେ ମିନି କିଟ୍ ଯୋଗାଇବାକୁ ଦାବି କରାଯାଇଛି। ତୈଳ ଓ ଡ଼ାଲି ଜାତୀର ଚାଷ ପାଇଁ ମାଗଣା ବିହନ ଯୋଗାଇବା, କ୍ଷତିଗ୍ରସ୍ତ ଭାଗ ଚାଷୀଙ୍କୁ ସରକାରୀ ସହାୟତା ଦିଆଯିବାକୁ ମଧ କିଷାନ କଂଗ୍ରେସ ଦାବି କରିଛି। ଅନ୍ୟମାନଙ୍କ ମଧ୍ୟରେ ଭୋକାଲି ସେଠୀ, ଶ୍ୟାମସୁନ୍ଦର ଦୋରା, ପଦ୍ମଚରଣ ସାହୁ, ସୁବାସ ରାଉତ, ଶିବ ପ୍ରସାଦ ଦୋରା, ଦେବୀ ବିଷୋଇ, ସୁକାନ୍ତ ଦିଗାଲ, ହରେକୃଷ୍ଣ ରଥ, ଶଙ୍କର ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

## ଦାବି ପୂରଣ ନ ହେଲେ ପ୍ରତିବାଦ ଚେତାବନୀ

ବ୍ରହ୍ମପୁର,୧୮।୧୧: (ସ୍ମୃତି ରଞ୍ଜନ ମହାଲିକ):



ବ୍ରହ୍ମପୁର ସହରତଳି ଅଞ୍ଚଳର ଅନେକ ସ୍ଥାନ ମହାନଗରରେ ମିଶିବା ପାଇଁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରି ଆସୁଛି। କିନ୍ତୁ ମହାନଗର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ପରିପ୍ରେକ୍ଷୀରେ କମିଟି ସଦସ୍ୟମାନେ ଶନିବାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) ମେୟର ସଂଘମିତ୍ରା ଦଳେଇଙ୍କୁ ସାକ୍ଷାତ କରି ସହରତଳି ଅଞ୍ଚଳ ମିଶ୍ରଣ ଅଗ୍ରଗତି ନେଇ ଆଲୋଚନା କରିଥିଲେ। ସହରର ବିକାଶ ନେଇ ୫–ଟି ସଚିବଙ୍କ ସହ ପୂର୍ବରୁ ଆଲୋଚନା ହୋଇଥିଲା। ସେଥିରେ ସହରତଳି ଅଞ୍ଚଳ ସାମିଲ ପ୍ରସଙ୍ଗ ଥିଲା କି ନାହିଁ କମିଟି ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ସହ ଆଲୋଚନା ହୋଇଛି। ହାଇକୋର୍ଟ ନିର୍ଦ୍ଦେଶ ପ୍ରକାରେ ଲୋଚାପଡା, ବ୍ରହ୍ମାପଲୀ, ସାନ କୁଶସ୍ଥଳୀ ଓ ଗୋଳାବନ୍ଧ ଆର୍ମି ଏଡି କଲେଜ ମିଶ୍ରଣ ନେଇ ଯେଉଁ ନୋଟିଫିକେସନ ପ୍ରକାଶ ପାଇଥିଲା ତାହାର ପ୍ରକ୍ରିୟା ଜାରି ରହିଛି। ତେବେ ଆସନ୍ତା ବିଏମସି କାଉନସିଲ ବୈଠକରେ ମିଶ୍ରଣ ପ୍ରକ୍ରିୟା ତ୍ୱରାନ୍ୱିତ କରି ପଦକ୍ଷେପ ନେବା ପାଇଁ ଏକ ରିଜୋଲୁସନ ପାରିତ କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଇବା ପାଇଁ ମେୟର ପ୍ରତିଶ୍ରୁତି ଦେଇଥିବା କମିଟି କହିଛି। ଆସନ୍ତା ଡିସେମ୍ବର ସୁଦ୍ଧା ଯଦି କିଛି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ପ୍ରତିବାଦ ସଭା ଆୟୋଜନ କରାଯିବ ବୋଲି କମିଟି ଚେତାବନୀ ଦେଇଛି। ଆଲୋଚନା ବେଳେ କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ ଓ ଯୁଗ୍ମ ସଂପାଦକ ଟି. ସୁଦେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ପରିଚାଳନା ଆଳରେ ବିଜୁଳି କାଟ

ଶେରଗଡ,୧୮।୧୧
(ସୂର୍ଯ୍ୟନାରାୟଣ ଦାଶ):

ଟାଟା ପାୱାର ପକ୍ଷରୁ ଶେରଗଡ ସେକସନ ଅଧିନରେ ଥିବା ୭୦ ଖଣ୍ଡ ଗ୍ରାମରୁ ବହୁ କୋଟି ଟଙ୍କା ବିଲ୍ ଆଦାୟ କରୁଥିବା ବେଳେ ବିଜୁଳି ସଜାଡିବାର ନା ଧରୁନାହାନ୍ତି। ବିଭାଗରେ ପୁରୁଣା କର୍ମଚାରୀ ମାତ୍ର କେତେଜଣ ଥିବା ବେଳେ ଟାଟା କର୍ମଚାରୀ ମାଳ ମାଳ ବୁଲୁଛନ୍ତି। ଦିନ ତମାମ ନିରବଚ୍ଛିନ୍ନ ଭାବେ ବିଜୁଳି କାଟ ଲାଗିରହୁଛି। ଶେରଗଡବାସୀଙ୍କୁ ବାର୍ଷିକ ପରିଚାଳନା କରିବା ବାହାନାରେ ଜୁଲାଇ ମାସଠାରୁ ପ୍ରାୟ ୮ ଥର ବିଜୁଳି କଟାଗଲାଣି। ଫଳରେ ଦିନତମାମ ଗ୍ରାହକମାନେ ବିଜୁଳି ପାଇପାରୁନାହାନ୍ତି। କେବଳ ରାତିରେ କେତେ ଘଣ୍ଟା ବିଜୁଳି ପାଉଛନ୍ତି। ଫଳରେ ଶେରଗଡର ଅନେକ ପ୍ରତିଷ୍ଠାନ ଅନ୍ଧାର ହୋଇଯାଉଛି। ଡାକ ସେବା, ବ୍ୟାଙ୍କ, ଏଟିଏମ ସେବାରେ ସମସ୍ୟା ଉପୁଜୁଛି। ଦୁଇ ତିନି ଘଣ୍ଟା ମଧ୍ୟରେ ବିଜୁଳି ଆସିବ କହି ଦିନତମାମ କାଟି ଦିଆଯାଉଛି। ବାର୍ଷିକ ବିଜୁଳି ପରିଚାଳନା ବର୍ଷକୁ ଥରେ କରିବା କଥା, ପରନ୍ତୁ ଶେରଗଡର ବିଦ୍ୟୁତ ବିଭାଗ ବର୍ଷକୁ ୧୨ରୁ ଅଧିକ ଥର କାଟୁଛି। ଶୁକ୍ରବାର ସକାଳ ୯ରୁ କଟାଯାଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମଧ ବିଜୁଳି ଆସି ନଥିଲା। ତେଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ଏ କ୍ଷେତ୍ରରେ ସରକାର ତୁରନ୍ତ ସମାଧାନ କରିବାକୁ ଶେରଗଡବାସୀ ଦାବି କରିଛନ୍ତି। ଶେରଗଡ ସେକସନ ଯନ୍ତ୍ରୀ କେ. ନବୀନ କୁମାର ପାତ୍ର କହିଛନ୍ତି, ଶୁକ୍ରବାର ଦିଗପହଣ୍ଡି ଗ୍ରୀଡ ବାର୍ଷିକ ବିଜୁଳି ପରିଚାଳନା ନେଇ ଘୋଷଣା କରି କାଟିଥିଲା। ଫଳରେ ଶେରଗଡ ସେକସନ ଅଧିନରେ ସମସ୍ତ ଗ୍ରାମର ବିଜୁଳି ନଥିଲା।

## ରାଜ୍ୟସ୍ତରୀୟ ବକ୍ସିଂରେ ଗଞ୍ଜାମ ପ୍ରତିଯୋଗୀଙ୍କୁ ୧୪ ପଦକ

ବ୍ରହ୍ମପୁର,୧୮।୧୧(ତନୁଶ୍ରୀ ନାହାକ):

**ପୁରୁଷ ବର୍ଗ ଚାମ୍ପିୟନ ଓ ମହିଳା ବର୍ଗ ରନର୍ସଅପ**

ନଭେମ୍ବର ୧୬ ଓ ୧୭ ଦୁଇ ଦିନ ଧରି ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମ ବକ୍ସିଂ ଦଳ ସଫଳତା ପାଇଛି। ଏଥିରେ ପୁରୁଷ ବର୍ଗ ଚାମ୍ପିୟନ ହୋଇଥିବା ବେଳେ ମହିଳା ବର୍ଗ ରନର୍ସ୍‌ଅପ୍ ହୋଇଛନ୍ତି। ପୁରୁଷ ବିଭାଗରେ ଜି. ମାଧବ, ଆଦିତ୍ୟ ମହାନ୍ତି, ଗଣେଶ ମହାପାତ୍ରଙ୍କୁ ସ୍ୱର୍ଣ୍ଣ ଓ ଏସ.ଚନ୍ଦ୍ରଶେଖର ଓ ସାଇ କିରଣଙ୍କୁ ରୌପ୍ୟ ଏବଂ ଏ. କାର୍ତ୍ତିକ, ଦୁର୍ଗା ପ୍ରସାଦ ଦାସ, ଏସ.ମଞ୍ଜୁ ପାତ୍ରଙ୍କୁ କାଂସ୍ୟ ପଦକ ମିଳିଛି। ସେହିଭଳି ମହିଳା ବିଭାଗରେ ଇ. ରିତୁ ରାଓ, ଶ୍ରୁତିସାରାଣୀ ପାଣିଗ୍ରାହୀଙ୍କୁ ସ୍ୱର୍ଣ୍ଣ, ଅନିଶା ପାଣିଗ୍ରାହୀ, ସୁନିତା ଗୌଡ଼ଙ୍କୁ ରୌପ୍ୟ ଏବଂ ରେଣୁ ମହାପାତ୍ର ଓ ଶ୍ରୀମା ପାଣିଗ୍ରାହୀଙ୍କୁ କାଂସ୍ୟ ପଦକ ମିଳିଛି। ପ୍ରତିଯୋଗୀଙ୍କ ଏହି ସଫଳତା ପରେ ଗଂଜାମ ଜିଲା କ୍ରୀଡ଼ା ସଂଘ ଓ ବକ୍ସିଂ ସଂଘ ପକ୍ଷରୁ ସମ୍ପାଦକ ଅଶୋକ ସାହୁ, ଯୁଗ୍ମ ସମ୍ପାଦକ କେ.ପ୍ରଭାକର ରାଓଙ୍କ ସମେତ କୋଚ ତଥା ଜାତୀୟ ରେଫେରୀ ଶିଶିର କୁମାର ପାଣିଗ୍ରାହୀ, ଶିବରାମ ପାତ୍ର, ଏ.ବୁଲୁ ପାତ୍ର, ସୁନୁପୁ ସୁନିଲ୍, ଲିଟୁ ଦାସ, ଗଣେଶ ପାତ୍ର, ଯୁଗ୍ମ ସମ୍ପାଦକ ବସନ୍ତ ପାଣିଗ୍ରାହୀ, ଦିବାକର ପାଣିଗ୍ରାହୀ, ଲଡୁ କିଶୋର ସାହୁ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ, ଦିବ୍ୟାଙ୍ଗ ଗୁରୁତର

ପାଟପୁର,୧୮।୧୧(ସୀମାଞ୍ଚଳ ସାହୁ): ସନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅର୍ନ୍ତଗତ ଶ୍ରୀଚନ୍ଦନପୁର ଗ୍ରାମ ନିକଟରେ ଏକ ଗାଡ଼ି ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଦିବ୍ୟାଙ୍ଗ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପାଟପୁର ଥାନା ଅନ୍ତର୍ଗତ ପି. ଜଗନ୍ନାଥପୁର ଗ୍ରାମର ଡାକ୍ତର ସ୍ୱାଇଁ (୬୪) ଓ ଗୁରୁତର ଦିବ୍ୟାଙ୍ଗ ହେଲେ ଶ୍ରୀଚନ୍ଦନପୁର ଗ୍ରାମର କୋରା ପାତ୍ର (୩୫)। ଶ୍ରୀଚନ୍ଦନପୁର ଶିବ ମନ୍ଦିର ଦର୍ଶନ ସାରି ଫେରୁଥିବା ଡ଼ାକ୍ତର ସ୍ୱାଇଁଙ୍କୁ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଶ୍ରୀଚନ୍ଦନପୁର ଗ୍ରାମର କୋରା ପାତ୍ର ଛକକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗାଡ଼ି ଧକ୍କାରେ ଦେବା ଫଳରେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ କୋରା ପାତ୍ରକୁ ଉଦ୍ଧାର କରି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ଡାକ୍ତର ସ୍ୱାଇଁଙ୍କ ମୃତ୍ୟୁ ନେଇ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଆସିକା–ଦିଗପହଣ୍ଡି ମୁଖ୍ୟ ରାସ୍ତା ଜାତୀୟ ରାଜପଥ ଅବରୋଧ କରିଥିଲେ। ପାଟପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ, ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ଦିଲୀପ କୁମାର ଜେନା ପହଞ୍ଚି ମୃତଦେହ ଜବତ କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ମେଡିକାଲ ପଠାଇଥିବା ବେଳେ ମୃତ ପରିବାର ଲୋକଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରେ ଲୋକଙ୍କୁ ବୁଝାସୁଝା କରିବା ସହ ରାସ୍ତା ଅବରୋଧ ହଟାଯାଇଥିଲା।

## ତାମିଲନାଡୁରୁ ମହିଳାଙ୍କ ମୃତଦେହ ଆଣିଲା ପ୍ରଶାସନ

ଆର.ଉଦୟଗିରି,୧୮।୧୧
(ମନୋଜ କୁମାର ପାଢୀ)

ଆର.ଉଦୟଗିରି ବ୍ଲକ ଛେଲିଗଡ଼ ଗ୍ରାମର ଖ୍ରୀଷ୍ଟିଆନ ସାହିର ଜଣେ ମହିଳାଙ୍କ ମୃତଦେହକୁ ତାମିଲନାଡୁରୁ ଅଣାଯାଇଛି। ବିଜେଡି ଗଜପତି ଜିଲା ସଭାପତି ଜଗବନ୍ଧୁ ଦାସଙ୍କ ସହଯୋଗରେ ଜିଲା ଏବଂ ବ୍ଲକ ପ୍ରଶାସନର ସହାୟତାରେ ତାମିଲନାଡୁର ତିରୁପୁରରୁ ଆମ୍ବୁଲାନ୍ସରେ ମୃତଦେହକୁ ଅଣାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଛେଳିଗଡ ଖ୍ରୀଷ୍ଟିଆନ ସାହି ବାସିନ୍ଦା ସୁଦାମ ସ୍ୱାଲସିଂ ଓ ତିନି ପୁଅଙ୍କୁ ଛାଡ଼ି ଚାଲିଯାଇଥିଲେ। ତିନି ପୁଅଙ୍କ ଭରଣପୋଷଣ ପାଇଁ ନମିତା ଶ୍ରମିକ କାମ କରିବାକୁ ତିରୁପୁରୁ ଯାଇଥିଲେ। ହେଲେ କୌଣସି ଏକ ରୋଗରେ ଆକ୍ରାନ୍ତ ହେବାରୁ ଗତ ୧୪ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକ ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ନିଜ ଗ୍ରାମକୁ ଆଣିବା କଷ୍ଟକର ହୋଇଥିଲା। କୌଣସି ରାସ୍ତା ନ ପାଇ ସେମାନେ ସ୍ଥାନୀୟ ଯୁବକ ଜରିଆରେ ଜିଲା ବିଜେଡି ସଭାପତି ଦାସଙ୍କ ସହ ଯୋଗାଯୋଗ କରିଥିଲେ। ସେ ସଙ୍ଗେ ସଙ୍ଗେ ବ୍ଲକ ଓ ଜିଲା ପ୍ରଶାସନ ସହ ଯୋଗାଯୋଗ କରି ମୃତଦେହ ଛେଳିଗଡ ଅଣାଯିବା ବ୍ଯବସ୍ଥା କରିଥିଲେ। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ହସ୍ତକ୍ଷେପ ପରେ ତିରୁପୁରରୁ ଆମ୍ବୁଲାନ୍ସରେ ଛେଳିଗଡ ଖ୍ରୀଷ୍ଟିଆନ ସାହିକୁ ମୃତଦେହ ଅଣାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ସ୍ଥାନୀୟ ବିଡିଓ ଲଟିମନ ଖର୍ସେଲ ଓ ତହସିଲଦାର ଜ୍ୟୋର୍ତିମୟୀ ଦାସ ଜିଲା ପ୍ରଶାସନ ତରଫରୁ ୪୦ ହଜାର ଟଙ୍କା, ରେଡକ୍ରସ ତରଫରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୫ ହଜାର ଟଙ୍କା ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରିଛନ୍ତି।

## ଫିରିଙ୍ଗିଆରେ ସର୍ଗିଫୁଲ ମହୋତ୍ସବ ଉଦ୍‌ଯାପିତ

ଫିରିଙ୍ଗିଆ,୧୮।୧୧(ବିକ୍ରମ ଦିଗାଲ)

ଫିରିଙ୍ଗିଆ ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲା ସ୍ତରୀୟ ସରଗି ଫୁଲ ମହୋତ୍ସବ,ଜୀବନ କୌଶଳ,ପ୍ରଦର୍ଶନୀ ମହୋତ୍ସବ– ୨୦୨୩ ଅନୁଷ୍ଠିତ ହୋଇଛି। ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ଏମ୍‌ପି ଡା. ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର,ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ସ୍ୱତନ୍ତ୍ର ଅଧ୍ୟକ୍ଷ ରଦନ ମଲ୍ଲିକ, ଫିରିଙ୍ଗିଆ ବ୍ଲକର ଅଧ୍ୟକ୍ଷା ନମିତା କହଁର ପ୍ରମୁଖ ପ୍ରଥମ ଦିନରେ ଯୋଗଦେଇ ଥିଲେ। ଦ୍ୱିତୀୟ ଦିନରେ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟେଲ ଯୋଗ ଦେଇଥିବା ସୂଚନା ମିଳିଛି। ଆଦିବାସୀ ଉନ୍ନୟନ ବିଭାଗ ଦ୍ୱରା ଜିଲାର ସମସ୍ତ ୧୪୪ଟି ବିଦ୍ୟାଳୟର ପ୍ରତିଯୋଗିତାରେ ଭାଗନେଇଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶନ ହେଇଥିଲା। ଓ ବିଭିନ୍ନ ନାଚ ଗୀତର ପ୍ରତିଯାଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏହି ଜିଲା ସ୍ତରୀୟ ସର୍ଗି ଫୁଲ ମହୋତ୍ସବ ୧୭ ତାରିଖରେ ଉଦ୍‌ଘାଟିତ ହୋଇଥିବା ବେଳେ ୧୮ତାରିଖରେ ଉଦ୍‌ଯାପିତ ହୋଇଯାଇଛି।

## ଶାବଳ ଭୁସି ହତ୍ୟା ମାମଲା, ଜଣଙ୍କୁ ଆଜୀବନ ଜେଲ

କୋଦଳା,୧୮।୧୧(ଅମିତ କୁମାର ପଟ୍ଟନାୟକ)

ଶାବଳରେ ଭୂଷି ହତ୍ୟା ମାମଲାରେ କୋଦଳା ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗଛାୟତ ଶନିବାର ଜଣେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦେୟ ଏକ ବର୍ଷ ଅଧିକା ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ପୋଲସରା ଥାନା ଅନ୍ତର୍ଗତ ବଡ ରାମଚନ୍ଦ୍ରପୁର ଗ୍ରାମର ବବୁରୁ ନାହାକ। ସୂଚନା ଅନୁସାରେ, ଗତ ୯ ଅକ୍ଟୋବର ୨୦୧୯ରେ ପୋଲସରା ଥାନା ଅନ୍ତର୍ଗତ ବଡ ରାମଚନ୍ଦ୍ରପୁର ଗ୍ରାମର ଏକ ସରକାରୀ ଜମିକୁ କେନ୍ଦ୍ର କରି ବବୁରୁ ନାହାକ ଏବଂ ଉକ୍ତ ଗ୍ରାମର କଂଗ୍ରେସ ନାହାକ ମଧ୍ୟରେ ବଚସା ହୋଇଥିଲା। ଏହାପରେ ବବୁରୁ ଏକ ଶାବଳରେ କଂଗ୍ରେସଙ୍କୁ ଭୂଷି ଦେବା ଫଳରେ କଂଗ୍ରେସଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ କଂଗ୍ରେସଙ୍କ ସ୍ତ୍ରୀ ଗୋଲାପ ନାହାକ ପୋଲସରା ଥାନାରେ ଏତଲା ଦେଇଥିଲେ। ଉକ୍ତ ମାମଲାର କୋଦଳା ଅତିରିକ୍ତ ଜିଲା ବିଚାରପତି କୋର୍ଟର ମାମଲା ଏସ୍ ଟି ୧୭୭/୨୦ରେ ଉଭୟ ପକ୍ଷରୁ ୧୯ଜଣଙ୍କ ସାକ୍ଷୀକୁ ବିଚାର କରି ଅଭିଯୁକ୍ତ ବବୁରୁଙ୍କୁ ଆଜୀବନ ଜେଲ ଦଣ୍ଡ ଶୁଣାଇଛନ୍ତି। ଅତିରିକ୍ତ ସରକାରୀ ଓକିଲ ବାଳକୃଷ୍ଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ସଫେଇ

ବେଲଗୁଣ୍ଠା,୧୮।୧୧
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ତରଫରୁ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଯାୟୀ ବିଦ୍ୟାଳୟ ପରିସରର ସଫେଇ କାର୍ଯ୍ୟ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ଦିଗଦର୍ଶନରେ ସାମାଜିକ ସେବା କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଦୀପୁ ଭୁୟାଁ ଓ ମହେଶ୍ୱର ରାଉତଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ପରିସରକୁ ସଫା କରିବା ପାଇଁ ନିୟୋଜିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନୋଡାଲ ଅଧିକାରୀ ଦେବେଶ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ପି ଦୀପକ ରାଓ, ଯୁବ ରେଡକ୍ରସ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା ଏବଂ ବଳରାମ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

## ବାଲିପଦର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

ବୁଗୁଡ଼ା,୧୮।୧୧(କାଳୀଚରଣ ଦାଶ): ବୁଗୁଡ଼ା ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ବାଲିପଦର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ଚିନ୍ମୟ ମହାପାତ୍ରଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ସନ୍ତୋଷ କୁମାର ଜେନା , ମୁଖ୍ୟବକ୍ତା ଭାବେ ତହସିଲଦାର ତାପସ ରାଉତ, ସମ୍ମାନିତ ଅତିଥି ଭାବେ ଆଇଆଇସି ଶର୍ମିଷ୍ଠା ପ୍ରଧାନ, ଏବିଇଓ ଅମିତା କୁମାରୀ ପାଢୀ, ଅବନୀ କୁମାର ପଟ୍ଟନାୟକ ଓ ତପସ୍ୱିନୀ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ଜେନା ଓ ଗିରିଧାରୀ ସ୍ୱାଇଁ, ବିଆରସିସି ସିମାଞ୍ଚଳ ସେଠୀ ଓ ସିଆରସିସି ବିଶ୍ୱଜିତ୍ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ଭାବେ ବାଲିପଦର କଲେଜର ରସାୟନ ବିଜ୍ଞାନ ଅଧ୍ୟାପିକା ସୁଜାତା କୁମାରୀ ପଟ୍ଟନାୟକ ଓ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ କିଶୋର ଚନ୍ଦ୍ର ପଣ୍ଡା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ।

## ଭୋଟର ସଚେତନତା

ଖଲ୍ଲିକୋଟ,୧୮।୧୧(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେଶପୁର ସ୍ନାତକ ମହାବିଦ୍ୟାଳୟଠାରେ ଶନିବାର ଭୋଟର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ତହସିଲଦାର ଶ୍ରୀକୁମାର ରଥ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରରେ ନାଗରିକର କର୍ତ୍ତବ୍ୟ, ମତଦାନ କରିବା ଓ ଜନ ପ୍ରତିନିଧି ଚୟନର ଆବଶ୍ୟକତା ସଂପର୍କରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପଲେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସଭାରେ ବ୍ଲକ ସ୍ତରରୁ ମାଗତା ନାହାକ, ମଧୁସୂଦନ ସେଠୀ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣର ସରଳ ମାଧମ ସଂପର୍କରେ ପ୍ରବର୍ତ୍ତାଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ବୃନ୍ଦ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ଭାଷା ଓ ସାହିତ୍ଯ ବିଭାଗର ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସ କାର୍ଯ୍ଯକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅଞ୍ଚଳ ଛାଡୁନାହାନ୍ତି ହାତୀପଲ

ଜଗନ୍ନାଥପ୍ରସାଦ/ଫୁଲବାଣୀ, ୧୮।୧୧
(ବିଭୁ ପ୍ରସାଦ ପଟ୍ଟନାୟକ/ରାକେଶ ରାଉତ)

**ଆକ୍ରମଣରେ ଜଣେ ଗୁରୁତର**



ବାଲିଗୁଡ଼ା ଅନାଗୁଳ ସଂରକ୍ଷିତ ଜଙ୍ଗଲରେ ହାତୀପଲଙ୍କୁ ଲୋକେ ଘଉଡ଼ାଉଛନ୍ତି।

ହାତୀ ଆକ୍ରମଣରେ ଶନିବାର ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଜିରାବାଡି ଗ୍ରାମର ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଧୋବା ମୁଳି (୩୪। ସେ ବିଲରୁ ହାତୀ ଘଉଡ଼ାଇବା ସମୟରେ ହାତୀ ତାଙ୍କୁ ଗୋଡ଼ାଇଥିଲା। ଫଳରେ ସେ ପଡି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ବନବିଭାଗ ଗାଡିରେ ଜଗନ୍ନାଥପ୍ରସାଦ ମେଡିକାଲରେ ଭର୍ତି କରାଯାଇଥିଲା। ଧୋବାଙ୍କ ଅଣ୍ଟା ଓ ଦୁଇ ଜଙ୍ଘ ରେ ଗଭୀର ଆଘାତ ଲାଗିଥିବା ଡାକ୍ତର କହିଛନ୍ତି। ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶୁ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୁଗୁଡ଼ା ଓ ଜଗନ୍ନାଥପ୍ରସାଦ ବନାଞ୍ଚଳର ସୀମାନ୍ତକୁ ଲାଗି ରହିଥିବା ଅଞ୍ଚଳରେ ଏକ ମାସରୁ ଉର୍ଦ୍ଧ୍ୱ ଦିନ ଧରି ୧୩ ଟିକିଆ ହାତୀପଲ ପଶି ଆସିଛନ୍ତି। ଜିରାବାଡି ପାଲପଡା, ଆଜ୍ଞାପ୍ରସାଦ, ଶାସନର ଚାଷ ଜମିରେ ପଶି ଧାନ ଫସଲ ନଷ୍ଟ କରୁଛନ୍ତି।

ସେହିପରି କନ୍ଧମାଳ ଜିଲା ବାଲିଗୁଡା ବନଖଣ୍ଡ ଅର୍ନ୍ତଗତ ଅନାଗୁଳ ସଂରକ୍ଷିତ ଜଙ୍ଗଲରେ ହାତୀପଲ ବୁଲୁଛନ୍ତି । ଗୋଟିଏ ଦନ୍ତାହାତୀ ସମେତ ୫ଟି ମାଇହାତୀ ଓ ଦୁଇଟି ଛୁଆହାତୀ ଅଛନ୍ତି। ହାତୀମାନେ ବିଲରେ ଧାନ ଫସଲ ନଷ୍ଟ କରିବା ସହ ବିଲହୁଡା ଭାଙ୍ଗିଛନ୍ତି । ଏହି ହାତୀପଲ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବନାଞ୍ଚଳର ନାରାୟଣ ପ୍ରସାଦ ଅଞ୍ଚଳରୁ ଲାଦେନଗାଁରୁ ଆସି ବାଲିଗୁଡା ବନଖଣ୍ଡର ଲଣ୍ଡାଗାଁ ବନାଞ୍ଚଳ ମୁଡିଆଡୁଣ୍ଡି, ମୁଠାବାଲି ଚାଙ୍ଗୁରବାଲି ଦେଇ ଖମନଖୋଲ ନିକଟସ୍ଥ ଦାରାସି ଜଙ୍ଗଲ ବୁଲୁଥିବା ଜଣାପଡ଼ିଛି।

# ଲିଜ୍ ବାହାର ଖାଦାନରୁ ଲୁଟ୍ ଅଣାୟତ୍ତ

## ଆରୁହା କଳାପଥର ପାହାଡ଼

ଯାଜପୁର,୧୮।୧୧ (ହର୍ଷବର୍ଦ୍ଧନ ବେହେରା)



ବେଆଇନ କଳାପଥର କାରବାର ଉପରେ ସାଟେଲାଇଟ୍ ମାପଚୁପ କରି ବିଭିନ୍ନ ପର୍ଯ୍ୟାୟରେ ୩୨୦ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ପରେ ଏବେ ଲିଜ୍‌ଧାରୀମାନେ ନୂତନ ଲୁଟ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସାଟେଲାଇଟ୍ ମାପଚୁପ ଓ ଜରିମାନା ନିର୍ଦ୍ଦେଶରୁ ବର୍ତ୍ତିବାକୁ ନିଜ ଲିଜ୍ ଅଞ୍ଚଳକୁ ବାଦ୍ ଦେଇ ନିକଟସ୍ଥ ବନ୍ଦ ଖାଦାନଗୁଡ଼ିକରୁ ଦିନ ଦ୍ୱିପ୍ରହରରେ ବିପୁଳ କୋଟି ଟଙ୍କାର କଳାପଥର ଲୁଟ୍ କରୁଛନ୍ତି। ସେହିପରି ଜରିମାନା ନିର୍ଦ୍ଦେଶ ଥାଇ ମଧ୍ୟ ସରକାରୀ ଲିଜ୍ ପାଇ ବିନା ଟ୍ରାନ୍‌ଜିଟ ପାସ୍ (ଟିପି)ରେ ବିପୁଳ କଳାପଥର ଚୋରାଚାଲାଣ ହେଉଛି। ଏଭଳି ନୂତନ ପ୍ରକ୍ରିୟା ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ପାହାଡ଼ର ୫ ସୈରାତରୁ ଏବେ ଜୋରସୋର ଚାଲିଥିବା ଅଭିଯୋଗ ହୋଇଛି। ଏଥିରେ ତହସିଲ ଓ ଖଣି ବିଭାଗର କେତେଜଣ ଅସାଧୁ କର୍ମଚାରୀ ସହଯୋଗୀ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଅନୁମୋଦନ ପରିମାଣଠାରୁ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ, ବିନା ଟ୍ରାନ୍‌ଜିଟ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ୨୦୨୨ ମାର୍ଚ୍ଚ ସୁଦ୍ଧା ୧୪ ଜିଲାରେ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। ତେବେ ଯାଜପୁର ସମେତ ଅନ୍ୟ ୧୫ ଜିଲାରେ ଜରିମାନା ଆଦାୟ ନୈରାଶ୍ୟଜନକ ରହିଥିଲା। ଏନେଇ ସେହିବର୍ଷ ବିଧାନସଭାରେ ପ୍ରଶ୍ନ ଉଠିବା ଏବଂ ଧରିତ୍ରୀରେ ସବିଶେଷ ଖବର ପ୍ରକାଶ ପାଇବା ପରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ କରାଯାଇ ଆଇନ ଖିଲାପକାରୀ ଲିଜ୍‌ଧାରୀଙ୍କଠାରୁ ଜରିମାନା ଆଦାୟ ପାଇଁ ନୋଟିସ ଜାରି ହୋଇଥିଲା। ଏହାପରେ ଜରିମାନା ହୋଇଥିବା ବହୁ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଆଉ କଳାପଥର ଲିଜ୍ ମିଳି ନ ଥିଲା। ଏହିକ୍ରମରେ ଆରୁହା ପାହାଡ଼କୁ ଉଦାହରଣ ଭାବେ ନିଆଯାଇପାରେ। ଏହି ପାହାଡ଼ର ୩ ଖାଦାନରୁ ଅନୁମତିଠାରୁ ଅଧିକ ଉତ୍ତୋଳନ କରିଥିବା ଅଭିଯୋଗରେ ଲିଜ୍‌ଧାରୀ ତ୍ରିନାଥ ଜେନାଙ୍କୁ ପ୍ରାୟ ୧୦ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ଏହାସହ ମନୋଜ ସାମଲଙ୍କୁ ଗୋଟିଏ ଖାଦାନରୁ ବହୁ ଗୁଣ ଅଧିକ ଉତ୍ତୋଳନ କରିଥିବା ପ୍ରମାଣିତ ହେବା ପରେ ୮ କୋଟି ୬୩ ଲକ୍ଷ ଟଙ୍କା ଜରିମାନା ଦେବାକୁ ନୋଟିସ ହୋଇଛି। ଏହାବାଦ ଶରତ ଜେନାଙ୍କୁ ୩୬ ନମ୍ବର ଖାଦାନ ଲିଜ୍ ସୂତ୍ରରେ ମିଳିଥିଲା। ପ୍ରଶାସନ ସହ ଚୁକ୍ତି କରାଯାଇ ତାଙ୍କୁ ଟିପି ପ୍ରଦାନ କରାଯାଇଥିଲା। ତେବେ ଅଧିକ ଉତ୍ତୋଳନ କରିଥିବା ପ୍ରମାଣ ମିଳିବା ପରେ ତାଙ୍କୁ ୧.୮୮ କୋଟି ଟଙ୍କା ଜରିମାନା ନୋଟିସ ହୋଇଛି। ଏହି ନୋଟିସ ପରେ ତାଙ୍କୁ ଆଉ ଟିପି ପ୍ରଦାନ କରାଯାଇ ନାହିଁ। କିନ୍ତୁ ସେ ବିନା ଟିପିରେ ବିପୁଳ କୋଟି ଟଙ୍କାର କଳାପଥର ଉତ୍ତୋଳନ କରି ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି। ଏହାସହ ମନୋଜ, ଶଶି, କଲୁ, ଦାସିଆ, ନିଧିଆ, ଦୋରା, ଟିକ ପ୍ରମୁଖ ବନ୍ଦ ରହିଥିବା ଖାଦାନଗୁଡ଼ିକରୁ ଏସ୍କାଭେଟର, କମ୍ପ୍ରେସର, ଟିପ୍ପର, ହାଇୱା, ଟ୍ରାକ୍ଟର ଆଦି ଲଗାଇ ଆରୁହା ପାହାଡ଼କୁ ଖିନ୍‌ଭିନ୍ କରୁଥିବା ଅଞ୍ଚଳବାସୀ ପ୍ରକାଶ କରୁଛନ୍ତି। ଏନେଇ ତହସିଲ ଓ ଖଣି ବିଭାଗ ଅଧିକାରୀ ଏବଂ କର୍ମଚାରୀ ମାସିକ ଚାନ୍ଦା ଆଦାୟ କରି ନୀରବି ଯାଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଡଙ୍କାରୀ, ରାହାଡ଼ପୁର, ବାଜବାଟି, ବିଛାଖଣ୍ଡି, ବରଡ଼ା, ବାରମାଣ ଇତ୍ୟାଦି ପାହାଡ଼ରୁ ସରକାରୀ ସ୍ୱୀକୃତିପ୍ରାପ୍ତ ଲିଜ୍ ଅଞ୍ଚଳରୁ କଳାପଥର ଉତ୍ତୋଳନ ନ କରି ବନ୍ଦ ପଡ଼ିଥିବା ଖାଦାନଗୁଡ଼ିକରୁ ଚୋରି କରି ଲିଜ୍‌ଧାରୀମାନେ ଏବେ ମାଲାମାଲ ହେଉଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲା ସଦର ମହକୁମାରେ ଏନେଇ ଏକ ନୂତନ କାର୍ଯ୍ୟାଳୟ ଖୋଲାଯାଇଛି। ତେଣୁ ଏହା ଏବେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଯାଜପୁର ଜିଲା ପାଇଁ ଜଣେ ମାଇନିଂ ଅଫିସରଙ୍କୁ ନିଯୁକ୍ତି ମିଳିଛି। ତେବେ କର୍ମଚାରୀ ଅଭାବରୁ ଏଯାଏ ବେଆଇନ ଖାଦାନଗୁଡ଼ିକରେ ଚଢ଼ାଉ ପ୍ରକ୍ରିୟା ସେତେଟା ସକ୍ରିୟ ହୋଇପାରିନାହିଁ। ଜିଲାରେ ୧୯୮ଟି ବିଭିନ୍ନ ଲଘୁ ଖଣି ଖାଦାନରୁ ୯୨ଟିକୁ ସରକାରୀ ଭାବେ ଲିଜ୍ ଦିଆଯାଇଛି। ତେବେ କାର୍ଯ୍ୟାଳୟ ପ୍ରତିଷ୍ଠା ସମ୍ପୂର୍ଣ୍ଣ ହେବା ପରେ ବାକି ଖାଦାନଗୁଡ଼ିକୁ ଲିଜ୍ ଦେଇ ବେଆଇନ ଖାଦାନଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସରପଞ୍ଚ, ସମର୍ଥକ ବିଜେଡିରେ ସାମିଲ



ବିଧାୟକଙ୍କ ଗହଣରେ ବିଜେଡିରେ ସାମିଲ ହୋଇଥିବା ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ତାଙ୍କ ସମର୍ଥକମାନେ।

ଧର୍ମଶାଳା,୧୮।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତର ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ତାଙ୍କ ସମର୍ଥକ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ଶନିବାର ସନ୍ଧ୍ୟାରେ ବିଜେଡିରେ ଯୋଗ ଦେଇଛନ୍ତି। ଶୁକ୍ରବାର ସରପଞ୍ଚ ଭାଜପାରୁ ପ୍ରାଥମିକ ସଦସ୍ୟପଦ ଓ ଚହଟା ପଞ୍ଚାୟତ ପ୍ରଭାରୀ ପଦରୁ ଇସ୍ତଫା ଦେଇଥିଲେ। ସରପଞ୍ଚ ମହାନ୍ତି ନିଜ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ବିଜେଡିର ମିଶ୍ରଣ ପର୍ବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କୁ ଦଳକୁ ସ୍ୱାଗତ କରିଥିଲେ।

ଏହି ମିଶ୍ରଣ ପର୍ବରେ ସୂର୍ଯ୍ୟକାନ୍ତ ରାଉତ, ପୀତବାସ ଦାସ, ହିମାଂଶୁ ମହାନ୍ତି, ନିଳାଦ୍ରୀ ରାଉତ, ନିଗମାନନ୍ଦ ସାହୁ, ଅନନ୍ତ ତରାଇ, ଦୋଳ ଗୋବିନ୍ଦ ସେଠୀ, ଯୁବରାଜ ବାରିକ ଓ ପୀତବାସ ବାରିକ ପ୍ରମୁଖ ଶତାଧିକ କର୍ମୀ ଭାଜପା ଛାଡି ବିଜେଡିରେ ଯୋଗଦେଇଥିଲେ। ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଜିଲା ବିଜେଡି ମହାଶଚିବ ଡ. ପ୍ରିୟନାଥ ମହାପାତ୍ର, ମଦନ ମୋହନ ନାୟକ, ଚୋରମୁହାଁ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ ଓ ପଞ୍ଚାୟତ ବିଜେଡି ସଭାପତି ମୁନା ଖାଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

ବିଞ୍ଝାରପୁର,୧୮।୧୧(ରାମକୃଷ୍ଣ ଦାସ):

## କର୍ତ୍ତବ୍ୟରେ ଅବହେଳା ଅଭିଯୋଗ

କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ସୁବାସ ଚନ୍ଦ୍ର ବିଶ୍ୱାଳ ଚନ୍ଦ୍ରମୁଁ ପଞ୍ଚାୟତ ମଲ୍ଲିପୁର ଯେନାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାରଥୀ ମଲିକ ଓ ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତୀ ପାତ୍ରଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ଉଭୟଙ୍କୁ ବିଇଓଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିଞ୍ଝାରପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ଦାସଙ୍କୁ ଯେନାସାହି ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତ କରାଯାଇଛି।

ଯେନାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଧିକାଂଶ ସମୟରେ ବିଦ୍ୟାଳୟକୁ ଆସୁ ନ ଥିବା ବିଇଓଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ଏନେଇ ପୂର୍ବରୁ ଅନେକଥର ସିଆର୍‌ସିସି ଓ ଏବିଇଓ ବିଦ୍ୟାଳୟ ପରିଦର୍ଶନରେ ଯାଇ ଅନିୟମିତତା ଦେଖି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଥିଲେ। ବିଇଓ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବୁଝାଇଥିଲେ। ଶୁକ୍ରବାର ସ୍କୁଲ ଖୋଲା ଥିଲାବେଳେ ପୂର୍ବାହ୍ନ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ କୌଣସି ଶିକ୍ଷକ ସ୍କୁଲ୍‌କୁ ଆସି ନ ଥିଲେ ବୋଲି ଗ୍ରାମବାସୀ ଫୋନଯୋଗେ ବିଇଓଙ୍କୁ ଜଣାଇଥିଲେ। ବିଇଓଙ୍କ ନିର୍ଦ୍ଦେଶରେ ଏବିଇଓ ପ୍ରଫୁଲ୍ଲ କୁମାର ବଳ ପହଞ୍ଚି ଦେଖିଥିଲେ ଯେ, ବିଦ୍ୟାଳୟ ବନ୍ଦ ଅଛି ପିଲା ଖେଳୁଛନ୍ତି। ଏବିଇଓ ବଳ ଖେଳୁଥିବା ପିଲାଙ୍କୁ ପ୍ରାର୍ଥନା କରାଇବାସହ ବାରଣ୍ଡାରେ ବସାଇ ପାଠ ପଢ଼ାଇଥିଲେ। ପରେ ସହକାରୀ ଶିକ୍ଷୟିତ୍ରୀ ପାତ୍ର ପହଞ୍ଚିଥିବା ଏବିଇଓ ବଳ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏବିଇଓଙ୍କ ରିପୋର୍ଟ ଆଧାରରେ ବିଇଓ ବିଶ୍ୱାଳ ତାଙ୍କ କାର୍ଯ୍ୟାଳୟ ଚିଠି ନଂ.୨୬୫୮ ଓ ୨୬୬୫ ଅନୁଯାୟୀ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି। ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ମଲିକଙ୍କ ପ୍ରତିକ୍ରିୟା ନେବାପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ସହକାରୀ ଶିକ୍ଷୟିତ୍ରୀ ପାତ୍ର କହିଛନ୍ତି, ସେ ପ୍ରତିଦିନ ଯାଜପୁର ଟାଉନରୁ ଆସୁଛନ୍ତି। ତେବେ ଦେହ ଅସୁସ୍ଥ ଥିବାରୁ ସେ ୧୦ଟା ୩୦ ମିନିଟରେ ସ୍କୁଲରେ ପହଞ୍ଚିଥିଲେ। ତାଙ୍କୁ ବିଇଓଙ୍କ ତରଫରୁ କୌଣସି ଉତ୍ତର ମଗା ନ ଯାଇ ତରବରିଆ ଭାବେ ନିଲମ୍ବନ କରାଯାଇଛି। ଅନ୍ୟପଟେ ବିଞ୍ଝାରପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଦାସ ଯେନାସାହି ସ୍କୁଲରେ ଶନିବାର କାର୍ଯ୍ୟ ତୁଲାଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନାମ



@ ଜଗନ୍ନାଥ



@ ରଜତ୍



@ ରାକେଶ



@ ସଞ୍ଚୟିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁଅକୁ ଖୋଜିଦେବାକୁ ମା'ଙ୍କ ନିବେଦନ

କାଏମା,୧୮।୧୧(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଥାନା ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ମାନଗୋବିନ୍ଦ ନାୟକ ଓରଫ୍ ଗୁନା ୩୦ ଦିନରୁ ଅଧିକ ଦିନ ହେବ ଘରୁ କୁଆଡେ ଚାଲି ଯାଇଛନ୍ତି। ତାଙ୍କ ବୟସ ପାଖାପାଖି ୪୦ ବର୍ଷ ହେବ। ମା' ବାସନ୍ତୀ ବହୁ ଖୋଜାଖୋଜି କଲା ପରେ ମଧ୍ୟ କୌଣସି ସନ୍ଧାନ ପାଇ ପାରିନାହାନ୍ତି। ବାସନ୍ତୀଙ୍କ ପରିବାରରେ ଆଉ କେହି ନାହାନ୍ତି। କେବଳ ସେ ଆଉ ତାଙ୍କ ପୁଅ। ବାସନ୍ତୀଙ୍କ ବୟସ ମଧ୍ୟ ପାଖାପାଖି ୭୦ବର୍ଷ ହେବ। ସେ ଗାଁଗାଁରେ ବୁଲି ପାମ୍ପଡ଼ ବିକନ୍ତି। ସେଥିରୁ ଯାହା ରୋଜଗାର ହୁଏ ଓ ଭତ୍ତା ଟଙ୍କାରେ ମା ପୁଅ ଖାଇବା ସହ ଔଷଧ ଖର୍ଚ୍ଚ କରି ଚଳି ଯାଉଥିଲେ। କୌଣସି ସ୍ଥାନକୁ ଯାଇ ପୁଅକୁ ଖୋଜିବାକୁ ତାଙ୍କ ପାଖରେ ପଇସା ନାହିଁ ବୋଲି ସେ କହିଛନ୍ତି। ପୁଅକୁ ଝୁରିଝୁରି ବାସନ୍ତୀଙ୍କ ଦିନ କଟୁଛି। ଯଦି କେହି ମାନଗୋବିନ୍ଦଙ୍କ ବିଷୟରେ ଖବର ପାଆନ୍ତି ତେବେ ପାଖ ପୋଲିସ ଷ୍ଟେଶନରେ ଜଣାଇବାକୁ ବାସନ୍ତୀ ନିବେଦନ କରିଛନ୍ତି।

# ଜବତ ବେଆଇନ ସାମଗ୍ରୀର ମୂଳଉତ୍ସ ଖୋଜାଯାଉ

କେନ୍ଦ୍ରାପଡ଼ା, ୧୮।୧୧(ଜଗନ୍ନାଥ ଧଳ)

- ଦିନକୁ ଦିନ ବଢ଼ୁଛି ଆପରାଧିକ କାର୍ଯ୍ୟକଳାପ
- ନିଶା କାରବାର ଜିଲା ସାରା ଖେଳିଗଲାଣି
- ଛିନ୍‌ତାଇରେ ବି ବ୍ୟବହାର ହେଉଛି ମାରଣାସ୍ତ୍ର

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଯମପଡ଼ା ଗାଁର ଅଜୟ କୁମାର ପରିଡ଼ା ୬ ତାରିଖ ସନ୍ଧ୍ୟାରେ ଘରକୁ ଫେରୁଥିଲେ। କଟକ-ଚାନ୍ଦବାଲି ରାସ୍ତାର ଗ୍ରାମ ନିକଟ ଜଷ୍ଟିଲୋଠାରେ ତାଙ୍କର ପାଖରେ ଥିବା ବାଣ, ଖେଳଣା ଓ ମହମବତି ଭର୍ତ୍ତି ୨ ବ୍ୟାଗ୍ ସହ ୧୪ ହଜାର ଟଙ୍କା ଲୁଟ୍ ହେଲା। ଏହି ମାମଲାରେ ସଦର ପୋଲିସ ୧୫ ତାରିଖରେ ଲୁଟ୍ କରିଥିବା ଆଳି ଥାନା ଅନ୍ତର୍ଗତ ବାଟିପଡ଼ା ଗାଁର ପ୍ରଭାତ ମହାକୁଳ ଓରଫ ଡେଙ୍ଗାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ସମୟରେ ତାଙ୍କ ନିକଟରୁ ଲୁଟ୍‌ବେଳେ ବ୍ୟବହୃତ ବନ୍ଧୁକ, ଏକ ବାଇକ୍, ନଗଦ ୯ ହଜାର ଟଙ୍କା ଜବତ କରାଯାଇଛି। କେବଳ ଏହି ଘଟଣା ନୁହେଁ, ଗତ ୪ ବର୍ଷର ଅପରାଧ ହିସାବକୁ ନେଲେ ୪୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବନ୍ଧୁକ ବ୍ୟବହାର ହୋଇଛି। ସେହିପରି ଦୁଇବର୍ଷ ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ସ୍ଥାନରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅପରାଧରେ ଅଭିଯୁକ୍ତ ହୋଇ ଧରାପଡ଼ିଲେଣି। ପାଟକୁରା ଥାନା ଅନ୍ତର୍ଗତ ପାଟଳିପଙ୍କ ଗାଁରେ ଏସିଡ୍ ଫୋପଡ଼ା ମାମଲା ମଧ୍ୟ ହୋଇଛି। ବେଆଇନ ଭାବେ କ୍ରୟ ହୋଇଥିବା ବନ୍ଧୁକ, ବ୍ରାଉନ୍‌ସୁଗାର, ଏସିଡ୍ ଆଦି ସାମଗ୍ରୀ ଆପରାଧିକ କାର୍ଯ୍ୟରେ ବ୍ୟବହାର ହେଉଥିଲେ ମଧ୍ୟ ଏହାର ମୂଳଉତ୍ସକୁ ଜିଲା ପୋଲିସ ଖୋଜିବାକୁ ଚେଷ୍ଟା କରୁନାହିଁ। ବଡ଼ଧରଣର ରାକେଟ୍ ପାଇଁ ଜିଲା ସାରା ବ୍ରାଉନ୍‌ସୁଗାର ବିକ୍ରି ଖେଳେଇ ହୋଇଥିବା ବେଳେ ବନ୍ଧୁକ ଆସୁଛି କେଉଁଠୁ ବୋଲି ସଚେତନ ନାଗରିକ ଏବେ ପ୍ରଶ୍ନ କରୁଛନ୍ତି। ମୂଳଉତ୍ସ ଖୋଜି ବିକ୍ରେତାଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀମାନେ ସ୍ୱର ଉଠାଇଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ୪ ଦଶନ୍ଧି ଧରି କେନ୍ଦ୍ରାପଡ଼ା ଜିଲାରେ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଏଥିରେ ଯୁବବର୍ଗ ସାମିଲ ହୋଇ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛନ୍ତି। ଏପରିକି ବିଭିନ୍ନ କ୍ଷେତ୍ରରେ ଥିବା ଜିଲାର ସୁନାମ ବାହାରକୁ ଯିବା ପରିବର୍ତ୍ତେ ବଦନାମ ବ୍ୟାପୁଛି। ସାଧାରଣ ଲୁଟ୍, ଛିନ୍‌ତାଇରେ ମଧ୍ୟ ପିସ୍ତଲ, ରାଇଫଲ ବ୍ୟବହାର ହେଉଥିବା ଲକ୍ଷ୍ୟ କରାଯାଉଛି। ଅପରାଧୀମାନେ ବ୍ୟବହାର କରୁଥିବା ମାରଣାସ୍ତ୍ରର ମୂଳଉତ୍ସକୁ ଜିଲା ପୋଲିସ ଖୋଜିପାଉନି। ମାରଣାସ୍ତ୍ର କେଉଁଠୁ ଆସୁଛି, ସେନେଇ ପୋଲିସ ତଦନ୍ତ କରୁନାହିଁ। ଫଳରେ ବେଆଇନ ସାମଗ୍ରୀର ବେପାର ବଢ଼ିଚାଲିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଜବତ କରିଥିବା ସାମଗ୍ରୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିପାରିଲେ କିଛି ପରିମାଣରେ ଅପରାଧ କମିପାରିବ। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ପୂର୍ବାପେକ୍ଷା ଜିଲାରେ ଅପରାଧ ରୋକିବାରେ ଜିଲା ପୋଲିସ ଓ ଅବକାରୀ ବିଭାଗ କେତେକାଂଶରେ ସକ୍ଷମ ହୋଇଛି। ତେବେ ଏହି ଆପରାଧିକ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିପାରିଲେ, ଏହାର ନିୟନ୍ତ୍ରଣ ସହଜ ହେବ। ଗଞ୍ଜେଇ, ବ୍ରାଉନ୍‌ସୁଗାର ଆଦି ବେଆଇନ ବିକ୍ରିକାରୀଙ୍କୁ ଧରିବା ସମୟରେ ଏହାର ମୂଳଉତ୍ସ ସମ୍ପର୍କରେ ସୂଚନା ମିଳୁଛି। ତେବେ ପୋଲିସ ଅଥବା ଅବକାରୀ ବିଭାଗ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ସେହିପରି ଜବତ ମାରଣାସ୍ତ୍ର ସମ୍ପର୍କରେ ପୋଲିସ ତଦନ୍ତ କରିବା କଥା। ମାତ୍ର ଏ ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ଜିଲା ପୋଲିସ ପକ୍ଷରୁ ଅପରାଧୀଙ୍କୁ ରିମାଣ୍ଡରେ ନେବା ଦେଖାଯାଉନାହିଁ। ଏ ସମ୍ପର୍କରେ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ କେତେକ ମାମଲାରେ ଆପରାଧିକ ସାମଗ୍ରୀର ମୂଳଉତ୍ସ ସମ୍ପର୍କରେ ତଦନ୍ତ ହୋଇଛି। ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯାଇ ବେଆଇନ ସାମଗ୍ରୀ ଗଚ୍ଛିତ ରଖୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

# ପୁତୁରାଙ୍କ ମୃତଦେହ ସତ୍କାର ବେଳେ ବଡ଼ବାପା ମୃତ

ରାଜନଗର/ପଟ୍ଟାମୁଣ୍ଡାଇ, ୧୮।୧୧(ଭାସ୍କର ରାଉତରାୟ/କଳ୍ପତରୁ ନାୟକ)



ପୁତୁରା ରୁଦ୍ର ପ୍ରସାଦ ମହାନ୍ତି।



ବଡ଼ବାପା ତ୍ରୈଲୋକ୍ୟ ମହାନ୍ତି।

ବିଧିର ବିଧାନ ବିଚିତ୍ର। ପୁତୁରା ମୃତଦେହକୁ ସତ୍କାର କରିବା ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ। ପୁତୁରା ଶବ ସତ୍କାର କରିବା ସମୟରେ ବଡ଼ବାପ ସେହିଠାରେ ହିଁ ଟଳି ପଡିଲେ। ଏପରି ଏକ ଘଟଣା ରାଜନଗର ନିର୍ବାଚନମଣ୍ଡଳୀରେ ଶୋକର ଛାୟା ଖେଳାଇ ଦେଇଛି। ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଣତା ପଞ୍ଚାୟତ ବାଲିଝାରୀ ଗ୍ରାମର ଗଗନ ବିହାରୀ ମହାନ୍ତିଙ୍କ ପୁଅ ରୁଦ୍ର ପ୍ରସାଦ ମହାନ୍ତିଙ୍କ କୋରାପୁଟ ଜିଲା ଜୟପୁରଠାରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଶୁକ୍ରବାର ରୁଦ୍ରଙ୍କ ମୃତଦେହ ନିଜ ଗାଁରେ ପହଞ୍ଚିବା ପରେ ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ ପାଇଁ ନେଇଥିଲେ। ଶନିବାର ଭୋର ସମୟରେ ସ୍ୱର୍ଗଦ୍ୱାରରେ ଶବ ଦାହ ଚାଲିଥିଲା। ପୁତୁରା ଜୁଇକୁ ଦେଖି ବଡ଼ବାପା ତ୍ରୈଲୋକ୍ୟ ବିହାରୀ ମହାନ୍ତି ସେହିଠାରେ ହିଁ ଟଳି ପଡିଲେ। ଏପରି ହୃଦୟ ବିଦାରକ ଦୃଶ୍ୟ ସେଠାରେ ଉପସ୍ଥିତ ଥିବା ପରିବାର ଲୋକଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ମୃତ ତ୍ରୈଲୋକ୍ୟଙ୍କ ମୃତଦେହକୁ ପରିବାର ଲୋକେ ଗାଁକୁ ଆଣି ଶବ ସତ୍କାର କରିବା ସମୟରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରୁ ଗାଁ ମଶାଣି ମଧ୍ୟରେ ଘଟିଯାଇଥିବା ସମସ୍ତ ଘଟଣା ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ୭ ବର୍ଷ ପରେ ଜିଲା ସ୍ୱାସ୍ଥ୍ୟ ମିଶନ ବୈଠକ



ସ୍ୱାସ୍ଥ୍ୟ ମିଶନ ବୈଠକରେ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼,୧୮।୧୧(ଲୋକନାଥ ମିଶ୍ର)

- ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନିୟମିତତା
- ଅନୁମୋଦନ ନ ଥାଇ ଖର୍ଚ୍ଚ ହୋଇଛି ଅନୁଦାନ
- ତଥ୍ୟ ଦେଇ ନ ପାରି ଏଡିପିଏଚ୍‌ଓ ଇଞ୍ଜିନିୟରିଂ ବିଭାଗ ଅପଦସ୍ଥ

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ମିଶନର ବୈଠକ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରମାକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ୭ ବର୍ଷ ହେଲା ଜିଲା ସ୍ୱାସ୍ଥ୍ୟ ମିଶନର ବୈଠକ ବସି ନ ଥିବାରୁ ସଭାରେ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଥିଲା । ଜିଲା ସ୍ୱାସ୍ଥ୍ୟ ମିଶନର ବୈଠକ ନ ହୋଇ ୨୦୦ କୋଟିରୁ ଊର୍ଦ୍ଧ୍ୱ ସରକାରୀ ଅନୁଦାନ କିପରି ଖର୍ଚ୍ଚ ହେଲା ବୈଠକରେ ପ୍ରଶ୍ନ ଉଠିଥିଲା । କିଏ ସରକାରୀ ଅନୁଦାନ ଖର୍ଚ୍ଚ କରିବାକୁ ଅନୁମତି ଦେଇଥିଲେ ବୋଲି ନୟାଗଡ଼ ବିଧାୟକ ପ୍ରଶ୍ନ କରିଥିଲେ। ଟଙ୍କା ଖର୍ଚ୍ଚ ନେଇ ସ୍ୱାସ୍ଥ୍ୟ ବିଭାଗର ଆକାଉଣ୍ଟାଣ୍ଟ ମଧ୍ୟ ତଥ୍ୟ ଦେଇ ପାରି ନ ଥିଲେ । ପୁଣି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅନୁଦାନ ଖର୍ଚ୍ଚରେ ଅନିୟମିତତା ହୋଇଥିବା ଚର୍ଚ୍ଚା ହୋଇଥିଲା। ବର୍ଜ୍ୟବସ୍ତୁ ପରିଚାଳନା ଅନୁଦାନ ଖର୍ଚ୍ଚରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିପିଏଚ୍‌ଓ) ଓ ସଂପୃକ୍ତ କିରାଣୀଙ୍କ ମଧ୍ୟରେ ବାଦ ବିବାଦ ଦେଖା ଦେଇଥିଲା। କିରାଣୀଙ୍କ ସହଯୋଗ ମିଳୁନଥିବା ଏଡିପିଏଚ୍‌ଓ ଅଭିଯୋଗ ଆଣିଥିଲେ। ବୈଠକକୁ କିରାଣୀଙ୍କୁ ଡକାଇବା ପରେ ଏଡିପିଏଚଓଙ୍କ ଟେବୁଲରେ ଫାଇଲ ଥିଲେ ମଧ୍ୟ ଦସ୍ତଖତ କରୁ ନ ଥିବା କିରାଣୀ କହିଥିଲେ । ଉଭୟଙ୍କ କଥା ଶୁଣି ଗୃହରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅନ୍ୟପକ୍ଷେ ଏଡିପିଏଚଓ ଓ ଇଞ୍ଜିନିୟରିଂ ବିଭାଗ ବୈଠକରେ ତଥ୍ୟ ଦେଇ ନ ପାରି ହଟହଟା ହୋଇଥିଲେ।

ତେବେ ୨୦୧୮-୧୯ ଆର୍ଥିକ ବର୍ଷର କେବଳ ସରକାରୀ ଅନୁଦାନ ଖର୍ଚ୍ଚକୁ ଅନୁମୋଦନ ମିଳିଛି । ଅନ୍ୟ ବର୍ଷଗୁଡିକ କେଉଁ ବାବଦରେ କ'ଣ ଖର୍ଚ୍ଚ ହୋଇଛି ତାର କାଗଜାତ ଦେଖାଇବା ପାଇଁ କୁହାଯାଇଛି। ଅପରପକ୍ଷେ ୨୦୧୬ରେ ଜିଲା ସ୍ୱାସ୍ଥ୍ୟ ମିଶନର ବୈଠକ ବସିଥିବା କୁହାଯାଇଥିଲା। ତେବେ ସେ ସମୟର ପ୍ରେସିଡିଂ, ଏଜେଣ୍ଡାକୁ ବୈଠକରେ ଉପସ୍ଥାପନ କରାଯାଇ ପାରିନାହିଁ । ଏଭଳିସ୍ଥଳେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି।

୨୦୧୯-୨୦ ଆର୍ଥିକ ବର୍ଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ୨୯ କୋଟି ୮୮ ଲକ୍ଷ ଟଙ୍କା ମିଳିଥିଲା । ଏଥିରୁ ୨୪ କୋଟି ୭୦ ଲକ୍ଷ ଖର୍ଚ୍ଚ ହୋଇଛି । ସେହିପରି ୨୦୨୦-୨୧ରେ ୨୯ କୋଟି ୮୮ ଲକ୍ଷର ବଜେଟ୍ ଥିବାବେଳେ ୪୨ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୪୪ କୋଟି ୮୯ ଲକ୍ଷ ବଜେଟ୍ ଥିବାବେଳେ ୩୮ କୋଟି ୭୫ ଲକ୍ଷ, ୨୦୨୨-୨୩ରେ ୬୦ କୋଟି ୩୮ ଲକ୍ଷ ବଜେଟ୍ ଥିବାବେଳେ ୬୪ କୋଟି ୧୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୫୮ କୋଟି ୭୪ ଲକ୍ଷ ବଜେଟ ଥିବାବେଳେ ନଭେମ୍ବର ସୁଦ୍ଧା ୧୮ କୋଟି ୩୨ ଲକ୍ଷ ଖର୍ଚ୍ଚ ହୋଇଛି। ଗାଁ କଲ୍ୟାଣ ସମିତି, ଏଏନଏମ ସେଣ୍ଟର, ଡାଏଲେସିସି ସେବା ଉପରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା । ଜିଲାରେ ଡାଏଲେସିସି ପାଇଁ ୧୧ ଶର୍ଯ୍ୟା ଥିବାବେଳେ ଏହାକୁ ୨୦କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯୋଇଛି । ବୈଠକରେ ନୟାଗଡ଼ ବିଧାୟକ ଓ ରଣପୁର ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେହେଁ ଅଧିକାଂଶ ଅନିୟମିତତା ନେଇ ନୟାଗଡ଼ ବିଧାୟକ ପ୍ରଶ୍ନ କରିଥିଲେ । ସରକାରୀ ଅନୁଦାନ ଖର୍ଚ୍ଚରେ ଅନିୟମିତତା, ୪ ବର୍ଷ ଧରି ଜିଲା ସ୍ୱାସ୍ଥ୍ୟ ମିଶନର ବୈଠକ କାହିଁକି କରା ନ ଗଲା, ଓ ଅନ୍ୟ ପ୍ରସଙ୍ଗ ଉପରେ ନୟାଗଡ଼ ବିଧାକୟଙ୍କ ପ୍ରଶ୍ନବାଣରେ ଏସି ରୁମରେ ଅଗ୍ନି ବର୍ଷା ହେଲା ପରି ଲାଗୁଥିଲା। ପ୍ରକାଶଥାଉକି ଜିଲା ସ୍ୱାସ୍ଥ୍ୟ ମିଶନର ବୈଠକ ପରେ ୭ ବର୍ଷ ଭିତରେ ଯେଉଁ ସିଡିଏମ୍‌ଓମାନେ ଜିଲାରେ କାର୍ଯ୍ୟ କରିଛନ୍ତି ସେମାନେ ସନ୍ଦେହ ଘେରକୁ ଆସିଛନ୍ତି।

## ୨୨ରେ ଖଣ୍ଡପଡ଼ା ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା

ଖଣ୍ଡପଡ଼ା,୧୮।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ପରିସରରେ ଆସନ୍ତା ୨୨ରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ ବୋଲି ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ସୂଚନା ଦେଇଛନ୍ତି । ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ନିମନ୍ତେ ଆୟୋଜିତ ପ୍ରସ୍ତୁତି ବୈଠକରେ ଗତ ୧୭ ତାରିଖରେ ବିଜ୍ଞାନ ମେଳା ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଥିଲା। ମାତ୍ର ବିଭିନ୍ନ କାରଣକୁ କେନ୍ଦ୍ର କରି ୧୭ ତାରିଖ ପରିବର୍ତ୍ତେ ୨୨ରେ ବିଜ୍ଞାନ ମେଳା ଅନୁଷ୍ଠିତ ହେବ ବୋଲି ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଆଇୱାଇଡିପି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଖଣ୍ଡପଡ଼ା,୧୮।୧୧(ଅଜୟ କୁମାର ମହାରଣା)


ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ (ଆଇୱାଇଡିପି) ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଶନିବାର ଉଦ୍‌ଘାଟିତ ହୋଇଛି। ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ରମାନେ ଭାଗ ନେଇଛନ୍ତି। ଅଧ୍ୟକ୍ଷ ରଣଜିତ୍ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ବିଭାଗର ନୋଡାଲ ଅଫିସର ଅଧ୍ୟାପକ ଶରତ କୁମାର ସାହୁ, ଯୁକ୍ତ ୩ ବିଭାଗର ନୋଡାଲ ଅଫିସର ପ୍ରାଧ୍ୟାପକ ଓମ୍ ପ୍ରକାଶ ସାହୁ, ସଂଯୋଜକ ଡ.ଅଶୋକ କୁମାର ପାତ୍ର, ରାଜୀବ ଲୋଚନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ । ଅଧ୍ୟାପକ ଡ. ନିରୋଦ କୁମାର ମନ୍ତ୍ରୀ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ, ଯୁବ ପ୍ରତିଭା ମାନଙ୍କୁ ଆଗକୁ ଆଣିବାର ଏକ ପ୍ରମୁଖ ପ୍ରୟାସ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ । ଅଧ୍ୟାପିକା ସରଳା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ମାନଗୋବିନ୍ଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

## ଛାତ୍ରୀଛାତ୍ରଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ



ଦଶପଲ୍ଲା,୧୮।୧୧(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ନେଳିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ତୁମାଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଛି । ଖୋର୍ଦ୍ଧା ଜିଲା ଟାଙ୍ଗୀଅଞ୍ଚଳର ଶିକ୍ଷକ ପ୍ରମୋଦ କୁମାର ବେହେରା ଏହି ବହି ବଣ୍ଟନ କରିଥିଲେ ପ୍ରଶିକ୍ଷକ ସୁନାଖଳାର ଶିକ୍ଷକ ମନୋରଞ୍ଜନ ଦାଶ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ନେଳିଗୁଡାରେ ୩୯ ଖଣ୍ଡ ଏବଂ ତୁମାଣ୍ଡି ରେ ୩୪ ଖଣ୍ଡ ପୁସ୍ତକ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଥିଲା ,ଏହି ବହି ବଣ୍ଟନ ବେଳେ ନେଳିଗୁଡା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ପଣ୍ଡା,ସିଆରସିସି କୁବେର ମଣି ସାହୁ, ଶିକ୍ଷକ ଅଜୟ କୁମାର ବେହେରା ସମେତ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଉପସ୍ଥିତ ଥିଲେ।

## ହସ୍ତଶିଳ୍ପ ପ୍ରଦର୍ଶନୀ, ସଚେତନତା କର୍ମଶାଳା

ଖଣ୍ଡପଡ଼ା,୧୮।୧୧(ଅଜୟ କୁମାର ମହାରଣା)

କେନ୍ଦ୍ର ସରକାରଙ୍କ ହସ୍ତଶିଳ୍ପ ଓ ହସ୍ତତନ୍ତ୍ର ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ପରିସରରେ ୩ ଦିନିଆ ହସ୍ତଶିଳ୍ପ ପ୍ରଦର୍ଶନ ଓ ସଚେତନତା କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ କରିବା ସହ ହସ୍ତଶିଳ୍ପ ସମ୍ବନ୍ଧରେ ସବିଶେଷ ଜ୍ଞାନ ଆହରଣ କରି କିପରି କର୍ମମୟ ଜୀବନରେ ସ୍ୱାବଲମ୍ବୀ ହୋଇ ପରିବେ ସେ ସମ୍ପର୍କରେ କର୍ମଶାଳାରେ ଯୋଗ ଦେଇଥିବା ଦକ୍ଷ ଓ ଅଭିଜ୍ଞ ପ୍ରଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଖଣ୍ଡପଡ଼ା କଳା ବିକାଶ ପରିଷଦ ପକ୍ଷରୁ ଆୟୋଜିତ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ରବି ନାରାୟଣ ମିଶ୍ର, ମୁଖ୍ୟବକ୍ତା ଭାବେ ହସ୍ତଶିଳ୍ପ ସହ ନିର୍ଦ୍ଦେଶକ ଅଶୋକ କୁମାର ହୋତା ଓ ସମ୍ମାନୀତ ଅତିଥି ହସ୍ତଶିଳ୍ପ ବିଭାଗ ମୁଖ୍ୟ ଯନ୍ତ୍ରୀ ରାମାନୁଜ ବୈରୀଗଞ୍ଜନ, ଡ଼ିଜାଇନର ଦେବାଶିଷ ରାୟ, ଅଧ୍ୟାପକ ପ୍ରିୟ ରଞ୍ଜନ ରଥ ପ୍ରମୁଖ ଯୋଗଦେଇ କର୍ମଶାଳା ଆୟୋଜନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

ଖଣ୍ଡପଡ଼ା କଳା ବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର କର୍ମଶାଳାରେ ସଂଯୋଜନା କରିଥିଲେ । ବିଭିନ୍ନ ଦିନରେ ବରିଷ୍ଠ ପ୍ରଶିକ୍ଷକ ଭାବେ ଚକ୍ରଧର ରାଉତ (ନଡା ଶିଳ୍ପ) ଚନ୍ଦ୍ର ଶେଖର ଦାସ(କାଠ, କଣ୍ଢେଇ), ସଂଯୁକ୍ତା ମହାନ୍ତି (ତାଳପତ୍ର ଖୋଦେଇ) ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ୩ ଦିନ ଧରି ଆୟୋଜିତ କର୍ମଶାଳାରେ ୧୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷକମାନେ ହସ୍ତଶିଳ୍ପ ଓ ହସ୍ତତନ୍ତ୍ର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ରଣପୁରକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବି ଜୋର ଧରିଲା

ରଣପୁର,୧୮।୧୧(ସୁକାନ୍ତ କିଶୋର ଡାକୁଆ)


ସିପିଏମ୍ ପକ୍ଷରୁ ରଣପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ନୟାଗଡ଼ ଜିଲା ରଣପୁର ବ୍ଲକରେ ବର୍ଷାର ଅଭାବସାଙ୍ଗକୁ ନଦୀ ଓ ବନ୍ଧ ଚେକ୍‌ଡ୍ୟାମ୍‌ରେ ପାଣି ରହି ନ ଥିଲା। ଏହାକୁ ନେଇ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ମରୁଡ଼ି ସଙ୍କଟ ସହି ନ ପାରି ଓସ୍ତାପ ଗ୍ରାମର ଜଣେ ଚାଷୀ ଆତ୍ମହତ୍ୟା କରିଥିଲେ । ଏହାପରେ ବି ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏହାର ପ୍ରତିବାଦରେ ଶନିବାର ସିପିଏମ୍ ରଣପୁର ଆଞ୍ଚଳିକ କମିଟି ଓ ସ୍ଥାନୀୟ କୃଷକଙ୍କ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏକ ଶୋଭାଯାତ୍ରା ରଣପୁର ପଞ୍ଚୁ ଦୋଳ ପଡ଼ିଆରୁ ବାହାରି ରଣପୁର ବଜାର ପରିକ୍ରମା କରି ତହସିଲ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିତ୍ୟାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦସଭାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରଣପୁର ବ୍ଲକକୁ ତୁରନ୍ତ ମରୁଡ଼ି ଅଞ୍ଚଳ ଘୋଷଣା କରିବା,ମୃତ ଚାଷୀ ଗୋବିନ୍ଦ ସାହୁଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା,ସମସ୍ତ ଚାଷୀଙ୍କ ଚାଷୀ ଋଣ ଛାଡ଼ କରିବା,ମରୁଡ଼ି ପରିପ୍ରେକ୍ଷୀରେ ଲୋକଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବର୍ଷକୁ ୨୦୦ଦିନ କାର୍ଯ୍ୟ

### ତହସିଲ ଅଫିସ୍ ସମ୍ମୁଖରେ ସିପିଏମ୍ ପକ୍ଷରୁ ଗଣ ବିକ୍ଷୋଭ

୬୦୦ ଟଙ୍କା ଦୈନିକ ମଜୁରୀ ସରକାର ଯୋଗାଇ ଦେବା ସହ ମରୁଡ଼ିର ସ୍ଥାୟୀ ପ୍ରତିକାର କରିବା ପାଇଁ ଅଚଳ ଲିଫିଟି ପମ୍ପକୁ ତୁରନ୍ତ ମରାମତି କରିବା,ଗଭୀର ବୋର ଓଏଲ ଖନନ କରିବା ,କ୍ଷୁଦ୍ର ଜଳ ସେଚନ ଅଧୀନରେ ଥିବା ଭେଟବର ବନ୍ଧ ସମେତ ସମସ୍ତ ବନ୍ଧ ଖନନ କରିବା, କେନାଲ ଗୁଡିକ ମରାମତି କରିବା ଓ ବୃତ୍ତଙ୍ଗ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ରଣପୁର ଅଞ୍ଚଳରେ ଥିବା ଭେଟବର ଡ୍ୟାମ କୁ ଖନନ କରିବାସହିତ କେନାଲ ଗୁଡିକୁ କାଯ୍ୟ କରିବା ପାଇ ବକ୍ତା ମାନେ ଦୃଢ଼ ଦାବି କରିଥିଲେ। ଚାଷୀମାନେ ଆଣିଥିବା ମଲା ଧାନକୁ ଦେଖାଇ ବିକ୍ଷୋଭ କରିବା ସହ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଥିଲେ। ପାର୍ଟିର ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ତହସିଲଦାରଙ୍କୁ ଭେଟି ୭ଦଫା ଦାବିଉପରେ ଆଲୋଚନା କରିଥିଲେ । ଆସନ୍ତା ୭ ଦିନ ମଧ୍ୟରେ ପାର୍ଟିର ତଥ୍ୟ ସଂଗ୍ରହ କରି ପ୍ରତିନିଧି ମଣ୍ଡଳୀଙ୍କୁ ନିମନ୍ତ୍ରଣ କରି ପୂର୍ଣ୍ଣ ଆଲୋଚନା କରିବା ପରେ ମରୁଡ଼ି ଘୋଷଣା ପାଇଁ ପଦକ୍ଷେପ ନେବେ ବୋଲି ଆନ୍ଦୋଳନରତ ଚାଷୀମାନଙ୍କୁ ପ୍ରତିଶୃତି ଦେବାରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ଏହି ବିକ୍ଷୋଭ ସମାବେଶରେ ବରିଷ୍ଠ ସିପିଏମ୍ ଆଞ୍ଚଳିକ କମିଟି ସମ୍ପାଦକ ସୁରେଶ ସ୍ୱାଇଁ, ଦୁଃଶାସନ ଜେନା, ସାବ୍ୟସାଚୀ ସେନାପତି, ଗଦାଧର ପ୍ରଧାନ, ସୁଶୀଲ ମହାନ୍ତି, ଭିକାରୀ ଚରଣ ସାହୁ, କୁଳମଣି ପଲେଇ, ବିଜୟ ଜେନା,ପବିତ୍ର ପ୍ରଧାନ,ମନୋଜ ଲକ୍ଷ୍ମୀଧର ଲେଙ୍କା,ଅନାମ ଦାସ, ଓ ଜ୍ୟୋତ୍ସ୍ନାରାଣୀ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନାମ


@ ଜଗନ୍ନାଥ


@ ରଜତ୍


@ ରାକେଶ


@ ସଞ୍ଚୟିତା


@ ରାଜ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୟାଗଡ଼ ସହରରୁ ଜବରଦଖଲ ଉଚ୍ଛେଦ

ନୟାଗଡ଼,୧୮।୧୧(ଲୋକନାଥ ମିଶ୍ର)

- ୧୦ରୁ ଊର୍ଦ୍ଧ୍ୱ ଘର ଭଙ୍ଗାଗଲା
- ସରକାରୀ ଜମିକୁ ବିକ୍ରୟ ହୋଇଥିଲା

ନୟାଗଡ଼ ସହର ତ୍ରିନାଥ ଛକ ଆରଆଇ ଅଫିସ ପଛପାଖରୁ ୧୦ରୁ ଊର୍ଦ୍ଧ୍ୱ ଘର ଭଙ୍ଗା ଯାଇଛି । ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ, ନୟାଗଡ଼ ଟାଉନ ଥାନା ଆଇଆଇସି, ନୟାଗଡ଼ ତହସିଲଦାର ଓ ବନବିଭାଗର ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଛି। ଜବରଦଖଲ ଉଚ୍ଛେଦ ବେଳେ କେତେଜଣ ମହିଳା ବିରୋଧ କରିଥିଲେ । ତେବେ ଜଣେ ମହିଳାଙ୍କୁ ପୋଲିସ ଉଠାଇ ନେଇ ଅଟକ ରଖିବା ପରେ ଉଚ୍ଛେଦରେ ଅସୁବିଧା ହୋଇ ନ ଥିଲା । ଜଣେ ସ୍ଥାନୀୟ ବ୍ୟକ୍ତି ସରକାରୀ ଜମିକୁ ବିକ୍ରି କରିଥିବା ଅଭିଯୋଗ ଉଠିଛି । ଘର କରିବା ପାଇଁ ଗଛ କଟା ଯାଇଛି । ସହରରେ ଜବରଦଖଲ ଚିନ୍ତାର କାରଣ ପାଲଟିଛି।

# ବ୍ରେକ୍‌ଅପ୍



ଯେବେ ମଣିଷ କାହାକୁ ହୃଦୟରୁ ଭଲପାଏ, ସେ ତାକୁ ଜୀବନସାଥୀ ଭାବେ ସବୁବେଳେ ନିଜର କରିବାର ସ୍ୱପ୍ନ ଦେଖେ। ହେଲେ ଯେବେ ସେହି ସ୍ୱପ୍ନର ମଣିଷ କୌଣସି କାରଣରୁ ଛାଡ଼ି ଚାଲିଯାଏ ବା ଉଭୟଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଯାଏ (ବ୍ରେକ୍‌ଅପ୍), ସେତେବେଳେ ମନକୁ ସମ୍ଭାଳିବା କଷ୍ଟ ହୋଇପଡ଼େ। ବିଶେଷକରି ଯେବେ ବହୁତ ଭଲ ପାଉଥିବା ମଣିଷ ଅନ୍ୟ କାହା ପାଇଁ ଧୋକାଦିଏ, ସେତେବେଳେ ପ୍ରେମୀଜଣଙ୍କ ଡିପ୍ରେଶନ୍‌କୁ ଚାଲିଯାଏ। ସେ ଏହି ଦୁଃଖ ସମ୍ଭାଳି ନ ପାରି ସବୁବେଳେ ଉଦାସ ରହିବା ଦ୍ୱାରା ନିଜ ପାଠପଢ଼ା, ଜବ୍ ଆଦି ସହ ପରିବାରକୁ ବି ଅବହେଳା କରିବସେ। କେବଳ ଏତିକି ନୁହେଁ, କେହି କେହି ଏଭଳି ପରିସ୍ଥିତିରେ ମାନସିକସ୍ତରରେ ଏତେ ଦୁର୍ବଳ ହୋଇପଡ଼ନ୍ତି ଯେ, ଆତ୍ମହତ୍ୟା କରିବାକୁ ପଛାନ୍ତି ନାହିଁ। ହେଲେ ବ୍ରେକ୍‌ଅପ୍ ପରେ ଏସବୁ ଭୁଲ୍ ନିଷ୍ପତ୍ତି ନେଇ ନିଜ ସହ ପରିବାରକୁ କଷ୍ଟ ଦେବା ବଦଳରେ କେତେକ ଉପାୟ ଆପଣେଇଲେ ଏହି କଷ୍ଟରୁ ଶୀଘ୍ର ମୁକୁଳି ପୁଣି ମାନସିକସ୍ତରରେ ଦୃଢ଼ ହୋଇ ଆଗକୁ ବଢ଼ିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...

**ପ୍ରେମରେ ହୁଅନ୍ତୁନି ଅନ୍ଧ:** ପ୍ରେମ ନିଶ୍ଚିତ ଭାବେ ଏକ ପବିତ୍ର ଓ ମଧୁର ସମ୍ପର୍କ, ଯାହାକୁ ସାରା ଜୀବନ ଅତୁଟ ରଖିବାକୁ ମଣିଷ କିଛି ବି କରିପାରେ। ହେଲେ ବର୍ତ୍ତମାନ ପ୍ରେମୀ ଯୋଡ଼ିଙ୍କ ମଧ୍ୟରୁ ମାତ୍ର କେତେକ ଯୋଡ଼ିଙ୍କ ସମ୍ପର୍କ ସାରା ଜୀବନ ଅତୁଟ ରହିପାରୁଛି। କାରଣ ଆଜିକାଲି ଅନେକ ଯୁବତୀ ଯୁବକଙ୍କ ପାଇଁ ଯେମିତି ଏହା ପାଲଟିଛି ସ୍ୱାର୍ଥହାସଲର ଏକ ମାଧ୍ୟମ। ସେମାନଙ୍କ ପାଇଁ ସମ୍ପର୍କ ଯୋଡ଼ିବାକୁ ଯେତିକି



ସମୟ ନ ଲାଗୁଛି, ସ୍ୱାର୍ଥହାସଲ ପରେ ବ୍ରେକ୍‌ଅପ୍ ପାଇଁ ତା'ଠାରୁ କମ୍ ସମୟ ଲାଗୁଛି। ହେଲେ ଏହା ଯେ ଅନ୍ୟ ଜଣଙ୍କୁ ମାନସିକସ୍ତରରେ କେତେ କଷ୍ଟ ଦେଉଛି, ସେଥିପାଇଁ ସେମାନଙ୍କର ପରବାୟ ନାହିଁ। ଏମିତିକି ଏହି ଦୁଃଖରେ ଅନେକ ଆତ୍ମହତ୍ୟା ଭଳି ଘଟଣା ବି ବୃଦ୍ଧି ପାଉଛି। ତେଣୁ ମନେରଖନ୍ତୁ, ଯଦି ଭଲପାଇବା ପ୍ରକୃତ ହୋଇଥାଏ ; ତେବେ ବ୍ରେକ୍‌ଅପ୍ ହୋଇ ନ ଥାଏ। ଆଉ ଯଦି ବ୍ରେକ୍‌ଅପ୍ ହୁଏ ଏବଂ ଭଲପାଉଥିବା ମଣିଷଠାରେ ଆପଣଙ୍କୁ ହରାଇବାର ଦୁଃଖ ନ ଥାଏ,

**ପ୍ରେମ ଏକ ଏଭଳି ସମ୍ପର୍କ, ଯାହାକି ଦୁଇ ଅଚିହ୍ନା ମଣିଷଙ୍କୁ ବି ଏକାଠି କରିପାରେ। ଏହି ନିଃସ୍ୱାର୍ଥପର ଶାଶ୍ୱତ ସମ୍ପର୍କ ଦୁଇ ହୃଦୟକୁ ଏକ ସୂତ୍ରରେ ବାନ୍ଧିରଖେ । ଏହି ସମ୍ପର୍କରେ କେବେ ଭଲପାଇବା ତ ଆଉ ପୁଣି କେବେ ରାଗ, ରୁଷା, ଅଭିମାନ ବି ଥାଏ। ହେଲେ ଏଥିରେ ଯେବେ ସ୍ୱାର୍ଥ ଓ ଛଳନା ଆସେ, ସେଇଠୁ ଆରମ୍ଭ ହୁଏ ମନାନ୍ତର। ଆଉ ସେଇଠୁ ଭାଙ୍ଗିଯାଏ ସମ୍ପର୍କ ବା ହୁଏ ବ୍ରେକ୍‌ଅପ୍, ଯାହାକି ପ୍ରକୃତରେ ଭଲପାଉଥିବା ମଣିଷକୁ ମାନସିକସ୍ତରରେ କରିଦିଏ ଦୁର୍ବଳ...**



ତେବେ ବୁଝିନିଅନ୍ତୁ ଏହା ଏକ ଛଳନା ଥିଲା। ଏଥିରେ ଦୁଃଖ ପ୍ରକାଶ କରି ନିଜକୁ କଷ୍ଟ ଦେବା କିମ୍ବା କୌଣସି ଭଲ ନିଷ୍ପତ୍ତି ନେଇଯିବା ବଦଳରେ ମାନସିକସ୍ତରରେ ଦୃଢ଼ ହୋଇ ନିଜ ପରିବାର ଓ ସାଙ୍ଗସାଥୀଙ୍କ ସହ ସମୟ ବିତାନ୍ତୁ, ଦେଖିବେ ଖୁବ୍‌ଶୀଘ୍ର ନିଜକୁ ସମ୍ଭାଳିନେବା ସହଜ ହୋଇଯିବ।

**ଚାପି ରଖନ୍ତୁନି କଷ୍ଟ:** ନିଜ କଷ୍ଟ ଓ ଭାବନାକୁ ଭିତରେ ଚାପି ରଖି ଏକା ଏକା କାନ୍ଦିବା ଭଳି ଭୁଲ୍ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ମନ ଉଦାସ ରହିଥାଏ। ତେଣୁ ମନର ସବୁ କଷ୍ଟ, ଭଲ ମନ୍ଦ କଥା, ଅନୁଭବ ଆଦିକୁ ଅନ୍ୟ ଆଗରେ ବା କୌଣସି ବିଶ୍ୱସ୍ତଙ୍କ ଆଗରେ ପ୍ରକାଶ କରନ୍ତୁ । ଏହାଦ୍ୱାରା ନା କେବଳ ଆପଣ ମାନସିକ ସ୍ତରରେ ହାଲୁକା ଅନୁଭବ କରିବେ ବରଂ ଡିପ୍ରେଶନ୍‌ରେ ଯାଇ ଆତ୍ମହତ୍ୟା ଭଳି ନକାରାତ୍ମକ ଚିନ୍ତାରୁ ଦୂରେଇପାରିବେ।



**ଇମୋଶନାଲ୍ ସପୋର୍ଟ:** ଯେବେ ଭଲପାଇବାର ସମ୍ପର୍କ ଭାଙ୍ଗେ ମାନସିକ ଯନ୍ତ୍ରଣା ବଢ଼ିଯାଏ, ଯାହାକୁ ଦୂର କରିବା ଲାଗି ନିହାତି ଜରୁରୀ ହୋଇପଡ଼େ ଇମୋଶନାଲ ସପୋର୍ଟ। ଆଉ ଏଥିପାଇଁ ନିଜ ଅଭିଭାବକ କିମ୍ବା ପରିବାର ସଦସ୍ୟ ଏବଂ ବେଷ୍ଟ ଫ୍ରେଣ୍ଡ୍‌ଙ୍କଠାରୁ ଭଲ ଆଉ କିଏ ବା ହୋଇପାରନ୍ତି ! ତେଣୁ ସେମାନେ ହିଁ ଆପଣଙ୍କୁ ଏହି ପରିସ୍ଥିତିରୁ ମୁକୁଳି ନିଜକୁ ଦୃଢ଼ କରିବା ଲାଗି ଇମୋଶନାଲ୍ ସପୋର୍ଟ ଦେଇପାରିବେ ଏବଂ ନିଜ କର୍ମପଥରେ ଆଗେଇ ସଫଳ ବ୍ୟକ୍ତିତ୍ୱ ହେବା ଦିଗରେ ସେମାନେ ହିଁ ପ୍ରେରଣା ଯୋଗାଇପାରିବେ।

**ନିଜ ପ୍ରତି ଧ୍ୟାନ ଦିଅନ୍ତୁ:** ପ୍ରେମ ହିଁ ସବୁ କିଛି। ତା' ବିନା ଜୀବନ ଅଧୁରା। ଜଣେ ଛାଡ଼ିଗଲେ ସବୁକିଛି ଚାଲିଗଲା ଏସବୁ ଭାବନା ଦୂର କରନ୍ତୁ। ଗୋଟିଏ ଘରେ ଏକାକୀ ବସି ନ ରହି ସମସ୍ତଙ୍କ ସହ କଥା ହୁଅନ୍ତୁ। ଠିକ୍ ସମୟରେ ଖାଆନ୍ତୁ, ରାତିରେ ଅନିଦ୍ରା ନ ରହି ଠିକ୍ ଭାବେ ଶୁଅନ୍ତୁ। ଏହାଦ୍ୱାରା ଶରୀର ସୁସ୍ଥ ରହିପାରିବ।

**ଆବଶ୍ୟକ ଟ୍ରିଟ୍‌ମେଣ୍ଟ:** ଏହିସବୁ ପରେ ବି ଯଦି ଆପଣ ନିଜକୁ ମାନସିକ ସ୍ତରରେ ଦୁର୍ବଳ ମନେକରୁଛନ୍ତି କିମ୍ବା ହାର୍ଟବ୍ରେକ୍ କଷ୍ଟରୁ ମୁକୁଳି ନ ପାରି ଡିପ୍ରେଶ୍ ରହୁଛନ୍ତି, ତେବେ ଆଦୌ ବିଳମ୍ବ ନ କରି କୌଣସି ମାନସିକ ରୋଗ ବିଶେଷଜ୍ଞ, ଥେରାପିଷ୍ଟ, ରିଲେଶନ୍‌ଶିପ୍ କାଉନ୍‌ସିଲର୍‌ଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ଉପାୟ ଫଲୋ କଲେ ଶୀଘ୍ର ଏହି କଷ୍ଟରୁ ମୁକୁଳି ଆସି ଉଭୟ ମାନସିକ ଓ ଶାରୀରିକ ସ୍ତରରେ ଫିଟ୍ ଏବଂ ଖୁସି ଅନୁଭବ କରିବେ।





## ଏ ସପ୍ତାହର ପ୍ରଶ୍ନ

୧– ଭିଜିଲାନ୍ସ ଆୱାର୍‌ନେସ୍ ୱିକ୍–୨୦୨୩ର ଥିମ୍ ..................... ?
୨– ମୟୂରାକ୍ଷୀ ନଦୀ ଭାରତୀୟ ............... ରାଜ୍ୟ ଦେଇ ପ୍ରବାହିତ ହେଉଛି ?
୩– ଭାରତର ................ସହର ପୃଥିବୀର ଚତୁର୍ଥ ଜନସଂଖ୍ୟା ବହୁଳ ସହର ?
୪– ଭାରତରେ ୨୦୨୩ ମସିହାରେ ............... ପ୍ରତିଶତ କ୍ଷୁଦ୍ର ଚାଷୀ ଅଛନ୍ତି ?
୫– ୱାର୍ଲ୍ଡ ୟୁଏଫ୍‌ଓ ଡେ' ............. ତାରିଖରେ ପାଳନ କରାଯାଏ ?

## ଗତ ସପ୍ତାହର ଉତ୍ତର

୧ ମେରା ଯୁବା ଭାରତ ପ୍ଲାଟ୍‌ଫର୍ମ
୨ ନୀର୍ଜା ଭାନୋଟ୍
୩ ଚାଇନା
୪ ୨୦
୫ ୟୁକେ

## ଉତ୍ତରଦାତା



ଚନ୍ଦ୍ରଶେଖର ସାହୁ, ଯାଜପୁର



କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର



ମ୍ରିନାଲ୍ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ଟଏ ବ୍ରାଣ୍ଡ




୧– ଦି ଲିଗୋ ଗ୍ରୁପ୍ ............................................ ଡେନ୍‌ମାର୍କ
୨– ବାନ୍ଦାଇ ନାମ୍‌କୋ ହୋଲ୍‌ଡିଂସ୍ ................................ ଜାପାନ
୩– ଫିସର୍– ପ୍ରାଇସ୍ ............................................ ଆମେରିକା
୪– ବାର୍ବି.......................................................... ଆମେରିକା
୫– ନର୍ଫ ........................................................ ଆମେରିକା
୬– ଡ୍ରାଗନ୍ ବଲ୍ ................................................ ଜାପାନ
୭– ହାସ୍‌ବ୍ରୋ .................................................. ଆମେରିକା
୮– ହଟ୍ ହ୍ୱିଲ୍ସ .................................................. ଆମେରିକା
୯– ପପ୍ ମାର୍ଟ .................................................. ଚାଇନା
୧୦– ମାଇଁ ଲିଟ୍‌ଲ ପୋନି ....................................... ଆମେରିକା

## ଜାଣନ୍ତୁ ଦୁନିଆ

# ନିଆରା ଦେଶ

**ପୃଥିବୀରେ ଥିବା ସମସ୍ତ ଦେଶ ପରସ୍ପରଠୁ ଭିନ୍ନ। ହେଲେ ଏହା ମଧ୍ୟରେ ଅନେକ ଦେଶ କିଛି ନିଆରା ବିଶେଷତ୍ୱକୁ ନେଇ ବେଶ୍ ପରିଚିତ। ଜାଣିବା ଏଭଳି କିଛି ଦେଶ ସମ୍ପର୍କରେ...**

- ପୃଥିବୀର ସବୁଠୁ ପୁରୁଣା ଦେଶ ହେଉଛି ସ୍ୟାନ୍ ମ୍ୟାରିନୋ। ଏହା ପୃଥିବୀର ଏକମାତ୍ର ଦେଶ, ଯେଉଁଠି ଜନସଂଖ୍ୟା ତୁଳନାରେ କାର୍ ସଂଖ୍ୟା ଅଧିକ।
- ନିଉଇ ହେଉଛି ଖୁବ୍ କମ୍ ଜନସଂଖ୍ୟା ଥିବା ଏକ ଦ୍ୱୀପରାଷ୍ଟ୍ର, ଯାହାକି ପୃଥିବୀର ପ୍ରଥମ ଏବଂ ଏକମାତ୍ର ୱାଇଫାଇ ଦେଶ।
- ପପୁଆ ନ୍ୟୁ ଗିନୀ ପୃଥିବୀର ସର୍ବାଧିକ ଭାଷାଗତ ବିବିଧତା ଥିବା ଦେଶ। ତେବେ ଏଠାକାର ରାଷ୍ଟ୍ରୀୟ ଭାଷା ଇଂଲିଶ୍ ହୋଇଥିଲେ ହେଁ ମାତ୍ର ୧–୨ ପ୍ରତିଶତ ବାସିନ୍ଦା ଏହି ଭାଷାରେ କଥା ହୋଇପାରନ୍ତି।
- ନାଇଜର ହେଉଛି ପୃଥିବୀର ସର୍ବାଧିକ ଯୁବ ବର୍ଗ ଥିବା ଦେଶ। ଅର୍ଥାତ୍ ଏହି ଦେଶର ସମୁଦାୟ ଜନଂଖ୍ୟାର ୫୦% ହେଉଛନ୍ତି ୧୪ ବର୍ଷ ବୟସରୁ କମ୍।
- ପୃଥିବୀର ସବୁଠୁ କ୍ଷୁଦ୍ରତମ ଦେଶ ହେଉଛି ଭାଟିକାନ ସିଟି, ଯାହାର କ୍ଷେତ୍ରଫଳ ମାତ୍ର ୦.୪୯ ବର୍ଗକିଲୋମିଟର।
- ବିଶ୍ୱରେ ପାକିସ୍ତାନ ଏପରି ଏକ ଦେଶ, ଯେଉଁଠାରେ ରାଷ୍ଟ୍ରପତି ପଦ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ପଡ଼େ ନାହିଁ। କିନ୍ତୁ ଏଠାରେ ଥିବା ସ୍କୁଲ୍‌ରେ ଚାକିରି କରିବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ଦରକାର ପଡ଼ିଥାଏ।
- ପ୍ରଶାନ୍ତ ମହାସାଗର ମଧ୍ୟରେ ଥିବା ମାର୍ଶାଲ ଦ୍ୱୀପ ପୃଥିବୀର ସବୁଠାରୁ ସଂକଟଗ୍ରସ୍ତ ଦ୍ୱୀପରାଷ୍ଟ୍ର। କାରଣ ଏଠାରେ ପାଣିପାଗ ପରିବର୍ତ୍ତନ ସହ ବନ୍ୟା ଆଶଙ୍କା ସର୍ବାଧିକ।
- ପୃଥିବୀର ସର୍ବାଧିକ ସଂଖ୍ୟକ ଯମଜ ନାଇଜେରିଆରେ ଜନ୍ମ ଗ୍ରହଣ କରୁଥିବାର ରେକର୍ଡ ରହିଛି।
- ପୃଥିବୀର ପ୍ରାୟ ୯୦% ମଧୁର ଜଳ ଆଣ୍ଟାର୍କାଟିକାରେ ରହିଛି।
- ପୃଥିବୀରେ ଥିବା ସମୁଦାୟ ତିନୋଟି ସିଟି–ଷ୍ଟେଟ୍ ମଧ୍ୟରେ ସିଙ୍ଗାପୁର ମଧ୍ୟ ରହିଛି, ଯାହାର କୌଣସି ରାଜଧାନୀ ନାହିଁ। ପୃଥିବୀର ପ୍ରଥମ ନାଇଟ୍ ଜୁ ବା ରାତ୍ର ଚିଡ଼ିଆଖାନା ଏବଂ ନାଇଟ୍ ସଫାରି ଏଠାରେ ରହିଛି।



## ତଥାପି ସଫଳ

# ଦୁଃସାହସୀ ବାପିନା



କଥାରେ ଅଛି ଦୃଢ଼ ମନୋବଳ ଥିଲେ 'ପଙ୍ଗୁ ଲଙ୍ଘୟତେ ଗିରିମ୍'। ଅର୍ଥାତ୍ ଆତ୍ମବିଶ୍ୱାସ ଓ ନିଷ୍ଠା ବଳରେ ଅସମ୍ଭବ ବି ସମ୍ଭବ ହୋଇପାରେ। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ସେ। ଜଣେ ଦୃଷ୍ଟିହୀନ ଭାବେ ଦୁନିଆର ଆଲୋକ ନ ଦେଖିପାରୁଥିଲେ ବି ନିଜ ଦୃଢ଼ ଇଚ୍ଛାଶକ୍ତି ବଳରେ ଆକାଶରେ ଉଡ଼ିବାଠାରୁ ଆରମ୍ଭ କରି ଦୁର୍ଗମ ପାହାଡ଼ ଶିଖର ଛୁଇଁବା ଭଳି ଦୁଃସାହସିକ କାର୍ଯ୍ୟ ଦ୍ୱାରା ସଭିଙ୍କ ମନରେ ଜଣେ ରିୟଲ ହିରୋ ଭାବେ ନିଜର ଏକ ପରିଚୟ ସୃଷ୍ଟି କରିବାରେ ହୋଇଛନ୍ତି ସକ୍ଷମ। ସେ ହେଉଛନ୍ତି ନୟାଗଡ଼ ଜିଲା ଶରଣକୁଳ ଭିକାରୀପଡା ଗ୍ରାମର ମାଆ ଚଞ୍ଚଳା ଓ ବାପା ପ୍ରଫୁଲ୍ଲ ନାୟକଙ୍କ ପୁଅ ବାପିନା। ଜନ୍ମରୁ ସେ ଦୃଷ୍ଟିବାଧିତ। ଏଣେ ପରିବାରର ଆର୍ଥିକ ପରିସ୍ଥିତି ମଧ୍ୟ ନ ଥିଲା ସ୍ୱଚ୍ଛଳ। ତଥାପି ଅଭାବ, ଅନଟନ ଓ ଅନେକ ବାଧାବିଘ୍ନ ସତ୍ତ୍ୱେ ସେ ନିଜକୁ ମାନସିକସ୍ତରରେ ଦୃଢ଼ ରଖି ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର ଏବଂ ପର୍ବତାରୋହୀ ଭାବେ ଇତିହାସ ସୃଷ୍ଟି କରିପାରିଛନ୍ତି। ଆଉ ନା କେବଳ ଦିବ୍ୟାଙ୍ଗମାନଙ୍କ ପାଇଁ ବରଂ ସମସ୍ତ ଯୁବପିଢ଼ିଙ୍କ ପାଇଁ ପାଲଟିଛନ୍ତି ଉଦାହରଣ। ପିଲାଦିନୁ ଆକାଶରେ ଉଡ଼ିବାକୁ ନେଇ ସେ ସ୍ୱପ୍ନ ଦେଖୁଥିଲେ। ଏଥିପାଇଁ ପାରାଚ୍ୟୁଟ୍‌ରେ ଉଡ଼ିବା ତାଲିମ ମଧ୍ୟ ନେଲେ।



ନିକଟରେ ବଙ୍ଗୋପସାଗରର ଚନ୍ଦ୍ରଭାଗା ମୁହାଣରେ ସମୁଦ୍ର ପତନଠାରୁ ୩୩୦ ଫୁଟ୍ ଉଚ୍ଚତାରେ ଏକାକୀ ଉଡ଼ି ରେକର୍ଡ ସୃଷ୍ଟି କରିଛନ୍ତି। ସେହିପରି ଚନ୍ଦକା–ଡମପଡା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ୧୧୦୦ ଫୁଟ୍ ଉଚ୍ଚତା କନ୍ଦଲେଇ ପାହାଡ଼ରେ ସଫଳତାର ସହ ଚଢ଼ି ଶିଖରରେ ଜାତୀୟ ପତାକା ଉଡ଼ାଇ ଇତିହାସ ରଚିଛନ୍ତି। କ୍ରିକେଟ୍ ଏବଂ ଫୁଟ୍‌ବଲ୍ ଖେଳିବାରେ ମଧ୍ୟ ତାଙ୍କର ବିଶେଷ ରୁଚି ରହିଛି। ଏହାବ୍ୟତୀତ ଦୃଷ୍ଟିହୀନଙ୍କ ବିକାଶ ନିମନ୍ତେ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ 'ବ୍ଲୁ ଆଇ'ର ସମ୍ପାଦକ ଭାବେ ସେ କାର୍ଯ୍ୟ ମଧ୍ୟ କରୁଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମିଳିଛି ପ୍ରଶଂସା ଓ ପୁରସ୍କାର। ନିଜର ସମସ୍ତ ସଫଳତାର ଶ୍ରେୟ ଅଭିଭାବକ, ସାମାଜିକ କର୍ମୀ ସୁଶାନ୍ତ ସାହୁ ଏବଂ କୋଚ ତ୍ରିଲୋଚନ ବେଉରାଙ୍କୁ ଦେଉଥିବା ବାପିନା ଚଳିତବର୍ଷ ସ୍ନାତକଡିଗ୍ରୀ ହାସଲ କରିବା ପରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଆଗକୁ ଆହୁରି ଦୁଃସାହସିକ କାର୍ଯ୍ୟ କରି ଜଣେ ଦିବ୍ୟାଙ୍ଗ ବି ସବୁ କରିପାରିବେ ଏକଥା ପ୍ରମାଣିତ କରିବାର ଲକ୍ଷ୍ୟ ରଖି ଆଗେଇ ଚାଲିଛନ୍ତି।

– ସୁବାସ ଚନ୍ଦ୍ର ପ୍ରଧାନ

# କମିଲା ଅଳଙ୍କାର ରପ୍ତାନି

## ଅକ୍ଟୋବରରେ ୧୧.୪୯% ହ୍ରାସ

ଭୁବନେଶ୍ୱର,୧୮।୧୧ (ଅଭୟ ଦାଶ)



ଗତ କିଛି ସପ୍ତାହ ହେଲା ଅନ୍ତଃରାଷ୍ଟ୍ରୀୟ ବଜାରରେ ମାନ୍ଦାବସ୍ଥା ସାଙ୍ଗକୁ ରାଜନୈତିକ ଓ ଯୁଦ୍ଧ ଭଳି ସମସ୍ୟା ଲାଗି ରହିଛି। ଏହାର ପ୍ରଭାବ ଘରୋଇ ଅଳଙ୍କାର ବଜାରର ରପ୍ତାନି ଉପରେ ପଡ଼ିଛି। ଫଳରେ ଚଳିତ ବର୍ଷ ଅକ୍ଟୋବର ମାସରେ ଦେଶର ସାମଗ୍ରିକ ରତ୍ନ ଏବଂ ଅଳଙ୍କାର ରପ୍ତାନି ୧୧.୪୯% ହ୍ରାସ ପାଇ ୨୨,୮୭୩.୧୯ କୋଟି (୨,୭୪୮.୦୧ ମିଲିୟନ ଡଲାର)ରେ ପହଞ୍ଚିଛି ବୋଲି ରତ୍ନ ଏବଂ ଅଳଙ୍କାର ରପ୍ତାନି ପ୍ରୋତ୍ସାହନ ପରିଷଦ ( ଜେମ୍ସ ଆଣ୍ଡ ଜୁଏଲେରି ଏକ୍ସପର୍ଟ ପ୍ରମୋଶନ କାଉନସିଲ ବା ଜିଜେଇପିସି) ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ସେହିଭଳି ଜିଜେଇପିସିର ସୂଚନା ଅନୁଯାୟୀ ୨୦୨୩ ଅକ୍ଟୋବରରେ ଭାରତର ସାମଗ୍ରିକ ରତ୍ନ ଏବଂ ଅଳଙ୍କାର ରପ୍ତାନି ୧୧.୪୯% ହ୍ରାସ ହୋଇ ୨୨,୮୭୩.୧୯ କୋଟିରେ ପହଞ୍ଚିଛି। ଏପରିକି ୨୦୨୨ ଅକ୍ଟୋବରରେ ମୋଟ ରପ୍ତାନି ୨୫,୮୪୩.୮୪ କୋଟି (୩,୧୩୪.୮୫ ମିଲିୟନ ଡଲାର) ଥିଲା। ସେହିଭଳି ୨୦୨୩ ସେପ୍ଟେମ୍ବରରେ କଟ୍ ଆଣ୍ଡ ପଲିସ୍ଡ଼ ଡାଇମଣ୍ଡ (ସିପିଡି) ରପ୍ତାନିରେ ମଧ୍ୟ ୩୨.୭୦% ହ୍ରାସ ହୋଇ ୧୦,୪୯୫.୦୬ କୋଟି (୧,୨୬୦.୯୧ ମିଲିୟନ ଡଲାର)ରେ ରହିଥିଲା ବେଳେ ୨୦୨୨ ସେପ୍ଟେମ୍ବରର କାରବାର ତୁଳନାରେ ୧୫,୫୯୪.୪୯ କୋଟି (୧,୮୯୧.୨ ମିଲିୟନ ଡଲାର) ହ୍ରାସ ପାଇଛି। ଅପରପକ୍ଷରେ ଚଳିତ ବର୍ଷ ଅକ୍ଟୋବରରେ ପଲିସ୍ ହୋଇଥିବା ଲାବ୍ ଗ୍ରାଉଣ୍ଡ ହୀରା (ଏଲ୍‌ଜିଡି)ର ମୋଟ ରପ୍ତାନି ୨୩.୦୧% ହ୍ରାସ ହୋଇ ୧,୧୩୫.୧୬ କୋଟି (୧୩୬.୩୮ ମିଲିୟନ ଡଲାର)ରେ ପହଞ୍ଚିଛି। ବିଶେଷକରି ୨୦୨୨ ଅକ୍ଟୋବରରେ ଏହାର ପରିମାଣ ୧,୪୭୪.୩୮ କୋଟି (୧୭୮.୭୩ ନିୟୁତ) ଥିଲା।

ଏ ସମ୍ପର୍କରେ ଜେଜିଇପିସିର ଅଧ୍ୟକ୍ଷ ଭିପୁଲ ଶାହା କହିଥିଲେ, ଚଳିତ ବର୍ଷ ଅକ୍ଟୋବରରେ ଦେଶର ସାମଗ୍ରିକ ରତ୍ନ ଏବଂ ଅଳଙ୍କାର ରପ୍ତାନି ହ୍ରାସ ପାଇଥିଲାବେଳେ ଆମେରିକା ଭଳି ପ୍ରମୁଖ ଅଳଙ୍କାର ବଜାରରେ ଚାହିଦା ହ୍ରାସ ଏବଂ ହୀରା ଯୋଗାଣରେ ସୀମିତତା ରହିଥିଲା। ଏପରିକି ଅଳଙ୍କାର ରପ୍ତାନି ପରିବହନର ମୋଟ ଅଂଶ ୫୦% ରହିଥାଏ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ଚଳିତ ବର୍ଷର ଖ୍ରୀଷ୍ଟମାସ ସମୟରେ ଅଳଙ୍କାର ରପ୍ତାନି ବଜାରଗୁଡିକ ଉଠିବ ବୋଲି ଆମେ ଆଶା କରୁଛୁ। ସେହିପରି ସୁନା ଅଳଙ୍କାରର ମୋଟ ରପ୍ତାନି ୨୦୨୩ ଅକ୍ଟୋବରରେ ୩୩.୪୮% ବୃଦ୍ଧି ହୋଇ ୮,୬୧୯.୩୮କୋଟି (୧,୦୩୫.୫୪ ମିଲିୟନ ଡଲାର) ହୋଇଥିବାବେଳେ ଗତ ବର୍ଷ ଅକ୍ଟୋବରରେ ଏହାର ପରିମାଣ ୬,୪୫୭.୪୮କୋଟି (୭୮୪.୧୧ ମିଲିୟନ)ରୁ ଅଧିକ ହୋଇଥିଲା।

# ଆବଟ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୮।୧୧

ବୈଶ୍ୱିକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କମ୍ପାନୀ 'ଆବଟ୍'ର ନୂତନ ଉତ୍ପାଦ 'ପିଡିଶିଆଶ୍ୱର'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ଏହାର ନ୍ୟୁଟ୍ରି-ପୁଲ୍ ସିଷ୍ଟମ ସହ ନୂତନ ପିଡିଆଶ୍ୱରର ଶୁଭାରମ୍ଭ (ବଜାର ପ୍ରବେଶ) ହୋଇଯାଇଛି। ବିଶେଷକରି ମୁଖ୍ୟ ପୋଷକଦ୍ରବ୍ୟକୁ ଅବଶୋଷଣ ମାଧ୍ୟମରେ ପିଲାମାନଙ୍କ ଭିତରେ ଏକ ବୃଦ୍ଧି ହ୍ରାସ ଆରମ୍ଭ ହୋଇଥାଏ। ଏପରିକି ସୀମିତ ଅବଧି ପରେ ଏହା କ୍ଷିପ୍ର ବୃଦ୍ଧିରେ ସହାୟତା କରିବାରେ ସାହାଯ୍ୟ କରୁଥିବା ନ୍ୟୁଟ୍ରି-ପୁଲ୍ ସିଷ୍ଟମ ଭିଟାମିନ କେ୨, ଭିଟାମିନ ଡି, ଭିଟାମିନ ସି ଓ କେଶିନ ଫସପୋ ପେପଟାଇଡ୍ସ (ସିପିପି)ର ଏକ ମିଳିତ ସଂଯୋଜନା। ଅପରପକ୍ଷରେ ପିଲାମାନଙ୍କ ବଢିବା ଏବଂ ପୂର୍ଣ୍ଣ କ୍ଷମତାରେ ସେମାନେ ପହଞ୍ଚିବା ପାଇଁ ସାହାଯ୍ୟ କରିବାରେ ଠିକ୍ ପୋଷଣର ଅତ୍ୟାବଶ୍ୟକ ରହିଛି। ତଥାପି ବିଶ୍ୱବ୍ୟାପୀ ୫ବର୍ଷରୁ କମ୍ ବୟସର ପ୍ରାୟ ୧୪୯ ମିଲିୟନ ପିଲା ବାଲ୍ୟକାଳ ପୁଷ୍ଟିହୀନତାରେ ପୀଡ଼ିତ ଏବଂ ଏକ ତୃତୀୟାଂଶ କିମ୍ବା ୪୦.୬ ମିଲିୟନ ପିଲା ଭାରତରେ ମଧ୍ୟ ଅଛନ୍ତି। ଉକ୍ତ ପିଲାମାନଙ୍କର ଅଭିବୃଦ୍ଧି ଓ ବିକାଶକୁ ସହାୟତା କରିବା ପାଇଁ ଏହା ବେଶ୍ ସହାୟକ କରିଥାଏ।

# ୩ ଦିନିଆ ଟ୍ରାଇଥନ ଟ୍ରିପ୍ଲେଟ୍ ଉଦ୍‌ଘାଟିତ




ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ଭୁବନେଶର ଚନ୍ଦ୍ରଶେଖରପୁରସ୍ଥିତ ଟ୍ରାଇଡେଣ୍ଟ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ପକ୍ଷରୁ ପୂର୍ବ ଭାରତର ବୈଷୟିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୩ ଦିନିଆ ହାକାଥନ 'ଟ୍ରାଇଥନ ଟ୍ରିପ୍ଲେଟ-୨୦୨୩' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏହିପରି ବିଭିନ୍ନ ବର୍ଗରେ ୩ଟି ସମାନ୍ତରାଳ ଇଭେଣ୍ଟର ଯୋଜନା କରାଯାଇଛି। ପ୍ରଥମ ଟ୍ରାକ୍‌ଟି କେବଳ ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ଯାହାର ବିଚାର ଆଇଟି ଏବଂ ବାୟୋଟେକ୍ ଶିକ୍ଷ ଶିକ୍ଷାନୁଷ୍ଠାନର ମହିଳାମାନଙ୍କ ଦ୍ୱାରା କରାଯାଉଛି। ଏପରିକି ଏହା କେବଳ ମହିଳା ଅଧ୍ୟାପିକାମାନଙ୍କ ଦ୍ୱାରା ପରିଚାଳନା କରାଯାଉଛି। ଦ୍ୱିତୀୟ ଟ୍ରାକ୍‌ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ, ରିମୋଟ ସେନ୍ସିଂ ଏବଂ ଜିଆଇଏସ୍ ଡ୍ରୋନ୍, ଡାଟା ସାଇନ୍ସ ଆନାଲିଟିକ୍ସ ଏବଂ ବାୟୋ-ମାନ୍ୟୁଫାକ୍ଚରିଂ । ବାୟୋ ପ୍ରୋସେସିଂ ଭଳି ଅଗ୍ରଣୀ ଟେକ୍ନୋଲୋଜିର ଉପଯୋଗ କରାଯିବ। ପ୍ରତିଯୋଗୀ ଦଳଗୁଡ଼ିକ ତୃତୀୟ ଟ୍ରାକ୍‌ରେ ନିରବଚ୍ଛିନ୍ନ ଭାବେ ୨୪ଘଣ୍ଟାର ପ୍ରୋଗ୍ରାମିଂ କରିବେ । ଏହି ତିନୋଟିଯାକ ଟ୍ରାକ୍‌ରେ (ଟ୍ରାଇଡେଣ୍ଟ-ଟ୍ରିପ୍ଲେଟ୍) ସମସ୍ତ ପ୍ରତିଯୋଗୀ ସେମାନଙ୍କର ପ୍ରୋଗ୍ରାମିଂ ପ୍ରସ୍ତୁତ କରିଛନ୍ତି। ଏହାର ବିଷୟବସ୍ତୁ 'ଜଳବାୟୁ ପରିବର୍ତ୍ତନର ଆହ୍ୱାନ ଏବଂ ନିରନ୍ତରତାରେ ପ୍ରଯୁକ୍ତିବିଦ୍ୟାର ହସ୍ତକ୍ଷେପ' ରଖାଯାଇଛି। ଏହି ତିନୋଟି ଟ୍ରାକ୍ ଶେଷ ହେବା ପରେ ଟ୍ରାକ୍-୧, ଟ୍ରାକ୍-୨ ଏବଂ ଟ୍ରାକ୍-୩ ପାଇଁ ପୁରସ୍କାର ରାଶି ଯଥାକ୍ରମେ ୫୦ ହଜାର ଟଙ୍କା, ୫୦ହଜାର ଟଙ୍କା ଏବଂ ୧ଲକ୍ଷ ଟଙ୍କା ରଖାଯାଇଛି । ଏହାବ୍ୟତୀତ ଏହି ତିନୋଟି ଇଭେଣ୍ଟରେ ଶ୍ରେଷ୍ଠ ୩ଜଣ ପ୍ରୋଗ୍ରାମରଙ୍କୁ ବ୍ୟକ୍ତିଗତ ଭାବେ ତିନୋଟି ପୁରସ୍କାର ପ୍ରଦାନକରାଯିବ । ପୂର୍ବ ଭାରତର ପ୍ରମୁଖ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନଗୁଡିକର ପ୍ରାୟ ୧୪୦ ଦଳ ଏହି ଟ୍ରାଇଡେଣ୍ଟ ଟ୍ରିପ୍ଲେଟ୍ ପାଇଁ ନାମ ପଞ୍ଜୀକରଣ କରିଥିଲେ । ସ୍କ୍ରିନିଂ ରାଉଣ୍ଡ ପରେ ହାକାଥନରେ ବର୍ତ୍ତମାନ ୮୦ଟି ଦଳ ତିନୋଟି ଟ୍ରାକ୍‌ରେ ଅଂଶଗ୍ରହଣ କରୁଛନ୍ତି ଯେଉଁଥିରେ ପ୍ରାୟ ୩୫୦ ଜଣ ଛାତ୍ରୀଛାତ୍ର ଅଛନ୍ତି। ୨୦ ତାରିଖ ପର୍ଯ୍ୟନ୍ତ ଟ୍ରାଇଡେଣ୍ଟ ଗ୍ରୁପ୍ ପଟିଆ ଇନ୍‌ଫୋସିଟି ସାମ୍ନା କ୍ୟାମ୍ପସରେଏହି କାର୍ଯ୍ୟକ୍ରମ ଚାଲିବ।

# କାନାରା ବ୍ୟାଙ୍କର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୮।୧୧

କାନାରା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରୁଡ୍‌ସେଟ୍ ପ୍ରତିଷ୍ଠାନରେ ବ୍ୟାଙ୍କର ୧୧୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସମାରୋହରେ ଆଞ୍ଚଳିକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ପି. ଠାକୁର ନାୟକ ଏବଂ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ମେହେର କାନାରା ବ୍ୟାଙ୍କର ପ୍ରତିଷ୍ଠାତା ଆମେବାଲ ସୁବରାଓ ପାଇଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ତାଲିମାର୍ଥୀ ଯୋଗଦେଇଥିଲେ। ବ୍ୟାଙ୍କ ତରଫରୁ ଆର୍ଥିକ ଅନଗ୍ରସର ତାଲିମାର୍ଥୀମାନଙ୍କୁ ନିଃଶୁଳ୍କ ବୈଦ୍ୟୁତିକ ଉପକରଣ ଯୋଗାଇ ଦିଆଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବ୍ୟାଙ୍କର କର୍ମଚାରୀ, ବ୍ୟାଙ୍କ ମିତ୍ର , ତାଲିମାର୍ଥୀ ଯୋଗଦେଇଥିଲେ। ରୁଡଖସେଟ୍ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।




ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଅତିଥି।

# ଟିପିସିଓଡିଏଲ୍‌ର ଅବସରକାଳୀନ ଯୋଜନା 'ସୌହାର୍ଦ୍ଦ୍ୟ'



ଭୁବନେଶ୍ୱର,୧୮।୧୧

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ ଅବସରକାଳୀନ ଯୋଜନା 'ସୌହାର୍ଦ୍ଦ୍ୟ'କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ବିଶେଷକରି ଉକ୍ତ ଯୋଜନା ଜରିଆରେ କର୍ମଚାରୀମାନେ ବେଶ୍ ଉପକୃତ ହେବା ସହିତ କର୍ମଚାରୀଙ୍କ କଲ୍ୟାଣରେ ଏକ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଏପରିକି ଏହି ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଟିପିସିଓଡିଏଲ୍ ପକ୍ଷରୁ ୨୦୨୪ ମାର୍ଚ୍ଚରେ ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀମାନଙ୍କ ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ସୌହାର୍ଦ୍ଦ୍ୟ' କର୍ମଶାଳାକୁ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ସେଣ୍ଟର ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଥିଲେ, କର୍ମଚାରୀଙ୍କ କଲ୍ୟାଣ ପ୍ରତି କମ୍ପାନୀର ଅତୁଟ ପ୍ରତିବଦ୍ଧତା ଆମ ମୂଲ୍ୟବୋଧର ମୂଳମନ୍ତ୍ର ପାଲଟିଛି। ଆଜି ଆମର ବ୍ୟାପକ ଅବସରକାଳୀନ ଯୋଜନାକୁ ଉପସ୍ଥାପନ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଦୀର୍ଘସ୍ଥାୟୀ ସଫଳତା ପାଇଁ ଶ୍ରମଶକ୍ତିଙ୍କୁ ସଶକ୍ତ କରିବା ଉପରେ ଆମର ଦୃଢ଼ ବିଶ୍ୱାସ ରହିଛି ଏବଂ ଉକ୍ତ କାର୍ଯ୍ୟକ୍ରମ ସେହି ବିଶ୍ୱାସର ପ୍ରତିଫଳନ ବୋଲି ଆଶା କରାଯାଉଛି। ମିଳିତ ଭାବେ ଆମେ କର୍ମଚାରୀ ଓ ସଂସ୍ଥାର ଭବିଷ୍ୟତ ଲାଗି ଏକ ଉଜ୍ଜ୍ୱଳ ଓ ଅଧିକ ସୁରକ୍ଷିତ ଭବିଷ୍ୟତ ଗଠନ କରୁଛୁ। ପରିଶେଷରେ ଲୋଟସ୍ ମିଷ୍ଟ ଆଡଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସତ୍ୟନାରାୟଣ ସାହୁଙ୍କ ସମେତ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ ଅବସର ପରବର୍ତ୍ତୀ ଆର୍ଥିକ ଯୋଜନା ଉପରେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରି ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଅଂଶଗ୍ରହଣକାରୀମାନଙ୍କୁ ସଶକ୍ତ କରିଥିଲେ। 'ଏକ ସୁରକ୍ଷିତ ଭବିଷ୍ୟତ ପାଇଁ କର୍ମଚାରୀଙ୍କୁ ସଶକ୍ତ କରିବା' ନାମକ ବ୍ୟାପକ ଅବସରକାଳୀନ ଯୋଜନା କାର୍ଯ୍ୟକ୍ରମ କର୍ମଚାରୀମାନଙ୍କ କଲ୍ୟାଣ ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବିଶେଷକରି ଏହା ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀମାନଙ୍କୁ ଆର୍ଥିକ ଯୋଜନା, ଟିକସ ଲାଭ, କର୍ମଚାରୀ କଲ୍ୟାଣ ଓ ଦସ୍ତାବିଜ ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରୁଛି।

# ପେନ୍‌ସନ କଭରେଜ୍ ଆବଶ୍ୟକତାକୁ ଗୁରୁତ୍ୱ

ଭୁବନେଶ୍ୱର,୧୮।୧୧

ଦେଶର ପ୍ରମୁଖ ନିୟାମକ ପ୍ରାଧିକରଣ ପେନ୍‌ସନ ଫଣ୍ଡ ରେଗୁଲାଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି (ପିଏଫ୍‌ଆର୍‌ଡିଏ)ଙ୍କ ପକ୍ଷରୁ ଦେଶବ୍ୟାପୀ କର୍ପୋରେଟ ହାଉସଙ୍କ ପାଇଁ ଜାତୀୟ ପେନ୍‌ସନ ସିଷ୍ଟମ (ଏନ୍‌ପିଏସ୍) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସର ମିଳିତ ସହଯୋଗରେ ପିଏଫ୍‌ଆର୍‌ଡିଏ ଶୁକ୍ରବାର ଭୁବନେଶ୍ୱରଠାରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ପି ଏ ଫ୍ ଅ । ର୍ ଡି ଏ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.ଜି.ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏକ ଦୃଢ଼ ସମାଜ ସହିତ ବଢୁଥିବା ଚିନ୍ତା ପାଇଁ ପେନ୍‌ସନ କଭରେଜ ଆବଶ୍ୟକତାକୁ ଦାସ ବିଶେଷ ଗୁରୁତ୍ୱ ଦେଇଥିଲେ। ସେହିଭଳି ସେ ଦକ୍ଷତା, ମାପକାଠି, ରିଟର୍ନ ଆଦି ବିଷୟରେ ମଧ୍ୟ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ରିତବ୍ରତ ସରକାର,ଏଫ୍‌ଆଇଏଆଇର ମୁଖ୍ୟ ଅବସରପ୍ରାପ୍ତ-ଇଣ୍ଡିଆ ଓ ମ୍ୟାନେଜିଂ ପାର୍ଟନର ଏବଂ ସୁମିତ କୁମାର ମୁଖ୍ୟ ମହାପ୍ରବନ୍ଧକଙ୍କ ସମେତ ସତ୍ୟବ୍ରତ ଦାସ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ଅବସରକାଳୀନ ଲାଭ ଯୋଜନା ସମ୍ପର୍କରେ ଉପସ୍ଥିତ ବକ୍ତାମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
Letter No. 35715, Dated 15.11.23, Email i.d.: crew_bbsr@yahoo.com
**"e" Procurement Notice for bridge works in Odisha (Online-10 (Bridge) / 2023-24 dt. 15.11.2023)**

**No.O-1549:**1. Name of the work : Construction of bridge work. 2. Total No. of works : 01 (One) no. 3.Estimated cost : Rs 4995.00 lakh. 4.Class of contractor: Special Class & Super Class. 5. Period of completion : 30 (Thirty) Calendar months. 6. Other details :

| Procurement Officer | Bid Identification No. | No. of Bridge Works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha,Bhubaneswar | Online-10 (Bridge)/ 2023-24 | 01 (One) No. | 21.11.2023 at 11.00 A.M. | 05.12.2023 Upto 5.00 P.M. |

Other details can be seen in the bidding documents, which will be available in website www.tendersorissa.gov.in.

Sd./- Chief Engineer (Buildings & Bridges)
Rural Works, Odisha, Bhubaneswar
OIPR-25123/11/0033/2324

**GOVT. OF ODISHA**
**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**
**'e' Procurement Notice No.CEMKS 12 of 2023-24**

**No.A-852:**1.Name of the Work:Cement Concrete Lining of Distributary No.13 of Machhagaon Canal under CLSRP, 2. Amount put to Tender: Rs.9,29,94,499.00, 3. Bid Document Cost: Rs.10,000.00 (Online), 4. E.M.D.: Rs.9,30,000.00, 5. Class of Contractor: "A" Class & Special Class, 6. Period of Completion: 12 Calendar Months, 7. Other details are as follows.

| Procurement Officer | Bid Identification No. | Availability of tender online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS JSP 02 of 2023-24 | 20.11.2023 10.00 hours | 05.12.2023 17.00 hrs. | 06.12.2023 11.00 Hrs. |

8. e-mail id: celmbbbsr@yahoo.co.in.
Further detail conditions can be seen from the Govt. website www.tendersodisha.gov.in.
The Corrigendum/ Cancellation of Tender, if any, will be uploaded and can be seen from the above website only.

Sd./- Chief Engineer & Basin Manager
Mahanadi Kathajodi System, Bhubaneswar
OIPR-32252/11/0015/2324

**GOVERNMENT OF ODISHA** No.O-1550:
**OFFICE OF THE CHIEF CONSTRUCTION ENGINEER,CENTRAL RURAL WORKS CIRCLE, BHUBANESWAR**
No.6012/ Date 17.11.2023
**"e" Procurement Notice for PMGSY Missing Link Bridges for the year 2022-23**

| | | | |
|---|---|---|---|
| 1 | Name of the Work | : | Construction of Bridge including five year Maintenance under PMGSY-III, Batch-I of 2022-23 |
| 2 | Total No. of works: | : | 01 No. |
| 3 | Approximate Estimated Cost of the package | : | Rs.579.89 Lakhs |
| 4 | Class of Contractor | : | |
| | a)Estimated cost more than Rs. 1.00 Crores up to Rs. 20.00 Crores | | A Class (of Odisha PWD) or relevant class of other licensing authorities |
| 5 | Period of completion | : | 12 (Twelve) Months |
| 6 | Offered rates by bidder | : | The offered rate by the contractor shall be excluding GST. |
| 7 | Other details | : | |

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & Time of submission of original financial instrument alongwith affidavit regarding correctness of information | Date & Time of Opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.47 of 2023 | 21.11.2023 at 11.00 AM | 05.12.2023 upto 5.00 P.M. | 04.12.2023 upto 5.00 PM | 06.12.2023 to 08.12.2023 Upto 5.00 PM (During office hour) | 11.12.2023 at 11.00 AM | To be intimated lateron |

Further details can be seen from the website:- www.pmgsytenders.gov.in
Sd./- Chief Construction Engineer
Central Rural Works Circle, Bhubaneswar
OIPR-25082/11/0037/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI**
Phone:- 06842 254004, Email:sernbphulbani@gmail.com
**INVITATION FOR BIDS (IFB)**
Bid Identification No.CCE_R and B_PLB_18 of 2023-24
No.B-1285 No.2625, Dated:17.11.2023

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Bridge & Building works as detailed in the table below from eligible contractors. | | |
| 2 | Nature of Work | :- | Bridge & Building Works |
| 3 | No. of Tenders | :- | Four Nos. |
| 4 | Tender Cost | :- | Rs.10,000/- (through online) only |
| 5 | Class of Contractor | :- | A & Special Class |
| 6 | Date & Time of sale & receipt of Bids | :- | 10.00 AM of 02.12.2023 to 5.00 PM of 16.12.2023 |
| 7 | Date of Opening of Bid | :- | 11.00 AM of 17.12.2023 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Chief Construction Engineer
Phulbani (R&B) Circle, Phulbani
OIPR-34129/11/0019/2324

**DIRECTORATE OF HORTICULTURE ODISHA, BHUBANESWAR**
**GOVT. OF ODISHA**
KRUSHI BHAWAN, GOPABANDHU MARG, BHUBANESWAR-751001
Phone:0674-2391831, email: supportdho.od@nic.in
**EXPRESSION OF INTEREST**
No. 12060/Hort., Dated 15.11.2023

**No.L-153:**Expression of Interest (EoI) in sealed covers are invited for empanelment of Agencies/ manufacturers/suppliers/ System Integrator of National repute for installation/ supply/ erection/ establishment of different units/ structures under Protected Cultivation and Post-Harvest Management components in farmers'/ beneficiaries field under MIDH and all other schemes implemented by Directorate of Horticulture, Odisha. The detailed criteria, terms and conditions for empanelment can be downloaded from https://www.odihort.nic.in and https://www.tendersodisha.gov.in. The cost of the EOI document is Rs.11,800.00 (Cost + GST) which is non-refundable. The applications/ documents duly filled in the appropriate format along with the Demand Draft for Rs.11,800.00 drawn in favour of the Director of Horticulture-cum-Secretary, OHDS and payable at any Nationalized Bank in Bhubaneswar should reach the Office of the undersigned on or before 5.00 PM of 11.12.2023.
Pre-empanelment meeting for the Expression of interest will be held on 30.11.2023 at 11.30AM through virtual mode. The meeting link will be sent to the respective e-mail IDs of the applicant whose queries has been received by 29.11.2023.
The EOI documents will be opened on 12.12.2023 at 11.00AM and on 13.12.2023 at 11.00AM for different units/ structures in presence of the applicant or their authorized representative as per the details mentioned in the Notice for EOI.

Sd./- Director of Horticulture-cum- Secretary, OHDS
Krushi Bhawan, Gopabandhu Marg, Bhubaneswar, Odisha, PIN-751001, Email Id:supportdho.od@nic.in
OIPR-01038/11/0005/2324

**Govt. OF ODISHA**
**"e"- PROCUREMENT NOTICE**
**Bid Identification No. S.E. PKL (R&B)- 26/2023-24**
E-mail address- eepwd.pkl@rediffmail.com
No.B-1283: **Tender Call Notice**

| | | | |
|---|---|---|---|
| 1. | Name of the work | : | Building work |
| 2. | Numbers of work | : | 1 (One) |
| 3. | Estimated cost | : | Rs.43.00 Lakh (Approx) |
| 4. | Period of completion | : | 3 (Three) Calendar Months |
| 5. | Date & Time of availability of bid document in the portal | : | From 11.00 A.M. of dt.18.11.2023 to 05.00 P.M. of dt.05.12.2023 |
| 6. | Last Date/ Time for receipt of bids in the portal | : | 05.00 P.M. of dt.05.12.2023 |
| 7. | Date of opening of Bid | : | 11.30 A.M. of dt.06.12.2023 |
| 8. | Name and address of the officer inviting Bid | : | Superintending Engineer, Panikoili (R&B) Division, Panikoili |

Further details can be seen from the e-procurement portal https://tendersodisha.gov.in

Sd./- Superintending Engineer
Panikoili (R&B) Division
OIPR-34067/11/0024/2324

**OFFICE OF THE SUPERINTENDING ENGINEER** No.O-1548
**RURAL WORKS DIVISION-I, GANJAM, BERHAMPUR**
Phone- 0680-2291405; E-Mail: eerw_gm1@yahoo.co.in
**Government of Odisha e-Procurement Notice**
**Bid Identification No. Online Tender // 06 // SERWDG-I // 2023-24**
Letter No. 4369/RWDG-I//BAM/Date:17.11.2023

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.66.84 |
| 3 | Period of Completion | : | 06 (Six) Calendar Months as shown in Column No. 06 of Annexure. |
| 4 | Date & Time of Availability of Bid Documents in the Portal | : | From 22.11.2023 at 11.30 AM to 30.11.2023 up to 6.00 PM. |
| 5 | Last Date/Time for Receipt of Bids in the Portal | : | 30.11.2023 up to 6.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in

Sd./- Superintending Engineer,
R.W. Division-I, Ganjam, Berhampur
OIPR-25085/11/0009/2324

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K. JASHIPUR, DIST-MAYURBHANJ, ODISHA-757091
Tel: - 06797-295030, Email-dfo.similipalnorthwl@odisha.gov.in/ ddsimilipalnorth@gmail.com
**TENDER CALL NOTICE**
No.91, Date:17.11.2023

**No.MM-275:**The **DEPUTY DIRECTOR, SIMILIPAL NORTH WL DIVISION, JASHIPUR** on behalf of Governor of Odisha invites **Percentage Rate bids** to be received in offline mode for the following works from the eligible experienced contractors in similar nature of work, registered with State Govt. & Contractor of equivalent Grade / Class registered with Central Govt. / Railways.

| | | | |
|---|---|---|---|
| 1. | Nature of Work | : | Construction of Forest Guard Quarter Complex |
| 2. | No. of Work | : | 01 Building |
| 3. | Period of Completion | : | 03 (Three) Months |
| 4. | Cost of Tender | : | Rs.10000/- (Ten Thousand) only |
| 5. | Estimated Cost | : | Rs.72,24,000/- |
| 6. | Class of Contractor | : | "B" Class |
| 7. | Date & Time of availability of tender document | : | Tender Documents for construction of Forest Guard Quarter as stated above will be available in the O/o the Deputy Director, Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 10.00 AM of 20. 11 .2023 to 05.30 PM of 29. 11. 2023 |
| 8. | Receipt of Bid documents | : | Through Direct Deposit by hand / Registered post/ Speed post/ Courier service to the Deputy Director, O/o the Deputy Director, Similipal North (WL) Division, At-Matiagarh Chhaka, P.O.- K. Jashipur, Dist.- Mayurbhanj, Pin-757091 on or before 30.11 .2023 by 1 1 .00 A.M. |
| 9. | Receipt of Bid cost, Bid Security, documents | : | Earnest Money Deposit (EMD) of Rs. 72.240/- (Rupees Seventy Two Thousand Two Hundred Forty) Only shall be submitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. The EMD will be refunded to the unsuccessful bidder. The EMD for the successful bidder will be released only after completion and handover the Quarter |
| 10. | Date & Time of opening of technical bid | : | Dt.30.11.2023 at 12.00 hours onwards |
| 11. | Other documents | : | (As mentioned in DTCN) |
| 12. | The undersigned reserves the right to accept/reject any or all Tender without assigning any reason thereof. | | |

Sd./-Deputy Director
Similipal (North) WL Division, Jashipur
OIPR-08133/11/0003/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡି ମାଲକାନଗିରି ଜିଲା କମିଟି ପୁନର୍ଗଠିତ

## ମୁକୁନ୍ଦ ସୋଡି ଉପଦେଷ୍ଟା

ଭୁବନେଶ୍ୱର,୧୮।୧୧(ଅନିଲଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ମାଲକାନଗିରି ଜିଲା କମିଟି ପୁନର୍ଗଠନ କରାଯାଇଛି। ଏହି କମିଟିରେ ମୁକୁନ୍ଦ ସୋଡ଼ିଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୀମାଞ୍ଚଳ ପ୍ରଧାନ, ସୁରେନ୍ଦ୍ର ନାଥ ରଥ ଏବଂ ମନୀନ୍ଦ୍ରନାଥ ଗୋଲଦାରଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଶୁଭ୍ରାଂଶୁ ଶେଖର ସାହୁ ଏବଂ ବିଜୟକ୍ରିଷ୍ଣ ଦାସଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦିଲୀପ ବିଶ୍ୱାସ, କ୍ରିଷ୍ଣପଦ ମଣ୍ଡଳ, ଇନ୍ଦୁ ମାଧବ ସରଦାର, ରବି ମେସାକ ମାଦ୍ରି, ପି. ପ୍ରସାଦ ରାଓ, ହରିବନ୍ଧୁ ହନ୍ତାଲ, ତୁଳସୀ ଦଳାଇ ଏବଂ କୁନୁ ବିଶ୍ୱାଳଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମାଥିଲି ବ୍ଲକ ସଭାପତି ଭାବେ ବିଦ୍ୟା ପୂଜାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସୁକର ମୁଦୁଲିଙ୍କୁ ଚିତ୍ରକୋଣ୍ଡା ବ୍ଲକର କାର୍ଯ୍ୟକାରୀ ସଭାପତି ଓ ବିଶ୍ୱନାଥ ରେଡ୍ଡୀଙ୍କୁ କାଲିମେଲା ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।


କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଜୟପୁରସ୍ଥିତ ସବାଇ ମାନସିଂ ହସ୍ପିଟାଲରେ ଆହତ ସରକାରୀ ଅଧିକାରୀ ହର୍ଷଦିପାଟି ବାଲ୍ମୀକିଙ୍କୁ ସାକ୍ଷାତକରି ଫେରୁଛନ୍ତି।

# ଆଦିତ୍ୟ ଠାକ୍‌ରେଙ୍କ ନାଁରେ ମାମଲା

ନୂଆଦିଲ୍ଲୀ,୧୮।୧୧

ପ୍ରଶାସନର ଅନୁମତି ନ ନେଇ ମୁମ୍ବାଇର ଲୋୟର ପାରେଲ୍ ଅଞ୍ଚଳରେ ଏକ ବ୍ରିଜ୍ ଉଦ୍‌ଘାଟନ କରିବା ଅଭିଯୋଗରେ ଶିବସେନା(ୟୁବିଟି) ବିଧାୟକ ଆଦିତ୍ୟ ଠାକ୍‌ରେ ଓ ଅନ୍ୟ କେତେଜଣଙ୍କ ବିରୋଧରେ ଶନିବାର ମାମଲା ରୁଜୁ ହୋଇଛି। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଆଦିତ୍ୟ କହିଛନ୍ତି, ବ୍ରିଜ୍ ନିର୍ମାଣ କାର୍ଯ୍ୟ ୨ ସପ୍ତାହ ପୂର୍ବରୁ ଶେଷ ହୋଇଥିଲେ ହେଁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପାଖରେ ସମୟ ନ ଥିବାରୁ ଏହା ସର୍ବସାଧାରଣଙ୍କ ପାଇଁ ଉଦ୍‌ଘାଟନ ହୋଇପାରୁ ନ ଥିଲା। ଆଦିତ୍ୟଙ୍କ ସହ ଶିବସେନା (ୟୁବିଟି) ବିଧାନ ପରିଷଦ ସଦସ୍ୟ ସଚିନ ଅହିର, ସୁନୀଲ ଶିନ୍ଦେ, ପୂର୍ବତନ ମେୟର କିଶୋରୀ ପେଡନେକର ଏବଂ ସ୍ନେହାଲ ଆମ୍ବେକର ଓ ୧୫ରୁ ୨୦ ଜଣ ଦଳୀୟ କର୍ମୀ ଗୁରୁବାର ରାତିରେ ଡେଲିସ୍ଲ ବ୍ରିଜ୍‌ର ଦ୍ୱିତୀୟ କ୍ୟାରେଜ୍‌ୱେକୁ ଉଦ୍‌ଘାଟନ କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଜେଡିରେ ଭାଜପା ବିଧାୟକ ପ୍ରାର୍ଥୀ

ଭୁବନେଶ୍ୱର,୧୮।୧୧
(ଅନିଲ ଦାସ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀର ୨୦୧୪ ଏବଂ ୨୦୧୯ର ଭାଜପା ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ ଶନିବାର ଶତାଧିକ ଭାଜପା କର୍ମୀ ଓ ସମର୍ଥକଙ୍କ ସହ ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା କର୍ମୀଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଥିଲେ। ବଜେଡିରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ପାଟଣା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ମଙ୍ଗରାଜ କହିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଭାଜପା ନେତା ଭବାନୀ କହିଛନ୍ତି, ଭାଜପାରେ ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଥିଲେ ମଧ୍ୟ ଆମ୍ଭମାନଙ୍କୁ ସର୍ବଦା ଅଣଦେଖା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଲୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,ଏମ୍‌ପି ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଭାଜପା ମଣ୍ଡଳ ସଭାପତି ଈଶ୍ୱର ଚନ୍ଦ୍ର ନାଏକ, ଅଖିଳ ଭାରତୀୟ ଗୋଣ୍ଡୱାନା ମହାସଭା ସଭାପତି ଚନ୍ଦ୍ର ମୋହନ ନାଏକ, ଆର୍‌ଏସ୍‌ପି ଭାରତୀୟ ମଜଦୁର ସଂଘ ସମ୍ପାଦକ ରବୀନ୍ଦ୍ର ନାଏକ, ସାହାରପଡ଼ା ପୂର୍ବତନ ସରପଞ୍ଚ ପାର୍ବତୀ ହୋ, ସାଉଁଟି ସମାଜର ଉପସଭାପତି ତାରାମଣୀ ନାୟକ, ଜୁଆଙ୍ଗ ସାଂସ୍କୃତିକ ସମାଜର ସମ୍ପାଦକ ଚିନ୍ତାମଣି ଜୁଆଙ୍ଗଙ୍କ ସମେତ ବହୁ ନେତା ବିଜେଡିରେ ଯୋଗ ଦେଇଛନ୍ତି।

# ଭାଜପାର ବିକ୍ଷୋଭ ବେଳେ ଭଙ୍ଗାରୁଜା

ପାଲଲହଡ଼ା,୧୮।୧୧
(ଦିବ୍ୟଜ୍ୟୋତି ଦାଶ)


ପାଲଲହଡ଼ା ବିଡିଓଙ୍କ କାର୍ଯ୍ୟାଳୟରେ ଉତ୍ତେଜନା।

ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଶନିବାର ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭାଜପା କର୍ମୀମାନେ ବିଡିଓଙ୍କୁ ନ ପାଇ କାର୍ଯ୍ୟାଳୟକୁ ଧସେଇ ପଶିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ମୁଖ୍ୟ କବାଟ ଏବଂ କେତୋଟି ଚୌକିକୁ କର୍ମୀମାନେ ଭଙ୍ଗାରୁଜା କରିଥିଲେ।

ସୂଚନା ଅନୁଯାୟୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଏବଂ ବରିଷ୍ଠ ନେତା ଲିଙ୍ଗରାଜ ଦାସଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଥିଲା। ପରେ ନେତା ଏବଂ କର୍ମୀମାନେ ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିଥିଲେ ମଧ୍ୟ ବିଡିଓ ଦିଲୀପ କୁମାର ବାରା କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ କାର୍ଯ୍ୟାଳୟକୁ ପଶି ଭଙ୍ଗାରୁଜା କରିଥିଲେ। ପରେ ପାଲଲହଡ଼ା ଥାନା ଅଧିକାରୀ ଓ ଭାଜପାର ବରିଷ୍ଠ ନେତୃବୃନ୍ଦଙ୍କ ପ୍ରଚେଷ୍ଟାରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହାପରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ କର୍ମୀମାନେ ଯାଇଥିଲେ ମାତ୍ର ମଧ୍ୟାହ୍ନ ବିରତି ପାଇଁ ଉପଜିଲାପାଳ କାର୍ଯ୍ୟାଳୟରେ ନ ଥିବାରୁ କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ ପଡ଼ିଥିଲେ। ପରେ ଉପଜିଲାପାଳ ସୁଶାନ୍ତ ପତି ପୋଲିସ ପ୍ରଶାସନ ସହାୟତାରେ ଦାବିପତ୍ର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ବିଡିଓ ବାରା କହିଛନ୍ତି, ସରକାରୀ କାର୍ଯ୍ୟରେ ଭୁବନେଶରରେ ଅଛି। ଭାଜପାର ଦାବିପତ୍ର ପ୍ରଦାନ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଭଙ୍ଗାରୁଜା ବିଷୟରେ ଉପଜିଲାପାଳଙ୍କ ସହିତ ପରାମର୍ଶ କରି ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ।

# ସୁରେଶ ମହାପାତ୍ରଙ୍କୁ ବିରୋଧ ଭାଜପାର ଭୟକୁ ପଦାରେ ପକାଇଛି: ବିଜେଡି

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଇପ୍ସିତା ସାହୁ

ଜଣେ ଦକ୍ଷ ଏବଂ କର୍ତ୍ତବ୍ୟନିଷ୍ଠ ଅଧିକାରୀ ସୁରେଶ ମହାପାତ୍ରଙ୍କ ନୂଆ ନିଯୁକ୍ତି ନେଇ ଭାଜପା ନେତାଙ୍କ ମନରେ ଥିବା ଭୟକୁ ପ୍ରମାଣିତ କରୁଛି। ଖାଲି ଏତିକି ନୁହେଁ, ସତ୍ୟବ୍ରତ ପଣ୍ଡା ପରୋକ୍ଷରେ କେନ୍ଦ୍ରରେ ଥିବା ନିଜ ଦଳର ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ସହିତ କାଠଗଡ଼ାରେ ଛିଡା କରାଇ ଦେଇଥିବା ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି। ଶନିବାର ଶଙ୍ଖଭବନଠାରେ ଖବରଦାତାମାନଙ୍କୁ ସେ କହିଛନ୍ତି, ତଲାବିରା ବିଦ୍ୟୁତ୍ ପ୍ରକଳ୍ପ ନେଇ ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଉଠାଇଥିବା ପ୍ରସଙ୍ଗ ପ୍ରମାଣିତ କରୁଛି ଯେ ତାଙ୍କ ମୁଣ୍ଡରେ ସାମାନ୍ୟ ବୁଦ୍ଧି ନାହିଁ। ଅତ୍ୟନ୍ତ ପିଲାଳିଆମି ଭାବେ ଖବରଦାତା ସମ୍ମିଳନୀ କରି ଟିଭିରେ ମୁହଁ ଦେଖାଇବାର ଉତ୍ସୁକତା ପାଇଁ ସେ ଲୋକହସା ହେଉଛନ୍ତି। ସତକଥା ହେଲା, ଦେଶର ଅନେକ ରାଜ୍ୟକୁ ଓଡ଼ିଶା ବିଜୁଳି ଯୋଗାଉଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଏ ଦିଗରେ ପଦକ୍ଷେପ ନେଇଥାଏ। ଏଥିରେ ଓଡ଼ିଶାର ନିଜସ୍ୱ ନିଷ୍ପତ୍ତି କିଛି ନ ଥାଏ।

ସେହିଭଳି କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ମୁଖ୍ୟ ଶାସନ ସଚିବ ପଦବୀରେ ସୁରେଶଙ୍କ କାର୍ଯ୍ୟକାଳ ଅବଧି ୨ ଥର ବୃଦ୍ଧି ହୋଇଥିଲା। ହେଲେ ଟିଭିରେ ମୁହଁ ଦେଖାଇବା ଲାଳସାରେ ଭାଜପା ପ୍ରବକ୍ତା ନିଜ ଦଳର ସରକାରକୁ କାଠଗଡ଼ାରେ ଠିଆ କରାଇଛନ୍ତି। ଲାଗୁଛି ବୟସାଧିକ୍ୟ କାରଣରୁ ତାଙ୍କ ମୁଣ୍ଡ କାମ କରିବା ବନ୍ଦକରି ଦେଇଛି। କେନ୍ଦ୍ରରେ ଥିବା ନିଜ ଦଳର ସରକାରଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିବାରୁ ଏବଂ ଅତୀତର ନିଷ୍ପତ୍ତିକୁ ସମାଲୋଚନା କରି ପ୍ରଶ୍ନଚିହ୍ନ ଠିଆ କରିଥିବାରୁ ତୁରନ୍ତ ଭାଜପା ରାଜ୍ୟ ସଭାପତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଆଉ ପଣ୍ଡାଙ୍କୁ କୌଣସି ଭଲ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ପାଇଁ ପରାମର୍ଶ ଦିଅନ୍ତୁ ବୋଲି ଇପ୍ସିତା କହିଛନ୍ତି।


## Classified Everyday
0674-2580101, 2549949


GROOM WANTED

ବୟସ 30 Private School ଚାକିରି, କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ, 8984072499. D-75307


AUTOMOBILE

HIRE

Wanted running condition Tata AC Vehicle or running Jeep and one running concrete Mixture Machine with Crane. 7809525452. D-75058


REAL ESTATE

SALE

2 Gunth land sale prime area Banamali Prasad, Dhenkanal Town. Contact: 9658877226, 9861254667. D-73786

Jagannath Nagar (Jharapada), Mahadev Nagar, Lane 1 Gharabari total Boundary, plot 2200sqft, out house, boring, @ 3500 per sqft. 8249502453, 9348299825. D-1825

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75268

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75265

Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357. D-75264

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788. D-1735

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

ସୁନ୍ଦରପଦା, କୁହା Petrol Pumpରୁ 800 mtr. ଦୂରତାରେ 30ft. road, ଘରବାରି ପ୍ଲଟ୍ ମିଳୁଅଛି। 7978676652. D-75266

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଚରୀଦେବୀ କଲେଜ, 100ft ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263


CONSTRUCTION

Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856. D-1789

GENERAL SALE

One running DTP & Photocopy unit at Bhubaneswar to be sold out. Interested parties may contact 8249938067. D-1830




Newly healthcare benefited SPA experience therapist in Bhubaneswar. Contact: 9938843929. D-75167

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

ମୁଁ ଜୁଲି ବେହେରା, ପିତା: ଗଣେଶ ବେହେରା, ଘର ଠିକଣା: ଭାପୁର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୨୧୦୩, ଆଧାର ନଂ.- XXXXXXXX୬୦୪୪ ଅନୁଯାୟୀ ଘୋଷଣା କରୁଅଛି କି, ଜୁଲି ବେହେରା ଯିଏ ଜୁଲି ଦାସ ସିଏ। ତେଣୁକରି ମୋର ନାମ ଜୁଲି ଦାସ ଭାବରେ ସମସ୍ତ କାର୍ଯ୍ୟରେ ବ୍ୟବହାର କରାଯିବ। ଧ-୭୫୦୫୯

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଭାଜପାରୁ ଇସ୍ତଫା ଦେଲେ ତ୍ରିପୁରାରୀ


ତ୍ରିପୁରାରୀ ଗରଡ଼ା

କୋରାପୁଟ,୧୮।୧୧
(ଅମିତାଭ ବେହେରା)

ଭାଜପାରୁ ଶନିବାର ଇସ୍ତଫା ଦେଇଛନ୍ତି ତ୍ରିପୁରାରୀ ଗରଡା । ତାଙ୍କ ଇସ୍ତଫାପତ୍ର ଦଳର ଜିଲା ସଭାପତି ଓ ରାଜ୍ୟ ସଭାପତିଙ୍କ ନିକଟକୁ ସେ ପଠାଇଥିବା ଶନିବାର କୋରାପୁଟ ପ୍ରେସ୍ କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ପୂର୍ବରୁ ତ୍ରିପୁରାରୀ ବିଜେଡିରେ ଥିବାବେଳେ କୌଣସି କାରଣରୁ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ କୋରାପୁଟ ନିର୍ବାଚନ ମଣ୍ଡଳୀରୁ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇ ୩୩୫୦୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ୨୦୨୪ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କୋରାପୁଟ ବିଧାନସଭା ଆସନ ପାଇଁ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ବିଜେଡିରୁ ରଘୁରାମ ମାଛ ବହିଷ୍କୃତ ହେବା ପରେ ସେ ତାଙ୍କର ଶତାଧିକ ସମର୍ଥକଙ୍କୁ ନେଇ ଭୁବନେଶ୍ୱରରେ ଭାଜପାରେ ଯୋଗଦେଇଥିଲେ। ଏହାର ସପ୍ତାହେ ନ ପୂରୁଣୁ ଗରଡା ଭାଜପାରୁ ଇସ୍ତଫା ଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।



RUCHI FOODLINE
Since 1976
Karlo Dosti Sehat Se...


ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
ବମ୍ପର ପୁରସ୍କାର: ୩ଟି କାର, ୩୦ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ଫେଷ୍ଟିଭାଲ୍ ବୋନାଞ୍ଜା ଅଫର୍

ଲକି ଡ୍ରରେ ଭାଗନେବା ପାଇଁ
ଷ୍ଟେପ୍-୧: ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" କୁ ଖୋଜନ୍ତୁ
ଷ୍ଟେପ୍-୨: STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
www.ruchifoodline.com

# ଉତ୍ସାହ, ଉଦ୍ଦିପନା, ପୂଜାର୍ଚ୍ଚନା

କ୍ରିକେଟ ଉଷ୍ମତା ବଢ଼ିଛି। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ଦେଶର ଅନେକ ସ୍ଥାନରେ ଏବେ କେବଳ କ୍ରିକେଟକୁ ନେଇ ଚର୍ଚ୍ଚା। ଦିନିକିଆ କ୍ରିକେଟ ବିଶ୍ୱକପର ମେଗା ଫାଇନାଲ ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୧୯୮୩ ଓ ୨୦୧୧ରେ ଚାମ୍ପିୟନ ଏବଂ ୨୦୦୩ରେ ରନରଅପ୍ ଭାରତପାଇଁ ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଟାଇଟଲ ଜିତିବାର ସୁଯୋଗ ଆସିଛି। ଏଥିପାଇଁ ସାରା ଦେଶରେ କ୍ରିକେଟ ପ୍ରେମୀଙ୍କ ମଧରେ ନାହିଁ ନ ଥିବା ଉତ୍ସାହ ଓ ଉଦ୍ଦିପନା ପ୍ରକାଶ ପାଇଛି। କେଉଁଠି ଟ୍ରଫି ଆକୃତିର ମାନବ ଶୃଙ୍ଖଳ କରି ତ ଆଉ କେଉଁଠି ରଙ୍ଗୋଲି ପକାଇ ହାତରେ ଜାତୀୟ ପତାକାଧରି ବିଭିନ୍ନ ସ୍କୁଲର ପିଲାମାନେ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି। ଫାଇନାଲର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ଅନେକ ସ୍ଥାନରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। ଅନେକ ସ୍ଥାନରେ ଭାରତୀୟ ଖେଳାଳିଙ୍କ ବଡ଼ ହୋର୍ଡିଂ ଲଗାଯାଇଛି। ଭାରତୀୟ ଦଳର ଶୁଭ ମନାସି ଓଡ଼ିଶା ସମେତ ଦେଶର କେତେକ ସ୍ଥାନରେ ଶନିବାର ପୂଜାର୍ଚ୍ଚନା ମଧ ଅନୁଷ୍ଠିତ ହୋଇଯାଇଛି। ଅହମଦାବାଦ ସମେତ ଭାରତର ବିଭିନ୍ନ ସ୍ଥାନରେ ଏବେ ମେନ୍ ଇନ୍ ବ୍ଲୁର ଜର୍ସି ଏବଂ କ୍ୟାପ୍‌ର ଅନେକ ଚାହିଦା। ଅପେକ୍ଷା କେବଳ ସେହି ପ୍ରତୀକ୍ଷିତ ମୁହୂର୍ତ୍ତକୁ...


ଭାରତୀୟ ଦଳର ବିଜୟ ମନାସି ଲକ୍ଷ୍ନୌର ମଙ୍କମେଶ୍ୱର ମନ୍ଦିରରେ ମହନ୍ତ ଦିବ୍ୟଗିରି ପୂଜାର୍ଚ୍ଚନା କରୁଛନ୍ତି।


ମୋରାଦାବାଦର ଏକ ସ୍କୁଲରେ ପିଲାମାନେ ଆଇସିସି ବିଶ୍ୱକପ ଟ୍ରଫି ଆକୃତିରେ ସଜେଇ ହୋଇଛନ୍ତି।

# ଉପଭୋଗ୍ୟ ମ୍ୟାଚ ଅପେକ୍ଷାରେ

**ରିଚାର୍ଡ ହାଡଲୀ**

ଇଡେନ ଗାର୍ଡେନ୍ସରେ ଏକ ରୋମାଞ୍ଚକ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିବା ପରେ ଅଷ୍ଟ୍ରେଲିଆ ୬ଷ୍ଠ ଥର ବିଶ୍ୱକପ୍ ଟାଇଟଲ ହାସଲ କରିବା ଆଶା ରଖିଛି। ଅଷ୍ଟ୍ରେଲିଆର ଏହା ହେଉଛି ୯ମ ବିଶ୍ୱକପ୍ ଫାଇନାଲ। ଏହି ଦଳ ଫେଭରାଇଟ ଭାରତ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ବର୍ତ୍ତମାନର ବିଶ୍ୱ ଟେଷ୍ଟ ଓ ଟି୨୦ ଚାମ୍ପିୟନ। ସଙ୍କଟରୁ କିପରି ଉଦ୍ଧାର ପାଇବା ଏବଂ ମ୍ୟାଚକୁ ଜିତିବା ଏହି କୌଶଳ ସେମାନଙ୍କୁ ଭଲରୂପେ ଜଣା। ଫେଭରାଇଟ ଭାରତୀୟ ଦଳକୁ ସେମାନେ ପରାସ୍ତ କରିପାରିବେ ବୋଲି ସେମାନଙ୍କ ମନରେ ଦୃଢ ବିଶ୍ୱାସ ରହିଛି। ଫଳତଃ ଅହମଦାବାଦରେ ଏକ ଐତିହାସିକ ମୁକାବିଲା ଦେଖିବାକୁ ମିଳିବ ବୋଲି ଆଶା କରାଯାଏ। ଟୁର୍ନାମେଣ୍ଟରେ ଦୁଇ ଦଳର ପ୍ରଦର୍ଶନ ଭଲ ରହିଛି। ଭାରତ କ୍ରମାଗତ ୧୦ଟି ଗେମ୍‌ରେ ବିଜୟ ହାସଲ କରିଥିବାବେଳେ ପ୍ରଥମ ଦୁଇଟି ମ୍ୟାଚରେ ପରାଜୟ ବରଣ କରିବା ପରେ ଅଷ୍ଟ୍ରେଲିଆ ଦୃଢ ପ୍ରତ୍ୟାବର୍ତ୍ତନ କରି ଲଗାତର ୮ଟି ମ୍ୟାଚ ଜିତିଛି। ଟୁର୍ନାମେଣ୍ଟରେ ବହୁ ନିର୍ଣ୍ଣାୟକ ଓ ପ୍ରଭାବୀ ବିଜୟ ସହ ଅପରାଜେୟ ରହିଥିବା ଭାରତ ପାଇଁ ତୃତୀୟ ଥର ବିଶ୍ୱକପ୍ ଜିତିବା ଲାଗି ଏଥର ବଡ଼ ସୁଯୋଗ ରହିଛି। ସେମିଫାଇନାଲରେ ଦଳ ପ୍ରଥମେ ନ୍ୟୁଜିଲାଣ୍ଡର ବୋଲିଂ ଏବଂ ପରେ ବ୍ୟାଟିଂ ୟୁନିଟ୍‌କୁ ନିୟନ୍ତ୍ରଣରେ ରଖିପାରିଥିଲା। ଅଷ୍ଟ୍ରେଲିଆ ଏହାର ମ୍ୟାଚଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରିଛି। ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ପରାଜୟ ପରିସ୍ଥିତିରୁ ମ୍ୟାଚ ଛଡ଼ାଇ ନେବାରେ ଦଳ ସଫଳ ହୋଇଥିଲା। ୨୯୨ରନର ବିଜୟ ଲକ୍ଷ୍ୟ ପିଛା କରୁଥିବାବେଳେ ଦଳ ଏକଦା ମାତ୍ର ୯୧ ରନରେ ଏହାର ୭ ବ୍ୟାଟରଙ୍କୁ ହରାଇ ସାରିଥିଲା। ମାତ୍ର ଗ୍ଲେନ ମାକ୍ସୱେଲଙ୍କ ମ୍ୟାଚ ବିଜୟୀ ଦ୍ୱିଶତକରେ ଅଷ୍ଟ୍ରେଲିଆ ମ୍ୟାଚ ଜିତି ନେଇଥିଲା। ମୋ ଦେଖିବାରେ ମାକ୍ସୱେଲଙ୍କ ଅପରାଜିତ ୨୦୧ ଇନିଂସ ସର୍ବଶ୍ରେଷ୍ଠ। ଇଞ୍ଜୁରୀ ସତ୍ତ୍ୱେ ସେ ଇନିଂସକୁ ଆଗେଇ ନେଇଥିଲେ। ଟୁର୍ନାମେଣ୍ଟରେ ଭାରତ ଓ ଅଷ୍ଟ୍ରେଲିଆ ସେମାନଙ୍କ ପ୍ରଥମ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ଏଥିରେ ଅଷ୍ଟ୍ରେଲିଆକୁ ୨୮୬ରେ ଅଲଆଉଟ କରିଦେବା ପରେ ଭାରତ ଏକଦା ମାତ୍ର ୨ ରନରେ ୩ ଉଇକେଟ ହରାଇ ବସିଥିଲା। କିନ୍ତୁ ବିରାଟ କୋହଲି ଓ କେ.ଏଲ୍. ରାହୁଲ ଆକର୍ଷଣୀୟ ବ୍ୟାଟିଂ କରି ଭାରତ ପାଇଁ ଏକ ସ୍ମରଣୀୟ ବିଜୟ ଆଣି ଦେଇଥିଲେ। ଚଳିତ ବିଶ୍ୱକପ୍‌ରେ ଅହମଦାବାଦରେ ଅଷ୍ଟ୍ରେଲିଆ ସର୍ବାଧିକ ସ୍କୋର ୨୮୬ ରନ କରିଥିଲା। ପାକିସ୍ତାନକୁ ୧୯୧ରନରେ ଅଲ୍‌ଆଉଟ କରି ଭାରତ ନିର୍ଦ୍ଧାରିତ ଓଭର ଶେଷ ହେବାକୁ ବହୁ ବଲ୍ ବାକି ଥାଇ ମ୍ୟାଚକୁ ସହଜରେ ଜିତି ନେଇଥିଲା। ଅହମଦାବାଦ ପିଚ୍ ଏ ପର୍ଯ୍ୟନ୍ତ ବ୍ୟାଟରମାନଙ୍କ ଲାଗି ଅନୁକୂଳ ରହିଛି। ଉଭୟ ପେସ୍ ଓ ସ୍ପିନ ବୋଲରମାନେ ମଧ ଭଲ ପ୍ରଦର୍ଶନ କରିଛନ୍ତି। କହିବାକୁ ଗଲେ ସମସ୍ତ ପ୍ରକାର ଖେଳାଳିଙ୍କ ଲାଗି ଏହା ଉପଯୋଗୀ। ତେଣୁ ମ୍ୟାଚ ଉପଭୋଗ୍ୟ ହେବ ବୋଲି ଆଶା କରାଯାଉଛି। ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଁ ମଧ ଏଥିରେ ଲଢେଇ ହେବ। ଏହି ଦୌଡ଼ରେ ସର୍ବାଗ୍ରେ ରହିଥିବା କୋହଲି ୩ ଶତକ ସହ ମୋଟ ୭୧୧ ରନ ସଂଗ୍ରହ କରି ସାରିଛନ୍ତି। ବୋଲିଂରେ ମହମ୍ମଦ ଶାମି ତିନି ଥର ୫ଉଇକେଟ ସଫଳତା ସହ ୨୩ ଉଇକେଟ ନେଇ ସବୁଠାରୁ ଆଗରେ ରହିଛନ୍ତି। ଯୁଗ୍ମ ବିଜେତା ଘୋଷଣାର ସମ୍ଭାବନା ଦେଖାଦେଇଛି। ଅଷ୍ଟ୍ରେଲିଆ ଯଦି ଫାଇନାଲ ଜିତେ ତେବେ ଆଡାମ ଜାମ୍ପା (୨୨ଉଇକେଟ) ଡାର୍କ ହର୍ସ ସାବ୍ୟସ୍ତ ହୋଇପାରନ୍ତି।

(ଟିଭାକ ସ୍ପୋର୍ଟ୍ସ)

# ଟିମ୍ ଇଣ୍ଡିଆ ହରିବୋଲରେ କମ୍ପିଲା ମନ୍ଦିର

**କଟକ,୧୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)**

ଚାରିବର୍ଷର ଅପେକ୍ଷା ଏବେ ଶେଷ ପାହଚରେ। ରବିବାର ହେବ ବିଗ ଫାଇଟ। ଭାରତ ମାଟିରେ କଙ୍ଗାରୁଙ୍କୁ ଚକମା ଦେବାକୁ ଭାରତୀୟ ଟିମ ଏକଦମ ପ୍ରସ୍ତୁତ। ଏଥିପାଇଁ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା। ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ ବିଶ୍ୱକପ ୨୦୨୩ ମହାଯୁଦ୍ଧର ସାକ୍ଷୀ ରହିବ। ମ୍ୟାଚ ପୂର୍ବରୁ ଚଳଚଞ୍ଚଳ ସମଗ୍ର ଭାରତ ବର୍ଷ। ଇଣ୍ଡିଆ ବିଜୟକୁ ଚାତକ ପରି ଚାହିଁବସିଛି ସାରା ଦେଶ। କେଉଁଠି ଚାଲିଛି ପୂଜାର୍ଚ୍ଚନା କେଉଁଠି ମନ୍ଦିରରେ କରାଯାଉଛି ସ୍ୱତନ୍ତ୍ର ପୂଜା ପାଠ। ଟିମ୍ ଇଣ୍ଡିଆର ବିଜୟ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୁହାରୀ କରିଛନ୍ତି ଟିମ ଇଣ୍ଡିଆର ପ୍ରଶଂସକ। ଜୟଜଗନ୍ନାଥ ସେବା ସମିତିର ଟ୍ରଷ୍ଟ ପକ୍ଷରୁ ମଙ୍ଗଳାବଗ ମଲାସହିରେ ପୂଜା କରାଯାଇଛି। ଟ୍ରଷ୍ଟର ସଦସ୍ୟ ଉପସ୍ଥିତ ରହି ଏହି ପୂଜା କରିଛନ୍ତି। ଟିମ୍ ଇଣ୍ଡିଆ ପାଇଁ ହରିବୋଲରେ କମ୍ପିଥିଲା ମନ୍ଦିର। ବ୍ୟାଟର ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଏବଂ ବୋଲିଂ ବାହିନୀ ଏହି ମ୍ୟାଚରେ ଜବରଦସ୍ତ ପ୍ରଦର୍ଶନ କରିବେ ବୋଲି ଆଶା ରଖୁଛନ୍ତି କଟକର କ୍ରିକେଟ ପ୍ରେମୀ। ପ୍ରଶଂସକଙ୍କ ବିଶ୍ୱାସ, ଭାରତ ହେଉଛି ଜଗନ୍ନାଥଙ୍କ ଦେଶ। ଆଉ ପ୍ରଭୁଙ୍କୁ ଜଣାଇବା ପରେ ନିଶ୍ଚୟ ଆମ ଦେଶକୁ ଫାଇନାଲରେ ଠାକୁର ଜିତାଇବେ ବୋଲି କହିଛନ୍ତି କଟକବାସୀ। ଏହି ଅବସରରେ ମନୋଜ ପଣ୍ଡା, ଶସାଙ୍କ ଶେଖର ଦାସ, ସଞ୍ଜିତ ଶୁକ୍ଳା, ଜଗନ୍ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ କ୍ଲବ ଗୁଡିକରେ ରବିବାର ମ୍ୟାଚ ଦେଖିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବଜାରରେ ପ୍ରୋଜେକ୍ଟର ପାଇଁ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି।

## ଭୁବନେଶ୍ୱରରେ ବଡ଼ ସ୍କ୍ରିନ୍‌ରେ ଫାଇନାଲର ମଜା

ଭାରତ-ଅଷ୍ଟ୍ରେଲିଆ ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲକୁ ନେଇ ସାରା ଦେଶରେ ଅହେତୁକ ଉତ୍ସାହ ସୃଷ୍ଟି ହୋଇଥିବାବେଳେ ଓଡ଼ିଶା ମଧ ପଛରେ ପଡ଼ିନାହିଁ। ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଶନିବାର ରାଜ୍ୟର ଅନେକ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିବା ସୂଚନା ମିଳିଛି। ମେଗା ଫାଇନାଲର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବା ପାଇଁ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି। 'ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା', ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀସ୍ଥିତ ୟୁପି ସ୍କୁଲ ପରିସର ଏବଂ ୟୁନିଟ-୯ସ୍ଥିତ ଭୁବନେଶ୍ୱର ଫ୍ରେଣ୍ଡ୍ସ କ୍ଲବ ପଡ଼ିଆରେ ବଡ଼ ସ୍କ୍ରିନ୍‌ର ବ୍ୟବସ୍ଥା ରହିଛି।



ଜମ୍ମୁରେ ବିଶ୍ୱକପ ଟ୍ରଫି ରଙ୍ଗୋଲି ଚାରିପାଖରେ ସ୍କୁଲ ପିଲାମାନେ ଜାତୀୟ ପତାକା ସହ।

# ଅଷ୍ଟ୍ରେଲିଆର ବଳ ଫାଷ୍ଟବୋଲର

**ଗୌତମ ଗମ୍ଭୀର**

କ୍ଳାନ୍ତହୀନ, ଅପରାଜେୟ ଏବଂ ଶିକାର ଲକ୍ଷ୍ୟରେ ଥିବା ସମ୍ପୂର୍ଣ୍ଣ ଭିନ୍ନ ଭାରତୀୟ ଦଳ ଅପେକ୍ଷାରେ ରହିଛି। ସହଜରେ କାର୍ଯ୍ୟ ସମ୍ପାଦନ ଦ୍ୱାରା ସେମାନେ ଅଟୋ ମୋଡ୍‌ରେ ଥିବାଭଳି ମନେହୋଇଥାନ୍ତି। ରୋହିତ ଶର୍ମାଙ୍କ ଶାନ୍ତ ଚିତ୍ତ ନେତୃତ୍ୱ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ଫାଇନାଲ ମ୍ୟାଚରେ ତାଙ୍କ ଭୂମିକାକୁ ଦେଖିବା ଲାଗି ମୁଁ ଅପେକ୍ଷା କରି ରହିଛି। ଅଷ୍ଟ୍ରେଲିଆ ଏହାର ବିଜୟ ପଥ ଖୋଜି ପାଇଛି। ଡେଙ୍ଗା ଫାଷ୍ଟ ବୋଲରମାନେ ହେଉଛନ୍ତି ସେମାନଙ୍କର ସବୁଠାରୁ ବଡ଼ ବଳ। ଶୁଖିଲା ପିଚ୍‌ରେ ବଲ୍‌କୁ ବାଉନ୍ସ କରିବାର ସାମର୍ଥ୍ୟ ସେମାନଙ୍କ ପାଖରେ ରହିଛି। ଅହମଦାବାଦର ସ୍ଲୋ ଉଇକେଟରେ ସେମାନେ ଏକ୍ସଟ୍ରା ବାଉନ୍ସ କରି ବ୍ୟାଟରମାନଙ୍କୁ ଅଡୁଆରେ ପକାଇ ପାରନ୍ତି। ସେମାନଙ୍କର ମୁଖ୍ୟ ବୋଲର ହେଉଛନ୍ତି ଆଡାମ ଜାମ୍ପା। ଏପରିକି ଉଇକେଟରେ ଲାଇନ ଲେନ୍ଥ୍ ଆଣିବା ଲାଗି ତାଙ୍କୁ ହୁଏତ କିଛି ସମୟ ଲାଗିପାରେ। ଏଭଳି ପିଚ୍‌ଗୁଡ଼ିକରେ ବଲ୍‌ର ସ୍ପିଡ୍ ଗୁରୁତ୍ୱପୂର୍ଣ୍ଣ। ମୋ ଦୃଷ୍ଟିରେ ଅଷ୍ଟ୍ରେଲିଆ ଯଦି ନାଥନ ଲିଅନଙ୍କୁ ଖେଳାଏ ତେବେ ସେ ଓ ଜାମ୍ପା ଏବଂ ଡେଙ୍ଗା ଫାଷ୍ଟ ବୋଲରମାନଙ୍କୁ ନେଇ ଅଷ୍ଟ୍ରେଲିଆ ବୋଲିଂ ୟୁନିଟ ଅଧିକ ଶକ୍ତିଶାଳୀ ହେବ। ସେମାନଙ୍କୁ ସାମ୍ନା କରିବା କଠିନ ବ୍ୟାପାର ହେବ। ଗ୍ଲେନ ମାକ୍ସୱେଲ ଜଣେ ପାର୍ଟ ଟାଇମ୍ ଅଫ୍-ସ୍ପିନର। ସେ ଲିଅନଙ୍କ ଭଳି ବୋଲିଂ କରିପାରିବେ ନାହିଁ। କିନ୍ତୁ ଅଷ୍ଟ୍ରେଲୀୟ ଆଟାକ୍ ପାଇଁ ସେ ତଥାପି ଗୁରୁତ୍ୱପୂର୍ଣ୍ଣ। ଜୋସ୍ ହାଜେଲଉଡ୍‌ଙ୍କ ପ୍ରଥମ ସ୍ପେଲ୍‌କୁ ଭାରତୀୟ ଖେଳାଳି କିଭଳି ସାମ୍ନା କରୁଛନ୍ତି ତାହା ଲକ୍ଷ୍ୟ କରିବାର କଥା। ଗ୍ଲେନ ମ୍ୟାକ୍‌ଗ୍ରାଥ୍‌ଙ୍କ ଭଳି ସେ ଲକ୍ଷ୍ୟଭେଦୀ ବୋଲିଂ କରିପାରନ୍ତି। ସେ ଜଣେ ଉତ୍ତମ ବାଉନ୍ସର ବୋଲର। ଭାରତ ଏହାର ବ୍ୟାଟିଂ ସଫଳତା ଦୋହରାଇବ ବୋଲି ମୋର ଆଶା। ଏହା ଫାଇନାଲ ମ୍ୟାଚ ହୋଇପାରେ, ହେଲେ ପୂର୍ବଭଳି ପ୍ରଦର୍ଶନ ବଜାୟ ରଖିବା ଜରୁରୀ। ୨୦୦୩ ବିଶ୍ୱକପ୍ ଫାଇନାଲରେ ଭାରତୀୟ ଦଳର ଖରାପ ପ୍ରଦର୍ଶନ ଏପର୍ଯ୍ୟନ୍ତ ମନରୁ ଲିଭି ନାହିଁ। ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମ୍ୟାଚର ପ୍ରଥମ ୧୫ ମିନିଟ ଖେଳରେ ମ୍ୟାଚ ହାତଛଡ଼ା କରିସାରିଥିଲା। ଏହାର ଯେପରି ପୁନରାବୃତ୍ତି ନ ଘଟେ କୋଚ୍ ରାହୁଲ ଦ୍ରାବିଡ ସେଥିପ୍ରତି ଯତ୍ନବାନ ଥିବେ। ବର୍ତ୍ତମାନ ପିଢ଼ିର ଖେଳାଳିମାନେ ଭିନ୍ନ ପରିବେଶରେ ଖେଳିଆସିଛନ୍ତି। ଜାକଜକମ, ହୋହାଲ୍ଲା ସହ ଦର୍ଶକଭରା ଷ୍ଟାଡିୟମରେ ସେମାନେ ଆଇପିଏଲ୍ ଖେଳିଛନ୍ତି। ତେଣୁ ନିର୍ଭୟ ଖେଳ ଦେଖିବାକୁ ମିଳିବ ବୋଲି ଆଶା। ମ୍ୟାଚ ବିଜୟୀ କମ୍ବିନେଶନକୁ ଦୃଷ୍ଟିରେ ରଖି ଦଳ ମନୋନୟନ ବେଳେ ଟିମ୍ ମ୍ୟାନେଜମେଣ୍ଟ କଠୋର ହେବା ଆବଶ୍ୟକ। ଏହି ପର୍ଯ୍ୟାୟରେ ଟ୍ରଫି ହାସଲ କରିବାକୁ ହେଲେ କିଭଳି ଖେଳିବାକୁ ହୁଏ ତାହା କେବଳ ବିରାଟ କୋହଲି ଓ ଆର୍. ଅଶ୍ୱିନଙ୍କୁ ଜଣା। ୨୦୧୧ରେ ମୁନାଫା ପଟେଲଙ୍କ ଏକ ଉକ୍ତି ମୋର ମନେପଡୁଛି। ବିଶ୍ୱକପ୍ ଜିତିବା ଅର୍ଥ ଏକ ଫିକ୍ସଡ ଡିପୋଜିଟ୍ ସୃଷ୍ଟି କରିବା। ଆଗାମୀ ପିଢ଼ି ପାଇଁ ଏହା ପ୍ରେରଣାଦାୟକ ହୋଇ ରହିବ। ଖେଳାଳିମାନେ ଏଥିପ୍ରତି ସଚେତନ ଥିବେ ବୋଲି ମୁଁ ଦୃଢ ନିଶ୍ଚିତ।

(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)

OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S ROYAL STAG
PACKAGED DRINKING WATER
#LargeHumaaraHai



କାତାର ବିପକ୍ଷ ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ପୂର୍ବରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ଫୁଟବଲ ଏକାଡେମୀରେ ଶନିବାର ଭାରତୀୟ ଫୁଟବଲ ଦଳର ଅଭ୍ୟାସ।

### ସର୍ବଭାରତୀୟ କୁଚ୍‌ବିହାର ଟ୍ରଫି

# ଦୃଢ଼ ସ୍ଥିତିରେ ଓଡ଼ିଶା

**ସମ୍ବଲପୁର, ୧୮।୧୧ (ବି.ଶଙ୍କର)**

ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି ଓଡ଼ିଶା ବନାମ ପଣ୍ଡିଚେରୀ କ୍ରିକେଟ ମ୍ୟାଚରେ ଓଡ଼ିଶା ଦଳ ଦୃଢ଼ ସ୍ଥିତିରେ ରହିଛି। ଶନିବାର ଦ୍ୱିତୀୟ ଦିନ ଷ୍ଟମ୍ପ୍ ଅପସାରଣ ବେଳକୁ ଘରୋଇ ଓଡ଼ିଶା ଦଳ ୯୬ ଓଭରରେ ୫ ଉଇକେଟ ହରାଇ ୩୦୧ରନ କରିଛି। ଭ୍ରମଣକାରୀ ପଣ୍ଡିଚେରୀ ଦଳଠାରୁ ୭୬ରନ ଆଗରେ ରହିଛି। ଓଡ଼ିଶା ବ୍ୟାଟ୍ସମ୍ୟାନ ଆଶୀର୍ବାଦ ସ୍ୱାଇଁ ୧୮୧ ବଲର ସମ୍ମୁଖୀନ ହୋଇ ୧୦୫ ରନରେ ଅପରାଜିତ ରହିଛନ୍ତି। ସେହିପରି ଅନ୍ୟତମ ବ୍ୟାଟ୍ସମ୍ୟାନ ଶ୍ରେୟାଂଶ ଭରଦ୍ୱାଜ ୧୦୩ ବଲରେ ୬୨ ରନ ଓ ମହମ୍ମଦ ସୋହେଲ ଖାନ ୯୨ ବଲର ସମ୍ମୁଖୀନ ହୋଇ ୬୨ ରନ ସଂଗ୍ରହ କରିଛନ୍ତି। ଭ୍ରମଣକାରୀ ପଣ୍ଡିଚେରୀ ଦଳର ୫ଜଣ ବୋଲରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ବୋଲର ରାହୁଲ ରାଜୀବ ଯାଦବ ୧୯ ଓଭରରେ ୬୩ ରନ ଦେଇ ୧ଟି, ଏଲ୍‌ଭି ଅର୍ଜୁନ ୨୧ ଓଭରରେ ୫୯ ରନ ଦେଇ ୧ଟି, କେଜି ଶ୍ରୀଭରଶନ ୧୬ ଓଭରରେ ୩୭ରନ ଦେଇ ୧ଟି, କେ. ସାଇ ହରିରାମ ୧୩ ଓଭରରେ ୪୭ରନ ଦେଇ ୧ଟି, ଖୁସୱାନ୍ତ ସିଲୋରା ୧୧ ଓଭରରେ ୪୪ ରନ ଦେଇ ୧ଟି ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶା ଦଳର

**■ ଷ୍ଟମ୍ପ୍ ଅପସାରଣ ବେଳକୁ ୫ ଉଇକେଟରେ ୩୦୧ ରନ**

**■ ଆଶୀର୍ବାଦ ସ୍ୱାଇଁଙ୍କ ଅପରାଜିତ ଶତକ**

ସ୍କୋର ୩୩ ଥିବାବେଳେ ପ୍ରଥମ ଉଇକେଟର ପତନ ହୋଇଥିଲା। ସେହିପରି ୬୨ ରନରେ ଦ୍ୱିତୀୟ, ୮୪ ରନରେ ତୃତୀୟ, ୧୭୬ ରନରେ ଚତୁର୍ଥ ଓ ୨୯୩ ରନ ଥିବାବେଳେ ୫ମ ଉଇକେଟର ପତନ ହୋଇଥିଲା। ଅମ୍ପାୟାର କ୍ରିଷ୍ଣେନ୍ଦୁ ପାଲ ଓ ଅମିତ ରଣା ମ୍ୟାଚ ପରିଚାଳନା କରିଥିଲେ। ସିଡି ସୁନୀଲ ଓ ବୀରବର ନାୟକ ସ୍କୋରର ଥିଲେ। ଗଣେଶ କର ଓ ସାୱାନ ପାଢ଼ୀ ଭିଡିଓ ଆନାଲିଷ୍ଟ ଥିବାବେଳେ କର୍ନେଲ ସୀତାଂଶୁ ଚନ୍ଦ୍ର ଷଡଙ୍ଗୀ ମ୍ୟାଚ ରେଫରି ରହିଛନ୍ତି। ସୂଚନାଯୋଗ୍ୟ, ଟସ୍ ଜିଣି ଭ୍ରମଣକାରୀ ପଣ୍ଡିଚେରୀ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୮୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୨୫ ରନ କରିଥିଲା।



ଶତକ ହାସଲପରେ ଆଶୀର୍ବାଦ ସ୍ୱାଇଁ।

# ଗଞ୍ଜାମ ଚାମ୍ପିୟନ, କେନ୍ଦୁଝର ରନରଅପ୍




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ଗଞ୍ଜାମ ଦଳର ଖେଳାଳି।

**କେନ୍ଦୁଝର, ୧୮।୧୧**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

### ୨୮ତମ ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ

ଜିଲା ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ୨୮ ତମ ଜୁନିୟର ବାଳିକା ଚାମ୍ପିୟନଶିପ ଶନିବାର ଉଦ୍‌ଯାପିତ ହୋଇଛି। ଦୁଇ ଦିନିଆ ଏହି ଟୁର୍ନାମେଣ୍ଟରେ ୧୩ଟି ଜିଲା ଭାଗ ନେଇଥିଲେ। ଜଗତସିଂହପୁର, କେନ୍ଦୁଝର, ଗଞ୍ଜାମ ଓ ଯାଜପୁର ସେମି ଫାଇନାଲକୁ ଯାଇଥିଲେ। ପ୍ରଥମ ସେମିଫାଇନାଲରେ କେନ୍ଦୁଝର ୧୧-୭ ଗୋଲରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ଅନ୍ୟ ସେମି ମୁକାବିଲାରେ ଗଞ୍ଜାମ ୧୭ - ୪ ଗୋଲରେ ଯାଜପୁରକୁ ପରାସ୍ତ କରିଥିଲା। ଫାଇନାଲରେ ଗଞ୍ଜାମ ୯-୬ ଗୋଲରେ କେନ୍ଦୁଝରକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ କେନ୍ଦୁଝରଗଡ଼ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ସ୍ପୋର୍ଟ୍ସ ସାଇନସ ଇଣ୍ଡିଆର ପ୍ରତିଷ୍ଠାତା ଶାଶ୍ୱତ ପଟ୍ଟନାୟକ, ରାଜ୍ୟ ହ୍ୟାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ୧ ଲକ୍ଷ ୩୨ ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ବଡ଼ ଚ୍ୟାଲେଞ୍ଜ

**ଅହମଦାବାଦ, ୧୮।୧୧ (ପି.ଟି.)**

ବାଳକରୁ ଯୁବକ ଅବସ୍ଥା ମଧ୍ୟରେ ଅଷ୍ଟ୍ରେଲିଆକୁ ଲଗାତାର ୩ ଥର ବିଶ୍ୱ ଚାମ୍ପିୟନ ହେବାରେ ଦେଖିଥିବା ପ୍ୟାଟ କୁମିନ୍ସ ବର୍ତ୍ତମାନ ଦଳର ନେତୃତ୍ୱ ନେଉଛନ୍ତି। ପୂର୍ବରୁ ୨୦୧୫ ବିଶ୍ୱ ଚାମ୍ପିୟନ ଦଳର ସଦସ୍ୟ ରହି ସାରିଥିବା କୁମିନ୍ସ ଅଧିନାୟକ ଭାବେ ନିଜର ପ୍ରଥମ ଫାଇନାଲ ଖେଳିବାକୁ ଯାଉଛନ୍ତି। ବିଶ୍ୱକପ ୪ ବର୍ଷରେ ଥରେ ଖେଳା ଯାଉଥିବା ବେଳେ ଏହା ତାଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବାକୁ ଯାଉଛି। ଜଣେ ଖେଳାଳି ଭାବରେ ୨୦୧୫ ମୋ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ରହିଥିଲା। ତେବେ ରବିବାରର ଫାଇନାଲକୁ ଜିତି ଏହାକୁ ଆହୁରି ସ୍ୱତନ୍ତ୍ର କରିବାକୁ ପ୍ରୟାସ କରିବି ବୋଲି କହିଛନ୍ତି କୁମିନ୍ସ। ପୂର୍ବରୁ ଆମେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଓ ଆଶେସ୍ ଜିତି ସାରିଛୁ। ତେଣୁ ଦିନିକିଆ ବିଶ୍ୱକପ ଜିତିବା ଆମ ପାଇଁ ଆଉ ଏକ ଅନୁଭୂତି ପ୍ରଦାନ କରିବ ବୋଲି ସେ କହିଛନ୍ତି। ଦଳରେ ବର୍ତ୍ତମାନ ରହିଥିବା ଖେଳାଳିଙ୍କ ମଧ୍ୟରୁ ୧୨ ଜଣ ଦିନିକିଆ କିମ୍ବା ଟି୨୦ ବିଶ୍ୱକପ ଜିତିବାର ଅଭିଜ୍ଞତା ରଖିଛନ୍ତି। ଏହା ହିଁ ଆମକୁ ଅନ୍ୟ ଦଳ ମାନଙ୍କ ଅପେକ୍ଷା ସ୍ୱତନ୍ତ୍ର କରୁଛି ବୋଲି କୁମିନ୍ସ କହିଛନ୍ତି। ଭାରତରେ ୧ ଲକ୍ଷ ୩୨ ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳିବା ବଡ ଚ୍ୟାଲେଞ୍ଜ ବୋଲି ସ୍ୱୀକାର କରିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ। ତେବେ ଅଷ୍ଟ୍ରେଲିଆର ଖେଳାଳି ମାନେ ଏହି ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ। ଏହା ସହ ବଡ ସଂଖ୍ୟାରେ ଦର୍ଶକଙ୍କୁ ଆମ ପ୍ରଦର୍ଶନ ଜରିଆରେ ନୀରବ କରି ପାରିଲେ ଏହାକୁ ବାସ୍ତବ ସଫଳତା ଭାବରେ ବିବେଚନା କରାଯିବ ବୋଲି କହିଛନ୍ତି କୁମିନ୍ସ। ଡେଭିଡ୍ ୱାର୍ନର ପୁଷ୍ପା ଗୀତରେ ନାଚି ଭାରତୀୟ ଦର୍ଶକଙ୍କ ମନୋରଞ୍ଜନ କରି ପାରିବେ ବୋଲି ସେ କହିଛନ୍ତି। ନିକଟରେ ଭାରତରେ ଆମେ ଦିନିକିଆ ସିରିଜ ଜିତିଥିବା ବେଳେ ମହମ୍ମଦ ଶାମି ଘାତକ ସାବ୍ୟସ୍ତ ହୋଇ ପାରନ୍ତି ବୋଲି ସେ କହିଛନ୍ତି। ଶାମି ଉଭୟ ବାମହାତୀ ଓ ଡାହାଣହାତୀ ଖେଳାଳିଙ୍କ ବିପକ୍ଷରେ ପ୍ରଭାବୀ ବୋଲିଂ କରିଛନ୍ତି। ଏହା ବ୍ୟତୀତ ମିଡିଲ ଓଭରରେ ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ମଧ୍ୟ ବିପଜ୍ଜନକ ସାବ୍ୟସ୍ତ ହୋଇପାରନ୍ତି ବୋଲି କହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ।

# ଡୋପ୍ ଟେଷ୍ଟରେ ଧରାପଡ଼ିଲେ ପାରା ଆଥ୍‌ଲେଟ ନୀରଜ ଯାଦବ

**ନୂଆଦିଲ୍ଲୀ, ୧୮।୧୧ (ପି.ଟି.)**

ଭାରତୀୟ ପାରା ଆଥ୍‌ଲେଟ ନୀରଜ ଯାଦବ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ନିକଟରେ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସରେ ସେ ଜିତିଥିବା ଦୁଇ ସ୍ୱର୍ଣ୍ଣ ପଦକ ହରାଇ ପାରନ୍ତି। ମହାଦେଶୀୟ କ୍ରୀଡ଼ା ସମାରୋହର କିଛିଦିନ ତରଫରୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଦ୍ୱାରା କରାଯାଇଥିବା ଏକ ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଛନ୍ତି। ହାଙ୍ଗ୍‌ଝୋ ଗସ୍ତ କରିବାର ୬ ଦିନ ପୂର୍ବରୁ ପ୍ରତିଯୋଗିତା ବାହାରେ ଡୋପ୍ ଟେଷ୍ଟ ହୋଇଥିଲା। ଖବର ଅନୁସାରେ ଯାଦବ ଆନାବୋଲିକ ଷ୍ଟେରଏଡ୍ ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ନାଡା ପ୍ୟାନେଲ ଦ୍ୱାରା ଯଦି ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଭାରତ ୨ ସ୍ୱର୍ଣ୍ଣ ପଦକ ହରାଇବ। ଅକ୍ଟୋବର ୨୨ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଇଭେଣ୍ଟରେ ଏହି ପଦକ ଦୁଇଟି ଯାଦବ ଏଫ୍-୫୫ ଜାଭେଲିନ୍ ଏବଂ ଡିସ୍କସ୍ ଥ୍ରୋ ଇଭେଣ୍ଟରେ ଜିତିଥିଲେ। ପଦକ ଦୁଇଟି ହରାଇ ଲେ ଭାରତ ପଦକ ତାଲିକାରେ ୫ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଖସି ଆସିବ। ଅନ୍ୟପକ୍ଷରେ ୨୯ ସ୍ୱର୍ଣ୍ଣ, ୩୦ ରୌପ୍ୟ ଓ ୩୬ ବ୍ରୋଞ୍ଜ ଜିତିଥିବା ଇଣ୍ଡୋନେସିଆ ୫ମ ସ୍ଥାନ ଅକ୍ତିଆର କରିନେବ। ଭାରତ ୨୯ସ୍ୱର୍ଣ୍ଣ, ୩୧ରୌପ୍ୟ ଓ ୫୧ବ୍ରୋଞ୍ଜ ହାସଲ କରିଥିଲା। ଯାଦବ ଯଦି ଡୋପିଙ୍ଗରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୨୭କୁ ହ୍ରାସ ପାଇବ।

### ସର୍ବଭାରତୀୟ ବେସାମରିକ ହକି

# ଓଡ଼ିଶା ସଚିବାଳୟ ବିଜୟୀ



ଓଡ଼ିଶା ସଚିବାଳୟ ମହିଳା ହକି ଦଳ।

**ଭୁବନେଶ୍ୱର, ୧୮।୧୧**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବାଭାରତୀୟ ବେସାମରିକ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ସଚିବାଳୟର ପୁରୁଷ ଓ ମହିଳା ଦଳ ବିଜୟୀ ହୋଇଛି। ପୁରୁଷ ଦଳ ୨-୦ ଗୋଲରେ କେରଳକୁ ପରାସ୍ତ କରିଥିଲା। ଜନସନ୍ ବାର୍ଲା ଓ ପିଟର ସୋରେଙ୍ଗ ଓଡ଼ିଶା ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଓଡ଼ିଶା ସଚିବାଳୟ ମହିଳା ଦଳ ୩-୧ ଗୋଲରେ କେନ୍ଦ୍ରୀୟ ସଚିବାଳୟକୁ ପରାସ୍ତ କରିଛି। ମହିଳା ଦଳ ପକ୍ଷରୁ ଦୀପ୍ତି ଲାକ୍ରା ଦୁଇଟି ଗୋଲ ଦେଇଥିବା ବେଳେ ଖୁସବୁ କୁଜୁର ଗୋଟିଏ ଗୋଲ ଦେଇଥିଲେ। ପୁରୁଷ ହକି ଦଳର ପ୍ରଶିକ୍ଷକ ନିରଞ୍ଜନ ରଣା, ପ୍ରବନ୍ଧକ ମହେନ୍ଦ୍ର କୁମାର ସାହୁ ଓ ମହିଳା ହକି ଦଳର ପ୍ରଶିକ୍ଷକ ରବି ରୋଶନ ଲାକ୍ରା ଓ ପ୍ରବନ୍ଧକ ପ୍ରୀତି ଡୁଙ୍ଗଡୁଙ୍ଗ ଉଭୟ ଦଳର ମାର୍ଗଦର୍ଶନ କରିଥିଲେ।

# ପ୍ରଥମ ଦିବସରେ ଓଡ଼ିଶାକୁ ୧୪ ପଦକ

### ଜାତୀୟ ସବ୍‌ଜୁନିୟର କରାଟେ

**ଭୁବନେଶ୍ୱର, ୧୮।୧୧ (ତପନ ସ୍ୱାଇଁ)**

ଦିଲ୍ଲୀର ତାଲକୋଟ୍ରା ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଜାତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା କରାଟେକାମାନେ ୧୪ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ। ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା କରାଟେକା ହେଲେ ଆକାଂକ୍ଷା ମହାନ୍ତି, ଲିପ୍ସି ସିଂ, ଶ୍ରେୟା କାନୁନ୍‌ଗୋ, ଈଶାନୀ ପଣ୍ଡା, ଓରଜା ସାମନ୍ତ ଓ ଆନନ୍ଦି ଭଞ୍ଜ। ସେହିପରି ଆନନ୍ଦି ପ୍ରିୟଦର୍ଶିନୀ ପଣ୍ଡା, ଦେବାଶ୍ରି ପଟ୍ଟନାୟକ ଓ ତୃପ୍ତିରାଣୀ ମହାନ୍ତି ରୌପ୍ୟ ଜିତିଥିବାବେଳେ ବୈଷ୍ଣବୀ ବେହେରା, ଜିଜ୍ଞାସା ମହାନ୍ତି, ଆର୍ଯ୍ୟା ବଂଶିକା, ଦିବ୍ୟାଙ୍ଗନା ସାମନ୍ତ ଓ ସାନ୍‌ଭି ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରବିବାର ବାଳକ ବିଭାଗରେ ପ୍ରତିଯୋଗିତା ହେବ।



ପ୍ରଥମ ଦିବସରେ ପଦକ ବିଜୟୀ ଓଡ଼ିଶା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହରେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ